# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୫/୨୦୨୦ (୨୦ ପୃଷ୍ଠା) | Bhubaneswar, Wednesday, January 15/2020 | ★★★★

୪୬ଶ ଭାଗ ୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ**

ଡେଭିଓ ୱାର୍ନର ଓ ଆରୋନ ଫିଞ୍ଚ୍‌ଙ୍କ ଅପରାଜିତ ଶତକ ବଳରେ ଅଷ୍ଟ୍ରେଲିଆ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୧୦ ଉଇକେଟରେ ହରାଇଛି।

୧୮ | ୧୨

**'ଗଙ୍ଗୁବାଈ କାଠିୟାୱାଡ଼ି'ରେ ଆଲିୟା**

ବଲିଉଡ୍ ନାୟିକା ଆଲିୟା ଭଟ୍ଟ ଖୁବ୍‌ଶୀଘ୍ର ସଞ୍ଜୟ ଲୀଲା ଭନ୍‌ସାଲିଙ୍କ ଅପ୍‌କମିଂ ଫିଲ୍ମ 'ଗଙ୍ଗୁବାଈ କାଠିୟାୱାଡ଼ି'ରେ ନଜରକୁ ଆସିବେ।



# ସିଏଏ: ସୁନ୍ଦରଗଡ଼ରେ ହିଂସା

## ୨ଗୋଷ୍ଠୀ ମୁହାଁମୁହିଁ, ପଥର ମାଡ଼ରେ ଆଇଆଇସିଙ୍କ ସମେତ ୧୦ ଆହତ



ସୁନ୍ଦରଗଡ଼ ସହରରେ ପୋଲିସ ଫୋର୍ସର ଫ୍ଲାଗ୍‌ମାର୍ଚ୍ଚ।

- ଲାଠିଚାଳନା, ୧୫ ପ୍ଲାଟୁନ ପୋଲିସ ମୁତୟନ
- ଶାନ୍ତି କମିଟି ବୈଠକ ଆହୂତ

**ସୁନ୍ଦରଗଡ଼,୧୪।୧(ଡି.ଏନ୍.ଏ.)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ସୁନ୍ଦରଗଡ଼ରେ ସୋମବାର ଉତ୍ତେଜନା ସୃଷ୍ଟି ହୋଇଥିଲା। ମଙ୍ଗଳବାର ଏହା ହିଂସାର ରୂପ ନେଇଛି। ସ୍ଥାନୀୟ ରିଜେଣ୍ଟ ମାର୍କେଟ ଅଞ୍ଚଳରେ ମଙ୍ଗଳବାର ୨ ଗୋଷ୍ଠୀ ମୁହାଁମୁହିଁ ହେବା ସହ ପଥର ମାଡ଼ କରିଥିଲେ। ଏଥିରେ ଆଇଆଇସିଙ୍କ ସମେତ ୫ ପୋଲିସ ଆହତ ହୋଇଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଲାଠିଚାଳନା କରିବାକୁ ପଡିଛି। ଏସ୍‌ପି ସୌମ୍ୟା ମିଶ୍ରା ସ୍ୱତନ୍ତ୍ର ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ଶାନ୍ତି ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି। ସହରରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ଏସ୍.ପି ମିଶ୍ରା, ସଦର ଏସ୍‌ଡିପିଓ ମଧୁସିକ୍ତା ମିଶ୍ର, ଟାଉନ ଥାନା ଆଇଆଇସି ବିଭିସ୍ର ପ୍ରଧାନ, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ବିଭିନ୍ନ ସ୍ଥାନରେ ୧୫ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣି, ରାଉରକେଲା ଅତିରିକ୍ତ ଏସ୍‌ପି ସୁରେଶଚନ୍ଦ୍ର ପାଠୀ ସୁନ୍ଦରଗଡ଼ରେ ପହଞ୍ଚିଛନ୍ତି। ସୁନ୍ଦରଗଡ଼ ଓ ରାଉରକେଲା ଉଭୟ ପୋଲିସ ଜିଲାର ବରିଷ୍ଠ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି।

ସୋମବାର ଜିଲା କଂଗ୍ରେସ କମିଟି ପକ୍ଷରୁ ସିଏଏ ବିରୋଧରେ ଡିଆର୍‌ଡିଏ ଛକରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ଚାଲିଥିଲା। ଏହି ସମୟରେ କେତେଜଣ ସିଏଏ ସପକ୍ଷବାଦୀ ସେଠାରେ ପହଞ୍ଚି ବିଭିନ୍ନ ନାରା ଦେବା ସହ ଜଣେ କଂଗ୍ରେସ କର୍ମୀଙ୍କୁ ଧସ୍ତାଧସ୍ତି କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉଭୟ ଗୋଷ୍ଠୀକୁ ନିୟନ୍ତ୍ରଣ କରିବା ପାଇଁ ନାକେଦମ୍ ହେବାକୁ ପଡିଥିଲା। ଏହି ଘଟଣାରେ ମାଡଖାଇଥିବା କଂଗ୍ରେସ କର୍ମୀଙ୍କ ପକ୍ଷରୁ ସନ୍ଧ୍ୟାରେ ☞ପୃଷ୍ଠା-୪

# ଭାରତରେ ଯାହା ଚାଲିଛି, ଠିକ୍ ନୁହେଁ

- ଭାରତରେ ଇନ୍‌ଫୋସିସ୍‌ର ନେତୃତ୍ୱ ନିଅନ୍ତୁ ଜଣେ ପ୍ରବାସୀ ବାଂଲାଦେଶୀ: ସତ୍ୟ ନାଡେଲା
- ସିଏଏ, ଏନ୍‌ଆର୍‌ସି ବିରୋଧରେ ଖୋଲାଚିଠି ଲେଖିଲେ ଭାରତରେ ଜନ୍ମିତ ୧୫୦ରୁ ଊର୍ଦ୍ଧ୍ୱ ଫେସ୍‌ବୁକ୍, ଉବର ଓ ଆମାଜନ ପ୍ରଫେଶନାଲ
- ନାଡେଲାଙ୍କୁ ଐତିହାସିକ ରାମଚନ୍ଦ୍ର ଗୁହାଙ୍କ ସମର୍ଥନ



ସତ୍ୟ ନାଡେଲା

**ନୂଆଦିଲ୍ଲୀ,୧୪।୧**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶରେ ବିବାଦ ତେଜିବାରେ ଲାଗିଥିବାବେଳେ ଏହି ନବପ୍ରଣୀତ ବ୍ୟବସ୍ଥାକୁ ନେଇ ବିଦେଶରୁ ମଧ୍ୟ ପ୍ରତିକ୍ରିୟା ଆସିବାରେ ଲାଗିଛି। ଏହି କ୍ରମରେ ମାଇକ୍ରୋସଫ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସତ୍ୟ ନାଡେଲାଙ୍କ ସିଏଏ ବିରୋଧୀ ମନ୍ତବ୍ୟ ଝଡ଼ ସୃଷ୍ଟି କରିଛି। ଭାରତରେ ଯାହା ଚାଲିଛି ତାହା ଠିକ୍ ନୁହେଁ। ଭାରତରେ ଜଣେ ପ୍ରବାସୀ ବାଂଲାଦେଶୀ ୟୁନିକର୍ନ ପ୍ରତିଷ୍ଠା କରିଲେ କିମ୍ବା ଇନ୍‌ଫୋସିସ୍‌ର ସିଇଓ ହେଲେ ସେ ଖୁସି ହେବେ ବୋଲି ନାଡେଲା କହିଛନ୍ତି। ନାଡେଲାଙ୍କୁ ପ୍ରଖ୍ୟାତ ଐତିହାସିକ ରାମଚନ୍ଦ୍ର ଗୁହାଙ୍କଠାରୁ ନେଇ ଅନେକ ବିଶିଷ୍ଟ ବ୍ୟକ୍ତି ସମର୍ଥନ କରିଥିବାବେଳେ ☞ପୃଷ୍ଠା-୪

# ନିର୍ଭୟା ଦୋଷୀଙ୍କ କ୍ୟୁରେଟିଭ୍ ପିଟିଶନ ଖାରଜ

**୨୨ରେ ୪ ଦୋଷୀଙ୍କୁ ଦିଆଯିବ ଫାଶୀ**

- ରାଜକ୍ଷମା ହୋଇପାରେ ଶେଷ ଅସ୍ତ୍ର



ଦୋଷୀଙ୍କ କ୍ୟୁରେଟିଭ୍ ପିଟିଶନ ଖାରଜ ପରେ ଖୁସିବ୍ୟକ୍ତ କରୁଛନ୍ତି ନିର୍ଭୟାଙ୍କ ମା'।

**ନୂଆଦିଲ୍ଲୀ,୧୪।୧(ପି.ଟି.)**

୨୦୧୨ ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ଫାଶୀ ଦଣ୍ଡାଦେଶ ପାଇଥିବା ଦୋଷୀମାନଙ୍କ ମୁକୁଳିବା ବାଟ ବନ୍ଦ ହୋଇଯାଇଛି। ୪ ଦୋଷୀଙ୍କ ମଧ୍ୟରୁ ବିନୟ ଶର୍ମା(୨୬) ଓ ମୁକେଶ କୁମାର(୩୨) ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ ଦାଖଲ କରିଥିବାବେଳେ ଜଷ୍ଟିସ ଏନ୍.ଭି. ରମାନାଙ୍କ ନେତୃତ୍ୱରେ ଗଠିତ ୫ଜଣିଆ ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ସର୍ବସମ୍ମତିକ୍ରମେ ଖଣ୍ଡପୀଠ କ୍ୟୁରେଟିଭ୍ ପିଟିଶନ ଦାଖଲର କୌଣସି ଲାଭ ନାହିଁ ବୋଲି କହିଛନ୍ତି। ମୃତ୍ୟୁଦଣ୍ଡ ଉପରେ ରହିତାଦେଶ ଲଗାଇବା ଲାଗି କରାଯାଇଥିବା ଆବେଦନକୁ ମଧ୍ୟ ଖଣ୍ଡପୀଠ ଖାରଜ କରିଛନ୍ତି। ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ ଅରୁଣ ମିଶ୍ରା, ଜଷ୍ଟିସ ଆର୍.ଏଫ୍. ନରିମାନ, ଆର୍. ବାନୁମତୀ ଓ ଜଷ୍ଟିସ ଅଶୋକ ଭୂଷଣ ଥିଲେ। ଫାଶୀ ଦଣ୍ଡାଦେଶ ପାଇଥିବା ଅନ୍ୟ ୨ ଦୋଷୀ ଅକ୍ଷୟ କୁମାର ସିଂ(୩୧) ଓ ପୱନ୍ ଗୁପ୍ତ(୨୫) କ୍ୟୁରେଟିଭ୍ ପିଟିଶନ ଦାଖଲ କରି ନ ଥିଲେ। ପ୍ରକାଶଥାଉ କି, ଜଣେ ବ୍ୟକ୍ତି ଲାଗି କ୍ୟୁରେଟିଭ୍ ପିଟିଶନ ଶେଷ ଆଇନଗତ ପଦକ୍ଷେପ ସ୍ୱରୂପ ବିବେଚନା କରାଯାଇଥାଏ। କେବଳ ରାଷ୍ଟ୍ରପତିଙ୍କ ରାଜକ୍ଷମ ଛଡ଼ା ସେମାନଙ୍କ ପାଖରେ ଏବେ ଆଉକିଛି ରାସ୍ତା ନାହିଁ। ତେଣୁ ନିର୍ଭୟା ଦୋଷୀଙ୍କୁ ଫାଶୀ ଦିଆଯିବା ଏକ ପ୍ରକାର ନିଶ୍ଚିତ ହୋଇଛି।

୪ ନିର୍ଭୟା ଦୋଷୀଙ୍କୁ ଦିଲ୍ଲୀ କୋର୍ଟ ଗତ ୭ ତାରିଖରେ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ଏହାକୁ ଚାଲେଞ୍ଜ କରି ଦୋଷୀ ବିନୟ ଓ ମୁକେଶ ୯ରେ କ୍ୟୁରେଟିଭ୍ ପିଟିଶନ ଦାଖଲ କରିଥିଲେ। ଜାନୁୟାରୀ ୨୨ ସକାଳ ୭ଟାରେ ୪ ଦୋଷୀଙ୍କୁ ଦିଲ୍ଲୀର ତିହାର ଜେଲରେ ଫାଶୀ ଦିଆଯିବା ଲାଗି କୋର୍ଟ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ୨୦୧୨ ଡିସେମ୍ବର ୧୬ ରାତିରେ ୨୩ ବର୍ଷୀୟା ☞ପୃଷ୍ଠା-୪

# ହିମସ୍ଖଳନରେ ୮ ମୃତ



**ଶ୍ରୀନଗର,୧୪।୧(ପି.ଟି.)**

ଜମ୍ମୁ-କଶ୍ମୀରରେ ଦୁଇଟି ପୃଥକ ସ୍ଥାନରେ ହିମସ୍ଖଳନ ଯୋଗୁ ୩ ଯବାନଙ୍କ ସମେତ ୮ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ପୋଲିସ ଓ ପ୍ରତିରକ୍ଷା ବିଭାଗର ତଥ୍ୟ ଅନୁଯାୟୀ ଜଣେ ଯବାନ ନିଖୋଜ ହୋଇଯାଇଥିବାବେଳେ ଖୋଜାଖୋଜି ଜାରି ରହିଛି। ନିୟନ୍ତ୍ରଣରେଖା ନିକଟ ମାଚିଲ୍ ସେକ୍ଟରରେ ଥିବା ସେନାପୋଷ୍ଟ ନିକଟରେ ଏଭଳି ଭୟଙ୍କର ହିମସ୍ଖଳନ ହୋଇଛି। ଏଥିରେ ୫ ଯବାନ ଫସି ଯାଇଥିବାବେଳେ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୩ଙ୍କ ମୃତଦେହ ମିଳିଥିବାବେଳେ ଜଣେ ଗୁରୁତର ହୋଇଥିଲେ। ନିଖୋଜ ଯବାନଙ୍କୁ ଉଦ୍ଧାର ଲାଗି ସେନା ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଜାରି ରହିଥିବା ଜଣାପଡ଼ିଛି।

ସେହିଭଳି ଗନ୍ଦର୍ବାଲ୍ ଜିଲା ଗଗନଗିର୍ ଗ୍ରାମରେ ଅନ୍ୟ ଏକ ହିମସ୍ଖଳନ ହେବାରୁ ୫ ସ୍ଥାନୀୟ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଶୋକାକୁଳ ପରିବେଶ ସୃଷ୍ଟିହୋଇଛି। ଏଥିରେ ଫସିଥିବା ୪ ଜଣଙ୍କୁ ଉଦ୍ଧାର କରାଯାଇ ପାରିଛି ବୋଲି ପୋଲିସ ସୂଚନା ଦେଇଛି।

# ମାଇକେଲ୍ ଦେବବ୍ରତ ପାତ୍ର ଆର୍‌ବିଆଇର ଡେପୁଟି ଗଭର୍ନର

**ନୂଆଦିଲ୍ଲୀ,୧୪।୧**

ମାଇକେଲ ଦେବବ୍ରତ ପାତ୍ର ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ନୂଆ ଡେପୁଟି ଗଭର୍ନର ଭାବେ ଅବସ୍ଥାପିତ ହୋଇଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏନେଇ ସୂଚନା ଦିଆଯାଇଛି। ସେ ବର୍ତ୍ତମାନ ଆର୍‌ବିଆଇର ମୁଦ୍ରାନୀତି ବିଭାଗରେ କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ(ଇଡି) ପଦବୀରେ କାର୍ଯ୍ୟ କରୁଛନ୍ତି। ନୂଆ ପଦବୀରେ ତାଙ୍କୁ ୩ ବର୍ଷ ଲାଗି ନିଯୁକ୍ତି ମିଳିଛି। ରିଜର୍ଭ ବ୍ୟାଙ୍କରେ ଏବେ ୩ ଜଣ ଡେପୁଟି ଗଭର୍ନର ଅଛନ୍ତି। ପାତ୍ରଙ୍କ ନିଯୁକ୍ତି ପରେ ଏହା ୪କୁ ବଢିଛି। ଗତ ବର୍ଷ ଜୁନରେ ଡେପୁଟି ଗଭର୍ନର ପଦବୀରୁ ଭିରାଲ ଆଚାର୍ଯ୍ୟଙ୍କ ଇସ୍ତଫା ପରେ ଏହି ପଦବୀରେ କାହାକୁ ନିଯୁକ୍ତି ଦିଆଯାଇ ନ ଥିଲା। ଆଚାର୍ଯ୍ୟଙ୍କ ସ୍ଥାନରେ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ମୁଦ୍ରାନୀତି ବିଭାଗର ସେ ନେତୃତ୍ୱ ନେବେ ବୋଲି ଜଣାପଡ଼ିଛି। ଏବେ ରିଜର୍ଭ ବ୍ୟାଙ୍କରେ ଗଭର୍ନର ପଦବୀରେ ଶକ୍ତିକାନ୍ତ ଦାସ ଅବସ୍ଥାପିତ ଅଛନ୍ତି। ଏହାବାଦ ୪ ଡେପୁଟି ଗଭର୍ନର ମଧ୍ୟ ଅଛନ୍ତି। ଏନ୍.ଏସ୍. ବିଶ୍ୱନାଥନ, ବି.ପି. କାନୁନଗୋ, ଏମ୍.କେ. ଜୈନଙ୍କ ସହ ପାତ୍ର ନୂଆ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରିବେ। ମାଇକେଲ କଟକରେ ଜନ୍ମଗ୍ରହଣ କରିଥିବା ବେଳେ ରେଭେନ୍‌ଶାରେ ଅର୍ଥନୀତିରେ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆପ୍ଲାଏଡ୍ ଇକୋନୋମିକ୍ସରେ ସ୍ନାତକୋତ୍ତର କରିଛନ୍ତି। ମାଇକେଲଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।






ପବିତ୍ର ମକର ସଂକ୍ରାନ୍ତି ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

**ଆଜିର ସମ୍ପାଦକୀୟ**

ଦିଲ୍ଲୀରେ କିଏ

**ଆଜିର ମନ୍ତବ୍ୟ**

"ଯେକୌଣସି ବିକ୍ଷୋଭ ଲାଗି ବିରୋଧୀ ଏକତା ଗୁରୁତ୍ୱପୂର୍ଣ୍ଣ।

– ଅମର୍ତ୍ତ୍ୟ ସେନ୍, ନୋବେଲ ବିଜେତା ଅର୍ଥନୀତିଜ୍ଞ


Vencobb Fresh Chicken — Taste the difference!

14.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 75 | 126 | 136 |
| DKL | 77 | 128 | 138 |
| BDK | 73 | 123 | 133 |
| BLS | 73 | 123 | 133 |
| ANG | 79 | 131 | 141 |
| BHM | 77 | 128 | 138 |

*Conditions Apply

Issued in the Interest of Consumers


# ଆବର୍ଜନାରେ ପୁରୀ

- ବାଙ୍କୀ ମୁହାଣ ପାଲଟିଛି ଦୁର୍ଗନ୍ଧ କୁଣ୍ଡ
- ସମୁଦ୍ରରେ ମିଶୁଛି ବର୍ଜ୍ୟଜଳ
- ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନାମକୁ ମାତ୍ର
- ଦୁର୍ଗନ୍ଧରେ ଫାଟିପଡୁଛି ପରିବେଶ
- ଭୂତଳ ଜଳ ପ୍ରଭାବିତ ଆଶଙ୍କା





ବାଙ୍କୀ ମୁହାଣ ଦେଇ ସମୁଦ୍ରରେ ମିଶୁଛି ପୁରୀ ସହରର ବର୍ଜ୍ୟଜଳ।

**ହେମନ୍ତ ନାୟକ**
**ପୁରୀ ଅଫିସ,୧୪।୧**

ପୁରୀ ହେବ ବିଶ୍ୱର ଐତିହ୍ୟ ସହର। ବଦଳିବ ଏହାର ରୂପରେଖ। ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ କରାଯିବ। ବହୁତଳ ପାର୍କିଂ, ନୂଆ ମାର୍କେଟ କମ୍ପ୍ଲେକ୍ସ, ରାସ୍ତାଘାଟର ସମ୍ପ୍ରସାରଣ, ଏପରି କି ରାଜ୍ୟର ପ୍ରଥମ ଟ୍ରମ୍ପେଟ ସେତୁ (ଶ୍ରୀସେତୁ ନାମରେ) ମଧ୍ୟ ତିଆରି ହେବ। ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସୁବିଧା। ରାଜ୍ୟ ସରକାର ଏହା ଘୋଷଣା କରିବା ସହ ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୫୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ୭୫ ମିଟର ପରିଧି ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ବି ଜାରି ରହିଛି। ସରକାର ଶହ ଶହ କୋଟି ଟଙ୍କା ବ୍ୟୟରେ ବିକାଶର ସ୍ୱପ୍ନ ଦେଖୁଛନ୍ତି, କିନ୍ତୁ ବାଙ୍କୀ ମୁହାଣ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜିଦେଇଛନ୍ତି। ଟ୍ରିଟମେଣ୍ଟ ପ୍ଲାଣ୍ଟ କେବଳ କାମଚଳା ଭାବେ ଚାଲୁଥିବା ବେଳେ ସହରର ଆବର୍ଜନା ପାଣି ସିଧାସଳଖ ସମୁଦ୍ରରେ ମିଶୁଛି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନାହିଁ। ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ଠିକ୍ ଭାବେ କେମିକାଲଯୁକ୍ତ ପାଣି ସିଞ୍ଚନ ପ୍ରକ୍ରିୟା(ଏନ୍‌ଜାଇମିଂ ଡୋଜିଂ) ହେଉ ନ ଥିବାରୁ ଏହା ସଂଲଗ୍ନ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ହେଉଛି। ଫଳରେ ଚକ୍ରତୀର୍ଥ ରୋଡ୍ ଦେଇ ଯିବାଆସିବା କରୁଥିବା ପର୍ଯ୍ୟଟକ ତିକ୍ତ ଅନୁଭୂତି ସାଉଣ୍ଟି ଫେରୁଛନ୍ତି।

ପୁରୀ ସହରର ବର୍ଜ୍ୟଜଳ ବିଶୋଧନ ପାଇଁ ସଂସ୍କୃତି ଭବନ ନିକଟରେ ୧୯୯୮ରେ ଉଦ୍‌ଘାଟିତ ହୋଇଥିଲା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ। ସହରର ବର୍ଜ୍ୟଜଳକୁ ଏଠାରେ ଟ୍ରିଟ୍‌ମେଣ୍ଟ କରି ବାଙ୍କୀ ମୁହାଣ ଦେଇ ସମୁଦ୍ରକୁ ଛାଡ଼ିବା ଥିଲା ଏହାର ଉଦ୍ଦେଶ୍ୟ। ହେଲେ ଅନେକ ସମୟରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଅଚଳ ରହିବା ଏବଂ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ବର୍ଜ୍ୟଜଳ ସିଧା ସମୁଦ୍ରରେ ମିଶୁଛି। ଏହାଦ୍ୱାରା ସମୁଦ୍ର ପାଣି ପ୍ରଦୂଷିତ ହେଉଥିବା ବେଳେ ବାଙ୍କୀ ମୁହାଣ ସଂଲଗ୍ନ ଅଞ୍ଚଳର ଭୂତଳ ଜଳ ପ୍ରଭାବିତ ହେବା ଆଶଙ୍କା ରହିଛି। ସେହିପରି ସମୁଦ୍ର କୂଳରେ ୪ ବର୍ଷ ତଳେ ଡ୍ରେନେଜ ବିଭାଗ ପକ୍ଷରୁ ବର୍ଷାଜଳ ନିଷ୍କାସନ ନଳା ନିର୍ମାଣ କରାଯାଇଛି। ହୋଟେଲ ହଂସ କୋକୋପାମ୍‌ଠାରୁ ଆସିଥିବା ଏହି ନଳା ବାଙ୍କୀ ମୁହାଣଠାରେ ମିଶିଛି। ତେବେ ଏହି ବର୍ଷାଜଳ ନିଷ୍କାସନ ନଳାରେ ବହୁ ହୋଟେଲର ଯାବତୀୟ ମଇଳା ପାଣି ଛଡ଼ାଯାଉଛି। ଏହି ବର୍ଜ୍ୟଜଳ ବାଙ୍କୀ ମୁହାଣ ଦେଇ ସମୁଦ୍ରକୁ ଯାଉଛି। ବାଙ୍କୀ ମୁହାଣ ଏକ ପ୍ରକାର ☞ପୃଷ୍ଠା-୯



ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ରୋକିବା ଲାଗି ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ଡ଼ାକି ଆଲୋଚନା କରିବା ଉଚିତ।

-ରଣଦୀପ ସୁର୍ଜେୱାଲା,
କଂଗ୍ରେସ ମୁଖପାତ୍ର



ମଧ୍ୟପ୍ରଦେଶର ଜବଲପୁରସ୍ଥିତ ଭଟୋଲିର ଆର୍ମି ଶୁଟିଂ ଏରିଆରେ ଜାଲରେ ଛନ୍ଦି ହୋଇଯାଇଥିବା ଏକ ଚିତାବାଘ।



ଫିଲିପାଇନ୍ସର ବଟାନଗାସ୍ ପ୍ରଦେଶସ୍ଥିତ ବୋସୋ-ବୋସୋରେ ତାଲ ଆଗ୍ନେୟଗିରିରୁ ଅଧମାଇଲ ଉଚ୍ଚତାର ଲାଭା ଉଦ୍‌ଗିରଣ ହେବାରୁ ସ୍ଥାନୀୟ ଅଞ୍ଚଳର ଘରଗୁଡ଼ିକର ଛାତରେ ପାଉଁଶ ଆଚ୍ଛାଦିତ ହୋଇଛି।



ଅମୃତସରରେ 'ମାଘୀ' ଉତ୍ସବ ପାଳନ ବେଳେ ଜଣେ ଶିଖ୍ ଶ୍ରଦ୍ଧାଳୁ ସ୍ୱର୍ଣ୍ଣମନ୍ଦିରସ୍ଥିତ ସରୋବରରେ ସ୍ନାନ କରୁଛନ୍ତି।

# ସିଏଏକୁ ଚ୍ୟାଲେଞ୍ଜ୍ କଲା କେରଳ

## ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିବାରେ ପ୍ରଥମ ରାଜ୍ୟ



ନୂଆଦିଲ୍ଲୀ,୧୪।୧(ପି.ଟି.)

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ୨୦୧୯କୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି କେରଳ। ସମାନତା, ସ୍ୱାଧୀନତା ଓ ଧର୍ମନିରପେକ୍ଷତାର ମୌଳିକ ଢାଞ୍ଚାକୁ ଏହି ଆଇନ ଉଲ୍ଲଂଘନ କରୁଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତ ଏହାକୁ ସମ୍ବିଧାନ ବିରୋଧୀ ବୋଲି ଘୋଷଣା କରିବାକୁ ସିପିଏମ୍ ନେତୃତ୍ୱାଧୀନ ଏହି ରାଜ୍ୟ ଦାବି କରିଛି। ସିଏଏ ଲଢ଼େଇକୁ ସୁପ୍ରିମକୋର୍ଟକୁ ଟାଣିବାରେ କେରଳ ହେଉଛି ପ୍ରଥମ ରାଜ୍ୟ। ସେହିପରି ଏହି ଆଇନ ବିରୋଧରେ କେରଳ ବିଧାନସଭାରେ ପ୍ରଥମ କରି ଏକ ସଂକଳ୍ପନାମା ମଧ୍ୟ ପୂର୍ବରୁ ଗୃହୀତ ହୋଇସାରିଛି।

ଅଣମୁସଲିମ ସଂଖ୍ୟାଲଘୁଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ପାଇଁ କେନ୍ଦ୍ର ସରକାର ସିଏଏ ପ୍ରଣୟନ କରିଛନ୍ତି। ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନରେ ଧର୍ମୀୟ ଅତ୍ୟାଚାରର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିୟାନଙ୍କୁ ଭାରତୀୟ ନାଗରିକତ୍ୱ ଦିଆଯିବ ବୋଲି ଏଥିରେ ବ୍ୟବସ୍ଥା କରାଯାଇଛି। ଏହି ନବପ୍ରଣୀତ ଆଇନକୁ ନେଇ ଜାନୁୟାରୀ ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଦେଶର ଅନେକ ରାଜ୍ୟରେ ଏହାକୁ ବିରୋଧ କରାଯାଉଛି। ଏହି କ୍ରମରେ ମଙ୍ଗଳବାର କେରଳ ସରକାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଛନ୍ତି। ସିଏଏରେ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶକୁ ଗ୍ରୁପିଂ କରିବାର କୌଣସି ଯଥାର୍ଥତା ନାହିଁ। ଏହି ଧର୍ମ ଆଧାରରେ ୩ ପଡ଼ୋଶୀ ଦେଶର ସଂଖ୍ୟାଲଘୁଙ୍କୁ ଗୋଷ୍ଠୀବଦ୍ଧ କରିବା ଭୁଲ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ସିଏଏ ସମ୍ବିଧାନର ଅନୁଚ୍ଛେଦ ୧୪(ଆଇନରେ ସମାନତା), ୨୧(ଜୀବନଧାରଣ ଓ ବ୍ୟକ୍ତିଗତ ସ୍ୱାଧୀନତା) ଏବଂ ୨୫ (ବୃତ୍ତିଗତ ସ୍ୱାଧୀନତା ଓ ଧର୍ମ ପ୍ରଚାର)ର ଉଲ୍ଲଂଘନ କରୁଥିବା ଘୋଷଣା କରାଯାଉ ବୋଲି ଦାବି କରାଯାଇଛି। ସେହିପରି ପାସ୍‌ପୋର୍ଟ (ଭାରତରେ ପ୍ରବେଶ) ସଂଶୋଧନ ଆଇନ, ୨୦୧୫ ଏବଂ ବିଦେଶୀ (ସଂଶୋଧନ) ନିର୍ଦ୍ଦେଶାବଳୀଗୁଡ଼ିକ ସମ୍ବିଧାନର ଅଧିକାର ବହିର୍ଭୂତ ବୋଲି ଦର୍ଶାଇ ଏହାକୁ ଅବୈଧ ଘୋଷଣା ପାଇଁ ମଧ୍ୟ ଦାବି କରାଯାଇଛି। ପ୍ରକାଶ ଯେ, ସିଏଏକୁ ଚ୍ୟାଲେଞ୍ଜ କରି ବିଭିନ୍ନ ରାଜନୈତିକ ଦଳ, ନେତା, ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ୫୯ଟି ପିଟିଶନ ଦାଏର କରାଯାଇଛି। ଅଦାଲତ ଜାନୁୟାରୀ ୨୨ରେ ସେଗୁଡ଼ିକର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ୨୦୧୯ ଡିସେମ୍ବର ୧୮ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସିଏଏର ବୈଧତା ନେଇ ଜବାବ ତଲବ କରିଥିଲେ।

## ବିରୋଧୀ ଏକତା ଜରୁରୀ: ଅମର୍ତ୍ତ୍ୟ



କୋଲକାତା,୧୪।୧(ପି.ଟି.)

ସିଏଏକୁ ପ୍ରତ୍ୟାହାର ପାଇଁ ଦାବି କରିବା ପରେ ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଜରୁରୀ ବୋଲି ବିଶିଷ୍ଟ ଅର୍ଥନୈତିଜ୍ଞ ଅମର୍ତ୍ତ୍ୟ ସେନ ମତବ୍ୟକ୍ତ କରିଛନ୍ତି। ଦେଶବ୍ୟାପୀ ସି ଏ ଏ-ଏନ୍ ଆର୍ ସି -ଏନ୍ ପି ଆର କୁ ନେଇ ବିକ୍ଷୋଭ ଚାଲିଥିବାବେଳେ କୋଲକାତାରେ ଖବରଦାତାମାନଙ୍କୁ ସମ୍ବୋଧିତ କରି ନୋବେଲ ବିଜେତା ଅମର୍ତ୍ତ୍ୟ କହିଛନ୍ତି, ଭଲ ଉଦ୍ଦେଶ୍ୟ ଥିବା କୌଣସି ପ୍ରକାର ବିକ୍ଷୋଭ ଲାଗି ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଗୁରୁତ୍ୱପୂର୍ଣ୍ଣ। ତେବେ ବିରୋଧୀ ଏକତା ନ ଥିଲେ ବି ବିକ୍ଷୋଭକୁ ଜାରି ରଖାଯାଇପାରେ।

## ବର୍ଷା, ବରଫପାତରେ ୭୫ ମୃତ



ଇସ୍‌ଲାମାବାଦ,୧୪।୧(ପି.ଟି.)

ପାକିସ୍ତାନରେ ବର୍ଷା, ବରଫପାତ ଓ ହିମସ୍ଖଳନ ଯୋଗୁ ୭୫ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ପ୍ରାୟ ୪୦ ଜଣ ଏଥିରେ ଆହତ ହୋଇଛନ୍ତି। ଗତ ୩ ଦିନ ହେବ ଶୀତୁଆ ପାଗ ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ 'ପିଓକେ'ରେ ୫୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ନିଖୋଜ ଥିବା ରିପୋର୍ଟରୁ ଜଣାପଡ଼ିଛି। ବେଲୁଚିସ୍ତାନରେ ୧୭ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ୪୧ ଆହତ ହୋଇଛନ୍ତି। ହିମସ୍ଖଳନ ଯୋଗୁ ୩୫ ଘର ଭାଙ୍ଗିଯାଇଛି। କ୍ୱେଟା, ଜିଆରତ୍, ଖୋଜାକ୍ ଟପ୍, ଖାଇବର ପାଖ୍‌ତୁନ୍‌ଖ୍ୱା, ଲୋୟର କେହିସ୍ତାନ, ମଲାଖଣ୍ଡ, ହଜାରା ଆଦି ସ୍ଥାନରେ ପ୍ରବଳ ବରଫପାତ ଓ ହିମସ୍ଖଳନ ଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ। ସିଆଲ୍‌କୋଟ, ପଞ୍ଜାବର ଅନେକ ଅଞ୍ଚଳ ବନ୍ୟା କବଳିତ ହେବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି।

## ଦିଲ୍ଲୀରେ ହେବ ତ୍ରିମୁଖୀ ଲଢ଼େଇ



ଅମିତ୍ ଶାହା | ଅରବିନ୍ଦ କେଜରିୱାଲ | ସୋନିଆ ଗାନ୍ଧୀ

### ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ
### ଏଏପି ପ୍ରାର୍ଥୀତାଲିକା ଘୋଷଣା କଲା

ନୂଆଦିଲ୍ଲୀ,୧୪।୧(ପି.ଟି.)

ମଙ୍ଗଳବାରଠାରୁ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏନେଇ ନୋଟିସ ଜାରି କରାଯାଇଛି। ଫେବୃୟାରୀ ୮ରେ ଏଠାରେ ଭୋଟଗ୍ରହଣ କରାଯିବ। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଲାଗି ତ୍ରିମୁଖୀ ଲଢ଼େଇ ହେବାର ସମ୍ଭାବନା ରହିଛି। ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଛି। ଏଏପିର ପଲ୍ଲା ଭାରି ରହିଥିଲେ ହେଁ ଭାଜପା ଓ କଂଗ୍ରେସ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ଦିଲ୍ଲୀର ପ୍ରାୟ ଦେଢ଼କୋଟି ଭୋଟର ଏଥର ରାଜନେତାଙ୍କ ଭାଗ୍ୟ ପରୀକ୍ଷା କରିବେ। ଗତଥର ଏଏପି ୬୭ ଆସନ ଜିତି ରେକର୍ଡ କରିଥିଲା। ଭାଜପାକୁ ୩ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ମଙ୍ଗଳବାର ପ୍ରଥମ ଦଳ ଭାବେ ଏଏପି ୭୦ ପ୍ରାର୍ଥୀଙ୍କ ନାମତାଲିକା ଘୋଷଣା କରିଛି। ଏଥିରେ ୪୬ ଜଣ ବିଧାୟକଙ୍କୁ ଟିକେଟ ଦିଆଯାଇଥିବାବେଳେ ୨୪ ନୂଆ ମୁହଁ ଅଛନ୍ତି। ଜାନୁୟାରୀ ୨୧ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଥିବାବେଳେ ୨୪ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ଫେବୃୟାରୀ ୧୧ରେ ଭୋଟଗଣତି କରାଯିବ।

## ରୀତୁ ନନ୍ଦାଙ୍କ ଦେହାନ୍ତ

ମୁମ୍ବାଇ,୧୪।୧(ପି.ଟି.): ବଲିଉଡ୍‌ର ଦିବଙ୍ଗତ ଅଭିନେତା ରାଜ୍ କପୁରଙ୍କ ଝିଅ ତଥା ମେଗାଷ୍ଟାର ଅମିତାଭ୍ ବଚ୍ଚନଙ୍କ ଝିଅ ଶ୍ୱେତା ବଚ୍ଚନଙ୍କ ଶାଶୁ ରୀତୁ ନନ୍ଦାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ଗତ କିଛିବର୍ଷ ଧରି ରୀତୁ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ୨୦୧୮ରେ ଶିଳ୍ପପତି ସ୍ୱାମୀ ରାଜନ ନନ୍ଦାଙ୍କ ପରଲୋକ ହୋଇଥିଲା। ତାଙ୍କ ପରଲୋକ ସମ୍ପର୍କରେ ନୀତୁ କପୁର ଓ ଅମିତାଭ୍ ଟୁଇଟ୍ କରି ଜଣାଇଛନ୍ତି। ରୀତୁ ୧୯୪୮ ଅକ୍ଟୋବର ୩୦ରେ ଜନ୍ମଗ୍ରହଣ କରିଥିଲେ।







ଲୟର୍ସ ଫର୍ ଡେମୋକ୍ରାସିର ଆଇନଜୀବୀମାନେ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍‌କୁ ବିରୋଧ କରି ସୁପ୍ରିମକୋର୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଭାରତରେ ଇରାନ ବହିର୍ବ୍ୟାପାର ମନ୍ତ୍ରୀ

ନୂଆଦିଲ୍ଲୀ,୧୪।୧(ପି.ଟି.)

ଇରାନର ବହିର୍ବ୍ୟାପାର ମନ୍ତ୍ରୀ ଜଭାଦ୍ ଜରିଫ୍ ୩ ଦିନିଆ ଭାରତ ଗସ୍ତରେ ଆସି ମଙ୍ଗଳବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଇରାନ-ଆମେରିକା ମଧ୍ୟରେ ତିକ୍ତତା ବଢୁଥିବାବେଳେ ଜରିଫ୍‌ଙ୍କ ଭାରତ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ବୁଧବାର ଜରିଫ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଜରିଫ୍‌ଙ୍କ ସହ ଆଲୋଚନା କରିବେ। ଇରାନ ମିଲିଟାରୀ କମାଣ୍ଡର ମେଜର ଜେନେରାଲ ସୋଲେମାନୀଙ୍କୁ ଆମେରିକା ଡ୍ରୋନ୍ ଆକ୍ରମଣ କରି ହତ୍ୟା କରିବା ପରେ ଉପୁଜିଥିବା ତିକ୍ତତାକୁ ଦୂରକରିବା ଲାଗି ଭାରତ ପ୍ରୟାସ କରିବ। ଶୁକ୍ରବାର ସେ ସମସ୍ତ କାର୍ଯ୍ୟକ୍ରମ ଶେଷକରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

■ ୟୁକ୍ରେନ ବିମାନ ଦୁର୍ଘଟଣା

## ଇରାନରେ ୩୦ ଗିରଫ

ତେହେରାନ,୧୪।୧(ପି.ଟି.)

ୟୁକ୍ରେନ ବିମାନ ଦୁର୍ଘଟଣାକୁ ନେଇ ଇରାନରେ ସରକାର ବିରୋଧୀ ବିକ୍ଷୋଭ ତେଜିବା ପରେ ମଙ୍ଗଳବାର ୩୦ ଜଣଙ୍କୁ ଗିରଫ କରାଯାଇଛି। ଗତ ୮ ତାରିଖରେ ଶତ୍ରୁପକ୍ଷର ବିମାନ ଭାବି ୟୁକ୍ରେନର ବୋଇଂ ୭୩୭କୁ ଇରାନ ପକ୍ଷରୁ ଭୁଲ୍‌ବଶତଃ ମିଶାଇଲ ମାଡ଼ କରାଯାଇଥିଲା। ଏଥିରେ ୭ଟି ଦେଶର ୧୭୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଇରାନ କ୍ଷମାମାଗିସାରିଛି। କ୍ଷେପଣାସ୍ତ୍ର ଆକ୍ରମଣ ପାଇଁ ଦାୟୀ ୩୦ ଜଣଙ୍କୁ ଗିରଫ କରାଯାଇଥିବା ଜୁଡିସିଆରି ମୁଖପାତ୍ର ଗୁଲାମ ହୁସେନୀ ଇସ୍‌ମାଇଲ୍ ସୂଚନା ଦେଇଛନ୍ତି। ସରକାର ଦୋଷ ମାନିବାରେ ବିଳମ୍ବ କରିଥିବାରୁ ତେହେରାନ ୟୁନିଭର୍ସିଟିରେ ୨୦୦ ଛାତ୍ରୀଛାତ୍ର ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ 'ଏକଚ୍ଛତ୍ରବାଦୀ ମୁର୍ଦ୍ଦାବାଦ' ବୋଲି ସ୍ଲୋଗାନ ଦେଇଥିଲେ। ମଙ୍ଗଳବାର ଏହି ବିକ୍ଷୋଭ ଚତୁର୍ଥ ଦିନରେ ପହଞ୍ଚିଛି।

ଇତିହାସର ଆଇନାରେ | ଜାନୁୟାରୀ ୧୫ର ପ୍ରମୁଖ ଘଟଣା

୧୯୩୪ ଜାନୁୟାରୀ ୧୫ରେ ନେପାଳ ଓ ବିହାରରେ ଭୟଙ୍କର ଭୂକମ୍ପ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୮.୦ ଥିଲା। ପ୍ରାୟ ୧୧ ହଜାର ଲୋକ ଏଥିରେ ପ୍ରାଣ ହରାଇଥିଲେ। ଏହାର ପ୍ରଭାବ ଆସାମରୁ ପଞ୍ଜାବ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା।

୨୦୧୯ ଜାନୁୟାରୀ ୧୫ରେ କେନିଆର ନାଇରୋବି ସ୍ଥିତ ଏକ ହୋଟେଲରେ ସୋମାଲି ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଗୁଳିମାଡ଼ରେ ୨୧ ବ୍ୟକ୍ତି ପ୍ରାଣ ହରାଇବା ସହ ପ୍ରାୟ ୧୯ ଜଣ ଆହତ ହୋଇଥିଲେ।

# ପାଞ୍ଚଦିନରେ ୫ ହଜାର ଓଟଙ୍କୁ ଗୁଳିକରି ହତ୍ୟା

## ଅଷ୍ଟ୍ରେଲିଆରେ ଜଳ ସଙ୍କଟ



ସିଡନୀ,୧୪।୧

ଦକ୍ଷିଣ ଅଷ୍ଟ୍ରେଲିଆର ମରୁଡ଼ି ଗ୍ରସ୍ତ ଅଞ୍ଚଳରେ ୫ ଦିନରେ ୫ ହଜାର ଓଟଙ୍କୁ ହତ୍ୟା କରାଯାଇଛି। ସ୍ଥାନୀୟ ଆଦିମ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏହି ଓଟ ଗୁଡ଼ିକୁ ଗୁଳିକରି ହତ୍ୟା କରାଯାଇଥିବା ମଙ୍ଗଳବାର ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଦକ୍ଷିଣ ଅଷ୍ଟ୍ରେଲିଆ ରାଜ୍ୟର ଆଦିବାସୀ ନେତାଙ୍କ କହିବା ଅନୁସାରେ, ଅତ୍ୟଧିକ ଶୁଖିଲା ଏବଂ ଗରମ କାରଣରୁ ଅଣଦେଶୀ ଓଟମାନେ ଗ୍ରାମୀଣ ଅଞ୍ଚଳ ଆଡ଼କୁ ମୁହାଁଉଛନ୍ତି। ଖାଦ୍ୟ ଏବଂ ପିଇବା ପାଣି ପ୍ରତି ବିପଦ ସୃଷ୍ଟି କରିବା ସହ ଭିତ୍ତି ସଂରଚନାକୁ କ୍ଷତି ପହଞ୍ଚାଉଛନ୍ତି। ଏହାସହ ଡ୍ରାଇଭରଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛନ୍ତି। ଅନାଙ୍ଗୁ ପିଟଜାଣ୍ଟଜାଟଜାରା ୟାଙ୍କୁନିଟଜାଟଜାରା (ଏପିୱାଇ)ର ଜେନେରାଲ ମ୍ୟାନେଜର ରିଚାର୍ଡ କିଙ୍ଗ ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପଶୁ ଅଧିକାର କର୍ମୀଙ୍କ ଚିନ୍ତା ପ୍ରଶଂସାଯୋଗ୍ୟ କିନ୍ତୁ ଅଣଦେଶୀ ଜୀବଙ୍କ ଜୀବନର ବାସ୍ତବିକତା ସମ୍ପର୍କରେ ଭୁଲ ସୂଚନା ରହିଛି। ଭୂମିର ଅଧିରକ୍ଷକ ରୂପେ ଆମକୁ ଏହି ପଶୁଙ୍କ ସହ ମୁକାବିଲା କରି ସମୁଦାୟର ମୂଲ୍ୟବାନ ପାଣି ଏବଂ ସମ୍ପତ୍ତି ରକ୍ଷା କରିବା ଦରକାର । ଏବଂ ସର୍ବପ୍ରଥମେ ଆମ ଛୋଟ ଶିଶୁ, ବୟସ୍କ ଲୋକ ଏବଂ ବିଭିନ୍ନ ପ୍ରକାର ବନସ୍ପତୀ ପ୍ରତି ଏମାନେ ବିପଦ ସୃଷ୍ଟି କରୁଛନ୍ତି। ଏହା ସହ କିଙ୍ଗ କହିଛନ୍ତି, ଦୁର୍ବଳ ଓଟମାନେ ପାଣିର ଗାଡିଆରେ ପଡ଼ି ମୃତ୍ୟୁ ବରଣ କରିଥାନ୍ତି ଏବଂ ସେଠାରେ ପାଣିକୁ ଦୂଷିତ କରୁଛନ୍ତି। ୨୦୧୯ ରେ ଅଷ୍ଟ୍ରେଲିଆରେ ଘୋର ଜଳାଭାବ ଦେଖାଦେଇଥିଲା। ଦେଶର ଅନେକ ସହରକୁ ଜଳ ସଂକଟର ସାମ୍ନା କରିବାକୁ ପଡ଼ିଥିଲା। ଅଷ୍ଟ୍ରେଲିଆର ବୃହତ ମରୁ ଅଞ୍ଚଳ ଅଭିଯାନ ପାଇଁ ୧୮୪୦ ମସିହାରେ ଭାରତରୁ ୨୦ ହଜାର ଓଟକୁ ଅଣାଯାଇଥିଲା। ବର୍ତ୍ତମାନ ସେମାନେ ଅଷ୍ଟ୍ରେଲିଆ ଜଙ୍ଗଲରେ ମୁକ୍ତ ବିଚରଣ କରୁଛନ୍ତି।

## ସଂକ୍ଷେପରେ

### ଆଜି ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ,୧୪ା୧:** ବୁଧବାର ମକର ସଂକ୍ରାନ୍ତି ଯୋଗୁ ରାଜ୍ୟରେ ବିଭିନ୍ନ ବ୍ୟାଙ୍କ ଏବଂ ବ୍ୟାଙ୍କିଙ୍ଗ ପ୍ରତିଷ୍ଠାନଗୁଡିକ ବନ୍ଦ ରହିବ। ଫଳରେ ଲୋକଙ୍କୁ ସେବା ଉପଲବ୍ଧ ହେବ ନାହିଁ। ସେହିଭଳି ଏହି ଦିନ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ମକର ଲାଗି ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

### ଯୁକ୍ତ୨ ପ୍ରଥମ ବର୍ଷ ପରୀକ୍ଷା
### ଦ୍ୱିତୀୟ ବର୍ଷ ପାଇଁ ୩୩% ମାର୍କ ଜରୁରୀ

**ଭୁବନେଶ୍ୱର, ୧୪ା୧(ବ୍ୟୁରୋ):** ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ନିୟମ କଡ଼ାକଡ଼ି କରିଛନ୍ତି ରାଜ୍ୟ ସରକାର। ଏଣିକି ଯୁକ୍ତ୨ ପ୍ରଥମ ବର୍ଷ ପରୀକ୍ଷାରେ ପାସ୍ ନ କଲେ ଦ୍ୱିତୀୟ ବର୍ଷକୁ ଯାଇପାରିବେ ନାହିଁ। ଦ୍ୱିତୀୟ ବର୍ଷକୁ ଯିବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ପ୍ରଥମ ବର୍ଷରେ ୩୩% ନମ୍ବର ରଖିବା ଜରୁରୀ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ତେବେ ପରୀକ୍ଷା ପାସ୍ ପାଇଁ ପ୍ରଥମ ବର୍ଷ ପିଲାଙ୍କୁ ୨ଟି ସୁଯୋଗ ମିଳିବ। ଫେବୃୟାରୀ ୧୫ରୁ ୨୯ ମଧ୍ୟରେ ପ୍ରଥମ ପରୀକ୍ଷା ପାଇଁ ସୁଯୋଗ ଦିଆଯିବ। ଏଥିରେ ୩୩%ରୁ କମ୍ ରଖିଥିବା ପିଲାଙ୍କ ପାଇଁ ରିମେଡିଆଲ କ୍ଲାସ୍ ହେବ। ଏହାପରେ ଦ୍ୱିତୀୟ ସୁଯୋଗ ଭାବେ ମେ' ଶେଷ ସପ୍ତାହରେ ପରୀକ୍ଷା କରାଯିବ। ଦ୍ୱିତୀୟ ବର୍ଷ ଢାଞ୍ଚାରେ ପ୍ରଥମ ବର୍ଷ ପରୀକ୍ଷା ହେବ। ଏହି ପରୀକ୍ଷାକୁ ସମ୍ପୃକ୍ତ କଲେଜ ଅଧିକାରୀ ନିଜେ ପରିଚାଳନା କରିବେ। କଲେଜଗୁଡ଼ିକ ପ୍ରଥମ ବର୍ଷ ରେଜଲ୍ଟ ନିର୍ଦ୍ଦେଶାଳୟକୁ ଜଣାଇବେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଅନ୍ୟପଟେ ବିଭାଗର ଏଭଳି ପଦକ୍ଷେପକୁ ଶିକ୍ଷାବିତ୍‌ମାନେ ସ୍ୱାଗତ କରିଥିଲେ ହେଁ ଛାତ୍ରୀଛାତ୍ରଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ମତ ଦେଇଛନ୍ତି। ଶିକ୍ଷାବିତ୍‌ଙ୍କ କହିବା ହେଲା, ଦ୍ୱିତୀୟ ବର୍ଷ ପରୀକ୍ଷାକୁ ଯେପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ କରୁଛି, ପ୍ରଥମ ବର୍ଷ ପରୀକ୍ଷା ବି ଯଦି ସେହିଭଳି ପରିଷଦ ପକ୍ଷରୁ ହୁଅନ୍ତା, ତେବେ ଏହାର ପ୍ରଭାବ ପଡ଼ନ୍ତା।




## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା
# ଅରୁଣ ବୋଥ୍ରାଙ୍କୁ ଲିଗାଲ ନୋଟିସ

**ବଲାଙ୍ଗୀର ଅଫିସ,୧୪ା୧**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ତତ୍କାଳୀନ ତଦନ୍ତକାରୀ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କୁ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ସ୍ତ୍ରୀ ସୌଦାମିନୀ ମେହେର ଓକିଲ ଜରିଆରେ ଲିଗାଲ ନୋଟିସ୍ ପଠାଇଛନ୍ତି। ସୌଦାମିନୀଙ୍କ ଟୁଇଟର ଆକାଉଣ୍ଟରେ ଏଭଳି ତଥ୍ୟ ଶେୟାର କରାଯିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି। ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ନେଇ 'ପାଟଣାଗଡ଼' ଶୀର୍ଷକ ଚଳଚ୍ଚିତ୍ର ନିର୍ମାଣକୁ ସୌଦାମିନୀ ମୂଳରୁ ବିରୋଧ କରିଆସୁଛନ୍ତି। ଏହି ଚଳଚ୍ଚିତ୍ର ନିର୍ମାଣର ପ୍ରମୋଟର ଭାବେ ଆଇପିଏସ୍ ଅଫିସର ଅରୁଣ ବୋଥ୍ରାଙ୍କୁ ଚିତ୍ରଣ କରି ସୌଦାମିନୀଙ୍କ ତରଫରୁ ଲିଗାଲ ନୋଟିସ ଦିଆଯାଇଛି। ଉକ୍ତ ନୋଟିସ ସମ୍ପର୍କରେ ଆଇପିଏସ୍ ବୋଥ୍ରାଙ୍କ ସହ ଭାରତର ରାଷ୍ଟ୍ରପତିଙ୍କ ସଚିବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଓ ସଚିବ, ଓଡିଶା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ଗୃହ ମନ୍ତ୍ରଣାଳୟ, ଓଡ଼ିଶା ପୋଲିସ ଡିଜିଙ୍କ ସହ ଅନ୍ୟମାନଙ୍କୁ ଅବଗତ କରାଯାଇଛି।

୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ନବବଧୂ ରିମା ସାହୁ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଥିଲେ। ବିବାହ ଉତ୍ସବର ୫ ଦିନ ପରେ ଉପହାର ପ୍ୟାକେଟ୍ ଜରିଆରେ ଏହି ବିସ୍ଫୋରଣ ଘଟି ୨ଟି ଜଣଙ୍କ ମୃତ୍ୟୁ ଘଟିବା ରାଜ୍ୟ ତଥା ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ବଲାଙ୍ଗୀର, ପାଟଣାଗଡ, ରାୟପୁର ଅଞ୍ଚଳରେ ତଦନ୍ତ କରି ଭଇଁଷା କଲେଜ ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଘଟଣାର ମାଷ୍ଟରମାଇଣ୍ଡ ଓ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲେ।

ଭଇଁଷା କଲେଜରେ ମୃତ ସୌମ୍ୟଶେଖରଙ୍କ ମା' ସଂଯୁକ୍ତା ସାହୁ ଅଧ୍ୟକ୍ଷା ଭାବେ କାମ କରୁଥିଲେ। ସଂଯୁକ୍ତାଙ୍କ ପ୍ରତି ପ୍ରତିଶୋଧପରାୟଣ ହୋଇ ପୁଞ୍ଜିଲାଲ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟାଇଥିଲେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା। ଏହି ଘଟଣାକୁ ନେଇ 'ପାଟଣାଗଡ଼' ଶୀର୍ଷକରେ ଏକ ଚଳଚ୍ଚିତ୍ର ନିର୍ମାଣ ହେଉଥିବା ଜଣାପଡିବା ପରେ ଏହାକୁ ସୌଦାମିନୀ ବିରୋଧ କରିଥିଲେ। ପୁଞ୍ଜିଲାଲଙ୍କୁ ନିର୍ଦ୍ଦୋଷ କହି ତାଙ୍କୁ ଫସାଇ ଦେଇଥିବା ଅଭିଯୋଗ କରିଥିଲେ। ଏହାପରେ 'ପାଟଣାଗଡ଼' ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ମାତା ଓ ନିର୍ଦ୍ଦେଶକ ଓ କଳାକାରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅରୁଣ ବୋଥ୍ରାଙ୍କ କାରଣରୁ ତାଙ୍କ ସ୍ୱାମୀ ପୁଞ୍ଜିଲାଲ ଓ ପରିବାରର ମାନହାନି ହୋଇଥିବା ଦର୍ଶାଇ ତାଙ୍କୁ ଲିଗାଲ ନୋଟିସ ପ୍ରଦାନ କରିଥିବା ଜଣାପଡିଛି। ସୌଦାମିନୀଙ୍କ ତରଫରୁ ସୁପ୍ରିମକୋର୍ଟ ଓକିଲ ସୌଫି ଗୁରଲୀନ କୌର ଜାଗୀ ଅରୁଣ ବୋଥ୍ରାଙ୍କୁ ଗତ ଜାନୁୟାରୀ ୫ ତାରିଖରେ ନୋଟିସ ପଠାଇଥିବା ଜଣାପଡିଛି। ଏନେଇ ସୌଦାମିନୀଙ୍କ ଟୁଇଟର ଆକାଉଣ୍ଟରେ ସୂଚନା ଦିଆଯାଇଛି।

**ପୁଞ୍ଜିଲାଲଙ୍କ ସ୍ତ୍ରୀ ସୌଦାମିନୀଙ୍କ ଟୁଇଟର ଆକାଉଣ୍ଟରୁ ସୂଚନା ମିଳିଲା**




# ଧରାପଡ଼ିଲେ ନାବାଳକ ଗାଡ଼ିଚାଳକ, ୨୬ହଜାର ଟଙ୍କା ଜରିମାନା

**ବାରଙ୍ଗ, ୧୪ା୧(ଡି.ଏନ୍.ଏ.)**

ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ହେବ ଜରିମାନା। ଏ ନେଇ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ବ୍ୟାପକ ସଚେତନତା କରାଯାଉଛି। ହେଲେ ଲୋକେ ତାହାକୁ ନ ମାନି ନାବାଳିକା ଓ ନାବାଳକଙ୍କୁ ଗାଡ଼ି ଚଳାଇବାକୁ ଦେଉଛନ୍ତି। ନାବାଳିକା ଓ ନାବାଳକ ଧରାପଡ଼ିଲେ ସେମାନଙ୍କ ଅଭିଭାବକ କିମ୍ବା ଗାଡ଼ି ମାଲିକଙ୍କୁ ଦଣ୍ଡିତ ହେବାକୁ ପଡୁଛି। ଏଭଳି ଏକ ଘଟଣା ମଙ୍ଗଳବାର କଟକର ବାରଙ୍ଗ ଅଞ୍ଚଳରେ ଘଟିଛି। ହେଲମେଟ ଓ ଡ୍ରାଇଭିଂ ଲାଇସେନ୍ସ ନ ଥାଇ ଜଣେ ନାବାଳକ ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍କୁଟି ଚଳାଇ ଧରାପଡ଼ିଛନ୍ତି। ଫଳରେ ୨୬ହଜାର ଟଙ୍କା ଫାଇନ ଭରିବାକୁ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ନାମରେ ଚାଲାଣ କଟାଯାଇଛି।

ସୂଚନା ଅନୁଯାୟୀ, କଟକ ଆର୍‌ଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଆଡିଶନାଲ ଆର୍‌ଟିଓ ରାଜେଶ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ବାରଙ୍ଗ ଥାନା ସମ୍ମୁଖରେ ଗାଡ଼ି ଚେକିଂ କରାଯାଉଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ବାରଙ୍ଗ ଗୋଠପୁର ଗ୍ରାମର ଜଣେ ୧୭ବର୍ଷୀୟ ନାବାଳକ ବିନା ହେଲମେଟରେ ଏକ ସ୍କୁଟି (ଓଡି ୦୫-ଏଜେ-୧୫୧୨) ଚଳାଇ ବାରଙ୍ଗ ଯାଉଥିଲେ। ଉକ୍ତ ନାବାଳକ ତାଙ୍କ ଗ୍ରାମର ଜଣେ ସମ୍ପର୍କୀୟଙ୍କଠାରୁ ସ୍କୁଟି ଆଣି ବାରଙ୍ଗ ଆସୁଥିବାବେଳେ ଚେକିଂ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ। ଜଣଙ୍କଠାରୁ ସ୍କୁଟି ମାଗି ଏକ ଜରୁରୀ କାମରେ ଯାଉଥିବା ଉକ୍ତ ନାବାଳକ କହିଥିଲେ ମଧ୍ୟ କର୍ମଚାରୀମାନେ କିଛି ଶୁଣି ନ ଥିଲେ। ଶେଷରେ ଡିଏଲ୍ ନ ଥିବା ସହ କମ୍ ବୟସରେ ଗାଡ଼ି ଚଳାଉଥିବାରୁ ଜରିମାନା କରାଯାଇଥିଲ। ଡ୍ରାଇଭିଂ ଲାଇସେନ୍ସ ନ ଥିବାରୁ ୨୫ ହଜାର ଓ ହେଲମେଟ ପିନ୍ଧି ନ ଥିବାରୁ ୧ହଜାର ଟଙ୍କାର ଫାଇନ ଭରିବା ନିମନ୍ତେ ଚାଲାଣ କଟାଯାଇଥିଲା। ଏହି ଘଟଣା ଏବେ ବାରଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।






**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ୯ ପ୍ରମୁଖ ସହରରେ ଘର ବିକ୍ରି ୩୦% ହ୍ରାସ ଘଟିଛି।
– ପ୍ରପ୍‌ଟାଇଗର

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦିବ୍ୟାଂଶୀ
ପରିବାରବର୍ଗ


ପ୍ରିୟମ୍
ପରିବାରବର୍ଗ


ରାଜେନ୍ଦ୍ର
ପରିବାରବର୍ଗ


ରିଶାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପାଠିକା/ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।
**୯୪୩୭୦୦୯୪୪୧, ୮୯୦୮୧୫୭୧୭୦**

## ପ୍ରଥମ ପୃଷ୍ଠାରୁ...

### ଭାରତରେ ଯାହା...

ଭାଜପା ସମାଲୋଚନା କରିଛି। ତେବେ ଏହାକୁ ନେଇ ବିବାଦ ଉଠିବା ପରେ ନାଡେଲା ସଫେଇ ଦେଇଛନ୍ତି। ଇତିମଧ୍ୟରେ ଫେସ୍‌ବୁକ୍, ଉବେର ଓ ଆମାଜନରେ କାର୍ଯ୍ୟରତ ତଥା ଭାରତରେ ଜନ୍ମିତ ୧୫୦ରୁ ଊର୍ଦ୍ଧ୍ୱ ପ୍ରଫେଶନାଲ ଖୋଲାଚିଠି ଲେଖିଛନ୍ତି। ଏହାସହ ସେମାନେ ଦେଶବ୍ୟାପୀ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ କରାଇବା ନେଇ କେନ୍ଦ୍ରର ଯୋଜନାକୁ ସମାଲୋଚନା କରିଛନ୍ତି। ସିଏଏ ଏବଂ ଏନ୍‌ଆର୍‌ସିକୁ ଏହି କର୍ମଚାରୀମାନେ 'ଫାସିବାଦୀ' ବୋଲି ଅଭିହିତ କରିଛନ୍ତି।

ପଡ଼ୋଶୀ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରେ ଧାର୍ମୀୟ ଅତ୍ୟାଚାରର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତରେ ଆଶ୍ରୟ ନେଇଥିବା ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ କେନ୍ଦ୍ର ସରକାର ସିଏଏ ପ୍ରଣୟନ କରିଛନ୍ତି। ଏହି ଆଇନକୁ ନେଇ ଉତ୍ତର–ପୂର୍ବାଞ୍ଚଳରୁ ନେଇ ବିହାର, ଦକ୍ଷିଣ ଭାରତରୁ ନେଇ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି। ସିଏଏ ବିରୋଧୀ ବିକ୍ଷୋଭ ବେଳେ ଗତ ଡିସେମ୍ବର ୪ରୁ ଅଦ୍ୟାବଧି ୩ ନାବାଳକଙ୍କ ସମେତ ୨୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଏସବୁକୁ ନେଇ ନୋବେଲ ପୁରସ୍କାର ବିଜେତା ବିଶିଷ୍ଟ ଅର୍ଥନୈତିଜ୍ଞ ଅମର୍ତ୍ତ୍ୟ ସେନ ମଧ୍ୟ କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧ କରିସାରିଛନ୍ତି। ଗତମାସରେ ସିଏଏ ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିବା ଐତିହାସିକ ରାମଚନ୍ଦ୍ର ଗୁହାଙ୍କୁ ବେଙ୍ଗାଲୁରୁରେ ଗିରଫ କରାଯାଇଥିଲା। ଏହି କ୍ରମରେ ଭାରତରେ ଜନ୍ମିତ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ସିଏଏକୁ ନେଇ ସୋମବାର ସ୍ୱର ଉଠାଇଥିଲେ। ସେ କହିଥିଲେ, ମୋତେ ଲାଗୁଛି ଭାରତରେ ଯାହା କିଛି ଚାଲିଛି ତାହା ଦୁଃଖଦ। ଏହା ଖରାପ କଥା। ଜଣେ ବାଂଲାଦେଶୀ ଶରଣାର୍ଥୀ ଯେତେବେଳେ ଭାରତକୁ ଆସି ୟୁନିକର୍ନ ପ୍ରତିଷ୍ଠା କରିବେ କିମ୍ବା ଇନ୍‌ଫୋସିସ୍‌ର ପରବର୍ତ୍ତୀ ସିଇଓ ହେବେ ସେତେବେଳେ ମୁଁ ଖୁସି ହେବି ବୋଲି ନାଡେଲା କହିଥିଲେ। ବଜ୍‌ଫିଡ୍ ନ୍ୟୁଜ ମୁଖ୍ୟ ସମ୍ପାଦକ ବେନ୍ ସ୍ମିଥ୍ ନାଡେଲାଙ୍କ ଏହି ମନ୍ତବ୍ୟକୁ ଟୁଇଟ୍ କରିଛନ୍ତି। ତାଙ୍କ ମନ୍ତବ୍ୟକୁ ସ୍ୱାଗତ କରି ଐତିହାସିକ ଗୁହା କହିଛନ୍ତି, ସତ୍ୟ ନାଡେଲା ସତ କହିଥିବାରୁ ମୁଁ ଖୁସି। ଆଇଟି ସେକ୍ଟରର ଲୋକେ ସିଏଏକୁ ନେଇ ଯାହା ଚିନ୍ତା କରୁଛନ୍ତି ସେମାନେ ସେନେଇ ମୁହଁ ଖୋଲିବାକୁ ସାହସ ମଧ୍ୟ କରୁଛନ୍ତି। ଏହାକୁ ନେଇ ମୁଁ ଖୁସି ବୋଲି ଟୁଇଟ କରିଛନ୍ତି। ନାଡେଲାଙ୍କ ମନ୍ତ୍ୟବ୍ୟକୁ ନେଇ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ମଙ୍ଗଳବାର କଡ଼ା ସମାଲୋଚନା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ନେଇ ସାକ୍ଷର ଲୋକେ କିପରି ଶିକ୍ଷିତ ହେବା ଦରକାର ନାଡେଲାଙ୍କ ମନ୍ତବ୍ୟ ଏହାର ଉପଯୁକ୍ତ ଦୃଷ୍ଟାନ୍ତ। ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରେ ନିର୍ଯାତିତ ସଂଖ୍ୟାଲଘୁଙ୍କୁ ନାଗରିକତ୍ୱ ପ୍ରଦାନ ହେଉଛି ସିଏଏର ଉଦ୍ଦେଶ୍ୟ। ସେହିପରି ମାଇକ୍ରୋସଫ୍ଟ ମୁଖ୍ୟାଳୟ ଥିବା ଆମେରିକା କାହିଁକି ୟେଜିଦିଙ୍କ ପରିବର୍ତ୍ତେ ସିରିଆର ମୁସ୍‌ଲିମମାନଙ୍କୁ ଏଭଳି ସୁଯୋଗ ଦେଇପାରୁନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେପଟେ ଏହି ପ୍ରସଙ୍ଗକୁ ନେଇ ବିବାଦ ଉଠିବା ପରେ ନାଡେଲା ସ୍ପଷ୍ଟୀକରଣ ଦେଇଛନ୍ତି। ପ୍ରତ୍ୟେକ ଦେଶ ନିଜ ସୀମାକୁ ପରିଭାଷିତ କରି ଜାତୀୟ ନିରାପତ୍ତାକୁ ସୁରକ୍ଷିତ ରଖିପାରିବେ ଏବଂ ଅନୁରୂପ ଭାବେ ଆପ୍ରବାସନ ନୀତି ସ୍ଥିର କରିପାରିବେ।

ବିବିଧ ସଂସ୍କୃତିର ଦେଶ ଭାରତ। ମୁଁ ମୋର ଭାରତୀୟ ଐତିହ୍ୟକୁ ନେଇ ଗଢ଼ା ଏବଂ ଆମେରିକାରେ ପ୍ରବାସୀ ଭାବେ ମୋର ଅଭିଜ୍ଞତା ରହିଛି। ତେଣୁ ଭାରତରେ ଜଣେ ପ୍ରବାସୀ ଏକ ସମୃଦ୍ଧ ଷ୍ଟାର୍ଟ–ଅପ୍ ପ୍ରତିଷ୍ଠା କରିପାରନ୍ତୁ କିମ୍ବା ଏକ ବହୁରାଷ୍ଟ୍ରୀୟ କମ୍ପାନୀ ତଥା ଅର୍ଥନୀତିର ନେତୃତ୍ୱ ନେଇପାରନ୍ତୁ। ଏପରି ଆଶା କରୁଛି ବୋଲି ନାଡେଲା ଟୁଇଟ୍ କରିଛନ୍ତି।

### ସିଏଏ: ସୁନ୍ଦରଗଡ଼ରେ...

ଟାଉନ ଥାନାରେ ରିପୋର୍ଟ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ମାଡ଼ ମାରିବାକୁ ବିରୋଧ କରି କଂଗ୍ରେସର ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟିଥିଲେ। ଏହି ଘଟଣା ପରଠୁ ରିଜେଣ୍ଟ ମାର୍କେଟ ଅଞ୍ଚଳରେ ଉତ୍ତେଜନା ଆଶଙ୍କା କରି ସୋମବାର ରାତିରୁ ସ୍ୱତନ୍ତ୍ର ପୋଲିସ ମୁତୟନ କରାଯାଇଥିଲା। ଏପରିକି ଏହି ଘଟଣାକୁ ନେଇ ଗତ ରାତିରେ ପୁଣି ଥରେ ଗଣ୍ଡଗୋଳ ହୋଇଥିଲେ ହେଁ ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ହେଲେ ମଙ୍ଗଳବାର ସକାଳେ ରିଜେଣ୍ଟ ମାର୍କେଟର ଜଣେ ଯୁବକ ନିକଟସ୍ଥ ଘସିଆପଡାର ଏକ ଦୋକାନକୁ ରାଶନ ସାମଗ୍ରୀ କିଣିବାକୁ ଯାଇଥିଲେ। ତାଙ୍କୁ ମାରପିଟ କରାଯାଇଥିବା ଅଭିଯୋଗ ହୋଇଛି। ଅପରାହ୍ନ ପ୍ରାୟ ସାଢେ ୧ଟା ବେଳେ ସେହି ଅଞ୍ଚଳରେ ଗୋଟିଏ ଗୋଷ୍ଠୀର କେତେଜଣ ବ୍ୟକ୍ତି ଅନ୍ୟ ଏକ ଗୋଷ୍ଠୀର ଲୋକଙ୍କ ଘର ଓ ରାସ୍ତା ଉପରକୁ ପଥର ମାଡ କରିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ପଥର, ଇଟା ମାଡ ହୋଇ ପୁଣି ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଥମେ ଟାଉନ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ପଥରମାଡରେ ଟାଉନ ଥାନା ଆଇଆଇସି ବିଭିସ ପ୍ରଧାନଙ୍କ ସମେତ ୫ଜଣ ପୋଲିସ କର୍ମଚାରୀ ଓ ଉଭୟ ଗୋଷ୍ଠୀର ମଧ୍ୟ ୪ରୁ ୫ ଜଣ ଆହତ ହୋଇଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ଏକ ଶାନ୍ତି କମିଟି ବୈଠକ ଡ଼କାଯାଇଥିଲା। ଏହି ବୈଠକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା।

### ନିର୍ଭୟା ଦୋଷୀଙ୍କ...

ପାରାମେଡିକାଲ ଛାତ୍ରୀ(ନିର୍ଭୟା)ଙ୍କୁ ଚଳନ୍ତା ବସ୍‌ରେ ଅତି ନୃଶଂସ ଭାବେ ୬ ଯୁବକ ଗଣବଳାତ୍କାର କରି ରାସ୍ତାରେ ଫିଙ୍ଗିଦେଇ ଚାଲିଯାଇଥିଲା। ଏହାର ୧୩ ଦିନ ପରେ ପୀଡ଼ିତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପ୍ରଥମେ ଟ୍ରାଏଲ୍ କୋର୍ଟ ଓ ପରେ ହାଇକୋର୍ଟ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ କାଏମ୍ ରଖିଥିଲେ। ୬ ଅଭିଯୁକ୍ତଙ୍କ ମଧ୍ୟରୁ ତିହାର ଜେଲରେ ରାମ୍ ସିଂ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ଜଣେ ନାବାଳକଙ୍କ ବିଚାର ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ଦ୍ୱାରା କରାଯାଇଥିଲା। ଫାଶୀ ଦଣ୍ଡାଦେଶ ବିରୋଧରେ ୪ ଦୋଷୀ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ ହେଁ ଏହା ଖାରଜ ହୋଇଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ଶନି କ୍ଷେତ୍ରସ୍ଥ ଶୁକ୍ରଙ୍କ ନକ୍ଷତ୍ରରେ ଥିବାରୁ ମାନସିକ ଶିଥିଳତା ସହ ଅସ୍ଥିରତା ଭିତରେ ଦିନଟି ଅତିବାହିତ ହେବ। ବୃଶ୍ଚିକ ରାଶିସ୍ଥ ମଙ୍ଗଳଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ। ଆତ୍ମୀୟ ସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ। କୌଣସି ନୂତନ କର୍ମାରମ୍ଭ କରିବାରେ ବ୍ୟସ୍ତ ରହିପାରନ୍ତି।

**ବୃଷ**
ଆଧାତ୍ମିକ ଗ୍ରହ ଶନିଙ୍କ ଦୃଷ୍ଟିରେ କର୍ମସ୍ଥ ଶୁକ୍ର ହେତୁ ଧାର୍ମିକ କାର୍ଯ୍ୟ ସକାଶେ ମନବଳାଇବେ। ପାରିବାରିକ ସ୍ତରରେ ଅଟକି ରହିଥିବା କାମଗୁଡିକ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧିପାଇବ। କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ସବୁ କାମରେ ଆଗୁଆ ରହି କାମ କରିବା ହେତୁ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ମିଥୁନ**
ଧର୍ମଭାବକୁ ଗଣତନ୍ତ୍ରାଧିପ ଗ୍ରହ ଶନିଙ୍କ ଦୃଷ୍ଟିରୁ ସାମୂହିକ ଭାବରେ ଧର୍ମଭାବାପନ୍ନ କର୍ମ କରିବେ। ଆଜି ଯେତିକି ଅର୍ଥ ପାଇବେ ପ୍ରତିଦାନରେ ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। କୌଣସି ବ୍ୟକ୍ତିଙ୍କ ଫୁସୁଲାଫୁସୁଲି କଥାରେ ଭାସିଯାଇ ଅନୁତାପ କରିବାକୁ ପଡ଼ିପାରେ। ଆର୍ଦ୍ରା ନକ୍ଷତ୍ରର ସାମାଜିକ କ୍ଷେତ୍ରରେ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି।

**କର୍କଟ**
ଶୁକ୍ର ଓ ଚନ୍ଦ୍ରଙ୍କ ପାରସ୍ପରିକ ବିଷମଦୃଷ୍ଟି ଅର୍ଥାଭାବ ନ ଥାଇ ମଧ୍ୟ ଅଭିଳଷିତ କାର୍ଯ୍ୟ କରିପାରିବେ ନାହିଁ। ଆପଣଙ୍କୁ କୌଣସି ବନ୍ଧୁ ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ହଇରାଣରେ ପକାଇବାକୁ ଚେଷ୍ଟା କରିବାର ସୂଚନା ରହିଛି। ପୁନର୍ବସୁ ନକ୍ଷତ୍ର ସକାଶେ ବ୍ୟବସାୟ,ବାଣିଜ୍ୟ ଓ ପରିବହନ, ରାଜନୀତିରେ ସଫଳତା ମିଳିବ।

**ସିଂହ**
ଆଜି ରାହୁଯୁକ୍ତ ଚନ୍ଦ୍ର ହେତୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବା କଷ୍ଟକର ହୋଇପାରେ। ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଦିନ ଗୋଟାଏ ପରେ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ମହିଳା ମାନଙ୍କ କ୍ଷେତ୍ରରେ ରୋଗ, ଋଣ ଓ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ।

**କନ୍ୟା**
ଆଜି ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ଯୋଗୁ କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ଆଶ୍ୱସ୍ତି ପାଇପାରିବେ ନାହିଁ। ସକାଳୁ ସକାଳୁ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇ ପାରନ୍ତି। ବିବାଦୀୟ ଘଟଣାରେ ନୀରବତା ଓ ବ୍ୟବସାୟରେ ସତର୍କତା ଅବଲମ୍ବନ କରିବା ଭଲ। ତୀର୍ଥାଟନ, ବନ୍ଧୁମିଳନ, ଧର୍ମକାର୍ଯ୍ୟ ପ୍ରତ୍ୟେକ କାମରେ ସହାୟକ ହେବ।

**ତୁଳା**
ଧନାଧିପତିଙ୍କ ଧନଭାବ ମଣ୍ଡନ କାରଣରୁ ଆର୍ଥିକ ଉନ୍ନତି ସହ ବୈଷୟିକ ସୁଖ, ସମୃଦ୍ଧି, ମାନସିକ ଶାନ୍ତି ପ୍ରଦାନ କରିବ। ନିଜ ଲୋକମାନଙ୍କୁ ଅତି ନିକଟରେ ପାଇ ସାମୟିକ ମନଦୁଃଖକୁ ଭୁଲି ଯାଇପାରନ୍ତି। ପ୍ରଶାସନିକ ପରିଚାଳନା, ନୂତନ କାର୍ଯ୍ୟାରମ୍ଭର ପରିକଳ୍ପନା, ସଭାସମିତିର ଆଲୋଚନା ଯଥାବିଧି ସମ୍ପନ୍ନ ହେବ।

**ବିଚ୍ଛା**
ନୂତନ କାର୍ଯ୍ୟାରମ୍ଭ ସକାଶେ ପାରିବାରିକ ସ୍ୱୀକୃତି ସଙ୍ଗକୁ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହଯୋଗ କାମଟିକୁ ତ୍ୱରାନ୍ୱିତ କରିବ। ଈର୍ଷା ଓ ଅସୂୟା ମନୋଭାବ ନେଇ ନିକଟ ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। ବିଶାଖା ନକ୍ଷତ୍ରର ସ୍ୱାସ୍ଥ୍ୟଗତ ସମସ୍ୟା ଓ କର୍ମକ୍ଷେତ୍ରରେ ଅସନ୍ତୋଷର ବାତାବରଣ ମନକୁ ବିଚଳିତ କରିପାରେ।

**ଧନୁ**
ଦ୍ୱିତୀୟସ୍ଥ ରବି ଓ ବୁଧ ଆପଣଙ୍କୁ ଅପ୍ରିୟସତ୍ୟ କୁହାଇ ବନ୍ଧୁମାନଙ୍କ ବିରାଗଭାଜନ କରାଇପାରନ୍ତି। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ, ପରିବହନ, ଆନୁଷ୍ଠାନିକ କାମରେ ଉନ୍ନତି କରିବେ। ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ଆଶା କ୍ରମଶଃ ଉଜ୍ଜ୍ୱଳତର ହୋଇପାରେ।

**ମକର**
କର୍ମାଧିପ ଉଚ୍ଚରୋହୀ ହୋଇଥିବାରୁ କାର୍ଯ୍ୟସିଦ୍ଧି ସଙ୍ଗକୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇପାରନ୍ତି। ଅର୍ଥନୈତିକ ପରିସ୍ଥିତିରେ କ୍ରମୋନ୍ନତିର ଝଲକ ଦେଖିବାକୁ ମିଳିବା ହେତୁ ଖୁସୀ ରହିବେ। ପ୍ରଶାସନିକ କ୍ଷେତ୍ରରେ, କଳା,ସାହିତ୍ୟ ,ବାଣିଜ୍ୟ,ବ୍ୟବସାୟରେ ସାମୟିକ ଭାବରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ**
ରାହୁଙ୍କ ସ୍ଥିତି ଜନିତ ଭୁଲ୍ ନିଷ୍ପତ୍ତି ଗ୍ରହଣ କରି ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ଶାରୀରିକ ଅସୁସ୍ଥତା, ବିବାଦୀୟ ଘଟଣା, ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ବୁଝାମଣା ଅଭାବରୁ ପ୍ରତ୍ୟେକ କ୍ଷେତ୍ରରେ ବିତର୍କ ହୋଇପାରେ।

**ମୀନ**
ଧନାଧିପ ନିଜ ଭାବରୁ ଅଷ୍ଟମସ୍ଥ ଯୋଗୁ ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମନ ଭାରାକ୍ରାନ୍ତ ରହିବ। ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ଗତକାଲିର ଯୋଜନା ଓ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ଜାନୁୟାରୀ ୧୫ ତାରିଖ, ଭାରତୀୟ ସେନାଦିବସ, ଉତ୍ତରାୟଣ ମକର ସଂକ୍ରାନ୍ତି, ଉତ୍ତରାୟଣ ବନ୍ଦାପନା, ଶ୍ରୀଲୋକନାଥଦେବଙ୍କ ମକରଚୂଳ ବିଜେ, ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଘୃତକମ୍ବଳ, ଗଙ୍ଗାସାଗର ମେଳା, ମକରବୁଡ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ, ମାଘ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ବୁଧବାର, ରାଶି ନକ୍ଷତ୍ର–ଉତ୍ତରାଫାଲ୍‌ଗୁନୀ/ସିଂହ, ଦିବା ଘ.୧୨।୧୦ମି. ଗତେ କନ୍ୟା ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ.୭।୫୫ମି. ମଧ୍ୟେ ଘ.୧୦।୦୬ମି. ଗତେ ଘ.୧୧।୩୪ମି. ମଧ୍ୟେ ଅମୃତବେଳା।


# classifieds Everyday
0674-2580101, 2549302




**BRIDE WANTED**

Brahmin boy 1989, B-Tech IIT MBA IIM Manager, Mumbai.9437555525. D-16191

Brahmin groom 45y/ 5'6" B.Com LLB, Marketing of industrial goods and also in Astrology, suitable candidate may contact 9556756352, 9831106142. D-16081

**GROOM WANTED**

Age 35, Bank Job, ବିଧବା, ନିଃସନ୍ତାନ, ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67926

Now Matrimonial ads. only on Wednesday & Sunday Book 1 Get 1 FREE

Required suitable Khandayat/Karan boy for beautiful Karan girl, 1979, 5'5", 4/2, B.Sc. Contact SWAYAMVER: 9861501286. D-60862

Girl Age 30 B.Tech NIT Rourkela MBA IIM Ahmedabad Work as Brand Manager at Bangalore Caste-no-bar 8144589551. D-16199

Girl Age 28 B.Tech M.Tech BITS Ranchi, Work in MNC Company at Bangalore, Khandayat 9437078326, 700898603. D-16200

ଜାତିବନ୍ଧନ ନାହିଁ। 32, 5.3, B.Sc Nursing, Staff Nurse, ମାସିକ ଆୟ 35,000/- ପାଇଁ ଛାଡ଼ପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16151




**SALE**

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore-7809525452.** D-68749

213 Decml yellowzone gharabari sthitiban plot on 60ft. road, close to 200ft. wideroad, Mouza- Sundarpur, Bhubaneswar. Contact Owner: 9338342502. D-68959

Gharabari plots with boundary wall at Balianta, 4.0Km. from Hanspal. 9437277532. D-16194

ଭୁବନେଶ୍ୱର Tata Motor frontରେ 30' Road, Electric poll ସହିତ plot ବିକ୍ରି ହେଉଛି। 9439101373, 7077213675. D-16195

**ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରେ।ପରେ।ଗ1 ଘରବାରି ପ୍ଲଟ୍ ମିଳୁଛି। 9348906056.** D-68470

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68538

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68471

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16175

1BHK flat at Lingipur, Bhubaneswar and Puri road, it is located on the main road side very attractive location 693sqft. first floor with car parking. Price- 26.5lacs. Contact: 8104317396. D-68473




Construct your home with branded materials just @ 1350/- onwards, core house 850/-. For more details: 9438315332, 8249485093. D-16181




3BHK flat near Biju Pattnaik Energy Park, 350 mtrs. from Khandagiri Square. Contact: 9937235603. D-16196

1 Room with bathroom in Plot No.961/2415, Forest Park, Bhubaneswar for 1 person stay only. Rent: 2500/-, 9437008476. D-67275

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

One, Two roomed house 300sqft. in 3rd floor at Cuttack road, Jyoti Petrol Pump, adjacent to Yamaha Show Room and opposite to Falcon house, Bhubaneswar for immediate occupation, 9438081042, 9438668573. D-16162

One hall for Office 1000sqft. in the first floor suitable for Office, Business units will be vacant on 31st March 2020. Book immediately before others book it. This is on the Cuttack road, Jyoti Petrol Pump compound adjacent to Yamaha Show Room infront of Falcon house, Bhubaneswar, 9438081042, 9438668573. D-16163

**LEASE**

Plot available for poultry firm on leased basis at Balipatna. 9861048715, 9348251575. D-16149




Shivam logistic packers movers. Household/ car relocation countrywide. 9777044177, 9338461133. D-16087




Rejuvenate and ayurvedic full body massage by smart therapist. 9114402304. D-68946

Sai herbal spa refresh your body with smart, expert therapist. 7608062524. D-68954

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Ayurvedic full body massage ladies & gents smart therapist, 9668814589. D-68750

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Refresh your mind and soul with best therapy at Orchid Salon/Spa. 9937287222. D-68755

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**LEGAL NOTICE**

In the Court of Civil Judge, Senior Division, Koraput

I.C Case No.02/2019
No. 46/20
BETWEEN

1. Rambha Patro, aged about 29 yrs, D/o- Late Sunam Patro
2. Khira Patro, aged about 31 yrs, D/o- Late Sunam Patro
3. Lita Patro, aged about 36yrs, D/o- Late Sunam Patro
4. Sumani Patro, aged about 38yrs, D/o- Late Sunam Patro
5. Sabitri Patro, aged about 33yrs, D/o- Late Sunam Patro

All are resident of Village- Dangadeula, PO- OMP, PS- Koraput Sadar, Dist- Koraput

......Vrs......
None
NOTICE

Take notice that the above petitioners have filed the above case to obtain succession certificate to the estate of Late Sunam Patro, S/o- Late Krupa Patro, of Village- Dangadeula, P.O: OMP, P.S: Koraput Sadar, Dist- Koraput before this court, which is posted to 4.2.2020 for filing of objection. Hence the general public are hereby summoned through this notice to appear before this court on the date fixed to file objection, if any, failing which the matter will be heard and decided.

Given under the seal of this court on this the day of January, 2020.

Sd/-
Civil Judge, Senior Division, Koraput.
D-16193


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସଂକ୍ଷେପରେ

### ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ବାଲିଆ, ୧୪।୧:** ବିରିଡି ବ୍ଲକ ହାଜିପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପଞ୍ଚଦଶ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସଭାପତି ବିଭୁଦତ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ମୁଖ୍ୟଅତିଥି, ତିର୍ତ୍ତୋଲ ବିଧାୟକ ବିଷ୍ଣୁଚରଣ ଦାସ ସମ୍ମାନନୀୟ ଅତିଥି, ଲକ୍ଷ୍ମୀପ୍ରିୟା ମହାନ୍ତି ମୁଖ୍ୟବକ୍ତା, ଅପର୍ଣ୍ଣା ନାୟକ ସମ୍ମାନିତ ବକ୍ତା ଓ ପ୍ରେମ ସାଗର ବାବା ଅରକ୍ଷିତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସଭାପତିଙ୍କ ଦ୍ୱାରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ଦୀପ୍ତିମୟୀ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସମୀର କୁମାର ରାଉତ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ୨୫ଜଣ ବ୍ୟକ୍ତିବିଶେଷଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁଶ୍ରୀ ରୁଦ୍ରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଠାକୁର ନିଗମାନନ୍ଦଙ୍କ ଜ୍ୟୋତି ରଥକୁ ସମ୍ବର୍ଦ୍ଧନା

**ବାଲିଆ, ୧୪।୧:** ପୁରୀ ଜିଲା ନିଗମାନନ୍ଦଙ୍କ ଆଶ୍ରମରୁ ବାହାରିଥିବା ଠାକୁର ଶ୍ରୀଶ୍ରୀ ନିଗମାନନ୍ଦଙ୍କ ଜ୍ୟୋତି ରଥକୁ ମଙ୍ଗଳବାର ବିରିଡି ବ୍ଲକର ବିରିଡି ଛକଠାରେ ଶତାଧିକ ଶ୍ରଦ୍ଧାଳୁ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରଦ୍ଧାଳୁମାନେ ଜ୍ୟୋତିରଥକୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରିଥିଲେ। କୁଳକଇଜଙ୍ଗା ଅଞ୍ଚଳର ପ୍ରଭାତୀ ମଞ୍ଜରୀ ମହାନ୍ତି, ଡମ୍ବରୁଧର ଦାସ, ମୂର୍ଚ୍ଛନା ଦାସ, ସୁନିତା ମହାନ୍ତି, ବିଶ୍ୱନାଥ ଦାସ, ମାନସୀ ମହାନ୍ତି, ରୁନୁପ୍ରଭା ମହାନ୍ତି, ରଶ୍ମିତା ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ସୁବ୍ରତ ମହାନ୍ତି ପ୍ରମୁଖ ସଙ୍ଖ ହୁଳହୁଳି ଦେବା ସହ ଧୂପ, ଦୀପ ଓ ଭୋଗ ଲାଗି କରିଥିଲେ।

# ମହାନଦୀ ପଠାରୁ ଖସୁଛି ଅତଡ଼ା

**ତିର୍ତ୍ତୋଲ, ୧୪।୧ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ମହାନଦୀର ତିର୍ତ୍ତୋଲ-ପୋଷଲ ଖରାଦିନିଆ ରାସ୍ତା ହେଉଥିବା ସ୍ଥାନରେ ଏକ ପୋଲ ନିର୍ମାଣ ପାଇଁ ସର୍ଭେ ଆରମ୍ଭ ହୋଇଛି। ତେବେ ଯେଉଁ ସ୍ଥାନରେ ପୋଲ ନିର୍ମାଣ ପାଇଁ ସ୍ଥିର ହୋଇଛି ଏହି ସ୍ଥାନର ଅନତି ଦୂରରେ ମହାନଦୀ ପଠାରୁ ଅତଡା ଖସିବା ଆରମ୍ଭ ହୋଇଛି। ଅତଡ଼ା ଖସିବା ପ୍ରକ୍ରିୟା ଜାରି ରହିଲେ ଆଗାମୀ ଦିନରେ ପ୍ରସ୍ତାବିତ ପୋଲ ପ୍ରତି ବିପଦ ସୃଷ୍ଟି ହେବ। ଏହି ଆଶଙ୍କା ରହିଥିବାରୁ ନଦୀପଠା ଅତଡା ଖାଉଥିବା ସ୍ଥାନରେ ପଥର ପ୍ୟାକିଂ କରାଯିବାକୁ ଦାବି ହୋଇଛି। ଏଦିଗରେ ଦୃଷ୍ଟିଦେବାକୁ ସ୍ଥାନୀୟ ଅଧିବାସୀ ଜଳସମ୍ପଦ ବିଭାଗ ନିକଟରେ ନିବେଦନ କରିଛନ୍ତି। ଏହି ସ୍ଥାନରେ ପଥର ପ୍ୟାକିଂ କରାଗଲେ ନଦୀପଠା ସୁରକ୍ଷିତ ରହିବା ସହ ପଠାପ୍ରତି ଥିବା ବିପଦକୁ ଦୂର କରାଯାଇପାରିବ। ସୂଚନାଯୋଗ୍ୟ, ପୋଲ ହେବାକୁ ଥିବା ସ୍ଥାନରେ ପୂର୍ବରୁ ଡଙ୍ଗା ଘାଟଥିବାବେଳେ ଖରାଦିନେ ଏଠାରେ ଅସ୍ଥାୟୀ ଭାବେ ଆରଡି ବିଭାଗ ତରଫରୁ ରାସ୍ତା ନିର୍ମାଣ ହୁଏ। ଏହା ଉପରେ ତିର୍ତ୍ତୋଲ ଧୋୟା ଅଞ୍ଚଳର କୃଷ୍ଣାନନ୍ଦପୁରଠାରୁ କୋଲର ପଞ୍ଚାୟତ ପର୍ଯ୍ୟନ୍ତ ୧୦ଟି ପଞ୍ଚାୟତର ଅଧିବାସୀ ଯାତାୟାତ ନିମନ୍ତେ ନିର୍ଭର କରନ୍ତି। ଏଥିସହ ପଡ଼ୋଶୀ କେନ୍ଦ୍ରାପଡା ଜିଲା ଅଧୀନ ଗରଦପୁର ବ୍ଲକର କେତେକ ପଞ୍ଚାୟତବାସୀ ମଧ୍ୟ ଗମନା ଗମ ନ ସୁବିଧା ପାଇଥାନ୍ତି। ଏହି ସ୍ଥାନରେ ଏବେ ମାଟି ପରୀକ୍ଷା ସହ ପୋଲ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଥିବା ତିର୍ତ୍ତୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱରାଜ ବିଶ୍ୱାଳଙ୍କୁ ପଚାରିବାରୁ ପୋଲ ନିର୍ମାଣ ପାଇଁ ଏବେ ମାଟି ପରୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରିପୋର୍ଟ ଯିବା ପରେ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରାଯିବାର ଯୋଜନା ରହିଥିବା କହିଛନ୍ତି।

**ପ୍ରସ୍ତାବିତ ପୋଲ ପ୍ରତି ସୃଷ୍ଟି ହେବ ବିପଦ**



ମହାନଦୀ ପଠା।

- ଖୁବ୍‌ଶୀଘ୍ର ପଥର ପ୍ୟାକିଂ କରିବାକୁ ସାଧାରଣରେ ଦାବି
- ତିର୍ତ୍ତୋଲ-ପୋଷଲ ଖରାଦିନିଆ ରାସ୍ତାରେ ହେବ ପୋଲ

# ଖୋଲିଲା ଗୋରେଖନାଥ ପୀଠ ରୋଷଘର ତାଲା

## ଅଢ଼େଇ ମାସ ପାଇଁ ଜମା ହେଲା ୫୨ ହଜାର ଟଙ୍କା

**ରଘୁନାଥପୁର, ୧୪।୧ (ଡି.ଏନ.ଏ.)**

ଗୋରଖନାଥ ପୀଠରେ ପ୍ରସାଦ ପ୍ରସ୍ତୁତିକୁ ନେଇ ପୂଜକ ଓ ମ୍ୟାନେଜିଂ ଟ୍ରଷ୍ଟିଙ୍କ ମଧ୍ୟ ଲାଗି ଥିବା ବିବାଦ ସୋମବାର ଉପଜିଲାପାଳ ତଥା ଗୋରଖନାଥ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟିଙ୍କ କାର୍ଯ୍ୟାଳୟରେ ଆଲୋଚନା ପରେ ଅବସାନ ଘଟିଥିଲା। ମଙ୍ଗଳବାର ପୂଜକଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ନିରଞ୍ଜନ ପଣ୍ଡା, ସୁଦର୍ଶନ ଦାଶ, ଗୋଲେଖ ବିହାରୀ ଦାଶ, ବୀରକିଶୋର ଦାଶ ପ୍ରମୁଖ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟକୁ ଆସି ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପ୍ରସାଦ ପ୍ରସ୍ତୁତି ନିମନ୍ତେ ୫୨ ହଜାର ୮୩ ଟଙ୍କା ଦାଖଲ କରି ରସିଦ୍ ପ୍ରାପ୍ତ କରିଥିଲେ। ପ୍ରକାଶଥାଉ କି ମ୍ୟାନେଜିଂ ଟ୍ରଷ୍ଟିଙ୍କ ସମ୍ମୁଖରେ ପୂଜକମାନେ ବାର୍ଷିକ ୩ ଲକ୍ଷ ବଦଳରେ ଅଢେଇ ଲକ୍ଷ ଟଙ୍କା ଦେବାକୁ ପ୍ରସ୍ତାବ ରଖିବା ପରେ ଏହା ଗୃହୀତ ହୋଇଥିଲା। ତେବେ ୩ ମାସ ଦେୟ ବାବଦକୁ ୬୨ ହଜାର ୫ ଶହ ଟଙ୍କା ଡିପୋଜିଟ୍ କରିବାକୁ ପୂଜକମାନଙ୍କୁ କୁହାଯାଇଥିଲା। ଯେହେତୁ ଜାନୁୟାରୀ ୧୫ରେ ମକର ସଂକ୍ରାନ୍ତିରୁ ପ୍ରସାଦ ପ୍ରସ୍ତୁତି ନିମନ୍ତେ ସ୍ଥିର ହୋଇଥିଲା ଏବଂ ଏହା ମଧ୍ୟରେ ୧୫ ଦିନ ଗତ ହୋଇଯାଇଥିବାରୁ ପୂଜକମାନଙ୍କ ପକ୍ଷରୁ ଅଢେଇ ମାସ ପାଇଁ ଅମାନତ ଅର୍ଥ ଡିପୋଜିଟ୍ କରାଯାଇଥିଲା। ଏହା ପରେ କିରାଣି ସରୋଜ ସାହାଣୀ, ଟ୍ରଷ୍ଟ ବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ପ୍ରଦୀପ ମହାନ୍ତି, ସୁଶାନ୍ତ ଦାଶ, କ୍ଷୀରୋଦ ମହାନ୍ତିଙ୍କ ଉପସ୍ଥିତିରେ ରୋଷଘରର ତାଲା ଖୋଲି ପୂଜକମାନଙ୍କ ଜିମା ଦେଇଥିଲେ। ସଂକ୍ରାନ୍ତି ଉପଲକ୍ଷେ ପୀଠକୁ ଶ୍ରଦ୍ଧାଳୁଙ୍କ ଆଗମନକୁ ଲକ୍ଷ୍ୟ ରଖି ରୋଷଘର ଧୁଆ ପୋଛା କାର୍ଯ୍ୟ ସମ୍ପାଦନ ହୋଇଥିଲା। ବିବାଦର ଅବସାନ ଘଟିଥିବାରୁ ଅଞ୍ଚଳର ଜନସାଧାରଣ ତଥା ଆଗନ୍ତୁକ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଉଭୟେ ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ସଭ୍ୟ ବୃନ୍ଦ ଓ ପୂଜକମାନଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି।

# ପିପିଏଲ୍‌ର ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ

**ପାରାଦୀପ, ୧୪।୧ (ସ୍ୱ.ପ୍ର.)**

ପାରାଦୀପ ଫସଫେଟସ ଲିମିଟେଡ୍ (ପିପିଏଲ୍) ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ପିପିଏଲ୍ ଟାଉନ୍‌ଶିପରେ ଛାତ୍ରୀଛାତ୍ର, ଶିକ୍ଷକ, ସିକ୍ୟୁରିଟି ଗାର୍ଡ ଓ ଶ୍ରମିକଙ୍କୁ ନେଇ ରାହାଗିରି ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ସଡ଼କ ସୁରକ୍ଷା ସମ୍ପର୍କରେ ଶପଥପାଠ କରାଯାଇଥିଲା। ମହିଳାମାନେ ୨ଚକିଆ ଯାନରେ ରାଲି କରି ସୁରକ୍ଷା ବାର୍ତ୍ତା ବାଣ୍ଟିଥିଲେ। ପରେ ସଡ଼କ ସୁରକ୍ଷା ରଥକୁ କମ୍ପାନୀ ମୁଖ୍ୟ ରଣଜିତ୍ ସିଂଘ୍ରୁ ଉଦ୍‌ଘାଟନ କରିଥିଲେ। ରଥ ପାରାଦୀପ ଓ ଜଗତ୍‌ସିଂହପୁର ଜିଲାରେ ବୁଲି ଲୋକଙ୍କୁ ସଚେତନ କରିବ। କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ପ୍ରଣବ ଭଟ୍ଟାଚାର୍ଯ୍ୟ, ସେଫ୍ଟି ଅଫିସର ନିହାରକାନ୍ତ ରାଉତ ଉପସ୍ଥିତ ଥିଲେ।



ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

## ଏସ୍‌ଭିଏମ୍ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

# କ୍ରୀଡ଼ା ମଣିଷକୁ ଶାରୀରିକ ଓ ମାନସିକ ସୁସ୍ଥତା ଦିଏ

**ଜଗତ୍‌ସିଂହପୁର ଅଫିସ୍, ୧୪।୧**

ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ନୀତାରାଣୀ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷ ଅରବିନ୍ଦ ଚଇନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଗରିମା ଉପରେ ବଖାଣିଥିଲେ। ସେ କହିଥିଲେ, କ୍ରୀଡ଼ା ଉଭୟ ଶାରିରିକ ଓ ମାନସିକସ୍ତରରେ ମଣିଷକୁ ସୁସ୍ଥ ରଖିଥାଏ। ସମ୍ପ୍ରତି କ୍ରୀଡ଼ାକୁ ସମ୍ବଳ କରି ଅନେକ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି। ତେଣୁ ପିଲାମାନେ ପାଠ ସହ କ୍ରୀଡ଼ା ପ୍ରତି ଆକୃଷ୍ଟ ହେବା ଦରକାର ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ଏଚ୍‌ଓଡି ବିଶ୍ୱନାଥ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୀତାର ତତ୍ତ୍ୱକୁ ନେଇ କ୍ରୀଡ଼ାର ଆବଶ୍ୟକତା ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଶରୀର ହେଉଛି କର୍ମ ସାଧନର ମୁଖ୍ୟ ଉତ୍ସ। ସୁସ୍ଥ ଶରୀର ପାଇଁ ଖେଳକୁଦର ଆବଶ୍ୟକତା ଜରୁରୀ। ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ପ୍ରଦୋଷ ରଞ୍ଜନ ଦାସ, ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅନୀତା ସ୍ୱାଇଁ, ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପକ ଚିତ୍ରସେନ ପ୍ରଧାନ ପ୍ରମୁଖ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଉପରେ କହିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଡ. ବିଜୟ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଓ ଶାରୀରିକ ଶିକ୍ଷକ ଶ୍ରୀଧର କୁମାର ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ। ଉଦ୍‌ଘୋଷକ ଥିଲେ ଭାଷ୍ୟକାର ଡ. ନିର୍ମଳ ସୁନ୍ଦର ମିଶ୍ର ଓ ପ୍ରାଧ୍ୟାପକ ନିତାଇ ଚରଣ ତ୍ରିପାଠୀ। ଶେଷରେ ଅଧ୍ୟାପକ ଶୁଭେନ୍ଦୁ ମଉଳି ନନ୍ଦ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଜଗନ୍ନାଥ ବେହେରାଙ୍କ ସଂଯୋଜନାରେ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀଛାତ୍ରମାନେ ଶୃଙ୍ଖଳା ରକ୍ଷା କରିଥିଲେ। ସୁଦର୍ଶନ ପରିଡ଼ା, ସୁଶାନ୍ତ କୁମାର ସାହୁ ପରିଚାଳନାରେ ସହାୟତା କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ।


# INDIAN NAVY

## AN OCEAN OF OPPORTUNITIES

**Indian Navy invites applications from outstanding unmarried male sportsmen who have participated at International / Junior or Senior National / Senior State / All India University Championships in Athletics, Aquatics, Basketball, Boxing, Cricket, Football, Gymnastics, Handball, Kabbadi, Voleyball, Weighlifting, Wrestling, Squash, Fencing, Golf, Tennis, Kayaking & Canoeing, Rowing, Shooting, Sailing & Wind Surfing.**

### Details regarding Type of Entry & other qualifications are as under

| S NO. | TYPE OF ENTRY | AGE | EDUCATION QUALIFICATION |
|---|---|---|---|
| (a) | Direct Entry Petty Officer | Born between **01 February 1998** to **31 January 2003**; both dates inclusive. | 10+2 Qualified |
| (b) | Senior Secondary Recruit (SSR) | Born between **01 February 1999** to **31 January 2003**; both dates inclusive. | 10+2 Qualified |
| (c) | Matric Recruit (MR) | Born between **01 April 1999** to **31 March 2003**; both dates inclusive. | 10th / equivalent |

**NOTE:-** Please read the instructions given in the advertisement published in Employment News on **18 Jan 2020**. For details candidates can also visit our website **www.joinindiannavy.gov.in**

### Selection Criteria

Deserving candidates would be called to appear for trials at designated Naval Centers. The candidates qualifying trials will undergo medical examination at INS Hamla, Mumbai. The offer of enrolment will be forwarded to the selected candidates only, which will be strictly determined by requirement in particular sports disciplines and availability of vacancies. Request for change of venue of selection trials will not be entertained. Incomplete applications will not be accepted.

### How to Apply

(a) **Application Form.** The application is to be submitted on A4 size paper only as per the given format (available on website www.joinindiannavy.gov.in and published in Employment News dated 18 Jan 2020).

(b) Only one application form is to be forwarded. **Candidates who send more than one application for the same entry will be disqualified.**

(c) **Envelope.** The type of entry, sports discipline with achievements is to be clearly written on top of the envelope containing the application. Envelopes should be of brown colour. Example: Ag.PO/SSR/MR/NMR 01/2020 KABBADI - NATIONAL LEVEL

(d) **List of Documents.** The documents mentioned in the application form are to be punched and tied firmly with a strong thread to the application.

(e) **Photographs.** Candidates are required to submit one additional recent coloured passport size photograph along with the application with their name and signa ture on the reverse of the photograph. THE BACKGROUND OF THE PHOTOGRAPH SHOULD BE BLUE. Application received without photographs or not in the specified format will be rejected. **Computer generated/ digital photographs will not be accepted.**

**Note. Attesting Officer's name with office address / seal should be clear and legible.**

davp10701/11/0033/1920

**Last date of receipt of application is 26 Jan 2020 and for candidates of North East, J&K, Andaman & Nicobar, Lakshdweep & Minicoy Island is 31 January 2020.**

**THE APPLICATIONS ARE TO BE FORWARDED TO:-**
Indian Navy Sports Control Board, Integrated Headquarters of Ministry of Defence (Navy), 7th Floor, Chanakya Bhawan, Chanakya Puri, New Delhi - 1100 21

**Apply online through QR code**
**Step 1:** Download QR code scanner app
**Step 2:** Open QR code scanner app and scan it.
**Step 3:** Open URL and follow the instructions.

ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି- ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। -ଶ୍ରୀଅରବିନ୍ଦ

# ଦିଲ୍ଲୀରେ କିଏ

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ୧୪ ଜାନୁୟାରୀରେ ବିଜ୍ଞପ୍ତି ପ୍ରକାଶ ପାଇଛି। ୮ ଫେବୃୟାରୀରେ ସେଠାରେ ନିର୍ବାଚନ ଅନୁଷ୍ଠିତ ହେବ। ସେଥିଲାଗି ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଆମ୍ ଆଦ୍ମୀ ପାର୍ଟି (ଏଏପି) ଓ ଭାଜପା ମଧ୍ୟରେ ଟକ୍କର ହେବା ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ସେଠାରେ ଅରବିନ୍ଦ କେଜ୍‌ରିୱାଲ ସରକାର ଯେଉଭଳି ଭାବେ ଲୋକଙ୍କୁ ଦୀର୍ଘ ୫ ବର୍ଷ ଧରି ଶାସନ ଦେଇ ଆସିଛନ୍ତି, ତାଙ୍କୁ ସାମ୍ନା କରିବା ଭାଜପା ପାଇଁ କାଠିକର ପାଠ ହେବ ବୋଲି କୁହାଯାଉଛି। ଏପଟେ ଭାଜପା ଗତ ନିର୍ବାଚନରେ ଦିଲ୍ଲୀରେ ଖରାପ ପ୍ରଦର୍ଶନ କରିଥିବାରୁ ଏଥର ଆସନ ସଂଖ୍ୟା ବଢ଼ାଇବା ଲାଗି ପ୍ରାଣମୂର୍ଚ୍ଛା ଉଦ୍ୟମ କଲାଣି। ସବୁଠାରୁ ଆଲୋଚନାର ବିଷୟ ଯେ, ଭାଜପା ତା'ର ହିନ୍ଦୁତ୍ୱ ଚିନ୍ତାଧାରାକୁ ଦେଶର ରାଜଧାନୀ ଦିଲ୍ଲୀରେ ପ୍ରୟୋଗ କରି ଲାଭବାନ୍ ହେବାକୁ ଚେଷ୍ଟା କରୁଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିର୍ବାଚନ ଆସିଯାଇଥିବାରୁ ପୁଣି ରାମ ମନ୍ଦିର କଥା ଉଠାଇଲେଣି। ଆସନ୍ତା ୪ ମାସ ମଧ୍ୟରେ ଅଯୋଧ୍ୟାରେ ସୁଦୃଶ୍ୟ ରାମମନ୍ଦିର ନିର୍ମାଣ ଆରମ୍ଭ ହେବ ବୋଲି କହୁଛନ୍ତି। ଅର୍ଥାତ୍ ଭୋଟରଙ୍କ ମଧ୍ୟରେ ଧାର୍ମିକ ଚିନ୍ତାଧାରା ଉଜାଗର କରିବା ସକାଶେ ଭାଜପା ନେତାମାନେ ପ୍ରୟାସ କରୁଛନ୍ତି। କିନ୍ତୁ ଦିଲ୍ଲୀର ଭୋଟର ହିନ୍ଦୁତ୍ୱ ଚିନ୍ତାଧାରାରେ ଭାସିବେ କି ନାହିଁ, ତାହା ଭୋଟ ପରେ ଜଣାପଡ଼ିବ। ଜାତୀୟ ରାଜଧାନୀବାସୀ ଭାରତର ସବୁ ପ୍ରାନ୍ତରୁ ଯାଇ ସେଠାରେ ବସବାସ କରୁଛନ୍ତି। କହିବାକୁ ଗଲେ, ଦିଲ୍ଲୀ ହେଉଛି ଏକ ମିଶ୍ରିତ ସହର ରାଜ୍ୟ, ଯାହାକୁ 'କ୍ଷୁଦ୍ର ଭାରତ'ର ଆଖ୍ୟା ଦିଆଯାଇପାରିବ।

ଭାରତ ଏବେ ଅର୍ଥନୈତିକ ଦୁଃସ୍ଥିତି ଦେଇ ଗତି କରୁଛି। ବଜାରରେ ଏବେ ଦରଦାମ ଆକାଶଛୁଆଁ ହୋଇଛି। ଚଳିତ ଆର୍ଥିକ ବର୍ଷ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫ ବର୍ଷର ସର୍ବୋଚ୍ଚ ସ୍ତର ଟପି ୭.୩୫ ପ୍ରତିଶତ ସ୍ତରରେ ରହିଛି। ବିଶେଷକରି ପନିପରିବା ଓ ପିଆଜ ଦର ବଢ଼ି ଚାଲିଥିବାରୁ ଏହା ଖୁଚୁରା ମୁଦ୍ରାସ୍ଫୀତିକୁ ବୃଦ୍ଧି କରିଚାଲିଛି। ଗୋଟିଏ ପଟେ ଲୋକଙ୍କ ହାତରେ ଅର୍ଥ କମିଯାଇଥିବା ବେଳେ ଖାଦ୍ୟସ୍ଫୀତି ହେବା ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏହାର ହ୍ରାସ ଘଟିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ଦରଦାମ ବୃଦ୍ଧି, ବେକାରି ସମସ୍ୟା ଦେଶକୁ ଗ୍ରାସ କରୁଥିବାରୁ ଏହା ମୁଖ୍ୟ ପ୍ରସଙ୍ଗ ହେବା କଥା।

ନିକଟ ଅତୀତକୁ ଦେଖିଲେ ଯେତୋଟି ରାଜ୍ୟରେ ନିର୍ବାଚନ ହୋଇଯାଇଛି, ବିଶେଷକରି ୨୦୧୯ ଲୋକ ସଭା ନିର୍ବାଚନ ପରବର୍ତ୍ତୀ ସମୟର ସବୁ ରାଜ୍ୟରେ ଭାଜପାର ମୁଖ୍ୟମନ୍ତ୍ରୀ ହେବାର ଯୋଗ୍ୟତା ରଖିଥିବା ନେତାଙ୍କ ଘୋର ଅଭାବ ପରିଲକ୍ଷିତ ହୋଇଛି। ଲୋକ ସଭା ସହିତ ହୋଇଥିବା ବିଧାନସଭା ନିର୍ବାଚନରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଉଦାହରଣ ଦେଖାଯାଇପାରିବ। ଉଭୟ ରାଜ୍ୟରେ ଆଞ୍ଚଳିକ ଦଳର ଭିତିରି ସମର୍ଥନ ଯୋଗୁ କେତୋଟି ଆସନରେ ବିଜୟଲାଭ କରିଥିବା ଭାଜପା ବିଧାନସଭା ନିର୍ବାଚନରେ ମାଡ଼ ଖାଇଗଲା। ତାହାର ପରବର୍ତ୍ତୀ ସମୟରେ ହୋଇଥିବା ମହାରାଷ୍ଟ୍ର, ହରିୟାଣା ଓ ଝାଡ଼ଖଣ୍ଡ ଭଳି ରାଜ୍ୟରେ ଭାଜପା ସରକାର ଥିବା ସତ୍ତ୍ୱେ ଦଳର ବିପୁଳ ପରାଜୟ ପରିଲକ୍ଷିତ ହୋଇଛି। ହରିୟାଣାରେ ଏକ କ୍ଷୁଦ୍ର ଆଞ୍ଚଳିକ ଦଳର ସହଯୋଗ ଲୋଡ଼ିବା ପାଇଁ ବଳବାନ୍ ଭାଜପା ବାଧ୍ୟ ହୋଇଥିଲା। ଦିଲ୍ଲୀର ପରିସ୍ଥିତି ଓଡ଼ିଶାରେ ବସି କହିବା କଷ୍ଟକର। କିନ୍ତୁ ଆମ୍ ଆଦ୍ମୀ ପାର୍ଟି ନେତୃତ୍ୱରେ ଥିବା କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦରେ ଏବେ ଅଛନ୍ତି ଓ ତାଙ୍କ ଦଳ ଜିତିଲେ ସେ ରହିବା ସୁନିଶ୍ଚିତ। ଅନ୍ୟପଟେ ଭାଜପାର ଜିତାପଟ ହେଲେ ମଧ୍ୟ କିଏ ସେଠାରେ ମୁଖ୍ୟମନ୍ତ୍ରୀ ହେବେ ତାହାକୁ ନେଇ ଟଣାଓଟରା ଅବଶ୍ୟମ୍ଭାବୀ। ଆଜିର ପରିସ୍ଥିତି ଦେଖିଲେ ଭୋଟରଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯୋଗ୍ୟତା ରଖିଥିବା କୌଣସି ଭାଜପା ନେତା ନ ଥିବା ବେଳେ ବିଜ୍ଞାପନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଛବି ଦର୍ଶାଯାଉଛି। ଓଡ଼ିଶାରେ ଅବିକଳ ତାହା ହିଁ କରାଯାଇଥିଲା। ଫଳରେ ଓଡ଼ିଶାବାସୀ ସ୍ପଷ୍ଟ ନିଷ୍ପତ୍ତି ନେଲେ। ଦେଖିବା ଦିଲ୍ଲୀବାସିନ୍ଦା କେତେ ବୁଦ୍ଧିର ସହିତ ନିଷ୍ପତ୍ତି ନେଉଛନ୍ତି।

# ଶିକ୍ଷକ ସଶକ୍ତୀକରଣ



ଡ. ସୁବାସ ଚନ୍ଦ୍ର ପାତ୍ର

ନାରୀ ସଶକ୍ତୀକରଣ, କୃଷକ ସଶକ୍ତୀକରଣ ସରକାରଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ହୋଇଥିଲାବେଳେ ଶିକ୍ଷକ ସଶକ୍ତୀକରଣ ଏକ ଅପ୍ରସଙ୍ଗ, ଏକ ବିଡ଼ମ୍ବନା ଭଳି ଶୁଭିପାରେ। କାରଣ ଯୁଗେଯୁଗେ ଶିକ୍ଷକମାନେ ସଶକ୍ତ ତଥା ଅନ୍ୟମାନଙ୍କ ପାଇଁ ଶକ୍ତିର ଉତ୍ସ ବୋଲି ବିଚାର କରାଯାଏ। ଦୁର୍ଭାଗ୍ୟର କଥା ଏହି ବିଡ଼ମ୍ବନା ହିଁ ଆଜିର ବାସ୍ତବତା। ଶିକ୍ଷକମାନଙ୍କର ସେ ସଂଜ୍ଞା ଆଜି ପରାହତ, ସେମାନେ ଏକ ବିଭାଗର ଅଧସ୍ତନ, ମାମୁଲି କର୍ମଚାରୀ। ନା ଅଛି ସେମାନଙ୍କର ସ୍ୱାଧୀନତା, ନା ଅଛି ସ୍ୱାୟତ୍ତତା, ନା ଅଛି ସେମାନଙ୍କର ଶକ୍ତି ପ୍ରଦର୍ଶନ ବା ଉପଯୋଗର ସୁଯୋଗ।

ଶିକ୍ଷକମାନେ କେଡ଼େ ସଶକ୍ତ, କେଡ଼େ ସମ୍ମାନାସ୍ପଦ ତା'ର ବଡ଼ ଉଦାହରଣ ହେଲା ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ପାଇଁ ଶିକ୍ଷା ନିର୍ଦ୍ଦେଶକଙ୍କ ବାସଭବନରେ ପହଞ୍ଚିଯିବା। ଏହି ପ୍ରକାର ଏକ ବିରଳ ଉଦାହରଣ ସୃଷ୍ଟି କରିଥିଲେ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, ସେତେବେଳେ ଶିକ୍ଷା ନିର୍ଦ୍ଦେଶକ ଥାଆନ୍ତି ଡ. ବଳଭଦ୍ର ପ୍ରସାଦ। ଆଗରୁ ଶୈକ୍ଷିକ ନିଷ୍ପତ୍ତି ଓ କାର୍ଯ୍ୟପନ୍ଥା ବୋର୍ଡସ୍ତରରେ ବା ବିଶ୍ୱବିଦ୍ୟାଳୟସ୍ତରରେ ନିଆଯାଉଥିଲା। ସେଥିପାଇଁ ସରକାର ସେମାନଙ୍କୁ ସ୍ୱୟଂଶାସିତ କରିଥିଲେ ଏବଂ ସ୍ଥଳବିଶେଷରେ କିଛି ମାର୍ଗଦର୍ଶିକା ପ୍ରଦାନ କରୁଥିଲେ। ଏବେ ସବୁ ଶୈକ୍ଷିକ ନିଷ୍ପତ୍ତି ଯଥା ସିଲାବସ ପ୍ରସ୍ତୁତି, ପ୍ରଶ୍ନପତ୍ରର ରୂପରେଖ, ମୂଲ୍ୟାୟନ ପ୍ରଣାଳୀ ସବୁ ସରକାରୀସ୍ତରରେ ନିଆଯାଉଛି। ବିଶ୍ୱବିଦ୍ୟାଳୟର କୁଳପତି ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଡକରା ପାଇ ସେଠି ଅଂଶଗ୍ରହଣକାରୀ ହିସାବରେ ଭାଗ ନିଅନ୍ତି। ନିଷ୍ପତ୍ତି କ୍ଷେତ୍ରରେ ସେମାନଙ୍କର କିଛି ଭୂମିକା ନ ଥାଏ। କୌତୁକର କଥା ଯେଉଁମାନେ ଯାଆନ୍ତି ସେମାନେ ସରକାରଙ୍କ ନିଷ୍ପତ୍ତିରେ ହଁ ଭରିବା ପାଇଁ ପ୍ରତିଯୋଗିତା କରିବାକୁ ହାଜର ହୋଇଥାନ୍ତି। କ୍ୱଚିତ୍ କୌଣସି କୁଳପତି ବା ଅଧ୍ୟକ୍ଷ, ନିଜସ୍ୱ ସ୍ୱାଧୀନ, ନିରପେକ୍ଷ, ମୌଳିକ ତଥା ପୃଥକ୍ ମତ ରଖନ୍ତି। ଏହାର କାରଣ ସମସ୍ତଙ୍କୁ ଜଣା। ନିଜ ହାକିମଙ୍କ ନାକତଳେ ଆପଣ କେତେ ସ୍ୱାଧୀନ ହେବେ? ଯେହେତୁ ସରକାରଙ୍କ ମୁଖ୍ୟକାମ ସ୍ୱଳ୍ପମିଆଦୀ ଭିତ୍ତିରେ କାମ ଚଳେଇ ନେବା ଏବଂ ତାହାରି ଭିତରେ ନୂଆ କିଛି କରାଯାଉଛି କହି ହଟଚଟମ ସୃଷ୍ଟି କରିବା, ଉପସ୍ଥିତ ଶିକ୍ଷା କର୍ତ୍ତୃପକ୍ଷମାନେ ସାମୂହିକ ଭାବରେ ସେଥିରେ ସାମିଲ ହୁଅନ୍ତି। ଶିକ୍ଷାର ଗୁଣାତ୍ମକତା ଏବଂ ନିଆଯାଇଥିବା ସିଦ୍ଧାନ୍ତର ଦୀର୍ଘମିଆଦୀ ଲାଭକ୍ଷତି ବିଷୟରେ କେହି ପାଟି ଫିଟାନ୍ତି ନାହିଁ। ଯାହାର ପରିଣାମ ଛାତ୍ରୀଛାତ୍ରମାନେ ଭୋଗନ୍ତି। ଗୋଟିଏ ଉଦାହରଣ ନିଆଯାଉ।

ସରକାର ମହାବିଦ୍ୟାଳୟସ୍ତରରେ ସିବିସିଏସ୍ (ଚଏସ୍ ବେସ୍‌ଡ କ୍ରେଡିଟ୍ ସିଷ୍ଟମ୍) ଲାଗୁ କରିବା ସହିତ ଜାତୀୟ ସିଲାବସ ଲାଗୁ କରିବାର ସିଦ୍ଧାନ୍ତ ନେଲେ। ପ୍ରଥମେ ଓଡ଼ିଶାର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ ଅନ୍ୟାନ୍ୟ ଜାତୀୟ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମକୁ ନ ବୁଝି ଲାଗୁ କଲେ ଏବଂ ପରେ ସରକାର ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କୁ ସେହି ବିଶ୍ୱବିଦ୍ୟାଳୟକୁ ଅନୁସରଣ କରିବାକୁ କହିଲେ। ଫଳ ହେଲା ଅନୁସରଣ, ଅନୁକରଣ, ହନୁକରଣ। ଥରେ କେହି ବିଚାର କଲେନାହିଁ ସେ ସିଲାବସ ପଢ଼ାଇବା ପାଇଁ ଆମ ମହାବିଦ୍ୟାଳୟରେ ଉପଲବ୍ଧ ସ୍ଥାୟୀ ଓ ଅସ୍ଥାୟୀ ଶିକ୍ଷକମାନେ କେତେ କ୍ଷମ, ସିଲାବସ ସନ୍ନିବେଶିତ ପତ୍ରସଂଖ୍ୟା ପାଇଁ ଉଦ୍ଦିଷ୍ଟ ପୁସ୍ତକମାନ ଅବା ବିଷୟବସ୍ତୁ ବଜାରରେ ଉପଲବ୍ଧ କି ନୁହେଁ ବା ଏହା କେତେଦୂର ଛାତ୍ରୀଛାତ୍ରମାନଙ୍କ ପାଇଁ ଗ୍ରହଣୀୟ ଏବଂ ଉପଯୋଗୀ। ଅର୍ଥାତ୍ ଛାତ୍ରୀଛାତ୍ରଙ୍କର ଆବଶ୍ୟକତା, ଶିକ୍ଷକମାନଙ୍କ ଦକ୍ଷତା, ପାଠ୍ୟପୁସ୍ତକର ବଜାର ଉପଲବ୍ଧି କଥା କେହି ଭାବିଲେ ନାହିଁ କି କହିଲେ ନାହିଁ। ଫଳ ହେଲା, ସରକାରଙ୍କୁ 'ଅନୁକରଣ' କରି କାମ ଚଳେଇବା ନ୍ୟାୟରେ ଯିଏ ଯାହା ପାରିଲା ପଢ଼େଇ ନ ପଢ଼େଇ କର୍ତ୍ତବ୍ୟ ସମ୍ପାଦନ କଲେ। ଛାତ୍ରୀଛାତ୍ରମାନେ ସେହି କାମଚଳା ଜ୍ଞାନ ନେଇ ନିଯୁକ୍ତି ବଜାରରେ ଅଯୋଗ୍ୟ ବିବେଚିତ ହେଲେ।

ସ୍ୱାଧୀନତା ଶିକ୍ଷକତାର ମୂଳଭିତ୍ତି ଏବଂ ଏହି ବୃତ୍ତିକୈନ୍ଦ୍ରିକ ସ୍ୱାଧୀନତା ହିଁ ସଶକ୍ତୀକରଣର ଅନ୍ୟ ନାମ। ଏ ସ୍ୱାଧୀନତାକୁ ସିଲାବସ ପ୍ରସ୍ତୁତି, ପାଠ୍ୟପୁସ୍ତକ ପ୍ରଣୟନ, ପ୍ରଶ୍ନପତ୍ର ତିଆରି, ମୂଲ୍ୟାୟନ କ୍ଷେତ୍ରରେ ଉପଯୋଗ କରାଯାଇପାରେ। ଏବେ ଏସବୁ କାମ କେନ୍ଦ୍ରୀୟ ଭାବରେ ସମ୍ପାଦିତ ହେଉଛି, କିଛି ଅଳ୍ପ ସଂଖ୍ୟକ ହଁ ଭରିବାକୁ ଆଗ୍ରହୀ ଲୋକଙ୍କୁ ନେଇ। ଏ ବାବଦରେ କିଛି ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ। ଅର୍ଥାତ୍ ପ୍ରସ୍ତାବିତ ସିଲାବସର ରୂପରେଖ, ପାଠ୍ୟପୁସ୍ତକର ତଥା ପ୍ରଶ୍ନପତ୍ରର ମଡେଲ ବିଭାଗୀୟ ୱେବସାଇଟ୍‌କୁ ବା ଗଣମାଧ୍ୟମକୁ ସର୍ବସାଧାରଣଙ୍କ ଅବଗତି ତଥା ଶିକ୍ଷାସ୍ୱାର୍ଥ ସହିତ ଜଡ଼ିତ ସମସ୍ତ ପକ୍ଷଙ୍କ ଗୋଚରାର୍ଥେ ବା ପରାମର୍ଶଲାଭ ପାଇଁ ପ୍ରକାଶ କରାଯାଉ ନାହିଁ କିମ୍ବା ପ୍ରାଥମିକ ସ୍ତରରେ ଏସବୁ କାମ ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ କୌଣସି ବିଜ୍ଞାପନ ବା ଖବର ମଧ୍ୟ ବାହାରୁ ନାହିଁ। କହିବା ବାହୁଲ୍ୟ ଯେ, ଶିକ୍ଷା ସମ୍ବନ୍ଧୀୟ ପରାମର୍ଶ ବା ବିଚାର ଉପସ୍ଥାପନ କାହାରି ଏକଚାଟିଆ କାରବାର ନୁହେଁ। ଶିକ୍ଷାକୁ ଭଲ ପାଉଥିବା, ବୁଝୁଥିବା, ତା' ବିଷୟରେ ଅହରହ ଚିନ୍ତିତ ରହୁଥିବା ଯେକୌଣସି ବ୍ୟକ୍ତି ଏ କ୍ଷେତ୍ରରେ ପରାମର୍ଶ ରଖିପାରିବେ। ସେ କାର୍ଯ୍ୟରତ ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ, ବିଜ୍ଞ ଅଭିଭାବକ, ନାଗରିକ, ପୁରାତନ ଛାତ୍ର ବା ଶିକ୍ଷାବିତ୍ ହୋଇପାରିବେ। କଥାରେ ଅଛି ଦୁଇଟି ମୁଣ୍ଡ ଗୋଟିଏ ମୁଣ୍ଡଠୁ ଅଧିକ ଉପକାରୀ। ସରକାର ସମଗ୍ର ଶିକ୍ଷକକୁଳକୁ ସଶକ୍ତ କରି ବ୍ୟକ୍ତିଗତ ସ୍ତରରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଓ ସମ୍ମାନାସ୍ପଦ ବୋଲି ଭାବନା ସୃଷ୍ଟି କରିବା ପୂର୍ବକ ସେମାନଙ୍କ ସଶକ୍ତ ଜ୍ଞାନକୁ ଶିକ୍ଷାଦାନ, ସିଲାବସ ନିର୍ମାଣ, ପାଠ୍ୟପୁସ୍ତକ ରଚନା, ପ୍ରଶ୍ନପତ୍ର ପ୍ରସ୍ତୁତି ଇତ୍ୟାଦି କ୍ଷେତ୍ରରେ ବିନିଯୋଗ କରି ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁସଂହତ କରନ୍ତୁ। କଟକ ବା ଭୁବନେଶ୍ୱରରେ ଅବସ୍ଥାପିତ ୫/୧୦ଜଣ ବୋଲକରାଙ୍କୁ ଧରି ଗୋଟିଏ ବ୍ୟବସ୍ଥା ଚଳାଯାଇ ପାରେନା। ଥରେ ସବୁକିଛି ଖୋଲା ଏବଂ ସ୍ୱଚ୍ଛ ହେଲେ ଓଡ଼ିଶା ତଥା ଓଡ଼ିଶା ବାହାରେ ଅବସ୍ଥାପିତ ଶିକ୍ଷା ସହିତ ଜଡ଼ିତ ବହୁଲୋକ ଏଥିରେ ସାମିଲ ହୋଇପାରିବେ।

ତୃଣମୂଳର ସୁଦୃଢ଼ତା ଏକ ସଶକ୍ତ ଓ ସୁଦୃଢ଼ ସମାଜର ନିଦର୍ଶନ। ଶିକ୍ଷାକ୍ଷେତ୍ରରେ ତୃଣମୂଳ ସମ୍ପୂର୍ଣ୍ଣ ଅବାନ୍ତର ଏବଂ ଏହି କ୍ଷେତ୍ରରେ ନିଯୁକ୍ତ ଶିକ୍ଷାସେବୀମାନେ ନିଜକୁ ଅର୍ବାଚୀନ ମଣନ୍ତି, ଯେହେତୁ କୌଣସି କ୍ଷେତ୍ରରେ ସେମାନଙ୍କର ଗଠନମୂଳକ ପରାମର୍ଶ ଦେବାର ଅଧିକାର ବା ସୁଯୋଗ ନାହିଁ। ଅର୍ଥାତ୍ ସକାଳୁ ଉଠି ଜଣେ ଶିକ୍ଷକ ବା ଅଧ୍ୟାପକ ଖବର କାଗଜରୁ ଜାଣିବାକୁ ପାଏ ଏ ବର୍ଷ କି ପ୍ରକାର ସିଲାବସ ହେବ, କି ପ୍ରକାର ପ୍ରଶ୍ନପତ୍ର ହେବ, କି ପ୍ରକାର ପାଠ୍ୟପୁସ୍ତକ ପଢ଼ାହେବ ଇତ୍ୟାଦି। କ୍ଷେତ୍ରୀୟ ଦାୟିତ୍ୱ ତାଙ୍କର ହୋଇଥିବାବେଳେ ସମଗ୍ର ପ୍ରକ୍ରିୟାରେ ତାଙ୍କର କିଛି ଭୂମିକା ନ ଥାଏ। ଓଡ଼ିଶାରେ ଏହି ପ୍ରକାର ଏକ 'ଟପ୍ ଡାଉନ ଆପ୍ରୋଚ' ବା 'ଉପରୁ ତଳକୁ ଲଦି ଦେବା ପ୍ରକ୍ରିୟା' ଚାଲିଛି। ଅଥଚ ଆଧୁନିକ ବ୍ୟବସ୍ଥା ଏହାର ବିପରୀତ କଥା କହେ ଅର୍ଥାତ୍ ଏକ ଫଳପ୍ରଦ କାର୍ଯ୍ୟ 'ବଟମ୍ ଅପ୍' ବା 'ତଳୁ ଉପରକୁ ବାର୍ତ୍ତା କୈନ୍ଦ୍ରିକ' ହେବା ଆବଶ୍ୟକ।

ସାମାଜିକ ବା ଆନୁଷ୍ଠାନିକ ସମ୍ମାନ ମଣିଷକୁ ସଶକ୍ତୀକରଣର ଅନୁଭବ ପ୍ରଦାନ କରେ। ସରକାରଙ୍କ ସୌଜନ୍ୟ ତଥା ବିଭିନ୍ନ କାରଣରୁ ଶିକ୍ଷକମାନଙ୍କ ସମ୍ମାନ ଆଜି ଭୂଲୁଣ୍ଠିତ। ବେଳେବେଳେ ଆନୁଷ୍ଠାନିକ ସମ୍ମାନ ସାମାଜିକ ସମ୍ମାନରେ ରୂପାନ୍ତରିତ ହୁଏ। ଦୁଃଖର ସହ କହିବାକୁ ପଡୁଛି ଓଡ଼ିଶାର ବିଭିନ୍ନ ଜିଲାର ବା ଓଡ଼ିଶା ସରକାରଙ୍କ କୌଣସି ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାପାଳ ବା ବିଭାଗୀୟ ସଚିବ ବା ମନ୍ତ୍ରୀ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହେଉଥିବା ବେଳେ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟ ବା କୁଳପତି ବା ଅଧ୍ୟକ୍ଷ ବା ସେଥିରେ କାର୍ଯ୍ୟରତ କୌଣସି ଅଧ୍ୟାପକଙ୍କୁ ପୁରସ୍କୃତ କରିବାର ବ୍ୟବସ୍ଥା ନାହିଁ କି ସେ ବିଚାର ମଧ୍ୟ ନାହିଁ। ଏକ ନିରପେକ୍ଷ ଫର୍ମାଟ୍ ମାଧ୍ୟମରେ ତୃତୀୟ ପକ୍ଷଦ୍ୱାରା ଏ ପ୍ରକାର ବ୍ୟବସ୍ଥା କରାଯାଇପାରେ ଯାହା ଶିକ୍ଷକ ସମାଜକୁ ଏକ ଭଲ ବାର୍ତ୍ତା ପହଞ୍ଚାଇବ।

ଶିକ୍ଷକମାନେ ଘଣ୍ଟାୱାରି କାମ କରୁଥିବା କଳକାରଖାନାର ଶ୍ରମିକ ନୁହନ୍ତି ବା ଶିକ୍ଷାଳୟମାନ ସରକାରଙ୍କର ଗୋଟିଏ ଗୋଟିଏ ଦପ୍ତର ନୁହେଁ। ଶିକ୍ଷକମାନେ ଯେତେ ସଶକ୍ତ, ସମ୍ମାନିତ, ସ୍ୱାଧୀନ ଏବଂ ଗୁରୁତ୍ୱପୂର୍ଣ୍ଣ ଅନୁଭବ କରିବେ ସେତେ ସେମାନେ ନିଜକୁ ଉନ୍ନୀତ କରି ଆତ୍ମପ୍ରଗତି ତଥା ଛାତ୍ରପ୍ରଗତିରେ ଧ୍ୟାନ ଦେବେ ଏବଂ ଏହାର ସାମୂହିକ ଲାଭ ଛାତ୍ରସମାଜ ତଥା ସରକାର ହିଁ ଅମଳ କରିବେ। ଶିକ୍ଷକମାନଙ୍କୁ ଯଦି ୟୁନିଫର୍ମ ପିନ୍ଧି (କଲେଜ ଶିକ୍ଷକମାନଙ୍କ କ୍ଷେତ୍ରରେ ୟୁନିଫର୍ମ ପ୍ରଚଳନର କାଳେ ପ୍ରସ୍ତାବ ରହିଛି!) ଘଣ୍ଟାୱାରି କାମ କରୁଥିବା ଶ୍ରମିକ ହିସାବରେ ଚିତ୍ରିତ କରାଯାଏ ସେମାନେ ଦିନକୁ ଦିନ ପୂର୍ବଗୌରବ ହରାଇ ହତୋତ୍ସାହ ହୋଇପଡ଼ିବେ, ଯାହା ସେମାନଙ୍କ ଶିକ୍ଷାଦାନ, ଅଧ୍ୟୟନକୁ ପ୍ରଭାବିତ କରିବ ଏବଂ ଏହା ଏକ କୁଫଳ ହିସାବରେ ବ୍ୟବସ୍ଥାକୁ ହିଁ କ୍ଷତିଗ୍ରସ୍ତ କରିବ।

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ଼,
ବାଲେଶ୍ୱର, ମୋ:୯୪୩୭୩୭୬୨୧୯

## ଚିରନ୍ତନୀ

ମୁଁ ଦେହ, ପ୍ରାଣ ତୁ, ମୁହିଁ ଜ୍ଞାନ, ତୁ ମୁକତି
ମୁଁ ଧରମ, ମୋକ୍ଷ ତୁହି, ତୁ ପିତା ମୁଁ ମାତା-
ବଢ଼ାଏଁ ଯେ ଶିଶୁ ମୋର ଅନ୍ତର-ରକତେ,
ତୁ ଯେ ତାକୁ ଦେଉ ଚକ୍ଷୁ ଜୀବନୀ-ଶକତି,
ଅନ୍ଧୁଣୀ ମୁଁ ଧାତ୍ରୀ ସିନା, ତୁ ପରମ ଧାତା!
(ପୁରୁଷ)

ଭୁଲିଗଲି ମୋର ଛୋଟ ଘରଟିର
ପୁରୁଣା ମାଟି-
ଦୂର ଦିଗନ୍ତ ଧାନ ବିଲେ କେତେ
ଖେଳିଛି ଖେଳ
ମାନି ନାହିଁ ଖରା ବରଷା ପବନ
ପିଛିଳ ବାଟ
ଶଇଶବ ପ୍ରିୟ ବନ୍ଧନ ସବୁ
ଆସିଲି କାଟି!
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 1 | 0 | | | | | | | | | B | | D | |
| | | | C | | 0 | 2 | | | D | | 9 | | | 3 |
| | | | 1 | | | | | | | | C | 8 | | |
| | | A | | | | | B | | 0 | | | 7 | | |
| | 5 | | | 3 | 9 | | E | | | | | | | 1 |
| | A | 1 | 2 | 9 | | D | | | | | 3 | B | 8 | |
| | | C | | | | 9 | 5 | | | 1 | | | | |
| | 9 | 4 | 6 | | | | | | 8 | | | | 1 | 7 |
| 6 | | | | | 3 | | | E | 7 | | | 9 | | 0 |
| 7 | | | 5 | | | | | 0 | | A | 4 | | | |
| | 4 | | | 2 | | | | 8 | | | D | | 0 | 9 |
| | | 8 | 9 | | | C | | | | | | | | |
| 5 | 0 | | 4 | D | | | | 3 | | 2 | | | C | 6 |
| 3 | | D | 0 | | 8 | | | 9 | | | | 4 | 7 | 5 |
| | | | | | | | 7 | | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 0 | C | D | E | 1 | B | 8 | 5 | 7 | 2 | 9 | 4 | 6 | A |
| 7 | 4 | 9 | A | 5 | 6 | 0 | 1 | E | C | 8 | B | 3 | 2 | D |
| 6 | 5 | A | 8 | 7 | 2 | C | 3 | 9 | 4 | 1 | D | 0 | B | E |
| D | B | 2 | 4 | C | 3 | A | 7 | 6 | E | 5 | 0 | 1 | 8 | 9 |
| 8 | E | 1 | 9 | B | 0 | 4 | D | 2 | 3 | A | 6 | 7 | 5 | C |
| 5 | 2 | D | B | 3 | 9 | 6 | A | 1 | 8 | 7 | 4 | C | E | 0 |
| 0 | A | 8 | 6 | 4 | C | E | 2 | 7 | B | D | 5 | 9 | 3 | 1 |
| E | 9 | 6 | 1 | 2 | 5 | D | B | 4 | 0 | 3 | C | A | 7 | 8 |
| 4 | 1 | 3 | 0 | 8 | 7 | 5 | 9 | C | 2 | E | A | B | D | 6 |
| B | C | 7 | E | A | D | 3 | 0 | 8 | 9 | 6 | 1 | 5 | 4 | 2 |
| C | 7 | E | 2 | D | 4 | 1 | 6 | 0 | 5 | 9 | 3 | 8 | A | B |
| 2 | 6 | 0 | 3 | 1 | 8 | 7 | C | B | A | 4 | E | D | 9 | 5 |
| 1 | 3 | 4 | 5 | 9 | B | 8 | E | A | D | 0 | 2 | 6 | C | 7 |
| A | D | B | 7 | 0 | E | 9 | 5 | 3 | 6 | C | 8 | 2 | 1 | 4 |
| 9 | 8 | 5 | C | 6 | A | 2 | 4 | D | 1 | B | 7 | E | 0 | 3 |

ଗତକାଲିର ଉତ୍ତର

# ବଢ଼ିଚାଲିଛି ସଡ଼କ ଦୁର୍ଘଟଣା



ଶେଖ୍ ଫରିଦ୍‌ଉଦ୍ଦିନ୍

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି। କେନ୍ଦୁଝର, ସମ୍ବଲପୁର, ଯାଜପୁର, ବାଲେଶ୍ୱର, ଗଞ୍ଜାମ, ପୁରୀ ରାଜ୍ୟର ଦୁର୍ଘଟଣାପ୍ରବଣ ଜିଲା ପାଲଟିଛି। ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବା ସହିତ ରାଜପଥରେ ମୃତାହତଙ୍କ ସଂଖ୍ୟା ବି ବଢ଼ିବାରେ ଲାଗିଛି। ରିପୋର୍ଟ ଅନୁଯାୟୀ ୨୦୧୮ରେ ୧୩,୭୨୧ ମୋଟର ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୪୯୫୪ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୭ରେ ୧୦,୮୫୫ଟି ମୋଟର ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୪୭୯୦ ଜଣ ମୃତ୍ୟୁବରଣ କରିଛନ୍ତି। ୨୦୧୬ ମସିହାରେ ୧୦,୫୩୨ଟି ମୋଟର ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୪୪୬୩ ଥିଲା। ୨୦୧୫ରେ ୧୦୫୪୨ଟି ସଡ଼କ ଦୁର୍ଘଟଣାରେ ୪୩୦୩ଜଣ ମରିଥିଲେ।

ବିଶେଷଜ୍ଞମାନଙ୍କ ମତରେ ଗାଡ଼ି ଚାଳକଙ୍କ ଭୁଲ, ସଡ଼କ ସମସ୍ୟା, ଗାଡ଼ି ନିର୍ମାଣରେ ତ୍ରୁଟି, ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଯୋଗୁ ଦୁର୍ଘଟଣା ସଂଖ୍ୟା ବଢ଼ିଚାଲୁଛି। ବିଗତ କିଛିବର୍ଷ ଧରି ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଛି। ଜାତୀୟ ରାଜପଥଗୁଡ଼ିକର ଠିକଣାଭାବେ ରକ୍ଷଣାବେକ୍ଷଣ ହେଉ ନ ଥିବା ବେଳେ ସାଧାରଣ ଲୋକ ଏ ନେଇ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରୁଛନ୍ତି। ୨୦୧୮ ମସିହାରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ସର୍ବାଧିକ ୬୯୪ଟି ଦୁର୍ଘଟଣା ଘଟିଥିବାବେଳେ କେନ୍ଦୁଝର ଜିଲାରେ ଦୁର୍ଘଟଣା ଯୋଗୁ ସର୍ବାଧିକ ୪୦୭ଜଣ ମୃତ୍ୟୁବରଣ କରିଛନ୍ତି। ଗଞ୍ଜାମ ଜିଲାରେ ଦୁର୍ଘଟଣାରେ ୩୧୩ ମରିଥିବା ଜଣାଯାଇଛି। ୨୦୧୫ ମସିହାରେ ମୋଟର ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଗଞ୍ଜାମ ଜିଲାରେ ସର୍ବାଧିକ ୨୪୨ ଥିବାବେଳେ ୨୦୧୬ରେ ଏହା ୨୭୫ ଥିଲା। ଜିଲା ପ୍ରଶାସନକୁ ଦୁର୍ଘଟଣା ହ୍ରାସ ଲାଗି ଯୋଜନା ପ୍ରସ୍ତୁତ ସହିତ ତାହାକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି। କିନ୍ତୁ ବର୍ଷକୁ ବର୍ଷ ସଡ଼କ ଦୁର୍ଘଟଣା ସହିତ ତାଳଦେଇ ମୃତାହତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ପ୍ରତିବର୍ଷ ସରକାରୀ ଭାବେ ଓ ବିଭିନ୍ନ ବେସରକାରୀ ସଂଗଠନ ନିଜ ନିଜ ଉଦ୍ୟମରେ

### ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ

ସଡ଼କ ସୁରକ୍ଷା ସପ୍ତାହ ପାଳନ କରୁଛନ୍ତି। ସମାଜରେ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ନିଶାଗ୍ରସ୍ତ ହୋଇ ଗାଡ଼ି ଚାଳନା, ମୋବାଇଲ ଫୋନରେ ଗପି ଗାଡ଼ି ଚଳାଇବା, ଫିଟ୍‌ନେସ ନ ଥିବା ଗାଡ଼ି ରାଜମାର୍ଗରେ ଚାଲିବା ଓ ସର୍ବୋପରି ମୁଖ୍ୟ କାରଣ ହେଉଛି ଅବ୍ୟବସ୍ଥିତ ସଡ଼କ। ତେବେ ସରକାର ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣରେ ରଖିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅନେକ ଯୋଜନା କରୁଥିଲେ ବି ତାହାର କୌଣସି ମୂଲ୍ୟ ରହୁନାହିଁ। ବିଶେଷକରି ନାବାଳକମାନେ ଗାଡ଼ି ଚଳାଚଳ କରୁଥିବାରୁ ଏହା ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଉପହାସ ନିଶ୍ଚୟ। ରାଜ୍ୟର ବିଭିନ୍ନ କୋର୍ଟରେ ସଡ଼କ ଦୁର୍ଘଟଣା ସମ୍ପର୍କିତ ମାମଲା ବର୍ଷ ବର୍ଷ ଧରି ପଡ଼ିରହୁଛି। ଦୁର୍ଘଟଣାର ଶିକାର ହେଉଥିବା ଅନେକ ଲୋକ ଶାରୀରିକ ଭାବେ ବିକଳାଙ୍ଗ ହୋଇ ବର୍ଷ ବର୍ଷ ଧରି ବିଛଣାରେ ପଡ଼ି ରହୁଛନ୍ତି। ସେମାନଙ୍କର ସୁନେଲି ସ୍ୱପ୍ନ ଓ ପରିବାର ପାଇଁ ଉତ୍ତରଦାୟିତ୍ୱ ସବୁକିଛି ଶେଷ ହୋଇଯାଉଛି। ସରକାର କୋଟି କୋଟି ଟଙ୍କାର ଟୋଲ ରାଜସ୍ୱ ଆଦାୟ କରୁଛନ୍ତି। ଜନସାଧାରଣଙ୍କୁ ସୁବିଧା ଯୋଗାଇଦେବା ନାଁରେ ନୂଆ ନୂଆ ସଡ଼କ ଖୋଲିଯାଉଛି ସତ, କିନ୍ତୁ ସେ ତୁଳନାରେ ସରକାରୀ ବ୍ୟବସ୍ଥିତ ସୁବିଧା ସୁଯୋଗ ନାହିଁ। ପୋଲିସ ବା ଆର୍‌ଟିଓ ଗାଡ଼ି ଚେକିଂ କରିବା ବାହାନାରେ କେବଳ ଅର୍ଥ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି। ରାସ୍ତାକଡ଼ରେ ଆମ୍ବୁଲାନ୍ସ ବା ଟ୍ରମା ଚିକିତ୍ସାର ବ୍ୟବସ୍ଥା ନାହିଁ। ଲୋକମାନଙ୍କ ଭିତରେ ସଚେତନତା ବଢ଼ାଇବା ପାଇଁ ମଧ୍ୟ ସେପରି ଆନ୍ତରିକ ଉଦ୍ୟମ କରାଯାଉନାହିଁ।

କେନ୍ଦ୍ର ଓ ରାଜ୍ୟସ୍ତରରେ କେବଳ ମୋଟର ଦୁର୍ଘଟଣା ମାମଲା ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ଲାଗି ୨୦୧୪ରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶାବଳୀ ଜାରି କରିଥିଲେ, ଯାହାକି ଅଳିଆଗଦାରେ ପଡ଼ିଛି। ସେହିପରି ବିଭିନ୍ନ ସ୍ଥାନର ଭିନ୍ନ ଭିନ୍ନ କୋର୍ଟରେ ମାମଲା ପଡ଼ିରହୁଥିବାରୁ ପୀଡ଼ିତମାନେ କ୍ଷତିପୂରଣ ପାଇବାରେ ଅହେତୁକ ବିଳମ୍ବ ଘଟୁଛି। ନିକଟରେ ସୁପ୍ରିମ୍‌କୋର୍ଟ ଏକ ପଚିଶ ବର୍ଷ ତଳର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାରେ ହାଇକୋର୍ଟର କ୍ଷତିପୂରଣ ଅର୍ଥର ପାଞ୍ଚଗୁଣା କ୍ଷତିପୂରଣ ଦେବା ପାଇଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସରକାର କଡ଼ାକଡ଼ି ଭାବେ ଏହି ନିର୍ଦ୍ଦେଶାବଳୀକୁ ପାଳନ କରିବା ସହ ସଡ଼କ ଦୁର୍ଘଟଣା ମାମଲାର ତ୍ୱରିତ ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟ ଗଠନ କଲେ ପୀଡ଼ିତମାନେ ନ୍ୟାୟ ପାଇପାରିବେ।

ମଧୁପୁର, କୁଆଁପାଳ, କଟକ,
ମୋ: ୯୪୩୭୦୦୪୮୮୮

## ଏଇ ଭାରତରେ

ଉତ୍ତରପ୍ରଦେଶର ଜଣେ ଯୁବକ ତାଙ୍କ ପ୍ରଚେଷ୍ଟାରେ ପିଲାମାନଙ୍କ ଲାଗି ସଫଳତାର ସୌଧ ଗଢୁଛନ୍ତି। ନୋଏଡାନିବାସୀ ପ୍ରଦ୍ୟୁତ ବୋଲେଟି ଏଭଳି ସେବାରେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି। ସେ ମଧ୍ୟ କୌନ ବନେଗା କରୋଡପତିରେ ୧୭ ଲକ୍ଷ ଟଙ୍କା ଜିତିଛନ୍ତି। କିନ୍ତୁ ଏହି ଟଙ୍କାକୁ ଗାଁ ପିଲାମାନେ କିପରି ବାସ୍କେଟ୍‌ବଲ ଚାମ୍ପିୟନ ହେବେ ସେଥିଲାଗି ବ୍ୟୟ କରୁଛନ୍ତି। ପ୍ରଦ୍ୟୁତ ୨୦୧୪ରେ ଆମେରିକାରେ ବାସ୍କେଟ୍‌ବଲ ପ୍ରଶିକ୍ଷଣ ନେଇ ସ୍ୱଦେଶ ଫେରି ନୋଏଡା ପାଖ ଗାଁ ଗେଜାରେ ପ୍ରଥମେ ପିଲାମାନଙ୍କୁ ବାସ୍କେଟବଲ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ଏହି ଗାଁରେ ପ୍ରାୟ ୬୫୦ ପିଲାଙ୍କ ପାଖରେ ଏହି ଖେଳକୁ ପହଞ୍ଚାଇବା ଲାଗି ପ୍ରାରମ୍ଭରୁ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ପରେ ସମସ୍ତଙ୍କୁ ଏକାଠି କରି ଖେଳ ପ୍ରଶିକ୍ଷଣ ଦେବା ଆରମ୍ଭ କରି ଏବେ ଆଖପାଖ ଗାଁର ପ୍ରାୟ ଦେଢ଼ ହଜାର ପିଲାଙ୍କୁ ଏଥିରେ ସାମିଲ କରିଛନ୍ତି। ସେ ୫ ବର୍ଷ ହେବ ଡ୍ରିବଲ୍ ଏକାଡେମୀ ପ୍ରତିଷ୍ଠା କରି କୋଚ୍‌ମାନଙ୍କୁ ନିଯୁକ୍ତି ଦେଇଛନ୍ତି ଓ ସେମାନେ ପ୍ରତି ଗାଁରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କ ଏକାଡେମୀରୁ ବହୁ ପିଲା ଆମେରିକାରେ ଖେଳି ଫେରିଲେଣି। ୧୪ ବର୍ଷରୁ କମ୍ ରାଜ୍ୟ ଟିମ୍‌ରେ ତାଙ୍କ ଏକାଡେମୀର ପିଲାମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। କେତେଜଣ ଜାତୀୟ ଟିମ୍‌କୁ କ୍ୱାଲିଫାଏ ବି କରିଛନ୍ତି। ଏହି ପିଲାମାନଙ୍କୁ ନେଇ ବିଭିନ୍ନ ଟୁର୍ନାମେଣ୍ଟରେ ସେ ଭାଗ ନେଉଛନ୍ତି ଓ ଯେଉଁ ଅର୍ଥ ରାଶି ଜିତୁଛନ୍ତି ତାହାକୁ ପିଲାମାନଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି। ପିଲାମାନଙ୍କୁ ବାସ୍କେଟବଲ୍, ଜୋତା ଓ ପୋଷାକ ମଧ୍ୟ ଯୋଗାଇ ଦେଉଛନ୍ତି ପ୍ରଦ୍ୟୁତ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଜାନୁୟାରୀ ୧୯୯୫**

- ବାଂଲାଦେଶର ଉତ୍ତରାଞ୍ଚଳରେ ଏକ ଲୋକାଲ ଟ୍ରେନ୍ ସହ ଏକ୍ସପ୍ରେସ ଟ୍ରେନ୍‌ର ଧକ୍କା ହେବା ଫଳରେ ୧୫୦ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ବିଶ୍ୱବ୍ୟାଙ୍କ ପକ୍ଷରୁ ଶ୍ରୀଲଙ୍କାକୁ ଦିଆଯିବାକୁ ଥିବା ୧୦୦ ମିଲିୟନ ଆମେରିକୀୟ ଡଲାର ଋଣ ପ୍ରଦାନକୁ ସ୍ଥଗିତ ରଖାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### '୫-ଟି'ର ପ୍ରଭାବ ସ୍ଥାୟୀ କି

ମହାଶୟ,

ଯେତେ ଯାହା କଲେ ମଧ୍ୟ ଯେପର୍ଯ୍ୟନ୍ତ ସରକାରୀ କର୍ମଚାରୀମାନଙ୍କର ନିଷ୍ଠାର ଅଭାବ ରହିବ କୌଣସି କ୍ଷେତ୍ରରେ ସୁଧାର ଆସିବ ନାହିଁ। ସେମାନଙ୍କୁ ବାଟକୁ ଆଣିବା ପାଇଁ ଯେଉଁ '୫-ଟି'ର ଛାଟ ଲଗାଯାଇଛି, ତାହା ମାତ୍ର କେତେ କ୍ଷଣର କମ୍ପନ, ଶବ୍ଦ ତରଙ୍ଗ ପରି ମିଳେଇଯିବ। ଉତ୍ତମ ସେବା, ଉତ୍ତମ କାର୍ଯ୍ୟଦକ୍ଷତା ଯିଏ ଦେଖାଇପାରିବ ତାହା ପାଇଁ ସରକାର ଲୋଭାଣିଆ ଆଗୁଆ ପ୍ରମୋଶନର ବ୍ୟବସ୍ଥା କରିଛନ୍ତି- ଏହାଦ୍ୱାରା କର୍ମଚାରୀ ଜଣକ ବର୍ଷେ କି ଦୁଇବର୍ଷ ଖୁବ୍ କାର୍ଯ୍ୟଦକ୍ଷତା ଦେଖେଇବ, ମାତ୍ର ଆଗୁଆ ପ୍ରମୋଶନ ପାଇସାରିଲା ପରେ ସେହି ପୂର୍ବ ଅବସ୍ଥାକୁ ଫେରିଆସିବ। ତେବେ ସବୁ କର୍ମଚାରୀ ସମାନ ନୁହନ୍ତି। ଯେପର୍ଯ୍ୟନ୍ତ ସେବା ମନୋଭାବଠାରୁ ଦୂରେଇ ଯାଉଥିବା ବାବୁମାନଙ୍କର ମାନସିକତାରେ ପରିବର୍ତ୍ତନ ନ ଆସିବ ଯେତେ ଆଇନକାନୁନ୍, ନୀତିନିୟମ ଅଛି ସବୁ ନିରର୍ଥକ ପାଲଟିଯିବ। ଲାଞ୍ଚ ନେବା ଓ ଲାଞ୍ଚ ଦେବା ଅପରାଧ, ମାତ୍ର ସାଧାରଣ ମଳିମୁଣ୍ଡିଆ ଲୋକ ଲାଞ୍ଚ ଦେବା ପାଇଁ ବାଧ୍ୟ ହୋଇଥାଏ କାରଣ କାର୍ଯ୍ୟଟି ପାଇଁ ନିଜର କାମଧନ୍ଦା ଛାଡି ୧୦ଥର ଅଫିସକୁ ଦୌଡିବା ଅପେକ୍ଷା ହାତଗୁଞ୍ଜା ଦେଇ କରାଇନେବାକୁ ସେ ଶ୍ରେୟସ୍କର ମନେକରେ। ଏହା ନିତିଦିନିଆ ଘଟଣା।

ସୁଧାକର ବେହେରା, କାଶୀପୁର

### ପୋର୍ଟାଲ ବନ୍ଦ

ଓଡ଼ିଶା ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପୋର୍ଟାଲଟି ବନ୍ଦ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ସେମାନଙ୍କ ନାମ ଖାଦ୍ୟ ସୁରକ୍ଷା ତାଲିକାରେ ସଂଯୋଗ କରି ପାରୁନାହାନ୍ତି। ପୁନଶ୍ଚ କେତେକ ହିତାଧିକାରୀ ସେମାନଙ୍କର ତ୍ରୁଟି ସଂଶୋଧନ କରି ଖାଦ୍ୟ ଯୋଗାଣ ତାଲିକାରେ ନାମ ଦରଜ କରିବାର ସୁବିଧା ପାଉନାହାନ୍ତି। ଫଳରେ ସେମାନେ ରାଶନ କାର୍ଡ ମାଧ୍ୟମରେ ମିଳୁଥିବା ସରକାରୀ ସୁବିଧାରୁ ଦୀର୍ଘଦିନ ହେଲା ବଞ୍ଚିତ ହୋଇ ଆସୁଛନ୍ତି। ବିଭାଗୀୟ ଅଧିକାରୀ ଏଥି ପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ଚିନ୍ତାମଣି ମହାପାତ୍ର, ଅଭୟ ମୁଖୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବଳାତ୍କାର ଉଦ୍ୟମ, ଅଭିଯୁକ୍ତ କୋର୍ଟ ଚାଲାଣ

**କୋରେଇ, ୧୪।୧ (ସ୍ୱ.ପ୍ର.):** ପାଣିକୋଇଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରୁଥିବା ବଡବିରୁହାଁ ଗ୍ରାମର ସୁବ୍ରତ ଭୋଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବତୀ ଜଣକ ଘର ନିକଟରେ ଯାଉଥିବା ବେଳେ ସୁବ୍ରତ ତାଙ୍କୁ ରାସ୍ତାକଡ଼କୁ ଟାଣି ନେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ସମ୍ପୃକ୍ତା ଯୁବତୀଙ୍କ ପାଟି ଶୁଣି ତାଙ୍କ ଭାଇ ଓ ଭଉଣୀ ସେଠାରେ ପହଞ୍ଚିବା ସହ ସୁବ୍ରତଙ୍କୁ କାବୁ କରିଥିଲେ। ଏ ନେଇ ପୀଡିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧/୨୦ ନଂ.ରେ ଏକ ମାମଲା ରୁଜୁ କରିବା ସହ ସୁବ୍ରତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମାଙ୍କଡ଼ା ପଥର ଚାଲାଣ ବେଳେ ୨ ଟ୍ରାକ୍ଟର ଜବତ

**କାଳିଆପାଣି, ୧୪।୧**

ସୁକିନ୍ଦା ତହସିଲର କାଙ୍କଡ଼ପାଳ ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ରହିଥିବା ୭ ପଞ୍ଚାୟତରୁ ବେଆଇନ ଭାବେ ମୋରମ ଓ ମାଙ୍କଡ଼ାପଥର ଚୋରା ଚାଲାଣ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ସୋମବାର ସୁକିନ୍ଦା ପୋଲିସ ଚଢ଼ାଉ କରି ମାଙ୍କଡ଼ା ପଥର ବୋଝେଇ ୨ ଟ୍ରାକ୍ଟର ଜବତ କରିଛି। ମାଙ୍କଡ଼ା ପଥର ଓ ମୋରମ ଚାଲାଣ ହେଉଥିବା ଖବରପାଇ ପୋଲିସ ପିମ୍ପୁଡ଼ିଆ ପଞ୍ଚାୟତର ବିଭନ୍ନ ପଥରଖଣି ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ନମ୍ବର ବିହୀନ ଗୋଟିଏ ଟ୍ରାକ୍ଟର ସହ ଆଉ ଏକ ଟ୍ରାକ୍ଟର (ନଂ.ଓଡ଼ି-୦୫-ଏଲ- ୬୧୭୦)କୁ ଜବତ କରାଯାଇଛି। ଉକ୍ତ ଗାଡ଼ି ଦୁଇଟିର କାଗଜପତ୍ର ଠିକ୍ ନଥିବା ଜଣାପଡ଼ିଛି। ଏ ନେଇ ତହସିଲଦାର ବିଶ୍ୱଜିତ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସମ୍ଭବ ହୋଇପାରିନାହିଁ। ସୂଚନାଯୋଗ୍ୟ, ସୁକିନ୍ଦା ବ୍ଲକ ଅଧୀନ ପିମ୍ପୁଡ଼ିଆ, ନୂଆଡ଼ିହ, ଚଟକିପଶି, ବାଲିଅଞ୍ଚାରୀ, ଗିରିଙ୍ଗାମାଳୀ, ଭାଲୁକିପାତଳା, ନୂଆଁପାଣି, ମହୁଲଖାଲ, କୁସୁମଡ଼ିହା ଆଦି ସ୍ଥାନରୁ ମାଫିଆମାନେ ମୋରମ ଓ ମାଙ୍କଡ଼ା ପଥର ବେଧଡ଼କ ବାହାରକୁ ଚାଲାଣ କରୁଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ବି, ସ୍ଥାନୀୟ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

### ମହାବୀର ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

## ଉନ୍ନତମାନର ଶିକ୍ଷା ପିଲାଙ୍କ ଉପସ୍ଥାନ ବଢ଼ାଇଛି

**ଯାଜପୁର ଟାଉନ, ୧୪।୧ (ଡି.ଏନ୍.ଏ.)**




ଯାଜପୁର ସହର ନିକଟ କପାସୀଠାରେ ଥିବା ମହାବୀର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା କୃଷି ଅଧିକାରୀ ଶରତ ଚନ୍ଦ୍ର ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯାଜପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁ ସରକାରୀ ସ୍କୁଲରେ ଉପସ୍ଥାନ ବଢ଼ିବା ସହ ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରବାସୀ ଭାରତୀୟ ରବୀନ୍ଦ୍ର କୁମାର ରାଉତ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଯାଜପୁର ଜିଲା ଖବରଦାତା ସଂଘ ସଭାପତି ସମରଜିତ୍ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ କ୍ରୀଡ଼ାବିତ୍ ଶ୍ରୀହର୍ଷ ରାଉତରାୟ, ସାମାଜିକ କର୍ମୀ ଦିଗମ୍ବର ରାଉତ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଶିକ୍ଷକ ଅଶୋକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରସରିକା ଧୀର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରମୁହାଁ ସେବା ସମିତିରେ ଧାନମଣ୍ଡି ଖୋଲିଲା

**ଧର୍ମଶାଳା, ୧୪।୧ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଅଧୀନ ଚୋରମୁହାଁ ସମବାୟ ସେବା ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ମଣ୍ଡିକୁ ଧର୍ମଶାଳାର ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଳଧର ମହାନ୍ତି ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ବିନୋଦିନୀ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ମହାନ୍ତି, ମଧୁସୂଦନ ସାହୁ, ବସନ୍ତ ପରିଡା, ଶଶୀକାନ୍ତ ସାମଲ, ଦୁଃଶାସନ ସ୍ୱାଇଁ ଓ ଏମଆଇ ଜଗମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୬ଜଣ ଚାଷୀଙ୍କ ଠାରୁ ୬୭୪.୨୩ କୁଇଣ୍ଟାଲ ଧାନ କିଣାଯାଇଥିଲା। ଚଣ୍ଡିଖୋଲସ୍ଥିତ ମହାବଳୀ ମିଲର ଏହି ଧାନ କିଣିଥିଲେ। ମଙ୍ଗଳବାର ସୁଦ୍ଧା ୧୩ଟି ସମବାୟ ସମିତିରୁ ୬ଟିରେ ମଣ୍ଡି ଖୋଲାଯାଇ ମୋଟ ୮୯୦୬.୯୪ କୁଇଣ୍ଟାଲ ଧାନ କିଣାଯାଇଛି। ଚାଷୀଙ୍କ ଠାରୁ ଧାନ କୁଇଣ୍ଟାଲ ପିଛା ୧୮୧୫ ଟଙ୍କାରେ କିଣାଯାଇଛି।



# ମହାନଦୀ କୋଲଫିଲ୍ଡସ ଲିମିଟେଡ୍

MCL

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗ୍ରୁତି ବିହାର, ବୁର୍ଲା—୭୬୮୦୨୦, ଜିଲ୍ଲା:— ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିକ୍ସ)— ୦୬୬୩—୨୫୪୨୪୬୧ରୁ ୪୬୯, ୱେବ୍‌ସାଇଟ୍: www.mahanadicoal.in

## ଇ-ଟେଣ୍ଡର ନୋଟିସ୍

ମହାନଦୀ କୋଲଫିଲ୍ଡସ ଲିମିଟେଡ୍‌ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଇ-ଟେଣ୍ଡର ପୋର୍ଟାଲ (https://coalindiatender.nic.in) ରେ ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ ସେଣ୍ଟ୍ରାଲ ପବ୍ଲିକ୍ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି। ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବ୍‌ସାଇଟ୍‌କୁ ପରିଦର୍ଶନ କରନ୍ତୁ।

| କ୍ର. ନଂ | ଟେଣ୍ଡର ଆଇଡି | ଟେଣ୍ଡର ଶୀର୍ଷକ | ଟେଣ୍ଡର ମୂଲ୍ୟ (₹)ରେ |
|---|---|---|---|
| 1. | 2019_MCL_159384_1 | Day to day maintenance of water supply pipe line at N.S. Nagar Colony of Bharatpur Project for a period of 02 years. | 8715648.00 |
| 2. | 2020_MCL_160749_1 | Hiring of 01 (ONE) Covered Jeep (Bolero / Sumo or equivalent vehicle (Diesel) 6 plus 1 seater with AC fitted) for 24 hours duty for use at Bhubaneshwari OCP of Jagannath Area for 682 days in 02(two) years. | 1401510.00 |
| 3. | 2020_MCL_160897_1 | Procurement of Multigas Detector with five sensors for mine no-3 of Orient Colliery. | 277300.00 |
| 4. | 2020_MCL_160918_1 | Cleaning of Garbage in N.S. Nagar Colony and Bharatpur Market Complex of BOCP for a period of 02 years. | 3431970.00 |
| 5. | 2020_MCL_160940_1 | Strengthening and widening of road from G.M. office to Bankadhara Chhak (NH) via local sale gate, Lingaraj Area. | 9526809.00 |
| 6. | 2020_MCL_160941_1 | Making pathway and developing lawn and park at Sharma Chack colony at Lingaraj OCP, Lingaraj Area. | 3361746.00 |
| 7. | 2020_MCL_160942_1 | Operation of valves of sprinkler system at Deulbera Siding of Lingaraj OCP, Lingaraj Area. (For two years). | 1010771.00 |
| 8. | 2020_MCL_160808_1 | Annual maintenance of NRB and other miscellaneous works at Lakhanpur OCP of Lakhanpur Area for safety fortnight. | 2025079.00 |
| 9. | 2020_MCL_160989_1 | Providing 40 mm Metal and Sand in the Outdoor Switch Yard including Pre cast slab on cable trench drain of 33KV/ 3.3KV Sub station of Ananta Open Cast Project, Jagannath Area. | 1342028.00 |
| 10. | 2020_MCL_161001_1 | Fabrication of one no. of 60 drum float and two nos. of 24 drum float for mines de-watering at Garjanbahal OCP, Basundhara Area. | 503223.00 |
| 11. | 2020_MCL_161024_1 | Annual cleaning of 03 Nos In-motion Weigh Bridge and House Keeping at Ananta Open Cast Project for a period of 02(two) years. | 1499520.00 |
| 12. | 2020_MCL_161014_1 | Regular Cleaning of Weigh Bridge Platform, Rooms inside Handidhua Coal Depot and near Welcome Gate with cleaning of siding office at Ananta Open Cast Project for a period of 02(two) years. | 1667957.00 |
| 13. | 2020_MCL_160794_1 | Hiring of 01 No. AC fitted Tata Winger or Equivalent Diesel Ambulance for 24 hrs duty, max 4000 km run per month for a period of two years (341 working days per year) for Samaleswari OCP, IB Valley Area. | 2223620.00 |
| 14. | 2020_MCL_160965_1 | Study of Geo Referenced Coordinates required for preparation of DGPS Maps,posting of 500 nos of pillars and authentication of the same by ORSAC in respect of Forest Diversion Proposal of 230.20 Ha of Samaleswari OCP Expansion, Phase-IV,rated capacity. | 6710601.00 |
| 15. | 2020_MCL_160501_1 | Procurement of 06 nos. of Load Haul Dump Machines. | 32808405.00 |
| 16. | 2020_MCL_160967_1 | Hiring of one no. Pick-up Van having seating capacity 4 plus 1 on 24 hrs duty basis with deployment of two nos. of drivers, max run 3500 km/month for 02 years (682 working days) for Lakhanpur OCP, Lakhanpur Area, MCL. | 1344222.00 |
| 17. | 2019_MCL_159087_1 | Procurement of MS Nut for Nandira Colliery MCL Talcher Area. | 658440.00 |
| 18. | 2020_MCL_161016_1 | Procurement of BF Hooks for Nandira Colliery MCL TA. | 121835.00 |
| 19. | 2020_MCL_161044_1 | Procurement of Hand Coal Drill Machine for Nandira Colliery MCL TA. | 125080.00 |
| 20. | 2020_MCL_161068_1 | Hiring of a Xylo/Scorpio or equivalent Covered Vehicles with A/c fitted (Diesel) for 24 hours duty for use at Jagannath OCP,JA for 682 days in 02(two) years. | 1539956.00 |
| 21. | 2020_MCL_161071_1 | Hiring of 01 (ONE) Covered Jeep (Bolero / Sumo or equivalent vehicle (Diesel) 6 plus 1 seater with AC fitted) for 12 hours duty for use at Bhubaneshwari OCP of Jagannath Area for 682 days in 02(two) years. | 955482.00 |
| 22. | 2020_MCL_161136_1 | Providing, Fixing and commissioning of 1 Pair of Dual Type Rail Sensor (4 meters) and AD module (MAKE DIGITAL and MODEL MW2100) of 120 Ton Rail In motion weighbridge No. 7 of Bharatpur OCP and Stamping of the same by State Metrology department. | 286740.00 |
| 23. | 2020_MCL_161031_1 | Supply of soldering items. | 349497.00 |
| 24. | 2020_MCL_161142_1 | Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 12 hrs per day duty for two years for Mahalaxmi Area (682 days).(2800km run per month).(B) | 920700.00 |
| 25. | 2020_MCL_160801_1 | Hiring of 01 no. Innova or equivalent vehicle (white colour) with national permit and air conditioner fitted of seating capacity 7 (6 plus 1), 24 hrs duty per day, max 3000 Km run per month for a period of two years (341 working days per year) for GM. | 2348153.00 |
| 26. | 2020_MCL_160930_1 | Procurement of 9nos Diesel powered self propelled articulated front end wheel loader of 5-7 Cum bucket capacity. | 365362000.00 |
| 27. | 2020_MCL_161092_1 | Hiring of one no. shift bus (having seating capacity 32 plus 1 or more) on 24 hrs duty basis with deployment of two nos. of drivers having staggered rest, max run 2500 km/month for 02 years (682 working days) for Belpahar OCM, Lakhanpur Area, MCL. | 2314026.00 |
| 28. | 2020_MCL_161159_1 | Procurement of Neutral system for Talcher Colliery MCL TA. | 313880.00 |
| 29. | 2020_MCL_161000_1 | Invitation of EOI for execution of works on OPEX mode (I) Input feeding of coal (25MTY) into Th-1 and TH-2 of CHP under construction at Bhubaneswari OCP, (II) Evacuation of 15MTY coal from TH-7 and TH-8 of CHP under construction at Bhubaneswari OCP | 0.00 |
| 30. | 2020_MCL_161150_1 | Fitting/installation and commissioning of 03 nos. of Electro-Mechanical Multi- Axial (Pitch and Yaw) Swivel Control Nozzle in 28 KL BEML Water Sprinkler at Lingaraj OCP, Samaleswari OCP and Basundhara OCP (One number at each project only). | 9368014.00 |
| 31. | 2020_MCL_161013_1 | Supply of lubricants for Volvo wheel loader. | 660349.00 |
| 32. | 2020_MCL_161175_1 | Construction of Bathing steps and changing room in village pond Khaliamunda of Jamunali village under CSR works of Hingula Area. | 452475.00 |
| 33. | 2020_MCL_161167_1 | Hiring of 01 (one) Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 12 hours duty for use at Jagannath Area for 682 days in 02(two) years. | 955482.00 |
| 34. | 2020_MCL_161201_1 | Hiring of 01 (one) Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 12 hours duty for use of Bhubaneshwari OCP at Jagannath Area for 682 days in 02(two) years. | 955482.00 |
| 35. | 2020_MCL_161216_1 | Renovation of C-type Quarters at DAV Colony under Jagannath Area. | 9541218.00 |
| 36. | 2020_MCL_161262_1 | Upkeeping and Maintenance of Lawn and Garden in GM Bunglow of Jagannath Area located at Bharatpur Colony for a period of 02(two) years under Jagannath Area. | 1548860.00 |
| 37. | 2020_MCL_161291_1 | Hiring of 01 (one) Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 12 hours duty for use of Jagannath OCP at Jagannath Area for 682 days in 02(two) years. | 954800.00 |
| 38. | 2020_MCL_161169_1 | Supply of Spares for ACE Rhino 90C Cranes. | 10734.00 |
| 39. | 2020_MCL_161224_1 | Supply of Spares of Spares for BD - 355 Dozer. | 67680.00 |
| 40. | 2020_MCL_161184_1 | Annual Brooming, sweeping, cleaning and gardening of Sub Area Office under Orient Sub Area. | 859401.00 |
| 41. | 2020_MCL_161282_1 | Upliftment of rest shelter including site development opposite of MTK office at CWS IBV. | 438116.00 |
| 42. | 2020_MCL_161296_1 | Running and maintenance of GM Office Canteen Lakhanpur Area contractually for a period of 02 (Two) years. | 1350776.00 |
| 43. | 2020_MCL_161112_1 | Procurement of X-Ray materials for Central Hospital. | 191755.00 |
| 44. | 2020_MCL_161332_1 | Extraction of Coal/Coal measure strata by deploying Surface Miners on hiring basis (07 Surface Miners with capacity of 40,000 CuM/day) for utilisation at any mines of MCL as per requirement. | 1152036360.00 |
| 45. | 2020_MCL_161375_1 | Cleaning of overhead tanks roof top over residential and non-residential building at NSCH and Regional Hospital under NSCH CH Area, Talcher (For a period of two years) (Re-tender). | 514606.00 |
| 46. | 2020_MCL_161379_1 | Supplying of water to village Tileipasi and Khajuria under Hingula Area. (Package - 10). | 670280.00 |
| 47. | 2020_MCL_161399_1 | Supplying and fixing of GOAB switches, D.O. fuses, Lightning Arrestors and Guardings at different HT(6.6KV) installations of Basundhara(west) OCP. | 449802.00 |
| 48. | 2020_MCL_161387_1 | Supplying of water to village Ambapal, Badamahitaila and Sanamahitaila under Hingula Area. (Package - 23). | 893706.00 |
| 49. | 2020_MCL_161429_1 | Supplying of water to village Barapali under Hingula Area. (Package - 09). | 446853.00 |
| 50. | 2020_MCL_161440_1 | Supplying of water to village Danara Gandhinagar and Danara Adivasisahi under Hingula Area. (Package - 05). | 552151.00 |
| 51. | 2020_MCL_161373_1 | Renovation of damaged RCC Culvert at mine entry near Sub station of SOCP, IB Valley Area. | 3399008.00 |
| 52. | 2020_MCL_161180_1 | Repairing or Reconditioning of worn out portion of undercarriage, removal and fitment of 16 nos. lower rollers of both side in PnH 126 Shovel at Balram OCP, Hingula Area. | 383170.00 |
| 53. | 2020_MCL_161193_1 | Hiring of one (01) nos. of Bolero/ Sumo or equivalent covered vehicle (6 plus 1 seater) with AC fitted (Diesel) for 12 hours duty for a period of two years for Balram OCP , Hingula Area(Duty in mines). | 923428.00 |
| 54. | 2020_MCL_161207_1 | Hiring of two (02) nos. of Bolero/ Sumo or equivalent covered vehicle (6 plus 1 seater) with AC fitted (Diesel) for 24 hours duty for a period of two years for Hingula OCP , Hingula Area(Duty in mines). | 2838120.00 |
| 55. | 2020_MCL_161445_1 | AMC for day to day electrical work of residential quarters, non-residential buildings and other electrical installations (Incl 3.3kV OHL from main Sub-station to LTS) in Lingaraj Colony under Lingaraj Area for a period of one year. | 3018119.00 |
| 56. | 2020_MCL_161464_1 | Construction of boundary wall at R and R Site of village Talaberena under Lingraj Area. | 10592154.00 |
| 57. | 2020_MCL_161507_1 | Supply, installation and commissioning of Solar Street Light (14Watt) in Kuisira village, Basundhara Area under CSR scheme. | 359888.00 |
| 58. | 2020_MCL_161613_1 | Strengthening of the Haul Road near Water Loading Point No. 1 at Ananta OCP, Jagannath Area. | 6226300.00 |
| 59. | 2020_MCL_161628_1 | Cleaning of Spur No. 5 and 6 and removal of sludge along the Track at Western Buffer End of Siding No. 5 and 6 during Monsoon at Ananta OCP. | 757166.00 |
| 60. | 2020_MCL_161534_1 | Supply, installation and commissioning of Solar Street Light (14Watt) in Sardega village, Basundhara Area under CSR scheme. | 599813.00 |
| 61. | 2020_MCL_161629_1 | AMC for electrical maintenance of township at Basundhara Area. | 6187350.00 |
| 62. | 2019_MCL_159617_1 | Stability test of Dumpers of Model BH100, BH50M-1, CAT 773D, CAT773DS-1 and Water Tankers of Model WS28 KL working at Lakhanpur OCP, Lakhanpur Area, MCL. | 424800.00 |
| 63. | 2020_MCL_161161_1 | Procurement of 05nos surface miner with drum width not less than 3800 mm along with MARC. | 1400249219.00 |
| 64. | 2020_MCL_161509_1 | Supply of Fire Resistant Grade Rubber conveyor belting , Nylon / Nylon fabric construction of sizes and strength 1200mm 800KN and 1200mm 1200KN. | 9029424.00 |
| 65. | 2020_MCL_161527_1 | Procurement of 02nos Diesel powered, Crawler Mounted Hydraulic Excavator with Bottom Discharge Bucket of capacity 5.5-6.5 CuM. | 135921000.00 |
| 66. | 2020_MCL_161614_1 | Supply of water to villages Arakhapal, Kanteikolia, Gopaballavpur and Rangamatia in Talcher Subdivision for the year 2020 for Talcher Area (Package VII) 120 days. | 974413.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ହେଲ୍ପ ଡେସ୍କ (ଫୋନ୍-୦୬୬୩-୨୫୪୨୬୯୫/୨୫୪୨୨୬୪), ଇ-ମେଲ୍ : hlp-eproc.mcl@coalindia.in R-4966

ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍‌ଡ କଲ୍ କରନ୍ତୁ ।



## ନବଜାତକ ସହ ଗାଁରୁ ବାସନ୍ଦ ହେଲେ ମହିଳା

**କାଳିଆପାଣି, ୧୪।୧**

କାଳିଆପାଣି ଥାନା ଅଧୀନ କଲରଙ୍ଗି ସିଟି ହଟିଂରୁ ବାସନ୍ଦ ହୋଇଥିବା ଜଣେ ମହିଳା ଓ ତାଙ୍କ ୪ ଦିନର ଛୁଆକୁ ସୋମବାର ପୋଲିସ ଉଦ୍ଧାର କରିଛି। ଉଭୟଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମହିଳା ଜଣକ ହେଲେ ଭୁମଟାଙ୍ଗର ଗ୍ରାମର ସ୍ୱର୍ଗତ ଗୋପାଳ ମୁଣ୍ଡାଙ୍କ ସ୍ତ୍ରୀ କାନ୍ତି ମୁଣ୍ଡା। ୩ ବର୍ଷ ପୂର୍ବେ ଗୋପାଳଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ କାନ୍ତି ତାଙ୍କ ବାପଘର ରାଁସୋଳ ପଞ୍ଚାୟତର ସିଟି ହଟିଂଠାରେ ରହିଆସୁଥିଲେ। ସ୍ୱାମୀଙ୍କ ମୃତ୍ୟୁର ୩ ବର୍ଷ ପରେ କାନ୍ତି ଏକ ଶିଶୁକୁ ଜନ୍ମ ଦେଇଥିବାରୁ ଗ୍ରାମବାସୀ ଏହାର ବିରୋଧ କରିବା ସହ ରବିବାର ରାତିରେ ଏ ନେଇ ଏକ ବୈଠକ ବସିଥିଲା। ତେବେ କାନ୍ତିଙ୍କୁ ଗ୍ରାମ ଛାଡ଼ି ଚାଲି ଯିବାକୁ ଗ୍ରାମର ମୁରବିମାନେ ନିଷ୍ପତ୍ତି ଶୁଣାଇଥିଲେ। ସେ ଗାଁ ଛାଡ଼ି ଚାଲି ଆସିବା ପରେ ନିକଟସ୍ଥ ଏକ ପରିତ୍ୟକ୍ତ କଲରଙ୍ଗୀ ଖଣି ଶେଲଟରରେ ଆଶ୍ରୟ ନେଇଥିଲେ। ସାମାଜିକ କର୍ମୀ ଜଗବନ୍ଧୁ ମହାନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ପୋଲିସକୁ ଖବର ଦେଇଥିଲେ। ଥାନା ଏସ୍‌ଆଇ ବିଭୂତି ମହାପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମେଡିକାଲରେ କାନ୍ତିଙ୍କ ଶାଶୁ ଓ ମା' ପହଞ୍ଚିଥିବା ଜଣାପଡ଼ିଛି।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ଯାଜପୁର ଟାଉନ୍, ୧୪।୧ (ଡି.ଏନ୍.ଏ.)**

ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ସହରରେ ସ୍ଥାନୀୟ ଥାନା ପକ୍ଷରୁ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ ଗାଡ଼ି ଚାଳକ ଓ ସାଧାରଣ ନାଗରିକଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସହରର ଗାନ୍ଧୀଛକ, କିଲ୍ଲାଘାଟ ଛକ, ମେଡିକାଲ ଛକ, ଗରିଆପୁର ଛକ, ରେଡ୍‌କ୍ରସ ଛକ, କଲେଜ ଛକ, କୁସୁମା ଛକ ପ୍ରଭୃତି ସ୍ଥାନରେ ଥାନାଧିକାରୀ ଓ କର୍ମଚାରୀମାନେ ଗାଡ଼ିମୋଟର ଅଟକାଇବା ସହ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ରହିଥିବା ଲିଫଲେଟ ବଣ୍ଟନ କରିଥିଲେ। ଗାଡି ଚାଳନା ବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା, ହେଲମେଟ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ନିଶା ସେବନ କରି ଡ୍ରାଇଭିଂ ନ କରିବା, ସିଟବେଲ୍ଟ ପିନ୍ଧିବା ଓ ଗାଡ଼ିର କାଗଜ ପତ୍ର ପାଖରେ ରଖିବାକୁ ପୋଲିସ ଅଧିକାରୀମାନେ ଲୋକମାନଙ୍କୁ ସଚେତନ କରାଇଥିଲେ। ବରିଷ୍ଠ ସବ୍‌ଇନ୍ସପେକ୍ଟର ମାନସ ରଞ୍ଜନ ଚକ୍ର ଓ ଏସ୍‌ଆଇ ରାଜେଶ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ନିୟମ ମାନୁଥିବା ଚାଳକମାନଙ୍କୁ ଗୋଲାପ ଫୁଲ ପ୍ରଦାନ କରାଯାଇଥିଲା। ହାବିଲଦାର କଳ୍ପତରୁ ସାହୁ, କନଷ୍ଟେବଳ ମେନକା ତ୍ରିପାଠୀ, ପ୍ରସନ୍ନ ମଲ୍ଲିକ, ହୋମଗାର୍ଡର ପ୍ଲାଟୁନ କମାଣ୍ଡର ଉମାକାନ୍ତ ରାଉତ ଓ ଶମ୍ଭୁନାଥ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୋଲିସ କର୍ମଚାରୀମାନେ ସଡକ ସୁରକ୍ଷା ବାର୍ତ୍ତା ରହିଥିବା ପ୍ଲା-କାର୍ଡ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।



# ପୂର୍ବ ତଟ ରେଳପଥ

## ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିମାନଙ୍କ ନିଯୁକ୍ତି

### ସଂଯୋଗପତ୍ର ବିଜ୍ଞପ୍ତି

ଏତଦ୍ଦ୍ୱାରା ସମ୍ପୃକ୍ତ ସମସ୍ତ ପକ୍ଷ ମାନଙ୍କୁ ସୂଚନା ଦିଆଯାଉଅଛି ଯେ ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ଲାଇନ୍ (ଯେଉଁମାନଙ୍କର ଜମି ତା 04.03.1999 ରିଖ ପୂର୍ବରୁ ଅଧିଗ୍ରହଣ କରାଯାଇଛି) ରେ ଜମି ହରାଇଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଅଧିସୂଚନା ସଂଖ୍ୟା SBP/land Losers/2019,ତା 22.05.2019 ଜାରି କରି ତା 22.05.2019 ରିଖରେ ବିଭିନ୍ନ ସମ୍ବାଦପତ୍ର ଅର୍ଥାତ୍ ଦ ଟାଇମ୍ସ ଅଫ୍ ଇଣ୍ଡିଆ, ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ, ନବ ଭାରତ, ଧରିତ୍ରୀ, ସମାଜରେ ପ୍ରକାଶିତ କରାଯାଇଥିଲା। ଏହି ଅଧିସୂଚନା ପୂର୍ବ ତଟ ରେଳପଥର ୱେବସାଇଟ୍ ଅର୍ଥାତ୍ www.eastcoastrail.indianrailways.gov.in ର ନିମ୍ନଲିଖିତ ଲିଙ୍କ୍ ରେ ମଧ ଉପଲବ୍ଧ। "About us → Division →Sambalpur Division →Recruitment".

ତା 22.05.2019 ରିଖର ଅଧିସୂଚନା ର ପ୍ରଥମ ପୃଷ୍ଠାରେ 'ଗୁରୁତ୍ୱପୂର୍ଣ୍ଣ ସୂଚନା' ଅନ୍ତର୍ଗତ ଆଇଟମ୍ ସଂ. (ii) ରେ ନିମ୍ନ ଅନୁଯାୟୀ ପରିବର୍ତ୍ତନ କରାଯାଇଅଛି।

**"ଜମି ହରାଇଥିବା 76 ପରିବାରର ପ୍ରାର୍ଥୀ, ଯେଉଁ ମାନେ ପୂର୍ବ ଅଧିସୂଚନା ସଂ. SBP/1/99, ତା 05.02.99 ଏବଂ ତା 04.03.99 ସନ୍ଦର୍ଭରେ ନିଯୁକ୍ତିର ପ୍ରସ୍ତାବ ପ୍ରଦାନ କରାଯାଇଥିଲା, ସେମାନେ ଏହି ଅଧିସୂଚନା ଅନୁଯାୟୀ ପୁନର୍ବାର ଆବେଦନ କରିବା ନିମନ୍ତେ ଯୋଗ୍ୟ ନୁହଁନ୍ତି।"**

ଅଧିସୂଚନାର ଫଳସ୍ୱରୂପ, "ଜମି ହରାଇଥିବା ଶେଷ 576 (652-76) ପରିବାରର ପ୍ରାର୍ଥୀ ବର୍ତ୍ତମାନ ଦିଆଯାଇଥିବା ଅଧିସୂଚନା ଅନୁଯାୟୀ ଆବେଦନ କରିବା ନିମନ୍ତେ ଯୋଗ୍ୟ ଅଟନ୍ତି। ପରିବର୍ତ୍ତନ ଅନୁଯାୟୀ ଆବେଦନ କରୁଥିବା ଯୋଗ୍ୟ ପ୍ରାର୍ଥୀ ତା 13.02.2020 ରିଖର 1700 ଘଟିକା କିମ୍ବା ଏହା ପୂର୍ବରୁ ଆବେଦନ କରିପାରିବେ।" ପ୍ରାର୍ଥୀମାନେ ଆବଶ୍ୟକ ନଥିପତ୍ର ସହିତ ଉପଯୁକ୍ତରୂପେ ପୂରଣ କରିଥିବା ଆବେଦନକୁ ଡାକ ଜରିଆରେ ଅନ୍ତିମ ତାରିଖ ଓ ସମୟ ମଧ୍ୟରେ **ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ), ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳ, ପୋଷ୍ଟ : ମୋଦିପଡ଼ା - 768002,** ଓଡ଼ିଶାଙ୍କ ନିକଟରେ ପହଞ୍ଚିଯିବା ଉଚିତ। ପ୍ରାର୍ଥୀମାନେ **ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ), ପୂର୍ବ ତଟ ରେଳପଥ, ସମ୍ବଲପୁର ଙ୍କ କାର୍ଯ୍ୟାଳୟରେ** ଏହି ଉଦ୍ଦେଶ୍ୟରେ ରଖାଯାଇଥିବା ବାକ୍ସରେ ସେମାନଙ୍କର ଆବେଦନ ମଧ୍ୟ ଜମା କରିପାରିବେ। କୌଣସି କାରଣରୁ ଯାହା ହୋଇଥାଉନା କାହିଁକି, ବନ୍ଦ ହେବାର ତାରିଖ ଓ ସମୟ ଉପରାନ୍ତେ ପ୍ରାପ୍ତ ହୋଇଥିବା ଆବେଦନକୁ ବିଚାରକୁ ନିଆଯିବ ନାହିଁ।

ପ୍ରାର୍ଥୀମାନେ ଓ ଏଥି ସହିତ ସମ୍ପୃକ୍ତ ଅନ୍ୟ ସମସ୍ତେ, ଯେଉଁମାନେ ପୂର୍ବରୁ ସେମାନଙ୍କର ଆବେଦନ କରିସାରିଛନ୍ତି, ସେମାନେ ଧ୍ୟାନ ଦେବା ଉଚିତ ଯେ ଲିଖିତ ପରୀକ୍ଷା ସମ୍ଭବତଃ **ତା 23.02.2020 ରିଖରେ ଅନୁଷ୍ଠିତ ହେବ ଏବଂ** ଯଦି ଯୋଗ୍ୟ ବିବେଚିତ ହୁଅନ୍ତି ଏଥିପାଇଁ ସେମାନେ ପ୍ରସ୍ତୁତ ରହିବା ଉଚିତ।

PR-648/K/19-20 **ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ସମ୍ବଲପୁର**





**ପାୱାର ଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଇଷ୍ଟର୍ଣ୍ଣ ରିଜିଓନାଲ ଟେଲିକମ୍ କଣ୍ଟ୍ରୋଲ ସେଂଟର, ୧ମ ମହଲା, ସିଏଫ-17, ଆକ୍‌ଶନ ଏରିଆ-1ସି, ନିୟୁ ଟାଉନ, ରାଜରହାଟ, କୋଲକାତା-700156
ଟେଲିଫୋନ ନଂ. 033-23242840/50, ଏକ୍ସଟେନସନ : 1014/1017
CIN: L40101DL1989GOI038121

ପାୱାରଗ୍ରୀଡ POWERGRID

**ଇଚ୍ଛା ପ୍ରକାଶନ ବିଜ୍ଞପ୍ତିର ସମୟ ସଂପ୍ରସାରଣ**

05.12.2019 ରେ ପ୍ରକାଶିତ ଡ୍ରାର୍କ ଫାଇବରକୁ ଲିଜ୍‌ରେ ନେବା ପାଇଁ ଏଜେନ୍ସୀଗୁଡ଼ିକର ତାଲିକାଭୁକ୍ତ ନିମନ୍ତେ ଇଚ୍ଛା ପ୍ରକାଶନ (ଇଓଆଇ) ସମ୍ବନ୍ଧୀୟ ନିଲାମ ଦାଖଲର ଶେଷ ତାରିଖକୁ **10.02.2020 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।** ଅନ୍ୟ ସମସ୍ତ ସର୍ତ୍ତ ଓ ବ୍ୟବସ୍ଥାବଳୀ ଅପରିବର୍ତ୍ତିତ ରହିଛି।

**ତାରିଖ: 15.01.2020** ଡିଜିଏମ୍ (ଟେଲି-କଂଟ୍ରାକ୍ଟସ)

ପାୱାରଗ୍ରୀଡ୍- ଆପଣଙ୍କ ସବୁ ପଏଂଟ-ଟୁ-ପଏଂଟ ଲିଜ୍‌ଡ ଲାଇନ, ଏମପିଏଲଏସ ଭିପିଏନ ଏବଂ ଇଂଟରନେଟ୍ ଆବଶ୍ୟକତା ପାଇଁ ଯୋଗାଯୋଗ କରନ୍ତୁ telecom-marketing@powergrid.com





## ACCOMMODATION WANTED

CTTC, Bhubaneswar requires a house within 0.5 kilometer distance from CTTC, Bhubaneswar on lease basis for a period of minimum one year. The plinth area of the house should be minimum 2500 sq.ft. with kitchen and dinning provisions. The house shall be used by CTTC for Hostel purpose to accommodate minimum 50 to 60 numbers of Trainees. Interested house owners should submit their quotation on sq.ft basis along with detail facilities of the house and other documents. The sealed quotation should reach the undersigned latest by **29.01.2020.**

**Managing Director**

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024, Odisha
Ph. No.- (0674)3011706, Fax : 3011750
E-mail : cttc@cttc.gov.in, Website: www.cttc.gov.in

Ministry of MSME Govt. of India
ISO-9001, ISO-14001 OHSAS 18001





# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

SBI

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର - ୭୫୧୦୦୭

## ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ ୨୦୦୨ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେମାନେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ସେମାନଙ୍କ ଶେଷ ଜ୍ଞାତ ଠିକଣାରେ ରେଜଷ୍ଟ୍ରି ଡାକ ସହିତ ଏ.ଡି. ଡାକ ଯୋଗେ ନୋଟିସ୍ ଜାରି କରାଯାଇଥିଲା। ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଅବଗତ କରାଗଲା।

| ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ /ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ସୁନିଲ୍ କୁମାର ମହାପାତ୍ର,** ପିତା: ପଦ୍ମଲାଭ ମହାପାତ୍ର, **ଜାମିନଦାର: ଶ୍ରୀ ଅନୀଲ କୁମାର ରଥ,** ପିତା: ସଦାଶିବ ରଥ, ଉଭୟଙ୍କ ଠିକଣା ସା: ପୋସାଳ, ପୋ:ହାକପଡ଼ା, ଭାୟା: ବେରବୋଇ, ପୁରୀ,ଓଡ଼ିଶା-୭୫୨୦୧୬/ଆକାଉଣ୍ଟ ନଂ.:୩୮୦୬୦୯୮୪୭୬୩(ଡ୍ରପଲାଇନ୍‌ଓଡି)। | **ଶ୍ରୀ ଅନୀଲ କୁମାର ରଥଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ପୋସାଳ, ଖାତା ନଂ.:୨୪୭, ପ୍ଲଟ ନଂ.: ୬୯୩, କ୍ଷେତ୍ର: ଏକର୦.୧୯୦ ଡ଼ିସିମିଲି, କିସମ: ଘରବାରୀ। | ୨୧.୧୧.୨୦୧୯ | ୨୮.୧୦.୨୦୧୯ | ତା୨୧.୧୧.୨୦୧୯ ସୁଦ୍ଧା ଟ.୪୦,୬୪,୬୦୬/- + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| **ଋଣଗ୍ରହୀତା: ଶ୍ରୀ ହରିଶ୍ଚନ୍ଦ୍ର କଂସ ବେହେରା,** ପିତା: ସୁକୁଟା କଂସ ବେହେରା, ସା/ପୋ: ବଳଭଦ୍ରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୧୦୨, ଏଚ୍ ଟି ଏଲ୍ ଆକାଉଣ୍ଟ ନଂ.: **୩୪୪୫୯୮୨୨୧୨୧, ୩୪୪୫୯୮୨୨୩୦୩, ୩୪୮୨୬୪୩୮୦୭୯, ୩୬୬୭୭୯୮୯୩୨୬** | ଜମି ଏବଂ ଗୃହ-ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୨, ପ୍ଲଟ୍ ନଂ.: ୩୭, ବ୍ଲକ୍-ଏ, ମୌଜା: ବଳଭଦ୍ରପୁର, ଏୟାର୍ ଫିଲ୍ଡ ନଂ.: ୫୮, ସୁନ୍ଦରପଦା, ଖାତା ନଂ.: ୧୨୦, ଅନୁରୂପ ହାଲ ଖାତା ନଂ.: ୨୫୫/୬୧, କିସମ: ଘରବାରୀ, ବିଲ୍ଟ ଏରିଆ: ୧୩୧୨ ବର୍ଗଫୁଟ, ଚୁକ୍ତି ଅନୁସାରେ ଏହାର ନିର୍ମାତା ଆର୍ଯ୍ୟନ୍ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ଲିଃ ଯାହାର ପ୍ରୋମୋଟର ସିଟିକନ ଇଞ୍ଜିନିୟରସ୍ ଲିଃ. ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା । | ୦୭.୦୧.୨୦୨୦ | ୨୬.୦୬.୨୦୧୯ | ତା୦୬.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଟ.୨୬,୧୧,୨୬୮/- + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| **ଋଣଗ୍ରହୀତା: ଆଜାଦ୍ ଅଲ୍ଲୀ ଖାଁ,** ପିତା: ମୁର୍ସିଦ୍ ଅଲ୍ଲୀ ଖାଁ, ସା: ମକତପୁର, ପୋ: ପଲେଇ, ଭାୟା: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ପିନ୍: ୭୫୪୨୦୫/ **କ୍ଷମତାପତ୍ରଧାରୀ: ନସିମା ତାସ୍ମି,** ସ୍ୱାମୀ: ଆଜାଦ ଅଲ୍ଲୀ ଖାଁ, ପ୍ଲଟ ନଂ.: ଏଲ୍ ୧- ୧୫୮, ଫେଜ୍: ୩, ଦୁମ୍‌ଦୁମା ହାଉସିଂବୋର୍ଡ କଲୋନି, ଥାନା: ଖଣ୍ଡଗିରି, ଭୁବନେଶ୍ୱର, **ଏଚ୍ ଟି ଏଲ୍ ଆକାଉଣ୍ଟ ନଂ.: ୩୭୨୨୯୮୦୩୧୫୪, ୩୭୨୩୦୨୫୦୧୪୮** | ଜମି ଏବଂ ଗୃହ-ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ ନଂ.: ୮୭/୧୨୬୪, ପରିମିତକ୍ଷେତ୍ର: ଏକର୦.୯୯୦ଡିସିମିଲି, ଏବଂ ପ୍ଲଟ ନଂ.: ୮୭/୧୨୬୩/୧୮୦୨, ପରିମିତକ୍ଷେତ୍ର: ଏକର୪.୦୧୦ଡିସିମିଲି, ଖାତା ନଂ.: ୪୨୧, ସମୁଦାୟ ପରିମିତକ୍ଷେତ୍ର: ୧୨ଏକର, ମୌଜା: ଶଙ୍କରପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖଣ୍ଡଗିରି ସବରେଜିଷ୍ଟ୍ରାର ଅଧିନରେ, ଆବାସିକ ଆପାର୍ଟମେଣ୍ଟ ଟାୱାର୍ ନଂ.: ୦୦୯, ତଳ ମହଲା, ଫ୍ଲାଟ ନଂ.: ୦୨, ଏରିଆ ୧୦୯୯ ବର୍ଗଫୁଟ, ଟାଟା ଏରିଆନା ପ୍ରୋଜେକ୍ଟ, ଭୁବନେଶ୍ୱର, ଫେଜ୍-୨ ଅଧିନରେ। | ୧୪.୦୧.୨୦୨୦ | ୧୦.୧୦.୨୦୧୯ | ତା୧୩.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ସହିତ ଟ.୪୬,୨୦,୭୦୮/- + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍ ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ ର ଉପଧାରା (୪) ଅନୁସାରେ **୬୦ ଦିନ** ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଅବଗତ କରାଇ ଦିଆଯାଉଛି କି ବ୍ୟାଙ୍କର ଲିଖିତ ସହମତି ବିନା ଉପରୋକ୍ତ ସମ୍ପତ୍ତିକୁ କୌଣସି ପ୍ରକାର ବିକ୍ରୟ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍ ଅନ୍ୟ କୌଣସି ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁସାରେ ବ୍ୟାଙ୍କର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାରକୁ ପ୍ରତିହତ କରୁନାହିଁ।

ତାରିଖ : ୧୪.୦୧.୨୦୨୦, ସ୍ଥାନ : ଭୁବନେଶ୍ୱର ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ ନେଇ ମା' ବାପା ଥାନାର ଦ୍ୱାରସ୍ଥ

ପଟ୍ଟାମୁଣ୍ଡାଇ,୧୪।୧ (ସ୍ୱ.ପ୍ର.) - ଚଉଦକୁଲାଟ ଫାଣ୍ଡି ଅଧୀନ ବଲୁରିଆ ପଞ୍ଚାୟତର ଜଣେ ୧୪ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ନିଆଯାଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ଫଳରେ ମଙ୍ଗଳବାର ନାବାଳିକାଙ୍କ ମାଆ ବାପା ଏ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ନାବାଳିକା ଜଣକ ତାଙ୍କ ମାମୁଁ ଘର ଆଳିକୁ ଯାଇଥିଲେ । ରବିବାର ଅପରାହ୍ନରେ ସେ ଘରକୁ ଫେରୁଥିବା ବେଳେ କୌଣସି ଏକ ସ୍ଥାନରେ ଛିଡା ହୋଇଥିଲେ । ଏକୁଟିଆ ଦେଖି କେତେକ ଯୁବକ ତାଙ୍କୁ ବୋଲେରୋରେ ବସାଇ ଯାଜପୁର ଜିଲାର ସିଂହପୁର କଲେଜ ପର୍ଯ୍ୟନ୍ତ ନେଇଥିଲେ । ବାଟରେ ତାଙ୍କୁ ଖାଇବାକୁ ଦେବା ସହ ଥଣ୍ଡା ପିଆଇଥିଲେ । ଥଣ୍ଡା ପିଇ ସାରିଲା ପରେ ନାବାଳିକା ସଂଜ୍ଞାହୀନ ହୋଇ ପଡିଥିଲେ । ସେହିଦିନ ଭୋର ୫ଟା ବେଳେ ନାବାଳିକାଙ୍କୁ ବୋଲେରୋରେ ଆଣି ତାଙ୍କ ଗ୍ରାମ ନିକଟରେ ଛାଡି ଦେଇ ଯାଇଥିଲେ ଏବଂ ତାଙ୍କ ହାତରେ ୩ ଶହ ଟଙ୍କା ଦେଇଥିଲେ । ଏଥିନେଇ ନାବାଳିକାଙ୍କ ବାପା ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଥିଲେ । ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ନାବାଳିକାଙ୍କ ମାଆ ବାପା ପଟ୍ଟାମୁଣ୍ଡାଇ ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ପୋଲିସ୍ ଥାନା କେସ ନଂ ୩୦/୨୦୨୦ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

### ବେଆଇନ ବାଲି ଚାଲାଣ କରୁଥିବା ଦୁଇ ଗାଡ଼ି ଜବତ

ଡେରାବିଶ,୧୪।୧(ସ୍ୱ.ପ୍ର.) : ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଅଞ୍ଚଳରୁ ବେଆଇନ ବାଲି ଚାଲାଣ କରୁଥିବା ଦୁଇଟି ଗାଡି ଜବତ ହୋଇଛି । ପ୍ରକାଶ ଯେ, ବସପୁର ଅଞ୍ଚଳରୁ ବେଆଇନ ଭାବେ ଏକ ଟ୍ରାକ୍ଟର ଓ ଏକ ହାଇୱା ବାଲି ଚାଲାଣ କରୁଥିବା ବେଳେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ, ବସପୁର ରାଜସ୍ୱ ନିରୀକ୍ଷକ ନାରାୟଣ ସ୍ୱାଇଁ ଗାଡି ଦୁଇଟିକୁ ଅଟକାଇ ବାଲି ଚାଲାଣର କାଗଜପତ୍ର ତନଖି କରିଥିଲେ । ତନଖିରୁ ଏହି କାଗଜପତ୍ର ବେଆଇନ ଥିବା ଜାଣିବାକୁ ପାଇଥିଲେ । ଫଳରେ ଜବତ ଟ୍ରାକ୍ଟର ଠାରୁ ୮ ହଜାର ଟଙ୍କା ଓ ହାଇୱା ଠାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାଯାଇଛି । ଦୀର୍ଘ ବର୍ଷ ହେବ ଏହି ଅଞ୍ଚଳ ଦେଇ ପ୍ରବାହିତ ଲୁଣା ନଦୀରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା ।

### ପରକଣା ଗ୍ରାମରେ ପୁଷ୍ୟା ଲକ୍ଷ୍ମୀପୂଜା

ପାଟକୁରା,୧୪।୧(ଡି.ଏନ.ଏ.) : ଗରଦପୁର ବ୍ଲକ ଅନ୍ତର୍ଗତ ବେତାରୀ ପଞ୍ଚାୟତର ପରକଣା ଗ୍ରାମରେ ପୁଷ୍ୟା ଲକ୍ଷ୍ମୀପୂଜା ଶୁକ୍ରବାର ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଛି । ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଉଛି । ଆକର୍ଷଣୀୟ ସାଜସଜ୍ଜାରେ ପୂଜା ମଣ୍ଡପ ଝଲସି ଉଠୁଛି । ମା'ଙ୍କର ପୂଜା ୭ ଦିନ ଧରି କରାଯିବାର କାର୍ଯ୍ୟକ୍ରମ ରହିଛି । ମା'ଙ୍କର ପୂଜା କରାଯାଉଥିବାରୁ ଏଥିପାଇଁ ଗ୍ରାମରେ ଆମିଷ ଭକ୍ଷଣ ବାରଣ କରାଯାଇଛି । ପ୍ରତ୍ୟେକ ପରିବାରର ଘର ସମ୍ମୁଖରେ ଶୁଭ କଳସୀ ସ୍ଥାପନା କରାଯାଇଛି । ସନ୍ଧ୍ୟା ସମୟରେ ପୂଜା ମଣ୍ଡପ ନିକଟରେ ଭଜନ, କୀର୍ତ୍ତନ ଆଦି ଅନୁଷ୍ଠିତ ହେଉଛି । ପୂଜା ପାଇଁ ଗ୍ରାମ ଉତ୍ସବମୁଖର ହୋଇପଡିଛି । ଏହି ଗ୍ରାମରେ ପ୍ରାୟ ୧୫୦ ବର୍ଷ ପୂର୍ବରୁ ପୁଷ୍ୟା ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇ ଆସୁଥିବା ଗ୍ରାମର ଦୋଳ ଗୋବିନ୍ଦ ଦାସ ପ୍ରକାଶ କରିଛନ୍ତି ।

# କନ୍ଦରାସୁର ରାଜ ଦରବାର ପାଇଁ ପ୍ରସ୍ତୁତି ଜୋର୍‌ଦାର

କେନ୍ଦ୍ରାପଡା ଅଫିସ,୧୪।୧

ଆସନ୍ତା ଫେବୃୟାରୀ ୮ ଓ ୯ ତାରିଖ ଦୁଇଦିନ ଧରି ତୁଳସୀ କ୍ଷେତ୍ର କେନ୍ଦ୍ରାପଡା ସହର କନ୍ଦରାସୁରଙ୍କ ରାଜ ଦରବାରରେ ପରିଣତ ହେବ । ସହର ମଧ୍ୟରେ କନ୍ଦରାସୁରଙ୍କ ଲୀଳା ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ । ତୁଳସୀକ୍ଷେତ୍ରର ଏହି ପୌରାଣିକ କଥାବସ୍ତୁକୁ ନେଇ ଦୁଇଦିନ ଧରି ଚାଲିବାକୁ ଥିବା କନ୍ଦରା ଦରବାର ଓ ତୁଳସୀ ବିବାହ ପାଇଁ ସହରର ମହିପାଳ ଠାରେ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଇତିମଧ୍ୟରେ କଳାକାରଙ୍କ ଚୟନ ସରିଛି । କଳାକାର ହେମନ୍ତ ବେହୁରା କନ୍ଦରାସୁର ଭୂମିକାରେ ଅବତୀର୍ଣ୍ଣ ହେବେ । ସେହିପରି ଶ୍ରୀବଳରାମଙ୍କ ଅଭିନୟ ପାଇଁ ଗଣେଶ୍ୱର ସାହୁ ମନୋନୀତ ହୋଇଛନ୍ତି ।

#### ପୌରାଣିକ କଥାବସ୍ତୁ

ବେଦବ୍ୟାସଙ୍କ ଲିଖିତ ବ୍ରହ୍ମତନ୍ତ୍ର, ପଦ୍ମପୁରାଣ, ଆଦିକବି ସାରଳା ଦାସଙ୍କ ଓଡିଆ ମହାଭାରତ, ତୁଳସୀ ମାହାତ୍ମ୍ୟ ସହିତ ବିଭିନ୍ନ ପୁରାଣ ଓ ଲୋକକଥାରେ ତୁଳସୀ କ୍ଷେତ୍ରର ପ୍ରତିଷ୍ଠାତା ଶ୍ରୀ ବଳଦେବଜୀଉଙ୍କ ସମ୍ପର୍କରେ ଉଲ୍ଲେଖ ଅଛି । କନ୍ଦରାସୁରଙ୍କୁ ବଧ କରି ଶ୍ରୀ ବଳଦେବଜୀଉ ଏକ ସଭ୍ୟ ସମାଜ ଗଠନ ସହିତ ତୁଳସୀ ଦେବୀଙ୍କୁ ବିବାହ କରିଥିଲେ । କନ୍ଦରାସୁର ବଧ, ତୁଳସୀଙ୍କ ବିବାହ, ଶ୍ରୀବଳଦେବଜୀଉଙ୍କ



କନ୍ଦରାସୁର ଦରବାରର କଳାକାରମାନେ ।

କେନ୍ଦ୍ରାପଡାର ଅବସ୍ଥାନ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେକ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । କେନ୍ଦ୍ରାପଡା ଜିଲା ନିକଟସ୍ଥ ଲଳିତଗିରିରୁ ବାହାରି ଥିବା ମଧୁସାଗର(ଗୋବରୀ ନଦୀ)ର ସୃଷ୍ଟି କନ୍ଦରାସୁରଙ୍କ ସେନାପତି ମଧୁ ଦୈତ୍ୟର ସଂହାରରୁ ହୋଇଥିବା ଜନଶ୍ରୁତି ଅଛି । ସେହିପରି କନ୍ଦରାସୁରର ଶିର ପଡିଥିବା ସ୍ଥାନ ଅସୁରେଶ୍ୱର, ଗଣ୍ଡି ପଡିଥିବା ସ୍ଥାନକୁ ବଳଗଣ୍ଡି, ହାତ ପଡିଥିବା ସ୍ଥାନକୁ ହାତିଆ, କମର ପଡିଥିବା ସ୍ଥାନକୁ କମରଖଣ୍ଡି, ଗର ପଡିଥିବା ସ୍ଥାନ ଗରାପୁର ଆଦିରେ ନାମିତ ହୋଇଥିବା ସ୍ଥାନୀୟ ଜନସାଧାରଣ ବିଶ୍ୱାସ କରନ୍ତି ।

#### ମୁକ୍ତ ରଙ୍ଗମଞ୍ଚ କାର୍ଯ୍ୟକ୍ରମ

କେନ୍ଦ୍ରାପଡା ସହରକୁ ଏକ ରଙ୍ଗମଞ୍ଚ ଭାବେ ପରିକଳ୍ପନା କରାଯାଇଛି । ୮ ତାରିଖରେ ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରୁ କନ୍ଦରାସୁର ଦରବାର ପାଇଁ ଆଜ୍ଞାମାଳ ସହରର ମହୀପାଳର ମହିପାଳିନୀ ମନ୍ଦିର ନିକଟସ୍ଥ କଳାମଣ୍ଡପକୁ ଆସିବ । ଏଥିସହିତ କନ୍ଦରାସୁରଙ୍କ ଶୋଭାଯାତ୍ରା ସହର ମଧ୍ୟରେ ପରିକ୍ରମା କରିବ । ମହିପାଳିନୀ ମନ୍ଦିର ନିକଟସ୍ଥ କଳାମଣ୍ଡପରେ କନ୍ଦରାସୁରଙ୍କ ଦରବାର, କନ୍ଦରାସୁର ବଧ ଓ ତୁଳସୀ ବିବାହ ଆଦି ଅଭିନୟ ହେବ । ଏଥିରେ ପ୍ରଶାସନିକ ଅଧିକାରୀ, ରାଜନେତା ଓ ଓଲିଉଡ କଳାକାରମାନେ ସାମିଲ ହେବେ ।

#### କଳାକାରଙ୍କ ନାଟ୍ୟାଭିନୟ

ଦ୍ୱାପର ଯୁଗର ମହାଭାରତ ଯୁଦ୍ଧରେ ଶ୍ରୀ ବଳରାମ ଭାଗ ନେଇ ନ ଥିଲେ । ସେ ତୀର୍ଥଯାତ୍ରାରେ ଯାଇଥିଲେ । ଏହି ସମୟରେ ଯାଜପୁର ଜିଲା ଲଳିତଗିରି ପାହାଡରେ କନ୍ଦରାସୁରଙ୍କ ରାଜ ଚାଲିଥିଲା । ଯଜ୍ଞାନୁଷ୍ଠାନକୁ ବିରୋଧ କରୁଥିବାରୁ ବ୍ରାହ୍ମଣମାନେ ଶ୍ରୀ ବଳରାମଙ୍କ ଶରଣକୁ ଯାଇଥିଲେ । ଶ୍ରୀବଳରାମ କନ୍ଦରାସୁରକୁ ବଧ କରିଥିଲେ । ତେବେ କନ୍ଦରାସୁରକୁ କେଉଁ ଅପରାଧ ପାଇଁ ବଧ କରାଗଲା ବୋଲି ପାଳିତା କନ୍ୟା ତୁଳସୀ ପଚାରିଥିଲେ । ଏ ସମ୍ପର୍କରେ ତୁଳସୀଙ୍କ ପୂର୍ବଜନ୍ମକୁ ସ୍ମରଣ ପାଇଁ କୁହାଯାଇଥିଲା । ତୁଳସୀ ପ୍ରକୃତରେ ହେଉଛନ୍ତି ପାର୍ବତୀଙ୍କ ଅଂଶ । ପରବର୍ତ୍ତୀ ସମୟରେ ସେ ତୁଳସୀ ବୃକ୍ଷ ରୂପରେ ଜନ୍ମ ହେବା ଓ ବିବାହ ପର୍ଯ୍ୟନ୍ତ ଘଟଣାବଳୀକୁ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରାଯିବ । ଏହି ମୁକ୍ତାକାଶ ରଙ୍ଗ ମଞ୍ଚର ନାଟକର ମୂଳ ଲେଖକ ସୋମନାଥ ପାଲ, ରବୀନ୍ଦ୍ର ସେଠୀ ଥିବା ବେଳେ ଏହାକୁ ସଞ୍ଜୟ ମଲ୍ଲିକ ନାଟ୍ୟ ରୂପାନ୍ତର କରୁଛନ୍ତି । ଅଭିମନ୍ୟୁ ଦାଶ ଏହାକୁ ନିର୍ଦ୍ଦେଶନା ଦେଉଛନ୍ତି ।

#### ସେମାନେ କୁହନ୍ତି

-କେନ୍ଦ୍ରାପଡା ଜିଲାର ବୈଶ୍ୟ ସଦାଶିବଙ୍କ ଲିଖିତ ରାମଲୀଳାର ପ୍ରଚାର ପ୍ରଚାର ସାରା ରାଜ୍ୟରେ ଅଛି । ତେବେ ତୁଳସୀ କ୍ଷେତ୍ରର ପ୍ରତିଷ୍ଠା ସମ୍ପର୍କରେ ତଥ୍ୟ ଲୋକଲୋଚନକୁ ଆସି ପାରୁନାହିଁ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ହେଉଛି । ଏଥିରେ ପ୍ରଶାସନିକ ଅଧିକାରୀ ଓ ରାଜନେତା ଯୋଗ ଦେଉଥିବାରୁ ଆଞ୍ଚଳିକ ସମସ୍ୟାର ନିରାକରଣ, ବିଭିନ୍ନ ଯୋଜନାର ସଚେତନତା ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିବ ।

– ରଞ୍ଜିତ କୁମାର ସାହୁ, ସଭାପତି, କନ୍ଦରା ଦରବାର ମହୋତ୍ସବ କମିଟି

-କନ୍ଦରା ଦରବାର ଓ ତୁଳସୀ ବିବାହ ପରି ନାଟ୍ୟାଭିନୟ ୨୦୦୫ ମସିହାରେ ଲୋକଲୋଚନକୁ ଆସିଥିଲା । ଆଇନଜୀବୀ ନେପାଳ ପ୍ରକାଶ ସାମନ୍ତ ଏହାକୁ ଆରମ୍ଭ କରି ୨୦୦୮ ମସିହା ପର୍ଯ୍ୟନ୍ତ ଚଳାଇଥିଲେ । ତେବେ ସହଯୋଗ ଅଭାବରୁ ଏହା ବନ୍ଦ ହୋଇଥିଲା । ୨୦୧୭ ମସିହା ପଲ୍ଲିଶ୍ରୀ ମେଳାରେ ଏହାକୁ ପୁନର୍ବାର ଆରମ୍ଭ କରାଯାଇଛି । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହିତ କଳାକାରଙ୍କୁ ପ୍ରୋତ୍ସାହିତ କରାଯାଇପାରିବ ।

–ସୁବାସ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ମହୋତ୍ସବ କମିଟି

–ପୂର୍ବରେ କଳିଙ୍ଗ ସାଗର (ବଙ୍ଗୋପସାଗର), ଦକ୍ଷିଣରେ ଲଳିତଗିରି, ଉତ୍ତରରେ ବୈତରଣୀ ନଦୀ ଓ ପଶ୍ଚିମରେ ମହାନଦୀ ପର୍ଯ୍ୟନ୍ତ ତୁଳସୀକ୍ଷେତ୍ରର ପରିସୀମା ଥିଲା । ଏହି ଅଞ୍ଚଳରେ ବୌଦ୍ଧ ଓ ଶୈବ୍ୟ ଧର୍ମ ପ୍ରଭାବ ବିସ୍ତାର ଥିଲା । ଖ୍ରୀଷ୍ଟ ପୂର୍ବ ତୃତୀୟ ଓ ଦ୍ୱିତୀୟ ଶତାବ୍ଦୀରେ ଏହି ଧର୍ମାବଲମ୍ବୀଙ୍କ ସଂଖ୍ୟା ଅଧିକ ଥିବା ବେଳେ ତ୍ରୟୋଦଶ ଖ୍ରୀଷ୍ଟାବ୍ଦରେ ଗଙ୍ଗ ବଂଶର ରାଜା ତୃତୀୟ ଅନଙ୍ଗଭିମ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିର ଷୋଡ଼ଶ ଶତାବ୍ଦୀରେ ଭଙ୍ଗା ଯାଇଥିବା ପ୍ରମାଣ ମିଳୁଛି । ଇଚ୍ଛାପୁର ଠାରେ ମରହଟ୍ଟା ରାଜୁତି ସମୟରେ ୧୭୬୧ରେ ଶ୍ରୀଜୀଉଙ୍କ ମନ୍ଦିର ନିର୍ମାଣ ହୋଇଛି । ବିଭିନ୍ନ ପୁରାଣ ଓ ଆଖ୍ୟାୟିକାରୁ ତୁଳସୀ ବିବାହ ସମ୍ପର୍କରେ ସୂଚନା ମିଳୁଛି ।

–ଐତିହାସିକ ଏକାଦଶୀ ପାଢୀ,

## ପ୍ରତିବାଦ ସଭାରେ ପରିଣତ ହେଲା ଜନ ଜାଗରଣ ଯାତ୍ରା

କେନ୍ଦ୍ରାପଡା ଅଫିସ, ୧୪।୧

ନାଗରିକତ୍ୱ ସଂଶୋଧନ ଆଇନ ସମର୍ଥନରେ ସହରର ତିନିମୁହାଣୀ ଠାରୁ ଗୋପସ୍ଥିତ ରାମମନ୍ଦିର ପର୍ଯ୍ୟନ୍ତ ଭାଜପା ପକ୍ଷରୁ ଜନ ଜାଗରଣ ଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଥିଲା । ତେବେ ଜିଲା ପ୍ରଶାସନର ଅନୁମତି ନ ଥିବାରୁ ଏହି ଜନ ଜାଗରଣ ଶୋଭାଯାତ୍ରା ସହରର ତିନିମୁହାଣୀ ଠାରେ ପ୍ରତିବାଦ ସଭାରେ ଶେଷ ହୋଇଛି । ଗତ ଡିସେମ୍ବର ୧୨ ତାରିଖରେ ନାଗରିକତ୍ୱ ବିଲ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ ପରେ ଆଇନରେ ପରିଣତ ହୋଇଥିଲା । ତେବେ ସିଏଏକୁ ନେଇ ସାରା ଦେଶରେ ଅଶାନ୍ତି ଦେଖାଦେଇଛି । ଆଇନର ସୁଫଳ ସମ୍ପର୍କରେ ସାଧାରଣ ଲୋକଙ୍କୁ ବୁଝାଇବା ପାଇଁ ଭାଜପା ପକ୍ଷରୁ ସହରର ତିନିମୁହାଣୀସ୍ଥିତ ରାମମନ୍ଦିର ନିକଟରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଏଥିପାଇଁ ଅନୁମତି ନ ଥିବାରୁ ଜିଲା ପୋଲିସର ୮ ପ୍ଲାଟୁନ ପୋଲିସ ସହରର ଜ୍ଞାନପୀଠ ଛକରେ ଥିବା ବେଳେ ନୂଆ ବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ ଓ ଗରାପୁର ଛକରେ ଗୋଟିଏ ଲେଖାଏ ପ୍ଲାଟୁନ ରଖାଯାଇଥିଲା । ପୋଲିସର ଏହି ସାଜସଜ୍ଜାକୁ ଦେଖି



ତିନିମୁହାଣି ଛକରେ ଭାଜପା କର୍ମୀମାନେ ।

ଶୋଭାଯାତ୍ରା ତିନିମୁହାଣୀ ଛକରେ ଅଟକିବା ସହିତ ଏକ ପ୍ରତିବାଦ ସଭା ଜିଲା ସଭାପତି କିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜିଲା ପ୍ରଶାସନ ପକ୍ଷରୁ ଶୋଭାଯାତ୍ରାକୁ ଅନୁମତି ନ ମିଳିବାରୁ ପ୍ରତିବାଦ ସଭା କରାଯାଇ ସିଏଏ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏଥିରେ ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି, ଜିଲା ପ୍ରଭାରୀ ଦିଲିପ ମଲ୍ଲିକ, ସଂଯୋଜକ ଅଭିମନ୍ୟୁ ସେଠୀ, ପୂର୍ବତନ ଏମପି ବିଭୁ ତରାଇ, ବରିଷ୍ଠ ନେତା ଅଲେଖ ଚନ୍ଦ୍ର ଜେନା, ଦୋଳଗୋବିନ୍ଦ ନାୟକ, ସୁନାକର ବେହେରା, ବିଜୟ କୁମାର ପ୍ରଧାନ, ନେହେରୁ ସାହୁ, ବୈଦନାଥ ଚାଟାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ । ନେତୃମଣ୍ଡଳୀ ପ୍ରକାଶ କରିଥିଲେ ଯେ, ସିଏଏ ଭାରତୀୟଙ୍କ ନାଗରିକତ୍ୱକୁ ଛଡାଉନାହିଁ । ଏହି ନିୟମ ଫଳରେ ପଡୋଶୀ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶର ସଂଖ୍ୟାଲଘୁ ଥିବା ହିନ୍ଦୁ, ଶିଖ, ପାର୍ସି, ଜୈନ ଆଦି ୬ଟି ଧର୍ମର ଲୋକଙ୍କୁ ସୁରକ୍ଷା ଦିଆଯାଉଛି । ୨୦୧୪ ଡିସେମ୍ବର ସୁଦ୍ଧା ଭାରତରେ ବସବାସ କରୁଥିଲେ ଭାରତୀୟ ନାଗରିକତ୍ୱ ମିଳିବ ବୋଲି ସେମାନେ ପ୍ରକାଶ କରିଥିଲେ । ଏହି ସଭାରେ ୫୦୦ରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ଯୋଗ ଦେଇଥିଲେ । ତେବେ ଶୋଭାଯାତ୍ରା ପାଇଁ ଅନୁମତି ନ ଥିବାରୁ ନୂଆ ଇଦଗାହ ପଡିଆରେ ଜିଲା ପୋଲିସ ସେମାନଙ୍କୁ ଅଟକାଇଥିଲା ।

## ଧ୍ରୁବ ଚରଣ ବେହେରା ନୂଆ ଡିଇଓ

କେନ୍ଦ୍ରାପଡା ଅଫିସ,୨୬।୧୦

ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀଙ୍କ ବଦଳି ହୋଇଛି । ଏନେଇ ମଙ୍ଗଳବାର ପ୍ରକାଶ ପାଇଥିବା ବିଜ୍ଞପ୍ତି (ନଂ- ୧୧୬୪)ରେ ଡିଇଓ କଳ୍ପନା କୁମାରୀ ବେହେରା ଅନୁଗୋଳ ଡିଇଓ ଭାବେ ଅବସ୍ଥାପିତ ହେବେ । ତାଙ୍କ ସ୍ଥାନରେ ମୟୁରଭଞ୍ଜ ଡିଇଓ ଧ୍ରୁବ ଚରଣ ବେହେରା ଯୋଗ ଦେବେ ।

## ବିବେକାନନ୍ଦ ଜୟନ୍ତୀ ପାଳିତ

ଡେରାବିଶ,୧୪।୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳାସ୍ଥିତ ଉତ୍କଳ ଯୁବ ଚେତନା ପରିଷଦ ଆନୁକୂଲ୍ୟରେ ଗ୍ରାମର ରାମମନ୍ଦିର ପ୍ରାଙ୍ଗଣରେ ସ୍ୱାମୀ ବିବେକାନନ୍ଦଙ୍କ ୧୫୭ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପରିଷଦର ସଭାପତି ସୁଖଦାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ପ୍ରବଚକ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟଅତିଥି, ହରିଅଙ୍କ ସମିତି ସଭ୍ୟ ରଘୁନାଥ ଶତପଥୀ ମୁଖ୍ୟବକ୍ତା ,ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ରାଉତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଡି. ଗୁପ୍ତା, ପତିତପାବନ ସ୍ୱାଇଁ, ପଣ୍ଡିତ ଜୟନ୍ତ ଶତପଥୀ , ଅଧ୍ୟାପକ ରବୀନ୍ଦ୍ରନାଥ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀ ମଞ୍ଚ ପରିଚାଳନା କରିଥିବା ବେଳେ ଦିଲୀପ ପରିଡା ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବରୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ପ୍ରତିଷ୍ଠା ଦିବସ ପାଳିତ


ପ୍ରତିଷ୍ଠା ଦିବସ ସଭାରେ ପୁରାତନ ଛାତ୍ର ଓ ଅନ୍ୟମାନେ ।

ପଟ୍ଟାମୁଣ୍ଡାଇ, ୧୪।୧ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ମନ୍ମଥନାଥ ହାଇସ୍କୁଲର ୭୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ସଭାରେ ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ସମ୍ପାଦକ ପ୍ରଫେସର ବୈଷ୍ଣବ ଚରଣ ସିଂହ , ପୁରାତନ ଶିକ୍ଷକ ସନାତନ ବେହୁରା, ପ୍ରାଧ୍ୟାପକ ଭରତ ପାତ୍ର, କୈଳାଶ ଚନ୍ଦ୍ର ପାତ୍ର, ସର୍ବେଶ୍ୱର ସିଂହ, କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ, ପ୍ରମୋଦ ସାହୁ, ବିଜୟ ସାହୁ, ତ୍ରିଲୋଚନ ଜେନା, ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ହାଇସ୍କୁଲର ଉନ୍ନତି ତଥା ଛାତ୍ରୀଛାତ୍ରମାନଙ୍କର ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରିୟାଯୋଗୀ ପ୍ରଜ୍ଞାନାନନ୍ଦ ପରମହଂସ ଏହି ହାଇସ୍କୁଲର ଛାତ୍ର ଭାବେ ସମଗ୍ର ଅଞ୍ଚଳର ସୁନାମ ବୃଦ୍ଧି କରିଛନ୍ତି ବୋଲି ବକ୍ତାମାନେ କହିଥିଲେ । ଏହି ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ବୃଦ୍ଧି ପାଇଁ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉଦ୍ୟମ ଜାରି ରଖିବାକୁ ବକ୍ତାମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁରୁ ପ୍ରସନ୍ନ ସାହୁ, ଆଇନଜୀବୀ ଶିଶିର ମଲିକ, ରମେଶ କୁମାର ଦେ, ରମାକାନ୍ତ ଦାଶଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗଦେଇ ହାଇସ୍କୁଲ ଭିତରକୁ କଲେଜ ରୋଡ୍‌ର ଡ୍ରେନ୍ ପାଣି ନ ଛାଡିବା ପାଇଁ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା । ଶିକ୍ଷୟିତ୍ରୀ ଆରାଧାନା ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଷ୍ଠା ଦିବସ ଉତ୍ସବରେ ସହଯୋଗ କରିଥିଲେ । ଶେଷରେ ପୁରାତନ ଛାତ୍ର ରାଜେନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ ।

## ଅଙ୍ଗନୱାଡି କର୍ମୀଙ୍କ ବହିଷ୍କାର ଦାବି
### ଜିଲାପାଳଙ୍କୁ ଭେଟିଲେ ଜଗନ୍ନାଥପୁର ଗ୍ରାମବାସୀ

ଡେରାବିଶ,୧୪।୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର(ଘୁଷୁରିଆମାଳ) ଗ୍ରାମରେ ଥିବା ମିନି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଉର୍ମିଳା ସେଠୀ ତାଙ୍କ ସ୍ୱାମୀଙ୍କ ସହ ମିଶି ଗତ ସପ୍ତାହରେ ଗ୍ରାମବାସୀଙ୍କୁ ବିଭିନ୍ନ ଧମକଚମକ ଦେବା ଅଭିଯୋଗରେ ନିକିରାଇ ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଏଯାବତ୍ ଜେଲ ହାଜତରେ ରହିଛନ୍ତି । ହେଲେ ତାଙ୍କ ସ୍ୱାମୀଙ୍କ ବ୍ୟବହାର ଓ ଅଙ୍ଗନୱାଡି କର୍ମୀଙ୍କ ଅନିୟମିତତାରେ ଅତିଷ୍ଠ ହୋଇ ପଡିଥିବା ଜଗନ୍ନାଥପୁର ଗ୍ରାମର ଶତାଧିକ ମହିଳା ପୁରୁଷ ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ତୁରନ୍ତ ସଂପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ବହିଷ୍କାର ଦାବି ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲାପାଳ ବର୍ମା ଘଟଣାର ନିରପେକ୍ଷ ତଦନ୍ତ ପ୍ରଶାସନିକ ସ୍ତରରେ କରାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି । ତେବେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ ହେଲେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଗ୍ରାମବାସୀ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଛାତ୍ରଙ୍କୁ କାର୍ଯ୍ୟରେ ଲଗାଯାଉଥିବା ଅଭିଯୋଗ

ମହାକାଳପଡା,୧୪।୧(ଡି.ଏନ.ଏ.)

ମହାକାଳପଡା ବ୍ଲକ ଅଧୀନ ବିଜୟନଗର ପଞ୍ଚାୟତର ବିଜୟନଗର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ କେତେକ ଛାତ୍ରଙ୍କୁ ମଙ୍ଗଳବାର ମାଟି ସମତୁଲ କରାଯିବା କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଅଭିଯୋଗ ହୋଇଛି । ଏହା ଜଣାପଡିବା ପରେ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତା ପାଇଁ ଟ୍ରାକ୍ଟରରେ ଖେଳ ପଡିଆ ମାଟି ସମତୁଲ କରାଯାଉଥିଲା । ତେବେ କେତେକ ଛାତ୍ର ଟ୍ରାକ୍ଟର ପଛରେ ଲାଗିଥିବା ଏକ ଯନ୍ତ୍ରାଂଶରେ ଛିଡା ହୋଇ ଭାରସାମ୍ୟ ରକ୍ଷା କରି ମାଟି ସମତୁଲରେ ସାମିଲ


ବିଦ୍ୟାଳୟ ପରିସରରେ ଟ୍ରାକ୍ଟର ଉପରେ ପିଲାମାନେ ।

ଥିଲେ । ବିଦ୍ୟାଳୟ ଚାଲିଥିବା ବେଳେ ଏପରି କାର୍ଯ୍ୟକୁ ଅନ୍ୟମାନେ ଦେଖିଥିଲେ ମଧ୍ୟ କେହି ଏହାର ପ୍ରତିବାଦ କରି ନ ଥିଲେ । ଏ ନେଇ ପ୍ରଧାନଶିକ୍ଷକ ନୃସିଂହ ଚରଣ ତ୍ରିପାଠୀଙ୍କୁ ଯୋଗଯୋଗ କରାଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା । ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲା ଶିକ୍ଷା ଅଧିକାରୀଣି କଳ୍ପନା ବେହେରାଙ୍କ ମତାମତ ନେବାରେ ଏହାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୬୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି ।

## ଉପକୂଳ ନିୟନ୍ତ୍ରଣ ଅଞ୍ଚଳ ସୀମା ନିର୍ଦ୍ଧାରଣ ଜନଶୁଣାଣି

କେନ୍ଦ୍ରାପଡା ଅଫିସ, ୧୪।୧

ସମୁଦ୍ରର ଉଚ୍ଚ ଜୁଆର ଉଠୁଥିବା ଅଞ୍ଚଳରୁ ୫୦୦ ମିଟର ଓ ସମୁଦ୍ର ଜୁଆରର ପ୍ରକୋପ ଥିବା ନଦୀର ଉଭୟ ପାର୍ଶ୍ୱରେ ୫୦ ମିଟର ପର୍ଯ୍ୟନ୍ତ କୌଣସି ସ୍ଥାୟୀ ନିର୍ମାଣ ହେବନାହିଁ । ସମୁଦ୍ର କିମ୍ବା ନଦୀ ପଠାରେ ନିର୍ମାଣ ପାଇଁ ଓଡିଶା କୋଷ୍ଟାଲ ଜୋନର ଅନୁମତି ଓ ଏନଓସି ନେବାକୁ ପଡିବ । ତେବେ କେନ୍ଦ୍ରାପଡା ଉପକୂଳ ନିୟନ୍ତ୍ରଣ ଅଞ୍ଚଳ ପାଇଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ଚିଠା ନକ୍ସା ସାର୍ବଜନୀନ ହୋଇନାହିଁ । ଭିତରକନିକା ସଂରକ୍ଷିତ ବନାଞ୍ଚଳର ସୀମା ନିର୍ଦ୍ଧାରଣ ହୋଇ ନ ଥିବା ବେଳେ ଜନଶୁଣାଣି ପାଇଁ ବ୍ୟାପକ ପ୍ରଚାର ପ୍ରସାର ହୋଇନାହିଁ । ଚିଠା ନକ୍ସାକୁ ସାର୍ବଜନୀନ ପରେ ଜିଲା ଉପକୂଳ ନିୟନ୍ତ୍ରଣ ଅଞ୍ଚଳ ପାଇଁ ମତ ନିଆଯାଉ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଜନଶୁଣାଣି ଶିବିରରେ ମତ ପ୍ରକାଶ ପାଇଛି ।

୨୦୧୯ ଜାନୁୟାରୀ ୧୮ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପକୂଳ ନିୟନ୍ତ୍ରଣ ଅଞ୍ଚଳ (ସିଆରଜେଡ)ର ଚିହ୍ନଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏନେଇ ଚିଠା ନକ୍ସା ହୋଇଥିଲେ ମଧ୍ୟ ଚୂଡାନ୍ତ ରୂପରେଖ ପାଇଁ ତଟବର୍ତ୍ତୀ ଅଞ୍ଚଳବାସୀ ମତ ସଂଗ୍ରହ ପାଇଁ ରାଜନଗର ବନ ବିଭାଗ ପକ୍ଷରୁ ଏହି ଜନଶୁଣାଣି ଅପରାହ୍ନ ୧ଟାରେ ଅନୁଷ୍ଠିତ ହୋଇଥିଲା । ଉପଜିଲାପାଳ ଜ୍ୟୋତଶଙ୍କର ମହାପାତ୍ର, ଡିଏଫଓ ବିକାଶ ରଞ୍ଜନ ଦାଶ, ସିଆରଜେଡ କମିଟି ସଦସ୍ୟ ନାରାୟଣ ହାଲଦାର ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ରାଜକନିକା, ଆଳି, ରାଜନଗର ଓ ମହାକାଳପଡା ବ୍ଲକ ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ପରିବେଶବିତ, କୃଷକ ଓ ଜନସାଧାରଣ ଯୋଗ ଦେଇ ଏ ସମ୍ପର୍କରେ ମତ ଦେଇଥିଲେ । ରାଜକନିକାର ହେମନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ ଦର୍ଶାଇଥିଲେ ଯେ, ଉପକୂଳ ପରିଚାଳନା, ସୁରକ୍ଷା, ଜୈବ ବିବିଧତାକୁ ତଟାଞ୍ଚଳବାସୀ ସ୍ୱାଗତ କରନ୍ତି । ତେବେ ପ୍ରସ୍ତୁତ ଚିଠା ନକ୍ସାରେ ନଦୀପଠାରେ ରହୁଥିବା ବହୁ ବ୍ୟକ୍ତି ନିରାଶ ହୋଇ ପଡିଛନ୍ତି । ପୁରୁଷାନୁକ୍ରମେ ରହିଥିବା ପରିବାର ସଦସ୍ୟଙ୍କ ପାଇଁ ଥଇଥାନର ବ୍ୟବସ୍ଥା ସମ୍ପର୍କରେ ଏଥିରେ ଉଲ୍ଲେଖ ନାହିଁ । ସେହିପରି ଭିତରକନିକା ସଂରକ୍ଷିତ ଅଞ୍ଚଳର ସୀମା ଏବେ ମଧ୍ୟ ବିବାଦୀୟ ଅଛି । କେନ୍ଦ୍ର ସରକାରଙ୍କ ପ୍ରସ୍ତୁତ ଚିଠା ନକ୍ସା ସମ୍ପର୍କରେ ପ୍ରଚାର ପ୍ରସାର ଅଭାବରୁ ସ୍ଥାନୀୟ ଅଞ୍ଚଳବାସୀ ଜାଣି ନାହାନ୍ତି । ପ୍ରାଥମିକ ଚିଠା ନକ୍ସାକୁ ସାର୍ବଜନୀନ ପରେ ଏହା ପାଇଁ ମତାମତ ନିଆଯାଉ । ସେହିପରି ଜିଲାର କେଉଁ ନଦୀର କେତେ ଅଞ୍ଚଳ ସାମୁଦ୍ରିକ ଜୁଆରର ପ୍ରଭାବ ରହୁଛି, ସେ ସମ୍ପର୍କରେ ଅବଗତ କରାଯାଉ ବୋଲି ଏଠାରେ କହିଥିଲେ । ଅପରପକ୍ଷରେ ଉପକୂଳ ନିୟନ୍ତ୍ରଣ ଅଞ୍ଚଳ ଚିହ୍ନଟ ପରେ ଇକୋ ଟୁରିଜିମ ଡେଭଲପମେଣ୍ଟ, ଉପକୂଳ ଅଞ୍ଚଳରେ ବିକାଶ, ଜୀବିକା ମିଶନକୁ ଗୁରୁତ୍ୱ ଦିଆଯିବ ବୋଲି ଡିଏଫଓ ଦାଶ ସୂଚନା ଦେଇଛନ୍ତି ।



କନ୍‌ଭେନ୍‌ଶନ ସେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀ।

# ଲୋକସେବା ଭବନର କନ୍‌ଭେନଶନ ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

- ୪୦୦ ଆସନବିଶିଷ୍ଟ ସମ୍ମିଳନୀ କକ୍ଷ
- ରହିଛି ଉନ୍ନତମାନର ସୁବିଧା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଲୋକସେବା ଭବନ ପରିସରରେ ନବନିର୍ମିତ ଅତ୍ୟାଧୁନିକ କନ୍‌ଭେନ୍‌ଶନ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ୫୧୮୦ ବର୍ଗମିଟର ପରିମିତ ଅଞ୍ଚଳରେ ପ୍ରତିଷ୍ଠିତ ଏହି କନ୍‌ଭେନ୍‌ଶନ ସେଣ୍ଟର ନିର୍ମାଣ ବାବଦରେ ୪୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି କନ୍‌ଭେନ୍‌ଶନ ସେଣ୍ଟରକୁ ସ୍ୱତନ୍ତ୍ର ଭାବେ ଆଧୁନିକ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି।

ଏହି ଦ୍ୱିତଳ ପ୍ରାସାଦର ତଳ ମହଲାରେ ୪୦୦ ଆସନବିଶିଷ୍ଟ ବୃହତ୍ ସମ୍ମିଳନୀ ପ୍ରକୋଷ୍ଠ ରହିଛି। ଏଥିରେ ୩୭ ଫୁଟ୍ ଲମ୍ବ ଓ ୨୪ ଫୁଟ୍ ପ୍ରସ୍ଥ ବିଶିଷ୍ଟ ଏକ ବୃହତ୍ ଭିଡିଓ ୱାଲ୍ ମଧ୍ୟ ନିର୍ମାଣ କରାଯାଇଛି। ଏଥିରେ ପ୍ରତ୍ୟେକ ଧାଡ଼ିରେ ମାଇକ୍ରୋଫୋନ୍ ସଂଯୋଗ କରାଯାଇଛି। ଅନୁରୂପ ଭାବରେ, ତଳ ମହଲାରେ ୮୦ରୁ ୯୦ ଆସନବିଶିଷ୍ଟ ବାଂକ୍ୱେଟ୍ ହଲ୍, ୬୦ ଆସନବିଶିଷ୍ଟ ବ୍ରେକ୍‌ଆଉଟ୍ ସ୍ପେଶ୍ ଓ ସୁସଜ୍ଜିତ ଭିଆଇପି ଲାଉଞ୍ଜର ବ୍ୟବସ୍ଥା କରାଯାଇଛି। କନ୍‌ଭେନ୍‌ଶନ୍ ସେଣ୍ଟରର ପ୍ରଥମ ମହଲାରେ ୧୦୦ ଆସନବିଶିଷ୍ଟ ଏକ ସମ୍ମିଳନୀ କକ୍ଷ ସମେତ ୩୦ ଏବଂ ୧୫ ଜଣ ବସିବା ଭଳି ୨ଟି ପୃଥକ୍ ପୃଥକ୍ କ୍ଷୁଦ୍ର ସମ୍ମିଳନୀ କକ୍ଷ ରହିଛି। ଏହି ସେଣ୍ଟରରେ ୨ ଗ୍ରୀନ୍ ରୁମ୍, କଣ୍ଟ୍ରୋଲ ରୁମ୍, ମେଡିକାଲ ରୁମ୍, ରେକର୍ଡ ରୁମ୍, ପ୍ରେସ୍ ଲାଉଞ୍ଜ ସହିତ ଅଫିସ୍ ଏବଂ ଖବରଦାତାଙ୍କୁ ସୂଚନା ପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା କରାଯାଇଛି। ଦୁଇଟି ଲିଫ୍ଟ ରହିଥିବା ବେଳେ ସୁଦୃଢ଼ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ସେଣ୍ଟରରେ ଭୂତଳ ଜଳ ସଂରକ୍ଷଣ ବ୍ୟବସ୍ଥା ସହିତ ଭିତର ଏବଂ ବାହାର ପାର୍ଶ୍ୱରେ ସବୁଜବଳୟ ଏବଂ ଲ୍ୟାଣ୍ଡସ୍କେପିଂ ବ୍ୟବସ୍ଥା କରାଯାଇଛି। ର୍ୟାମ୍ପ ଓ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା କ୍ରମେ କନ୍‌ଭେନ୍‌ଶନ୍ ସେଣ୍ଟରକୁ ଭିନ୍ନକ୍ଷମ ଅନୁକୂଳ କରାଯାଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଥିଲେ ଯେ, ରାଜ୍ୟରେ ଗୋଟିଏ ଉନ୍ନତମାନର କନଭେନ୍‌ଶନ୍ ସେଣ୍ଟର ଅଭାବ ରହିଥିଲା, ଯାହା ଏହାର ଉଦ୍‌ଘାଟନ ପରେ ପୂରଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିବା ଏହି ସେଣ୍ଟରକୁ ରାଜ୍ୟ କନଭେନ୍‌ଶନ୍ ସେଣ୍ଟର କୁହାଯାଉଛି। ସଚିବାଳୟ, କେନ୍ଦ୍ର ଓ ରାଜ୍ୟ ସରକାରୀ ଉଦ୍ୟୋଗର ବିଭିନ୍ନ କାର୍ଯ୍ୟକ୍ରମ ଏଥିରେ ଆୟୋଜନ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର, ଓଡ଼ିଶା ପର୍ଯ୍ୟଟନ ଏବଂ ସ୍ମାର୍ଟ ସିଟି, ଭୁବନେଶ୍ୱର ଉପରେ ପ୍ରଦର୍ଶିତ ତିନୋଟି ଭିଡିଓ ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩୨ ଓଇଏସ୍ ଅଧିକାରୀଙ୍କ ପଦୋନ୍ନତି

ଭୁବନେଶ୍ୱର, ୧୪।୧(ବ୍ୟୁରୋ): ଓଡ଼ିଶା ଏଜୁକେଶନ ସର୍ଭିସ(ଓଇଏସ୍)ର ୩୨ ଅଧିକାରୀଙ୍କ ପଦୋନ୍ନତି କରାଯାଇଛି। ମଙ୍ଗଳବାର ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ତଦନୁଯାୟୀ, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ଦିଆଯାଇଛି। ଏହାସହ ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ ଉପନିର୍ଦ୍ଦେଶକ ରାଧା ମୋହନ ପଣ୍ଡା, ଗଞ୍ଜାମ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ସୁନ୍ଦରଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ଖୋର୍ଦ୍ଧା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଓ ଭଦ୍ରକ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ଦିଆଯାଇଛି। ସେହିପରି ଓସେପାର ଉପ ନିର୍ଦ୍ଦେଶକ ଅରୁଣବାଳା ତ୍ରିପାଠୀ ଓ ସୁରେଖା ତରାଇଙ୍କୁ ଓସେପା ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ମିଳିଛି।

# ପିଲାଙ୍କ ପରୀକ୍ଷା, ବିଦ୍ୟୁତ୍ କାଟନି: ବିରୋଧୀ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ରାଜ୍ୟରେ ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ଗ୍ରାହକଙ୍କ ଘର ଆସନ୍ତା ୧୬ତାରିଖରୁ ଅନ୍ଧାର ହେବ। ଏନେଇ ସେସୁ ପକ୍ଷରୁ କଡ଼ାକଡ଼ି ସୂଚନା ଦିଆଯାଇଛି। ବିରୋଧୀ ଦଳଗୁଡ଼ିକ ସେସୁର ଏଭଳି ନିଷ୍ପତ୍ତି ବିରୋଧରେ ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି। ଯଦି ସରକାର କୌଣସି ଗରିବ ଲୋକଙ୍କ ବିଦ୍ୟୁତ୍ କାଟ କରନ୍ତି, ତେବେ ଆନ୍ଦୋଳନ ହେବା ନିଶ୍ଚିତ ବୋଲି ବିରୋଧୀ ଜଣାଇ ଦେଇଛନ୍ତି। ପିଲାମାନଙ୍କ ପରୀକ୍ଷା ମୁଣ୍ଡ ଉପରେ ଥିବାବେଳେ ଏଭଳି ନିଷ୍ପତ୍ତି ଠିକ୍ ନୁହେଁ ବୋଲି ସେମାନେ କହିଛନ୍ତି। ଏହାସହ ଶିଳ୍ପପତିଙ୍କଠାରୁ ବକେୟା ଆଦାୟ ନ କରି ଗରିବଙ୍କ ବିଦ୍ୟୁତ୍ କାହିଁକି କଟାଯିବ ବୋଲି ବିରୋଧୀ ଯୁକ୍ତି ବାଢ଼ିଛନ୍ତି। ଅନ୍ୟପକ୍ଷରେ ସେସୁ ସିନିୟର ଜେନେରାଲ ମ୍ୟାନେଜର ମନୋଜ ସିଂ ସୂଚନା ଦେଇ କହିଛନ୍ତି ଯେ, ୧୬ ତାରିଖରେ ହିଁ ବିଦ୍ୟୁତ୍ କାଟ କରାଯିବ। ପ୍ରଥମେ ବକେୟା ରଖିଥିବା କମର୍ସିଆଲ ଉପଭୋକ୍ତାଙ୍କ ବିଦ୍ୟୁତ୍ କଟିବ ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଝିଙ୍କିକା ମାରି ବଣି ପୋଷିବା ନୀତିରେ ରାଜ୍ୟ ସରକାର ଶାସନ ଚଳାଇଛନ୍ତି। ଗ୍ରୀଡ୍‌କୋର ୭,୬୫୭ କୋଟି ଟଙ୍କା ବିଭିନ୍ନ କମ୍ପାନୀ ଏବଂ ବ୍ୟବସାୟିକ ଅନୁଷ୍ଠାନ ପାଖରେ ବକେୟା ପଡିଥିବା ବିଧାନସଭାରେ ସରକାର ମାନିଛନ୍ତି। ଏହି ଅର୍ଥକୁ ସରକାର ଆଦାୟ ନ କରି ଗରିବଙ୍କ ପାଖରେ ବାକିଥିବା ଅର୍ଥକୁ ଅସୁଲି କରିବା ପାଇଁ ଲାଗି ପଡିଛନ୍ତି। ଗ୍ରୀଡ୍‌କୋର ବକେୟା ରାଶି କେଉଁ କମ୍ପାନୀ ପାଖରେ କେତେ ଅଛି, ସରକାର ତାହା ଶ୍ୱେତପତ୍ର ମାଧ୍ୟମରେ ଜଣାନ୍ତୁ। କିଛିଦିନ ମଧ୍ୟରେ ମାଟ୍ରିକ୍ ଏବଂ ଯୁକ୍ତ ୨ ପରୀକ୍ଷା ହେବାକୁ ଯାଉଛି। ବକେୟା ଆଦାୟ ନାଁରେ ବିଦ୍ୟୁତ କାଟି ଗାଁ ଗହଳିର ଗରିବ ପିଲାଙ୍କ ଭବିଷ୍ୟତକୁ ସରକାର ଅନ୍ଧାର କରିଦେବାକୁ ବସିଛନ୍ତି। ଏଭଳି ଦାୟିତ୍ୱହୀନ ପଦକ୍ଷେପରୁ ସରକାର ନିବୃତ୍ତ ରୁହନ୍ତୁ ନଚେତ୍ ଉଚିତ ଜବାବ ମିଳିବ ବୋଲି ଲେଖାଶ୍ରୀ କହିଛନ୍ତି।

କଂଗ୍ରେସ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ବିଦ୍ୟୁତ୍ କଟାଯାଇନାହିଁ, ବୋଲି ଆମେ ରାସ୍ତାକୁ ଓହ୍ଲାଇନାହୁଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶକ୍ତିମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ, ମୁଣ୍ଡ ଉପରେ ପିଲାମାନଙ୍କ ପରୀକ୍ଷା ଅଛି, ଯେମିତି ଗରିବ ଲୋକଙ୍କୁ ଅସୁବିଧା କରା ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପ୍ରଥମେ କୋଟି କୋଟି ଟଙ୍କା ବକେୟା ରଖିଥିବା ଶିଳ୍ପପତିଙ୍କଠାରୁ ଅର୍ଥ ଆଦାୟ କରାଯାଉ। ଯଦି ଗୁରୁବାର କୌଣସି ଗରିବ ଲୋକଙ୍କ ଲାଇନ କଟାଯାଏ, ତେବେ ସବୁ ଇଲେକ୍ଟ୍ରି ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ରାଉତରାୟ ଚେତାବନୀ ଦେଇଛନ୍ତି।

## ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

**ନବରଙ୍ଗପୁର,୧୪।୧(ବି.ପ୍ର.)**

ନବରଙ୍ଗପୁର ଜିଲା ଗାଦବାଗୁଡା ସାହିରେ ରହୁଥିବା ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝି(୭୯)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଛତିଶଗଡ ରାୟପୁରର ରାମକୃଷ୍ଣ କେୟାର ସେଣ୍ଟର ହସ୍ପିଟାଲରେ ରବିବାରଠାରୁ ସେ ଚିକିତ୍ସିତ ହେଉଛନ୍ତି। ହୃଦ୍ ଯନ୍ତ୍ରଣା ସହ ହିମୋଗ୍ଲୋବିନ ୬ ପ୍ରତିଶତ ରହିଛି। ରକ୍ତ କମ୍ ରହିଥିବା ହେତୁ ଅସ୍ତ୍ରୋପଚାର କରାଯିବା ସମ୍ଭବ ହୋଇ ପାରୁ ନାହିଁ। ଚିକିତ୍ସା ପରେ ଏବେ ସ୍ୱାସ୍ଥ୍ୟ ଅବସ୍ଥାରେ କିଛି ଉନ୍ନତି ଘଟିଛି ବୋଲି ଡାକ୍ତର କହିଛନ୍ତି। ଡମ୍ବରୁ ବିଏ, ଏଲ.ଏଲ.ବି ପାସ କରିବା ପରେ ରାଜନୀତିରେ ଯୋଗ ଦେଇଥିଲେ। ସେ ୧୯୬୭ ଓ ୧୯୭୧ରେ ସ୍ୱତନ୍ତ୍ର ଦଳରୁ ୨ଥର ଡାବୁଗାଁ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କଂଗ୍ରେସରେ ଯୋଗଦେଇ ୧୯୭୭ ଓ ୧୯୮୦ରେ କୋଡିଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ।

## ଜିଲା ଚିଠି
## ସୁବର୍ଣ୍ଣପୁର



# ଅତିଥିଙ୍କ ମହୋତ୍ସବ

ସୁବର୍ଣ୍ଣ ଲୋକ ମହୋତ୍ସବକୁ ଇତିମଧ୍ୟରେ ୨୭ ବର୍ଷ ପୂରିଛି। ଜାନୁୟାରୀ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଜିଲାସ୍ତରୀୟ ମହୋତ୍ସବ ଗାନ୍ଧୀ ପଡିଆରେ ଅନୁଷ୍ଠିତ ହୋଇଥିଲା। ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ସଂସ୍କୃତି ପରିଷଦ ଓ ଜିଲା କଳା ସଂସ୍କୃତି ସଂଘ ମିଳିତ ଭାବେ ଏହି ମହୋତ୍ସବ ଆୟୋଜନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ପର୍ଯ୍ୟାୟକ୍ରମେ ଜିଲାର ସମସ୍ତ ୬ଟି ବ୍ଲକ ଓ ରାଜ୍ୟ ତଥା କଶ୍ମୀର, ଆସାମ, ଉତ୍ତରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ ଓ ହରିୟାଣା ଭଳି ରାଜ୍ୟରୁ ଆସିଥିବା କଳାକାରମାନଙ୍କ ସମାଗମ ହୋଇଥିଲା। ଜିଲାବାସୀ କଳାକାରଙ୍କ ଲୋକନୃତ୍ୟ, ଲୋକସଙ୍ଗୀତକୁ ଉପଭୋଗ କରିଥିଲେ । ଏହି ଅବସରରେ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା, କୃଷି, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଥିଲା । ଲୁପ୍ତପ୍ରାୟ ପାରମ୍ପରିକ ଲୋକକଳା, ସଂସ୍କୃତିର ବିକାଶ ସହିତ ମେଳା ଯୋଗୁ ବହୁ ଏସ୍‌ଏଚ୍‌ଜି ଓ କୁଟୀରଶିଳ୍ପୀ ତଥା ଛୋଟ ବ୍ୟବସାୟୀ ଭଲ ବ୍ୟବସାୟ କରିଥିଲେ । ମେଳାରେ ପ୍ରାୟ କୋଟିଏ ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିଲା। ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମେଳା ଯୋଗୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ସାଂସ୍କୃତିକ ସନ୍ଧ୍ୟାରେ ଅତିଥିଭାବେ ଯୋଗ ଦେଉଥିବା ଅଧିକାଂଶ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ନେତୃବୃନ୍ଦଙ୍କ ଲମ୍ବା ଭାଷଣରେ କଳା ଓ ସଂସ୍କୃତି ବିଷୟରେ ଆଲୋଚନା କମ୍ ହେଉଥିଲା। କେତେକ ଅତିଥି ନିଜ ସମ୍ପର୍କରେ ଅଧିକ ଟେକା ଟେକି କରି ଭାଷଣ ଦେଇଥିଲେ। ଅତିଥିମାନଙ୍କ ଆକର୍ଷଣହୀନ ଭାଷଣବାଜି ପାଇଁ ଦର୍ଶକ ବିରକ୍ତି ଭାବ ପ୍ରକାଶ କରିଥିଲେ। କଳାକାରଙ୍କୁ କଳା ଓ ସଂସ୍କୃତିର ଝଲକ ଦେଖାଇବା ପାଇଁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡିଥିଲା। ଅତିଥିଙ୍କ ଭାଷଣ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବ ହେଲା। ଶୀତ ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମର ଶେଷ ଆଡକୁ ଦର୍ଶକଙ୍କ ଚୌକିଗୁଡିକ ଖାଲି ପଡିଲା। ସତେ ଯେପରି ଏହି ଲୋକ ମହୋତ୍ସବ ଅତିଥିଙ୍କ ମହୋତ୍ସବରେ ପରିଣତ ହୋଇଯାଇଥିଲା । ଏଣେ ଅଧିକାଂଶ ଜିଲାସ୍ତରୀୟ ଅଧିକାରୀ ମହୋତ୍ସବରେ ନିଜକୁ ସଂଶ୍ଲିଷ୍ଟ ନ କରି ଉପରଠାଉରିଆ ଭାବେ କାର୍ଯ୍ୟ ସମ୍ପାଦନ କଲେ, ଉତ୍ସବସ୍ଥଳରେ ଅନୁପସ୍ଥିତ ରହିଲେ। ଏଭଳି ସ୍ଥିତିରେ ଜିଲାର ଗୌରବମୟ ଲୋକକଳାର ସୁରକ୍ଷା, ପୁନରୁଦ୍ଧାର ଓ ପ୍ରସାର ପାଇଁ ଯେଉଁ ଲୋକମହୋତ୍ସବର ପରିକଳ୍ପନା ହୋଇଥିଲା ତା'ର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେଲା ଭଳି ମନେହେଲାନି। ବର୍ଷକରେ ଥରେ ଆଡମ୍ବରପୂର୍ଣ୍ଣ ଭାବେ ଉତ୍ସବ ଆୟୋଜନ ହେଲା। କିନ୍ତୁ ରଙ୍ଗବେରଙ୍ଗ ଆଲୋକସଜ୍ଜା ଓ ଆକର୍ଷଣୀୟ ମଞ୍ଚ ନିର୍ମାଣରେ ସୀମିତ ରହିଲା। ଗ୍ରାମାଞ୍ଚଳର ସମର୍ପିତ ଲୋକକଳାକାରଙ୍କୁ ସୁଯୋଗ ମିଳିଲାନି। ପ୍ରଚାର ପ୍ରସାରରେ ଅଭାବ ପରିଲକ୍ଷିତ ହେଲା। ବ୍ଲକ କଳା ସଂସ୍କୃତି ସଂଘ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ଲୋକନୃତ୍ୟ ପ୍ରଦର୍ଶନ କରିବାକୁ କେବଳ ସୁଯୋଗ ପାଇଲେ। ଏଭଳି ସ୍ଥିତିରେ କଳାକାରଙ୍କ ମନକଥା ବୁଝିବାକୁ କାହା ପାଖରେ ସମୟ ନ ଥିଲା । ଏ ନେଇ ଜିଲାର ସଂସ୍କୃତିପ୍ରେମୀ, କଳାକାର, ଗବେଷକ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଚିନ୍ତା ବଢ଼ିଥିଲେ ମଧ୍ୟ କିଛି କରିବାର ଉପାୟ ନ ଥିଲା।

– ମୃତ୍ୟୁଞ୍ଜୟ ଶତପଥୀ

# ମନମୋହନଙ୍କ ଶେଷକୃତ୍ୟ ସମ୍ପନ୍ନ


ପୁରୀ ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

**ପୁରୀ ଅଫିସ, ୧୪।୧**

ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କର ସୋମବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଥିଲା। ମଙ୍ଗଳବାର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସକାଳେ ସ୍ୱର୍ଗତ ମହାପାତ୍ରଙ୍କ ମରଶରୀର ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲା। ପୁରୀ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶବାଧାରରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗାର୍ଡ ଅଫ୍ ଅନର ଦିଆଯିବା ପରେ ମୃତଦେହ ସତ୍କାର କରାଯାଇଥିଲା। ପୁଅ ଆଶୁତୋଷ ମହାପାତ୍ର ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ପୁରୀର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଆଡିଶନାଲ ଏସ୍‌ପି ଅରୁଣ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂଙ୍କ ସମେତ ସ୍ୱର୍ଗତ ମହାପାତ୍ରଙ୍କ ଆତ୍ମୀୟସ୍ୱଜନ, ବହୁ ସମ୍ପର୍କୀୟ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସ୍ୱର୍ଣ୍ଣିମା ରଥ


କେ. ଶ୍ରୀନିବାସ ରାଓ



ସତୀଶ କୁମାର ନାୟକ



ସୁଜାତା ସାହୁ

No Plastic Bags
ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ୨୩ ସମବାୟ ନିରୀକ୍ଷକଙ୍କୁ ନିଯୁକ୍ତି

## ଚାଷୀଙ୍କ ସହ ସିଧାସଳଖ ଯୋଡ଼ିହେବାକୁ ମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୧୪।୧(ବ୍ୟୁରୋ)**

ରାଜ୍ୟର କୃଷି ଅର୍ଥନୀତି ସହିତ ସମବାୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମୋଟ ଫସଲ ଋଣର ପ୍ରାୟ ୭୦% ସମବାୟ ମାଧ୍ୟମରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ସମବାୟ ଆନ୍ଦୋଳନକୁ ଅଧିକ ସକ୍ରିୟ କରି ଏଥିରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା ଆବଶ୍ୟକ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମଙ୍ଗଳବାର ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ନବନିଯୁକ୍ତ ସମବାୟ ନିରୀକ୍ଷକଙ୍କ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟର କୃଷକଙ୍କ ମଧ୍ୟରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ। ତେଣୁ ସମବାୟ ମାଧ୍ୟମରେ ଫସଲ ଋଣ ସହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ପାଇଁ ଚାଷୀଙ୍କ ସହ ସିଧାସଳଖ ଯୋଡ଼ିହେବାକୁ ସମବାୟ ନିରୀକ୍ଷକମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସମ୍ପ୍ରତି ପ୍ରାୟ ୯୦୦୦ ସମବାୟ ସମିତି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ଲୋକଙ୍କୁ ସେବା ଯୋଗାଇ ଦେଉଛି। ବିଭାଗ ପକ୍ଷରୁ ପ୍ରାଥମିକ କୃଷି ସମବାୟ ସମିତି ଏବଂ ସମବାୟ ବ୍ୟାଙ୍କଗୁଡ଼ିକର ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ଦ୍ୱାରା ଯୋଗ୍ୟ ବିବେଚିତ ୨୩ ସମବାୟ ନିରୀକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ନବନିଯୁକ୍ତ ନିରୀକ୍ଷକମାନେ ନୂତନ ଜ୍ଞାନକୌଶଳ ଶିକ୍ଷା କରି ସେମାନଙ୍କ ଦକ୍ଷତାର ପ୍ରମାଣ ଦେବା ସହ ଜନସେବାରେ ନିୟୋଜିତ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତି ସମୂହର ନିବନ୍ଧକ ବିଭୂତି ଭୂଷଣ ପଟ୍ଟନାୟକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିମିଟେଡ୍ ସଭାପତି ଅକ୍ଷୟ କୁମାର ମହାନ୍ତି, ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ଜେନା, ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ଭରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସମବାୟ ନିରୀକ୍ଷକଙ୍କ ଭୂମିକା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ।

# ଜଙ୍ଗଲରୁ ମିଳିଲା ହାତୀର ଗଳିତ ମୃତଦେହ

- ହତ୍ୟା ପରେ ଦାନ୍ତ କାଟି ନେଇଛନ୍ତି ଦୁର୍ବୃତ୍ତ

**ଲୋଇସିଂହା,୧୪।୧(ଡି.ଏନ.ଏ.)**



ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ତଥା ଆଗଲପୁର ବ୍ଲକ ମହାକୁରପାଲି ଗାଁ ନିକଟ ଛେଳିଆପାଟ ଜଙ୍ଗଲରେ ଏକ ଦନ୍ତାହାତୀର ଶିକାର କରାଯାଇଛି। ଶିକାର ପରେ ହାତୀର ଦାନ୍ତକୁ ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ଦନ୍ତାକୁ ପ୍ରାୟ ସପ୍ତାହକ ତଳେ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ମହାକୁରପାଲି ଗାଁଠାରୁ ୪ କିମି ଦୂର ଜଙ୍ଗଲରେ ହାତୀର ମୃତଦେହ ମଙ୍ଗଳବାର ଠାବ କରାଯାଇଛି। ଖବର ପାଇ ବଲାଙ୍ଗୀର ଡିଏଫ୍‌ଓ ସମୀର ଶତପଥୀ, ଲୋଇସିଂହା ରେଞ୍ଜର ରାଜ କିଶୋର ନାଏକ ଓ ଷ୍ଟାଫ ଘଟଣାସ୍ଥଳକୁ ଯାଇ ତନାଘନା ଚଳାଇଥିଲେ। ଡୁଡୁକା ପ୍ରାଣୀଧନ ଚିକିତ୍ସା ଅଧିକାରୀ ହିମାଂଶୁ ଭୂଷଣ ନାୟକ ବ୍ୟବଚ୍ଛେଦ କଲା ପରେ ଘଟଣାସ୍ଥଳରେ ଗଳିତ ମୃତଦେହକୁ ଗାତ ଖୋଳି ପୋତି ଦେଇଛନ୍ତି। କିଛି ମାଂସ ନମୁନାକୁ ପରୀକ୍ଷା ପାଇଁ ପଠାଯାଇଛି। କେଉଁ କାରଣରୁ ହାତୀର ମୃତ୍ୟୁ ଘଟିଛି ଏହି ନମୁନାରୁ ଜଣାପଡିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ

## ଆବର୍ଜନାର...

ଆବର୍ଜନା କୁଣ୍ଡରେ ପରିଣତ ହୋଇଛି ବୋଲି ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ କହିଛନ୍ତି। ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଏନ୍‌ଜାଇମିଂ ଡୋଜିଂ କରାଯାଉଥିବା ନେଇ ଯାହା କୁହାଯାଉଛି ତା କେବଳ ନାଁକୁ ମାତ୍ର। କେମିକାଲଯୁକ୍ତ ପାଣି ସିଞ୍ଚନ କରି ଟ୍ରିଟମେଣ୍ଟ ହୋଇଗଲା ବୋଲି କୁହାଯାଇ କେବଳ ଲୋକଙ୍କୁ ଭୁଆଁ ବୁଲାଯାଉଛି। ଯଦି ଠିକ୍ ଭାବେ ବିଶୋଧନ କରାଯାଇ ପାଣି ସମୁଦ୍ରକୁ ଛଡ଼ାଯାଆନ୍ତା ଏମିତି ଦୁର୍ଗନ୍ଧ ହୁଅନ୍ତା ନାହିଁ ବୋଲି ଆଇନଜୀବୀ ଦାଶ କହିଛନ୍ତି।

ଅନ୍ୟପକ୍ଷରେ ଏନ୍‌ଜାଇମିଂ ଡୋଜିଂ ମାଧ୍ୟମରେ ବର୍ଜ୍ୟଜଳକୁ ଟ୍ରିଟ୍‌ମେଣ୍ଟ କରାଯାଉଛି ବୋଲି ପ୍ଲାଣ୍ଟ ଦାୟିତ୍ୱରେ ଥିବା ଜୁସ୍‌କୋର ସୁପରଭାଇଜର ଯଶୱନ୍ତ ବିଶି କହିଛନ୍ତି। ତାଙ୍କ କହିବାନୁଯାୟୀ, ପ୍ରତିମାସରେ ପାଣିର ବିଓଡି (ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ) ମପାଯାଉଛି। ବିଓଡିର ମାତ୍ରା ୩୦ ମଧ୍ୟରେ ରହିଲେ ତାହା ସମୁଦ୍ର ପାଣି ଖରାପ କରିବ ନାହିଁ। ଏଠାରେ ଟ୍ରିଟ୍‌ମେଣ୍ଟ ପରେ ବିଓଡି କେବେ ୨୬ ତ କେବେ ୨୮ ରହୁଛି। ହେଲେ ପାଣି କାହିଁକି ଏତେ ଦୁର୍ଗନ୍ଧ ହେଉଛି ପ୍ରଶ୍ନରେ ବିଶି କହିଥିଲେ, ଲୋକେ ସେମାନଙ୍କ ପାଇଖାନା ନଳାକୁ ଡ୍ରେନ୍ ସହିତ ସଂଯୋଗ କରିଛନ୍ତି। ଫଳରେ ଅଧିକ ମାତ୍ରାରେ ମଇଳା ପାଣି ଆସୁଛି। ଏଥିପାଇଁ ମଝିରେ ମଝିରେ ଲୋକଙ୍କୁ ଲଗାଇ କେମିକାଲଯୁକ୍ତ ପାଣି ସିଞ୍ଚନ କରି ମୁହାଣକୁ ଛଡାଯାଉଛି। କିନ୍ତୁ ବର୍ଜ୍ୟଜଳ ଟ୍ରିଟମେଣ୍ଟ ପରେ ବାଙ୍କୀ ମୁହାଣ ପର୍ଯ୍ୟନ୍ତ ଯାଇଥିବା ଜଳଧାରରେ ଅନେକ ବସ୍ତିବାସିନ୍ଦା ସେମାନଙ୍କ ପାଇଖାନା ପାଣିକୁ ମିଶାଉଛନ୍ତି। ଏହାଦ୍ୱାରା ମଇଳା ପାଣି ସିଧା ସମୁଦ୍ରକୁ ଯାଉଛି।

ବାଙ୍କୀ ମୁହାଣର ଏଭଳି ସ୍ଥିତି ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଦେବାନନ୍ଦ ବେଉରା କହିଛନ୍ତି, ସମୁଦ୍ର ପାଣି ପ୍ରଦୂଷିତ ହେଉଥିବାରୁ ଏହା ଜଳଜୀବଙ୍କୁ ମଧ୍ୟ ପ୍ରଭାବିତ କରିବ। ଦୀର୍ଘଦିନ ଧରି ଯଦି ଏପରି ବର୍ଜ୍ୟଜଳ ପ୍ରବାହିତ ହୁଏ ତେବେ ଏହା ଭୂତଳ ଜଳକୁ ମଧ୍ୟ ପ୍ରଦୂଷିତ କରିବ। ତେଣୁ ଅତ୍ୟାଧୁନିକ ପ୍ଲାଣ୍ଟ ବସାଯାଇ ସହରର ବର୍ଜ୍ୟଜଳକୁ ଭଲ ଭାବେ ଟ୍ରିଟମେଣ୍ଟ କରି ସମୁଦ୍ର ଭିତରେ ନେଇ ଛଡ଼ାଯିବା ଦରକାର। ଏ ସମ୍ପର୍କରେ ପୁରୀ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି, ଟ୍ରିଟମେଣ୍ଟ ପ୍ଲାଣ୍ଟ ଠିକ୍ ଭାବେ କାର୍ଯ୍ୟ କରୁଛି। ଏହା ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ଛୁଉଁ ନ ଥିବାରୁ ଭୂତଳ ଜଳ ପ୍ରଦୂଷଣ ହେବାର ଆଶଙ୍କା ନାହିଁ। ହେଲେ ଯେତେ ପ୍ରକାର ଉଦ୍ୟମ କଲେ ମଧ୍ୟ ବାଙ୍କୀ ମୁହାଣ ପର୍ଯ୍ୟନ୍ତ ଯାଇଥିବା ଜଳଧାରରେ ପାଇଖାନା ପାଣି ଛାଡ଼ିବା କାର୍ଯ୍ୟରୁ ବସ୍ତିବାସିନ୍ଦା ନିବୃତ୍ତ ରହୁନାହାନ୍ତି ବୋଲି ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ଲାଞ୍ଚ ମାମଲା ଜାମିନ ପାଇଁ ହାଇକୋର୍ଟରେ ବିଜୟ୍‌କେତନ

**କଟକ ଅଫିସ,୧୪।୧:** ୧ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଆଇଏଏସ୍ ଅଫିସର ତଥା ନିଲମ୍ବିତ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଜୟ୍ କେତନ ଉପାଧ୍ୟାୟ୍ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ସୋମବାର ଉପାଧ୍ୟାୟଙ୍କ ଜାମିନ ଆବେଦନକୁ ଭୁବନେଶ୍ୱର ସ୍ୱତନ୍ତ୍ର ଅଦାଲତ ଖାରଜ କରିଦେଇଥିଲେ। ସ୍ୱତନ୍ତ୍ର ଅଦାଲତଙ୍କ ଖାରଜ ଆଦେଶକୁ ଚ୍ୟାଲେଞ୍ଜ କରି ଉପାଧ୍ୟାୟ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଥାଉ କି, ଗତ ଡିସେମ୍ବର ୩୧ ତାରିଖରେ ଉପାଧ୍ୟାୟଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ନିଜର ସହଯୋଗୀ ତଥା ୟେସ୍ ବ୍ୟାଙ୍କର ପରିଚାଳକ ସନ୍ତୋଷ ପଟ୍ଟନାୟକଙ୍କ ଜରିଆରେ ସେ ଏକ ଘରୋଇ ସଂସ୍ଥାର ପ୍ରତିନିଧିଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ। ଏହି ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାପରେ ଭିଜିଲାନ୍ସ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଥିବା ଅନେକ ଭିତିରି ସମ୍ପର୍କର ପର୍ଦ୍ଦାଫାଶ କରିଛି।

### କୋଇଲା ବୋଝେଇ ଟ୍ରେନ୍ ବଗିରେ ନିଆଁ



**ଗଞ୍ଜାମ,୧୪।୧(ଡି.ଏନ୍.ଏ.):** ଭୁବନେଶ୍ୱର ପଟୁ ଆସୁଥିବା କୋଇଲା ବୋଝେଇ ଟ୍ରେନ ନଂ.୨୮୬୯୧ର ହଠାତ୍ ଦୁଇଟି ବଗିରେ ମଙ୍ଗଳବାର କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଉକ୍ତ ଟ୍ରେନ୍‌ଟି ଗଞ୍ଜାମ ରେଲଷ୍ଟେଶନରେ ପହଞ୍ଚିବା ପରେ ଦୁଇଟି ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ସମ୍ପୂର୍ଣ୍ଣ ଲିଭିବା ପରେ ଟ୍ରେନଟି ପଲାସା ଅଭିମୁଖେ ଯାତ୍ରା କରିଥିଲା। ପ୍ରକାଶ ଯେ, ଟ୍ରେନ ବଗିରୁ ଧୂଆଁ ବାହାରୁଥିବା ନେଇ ଗଞ୍ଜାମ ରେଲଷ୍ଟେଶନକୁ ଖବର ଆସିଥିଲା। ଫଳରେ ଟ୍ରେନଟି ଗଞ୍ଜାମ ଷ୍ଟେଶନରେ ସକାଳ ୫.୪୨ ମିନିଟରେ ପହଞ୍ଚିବା ପୂର୍ବରୁ ଦମକଳ ବାହିନୀକୁ ଫୋନ ଯୋଗେ ଅବଗତ କରାଯାଇଥିଲା ବୋଲି ଷ୍ଟେଶନ ମାଷ୍ଟର ସୂଚନା ଦେଇଛନ୍ତି।

## ମହିଳାଙ୍କୁ ମିଳିବ ତ୍ୱରିତ ନ୍ୟାୟ | ଖୁବ୍‌ଶୀଘ୍ର ଖୋଲିବ ୪୫ ନୂଆ କୋର୍ଟ

ଭୁବନେଶ୍ୱର, ୧୪।୧(ବ୍ୟୁରୋ)




ମୁଖପତ୍ର 'ହସ ଫୁଟିଲା ଓ ପରିବାର ତିଷ୍ଠିଲା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୨୭ତମ ପ୍ରତିଷ୍ଠା ଦିବସ**

- ସୁରକ୍ଷା, ସାମାଜିକ ନ୍ୟାୟ ପ୍ରଦାନରେ ଓଡ଼ିଶା ଅଗ୍ରଣୀ ରାଜ୍ୟ
- 'ସଖୀ' ଏକ ସମୟୋପଯୋଗୀ ପରିକଳ୍ପନା

ମହିଳାଙ୍କୁ ସୁରକ୍ଷା ଓ ସାମାଜିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହୋଇଛି। ମହିଳାମାନେ କିଭଳି ସ୍ୱାବଲମ୍ବୀ ହୋଇ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ହୋଇପାରିବେ ଓ ସମାଜରେ ଆତ୍ମସମ୍ମାନର ସହ ବଞ୍ଚିବେ, ସେଥିପାଇଁ ସେମାନଙ୍କ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ସେମାନଙ୍କୁ ବିଭିନ୍ନ ସୁବିଧାସୁଯୋଗ ପ୍ରଦାନ ସହ ବ୍ୟାଙ୍କ ଋଣ ଜରିଆରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୨୭ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା କହିଲେ, ମହିଳାମାନେ କିଭଳି ସୁରକ୍ଷିତ ରହିବେ, ସେମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ, ସେଥିପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ୪୫ ନୂତନ କୋର୍ଟ ଖୋଲାଯିବ। ଏଥିମଧ୍ୟରେ ନାବାଳିକାଙ୍କ କ୍ଷେତ୍ରରେ ହେଉଥିବା ମାମଲାଗୁଡ଼ିକର ଶୀଘ୍ର ବିଚାର ପାଇଁ ୨୪ ପୋକ୍‌ସୋ କୋର୍ଟ ରହିଛି ବୋଲି ସେ କହିଥିଲେ।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ରାଜ୍ୟର ମହିଳାଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ତାଙ୍କ ବିଭାଗ ଆନ୍ତରିକ ଉଦ୍ୟମ କରିଆସୁଛି। ପ୍ରତିଷ୍ଠା ଦିବସରେ ଅଧ୍ୟକ୍ଷତା କରି ଆୟୋଗ ଅଧ୍ୟକ୍ଷା ଡ. ମିନତି ବେହେରା କହିଲେ, ମହିଳାଙ୍କ ସାମାଜିକ-ଅର୍ଥନୈତିକ ବିକାଶ ଉପରେ ଆୟୋଗ ସର୍ବଦା ତତ୍ପରତା ପ୍ରକାଶ କରିଆସିଛନ୍ତି। ଆୟୋଗ ଅଧୀନରେ ପଞ୍ଜୀକୃତ ୭୨୨୯୯ଟି ମାମଲା ମଧ୍ୟରୁ ୬୨୩୦୩ଟିର ସମାଧାନ ହୋଇଥିବାବେଳେ ୯୯୯୬ ମାମଲାର ଶୁଣାଣି ଚାଲୁ ରହିଛି। ଏହାବ୍ୟତୀତ ସମ୍ବେଦନଶୀଳ ଘଟଣାଗୁଡ଼ିକରେ ଆୟୋଗ ସ୍ୱତଃପ୍ରବୃତ୍ତ ଭାବେ ମାମଲା ଗ୍ରହଣ କରି ମହିଳାଙ୍କ ଅଧିକାର ଓ ସ୍ୱାର୍ଥକୁ ବଜାୟ ରଖିବାରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ବିଶିଷ୍ଟ ଅତିଥି ଜାତୀୟ ମହିଳା ଆୟୋଗ ସଦସ୍ୟା ଚନ୍ଦ୍ରମୁଖୀ ଦେବୀ କହିଲେ, ନିର୍ଯାତିତା ମହିଳାଙ୍କୁ ଗୋଟିଏ ଛାତତଳେ ଆଇନ ପରାମର୍ଶ, ଡାକ୍ତରୀ ଚିକିତ୍ସା, ମାନସିକ ପରାମର୍ଶ ଯୋଗାଇଦେବା ନିମନ୍ତେ 'ୱାନ୍‌ଷ୍ଟପ୍ ସେଣ୍ଟର-ସଖୀ' ଏକ ସମୟୋପଯୋଗୀ ପରିକଳ୍ପନା। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ନିତ୍ୟାନନ୍ଦ ବାରିକ ରାଜ୍ୟର ସମସ୍ତ ଜିଲାରେ କାର୍ଯ୍ୟକ୍ଷମ ହୋଇଥିବା ୱାନ୍‌ଷ୍ଟପ୍ ସେଣ୍ଟରର ସୁପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ 'ସଖୀ' କେନ୍ଦ୍ରର ଉତ୍ତମ ପରିଚାଳନା ସମ୍ବନ୍ଧୀୟ ଏକ କର୍ମଶାଳା ଆୟୋଜନ ହୋଇଥିଲା। ଲକ୍ଷ୍ନୌରୁ ଆସିଥିବା ଅଭିଜ୍ଞ ସଖୀ ପରିଚାଳିକା ଅର୍ଚ୍ଚନା ସିଂ 'ସଖୀ'ର ଉତ୍ତମ ପରିଚାଳନା ଓ କାର୍ଯ୍ୟକାରିତା ଉପରେ ଦିଗ୍‌ଦର୍ଶନ ଦେଇଥିଲେ।

ଏହି ଅବସରରେ କର୍ମକ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ଆୟୋଗର ମୁଖପତ୍ର 'ହସ ଫୁଟିଲା ଓ ପରିବାର ତିଷ୍ଠିଲା' ଉନ୍ମୋଚିତ ହୋଇଥିଲା। ଆୟୋଗ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ସ୍ୱାଗତ ଭାଷଣ ଓ ଜଲିନା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୋଇଁ ଭୋଜନ,**
**ଭଜା ସଙ୍ଗେ ନଅ ତିଉଣ ।**

ଶ୍ୱଶୁରଘରେ ଜୋଇଁଙ୍କୁ ଖୁବ୍ ଆଦର ସମ୍ମାନ କରାଯାଇଥାଏ। ସୁସ୍ୱାଦୁ ବ୍ୟଞ୍ଜନ ରାନ୍ଧି ପରଷି ତାଙ୍କ ମନ ଖୁସି କରିବାକୁ ଚେଷ୍ଟା କରାଯାଇଥାଏ। ତାଙ୍କ ଚର୍ଚ୍ଚାରେ ଯେମିତି କିଛି ତ୍ରୁଟି ରହି ନ ଯାଏ ସେ ନେଇ ବିଶେଷ ଦୃଷ୍ଟି ଦିଆଯାଇଥାଏ। ତାଙ୍କ ରହଣି କାଳରେ ଖାଇବା, ପିଇବା ତଥା ରହିବା ନେଇ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଳକୁ କଣ୍ଟେ ଶତ୍ରୁକୁ ଆଣ୍ଟେ,**
**ସାଙ୍ଗ ହୋଇଥାଏ ଜଣେ;**
**ହଉ ପଛକେ ସେ ଗବ ଡିମିରି,**
**ତାକୁ ନ ଛାଡ଼ିବ କ୍ଷଣେ ।**

ଅନ୍ତରଙ୍ଗ ବନ୍ଧୁ ହିଁ କୌଣସି ବିପଦ ଆପଦରେ ପଡ଼ିଥିବା ବନ୍ଧୁଟିକୁ ପୂର୍ଣ୍ଣମାତ୍ରାରେ ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଇଥାଏ। ତେବେ ଏଭଳି ସାହାଯ୍ୟକାରୀ ତଥା ଉପକାରୀ ବନ୍ଧୁଟି ଯେତେ ନଗଣ୍ୟ ହୋଇଥିଲେ ମଧ୍ୟ ତାକୁ କେବେହେଲେ ହତାଦର କରିବା ଉଚିତ ହୋଇ ନ ଥାଏ, କାରଣ ବେଳ ପଡ଼ିଲେ ସେହି ବନ୍ଧୁ ଜଣକ ହିଁ ଯଥେଷ୍ଟ ଉପକାରରେ ଆସିପାରେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମାମଲା ରୁଜୁ ନ କରିବାକୁ ଲାଞ୍ଚ
### ରାମଗିରି ଫରେଷ୍ଟର ଗିରଫ

ବ୍ରହ୍ମପୁର ଅଫିସ/ରାମଗିରି, ୧୪।୧(ଡି.ଏନ.ଏ.)



ଗିରଫ ଫରେଷ୍ଟର।

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ରାମଗିରି ବନଖଣ୍ଡ ଫରେଷ୍ଟର ଦିବାକର ଲେଙ୍କା ମଙ୍ଗଳବାର ଜଣେ କରତକଳ ମାଲିକଙ୍କ ନାଁରେ ମାମଲା ରୁଜୁ ନ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ କର୍ମଚାରୀଙ୍କ ଦ୍ୱାରା ଧରାପଡି ଗିରଫ ହୋଇଛନ୍ତି। ଦିବାକରଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯିବା ସହ ତାଙ୍କୁ ମାମଲା ନମ୍ବର ୨/୨୦ରେ ଗିରଫ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ବୁଧବାର ଅଭିଯୁକ୍ତ ଫରେଷ୍ଟର ଦିବାକରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି। ଏହା ସହିତ ଫରେଷ୍ଟରଙ୍କ ପୈତୃକ ବାସଭବନ ଗଜପତି ଜିଲା କାଶୀନଗର, ପାରଳାଖେମୁଣ୍ଡିରେ ଥିବା ଭଡାଘର, ରାମଗିରି କାର୍ଯ୍ୟାଳୟରେ ଭିଜିଲାନ୍ସ କର୍ମଚାରୀମାନେ ଏବେ ଚଢାଉ ଜାରି ରଖିଛନ୍ତି ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି।

ଘଟଣାରୁ ପ୍ରକାଶ, ରାମଗିରି ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର କୃଷ୍ଣ ଚନ୍ଦ୍ର କାର୍ଜୀ ତାଙ୍କ ଜମିରେ ତିତ୍‌ଲି ସମୟରୁ ଭାଙ୍ଗି ପଡିଥିବା ଗଛଗୁଡ଼ିକୁ ଏକ କରତ ସାହାଯ୍ୟରେ କାଟୁଥିଲେ। ଏହି ଖବର ପାଇ ଫରେଷ୍ଟର ଦିବାକର ଘଟଣା ସ୍ଥଳରେ ପହଞ୍ଚି କରତ ଜବତ କରିଥିଲେ। ପରେ କୃଷ୍ଣଚନ୍ଦ୍ରଙ୍କୁ ଅଫିସକୁ ଆସିଦେଖା କରିବା ପାଇଁ କହିଥିଲେ। ପରେ କୃଷ୍ଣଚନ୍ଦ୍ର ରାମଗିରି ଫରେଷ୍ଟ ଅଫିସ ଯାଇ ଦିବାକରଙ୍କୁ କରତ ଫେରାଇ ଦେବାକୁ କହିଥିଲେ। ତେବେ ଫରେଷ୍ଟର ଏନେଇ ମାମଲା ନ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ କୃଷ୍ଣଚନ୍ଦ୍ର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ମଙ୍ଗଳବାର କୃଷ୍ଣଚନ୍ଦ୍ର ରାମଗିରି ଫରେଷ୍ଟ ଅଫିସ ଯାଇ ଦିବାକରଙ୍କୁ ତାଙ୍କ କାର୍ଯ୍ୟାଳୟରେ ୫ ହଜାର ଟଙ୍କା ଦେଇଥିଲେ। ସେ ଉକ୍ତ ଟଙ୍କା ପକେଟରେ ରଖିଥିଲେ। ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ଚଢାଉ କରି ଲାଞ୍ଚ ଟଙ୍କା ସହ ଫରେଷ୍ଟର ଦିବାକରଙ୍କୁ ଗିରଫ କରିଥିଲା।

## ବାପଘରୁ ଫେରିଲେ ମହାଲକ୍ଷ୍ମୀ

ପୁରୀ ଅଫିସ, ୧୪।୧

**ଶ୍ରୀମନ୍ଦିରରେ ଆଜି ମକର ନୀତି**

ଶ୍ରୀମନ୍ଦିରରେ ମଙ୍ଗଳବାର ନବାଙ୍କ ନୀତି ଶେଷ ହୋଇଛି। ବୁଧବାର ବଡ଼ଦେଉଳରେ ମକର ସଂକ୍ରାନ୍ତି ନୀତି ପାଳନ ହେବ। ତିନିଠାକୁରଙ୍କୁ ମକର ଚୂଳ ଲାଗି କରାଯିବ। ବିଶ୍ୱାସ ରହିଛି ଧନୁ ସଂକ୍ରାନ୍ତିଠାରୁ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ନବାଙ୍କରେ ଭାର, ଥୋର ନେଇ ଶ୍ରୀମନ୍ଦିରକୁ ଫେରିଥାନ୍ତି।

ମଙ୍ଗଳବାର ଶ୍ରୀମନ୍ଦିରରେ ଚାଉଳ ମେଲାଣ ନୀତି ଓ ଫୁଲ ମେଲାଣ ନୀତି ସମ୍ପନ୍ନ ହୋଇଛି। ମାଳିମାନେ ବାଘମୁହାଁ ବାନ୍ଧି ମାଳଚୂଳ, ଜଳ କବରମାନ ଘେନି ପଟୁଆରରେ ଘଣ୍ଟ, ଛତା, କାହାଳି ସହ ବଡ଼ଦେଉଳକୁ ବେଢାଏ ପ୍ରଦକ୍ଷିଣ କରି ବେହେରଣଠାରେ ବେଶ ପାଇଁ ପାଳିଆ ସେବକଙ୍କୁ ଦେଇଥିଲେ। ଏହି ମାଳ ସନ୍ଧ୍ୟା ଆଳତି ବେଶରେ ଲାଗି ହୋଇଥିଲା। ମହାପ୍ରଭୁଙ୍କର ଚନ୍ଦନ ଲାଗି ବଢିବା ପରେ ଭୋଗମଣ୍ଡପ ଘରେ ଭଦ୍ରାସନ ଉପରେ ମୁରୁଜ ପଡ଼ି ୩ଟି ବାଉଁଶିଆରେ ଚାଉଳ ରଖାଯାଇଥିଲା। ସେଥିରେ ଫୁଲ, ଚନ୍ଦନ, ଚେମେଡି ପତନି ଦିଆଯାଇ ଅଧିବାସ କରାଯିବା ପରେ ଦୁଆରମାନ ମୁଦ ହୋଇଥିଲା। ଏହି ଅଧିବାସ ଚାଉଳ ହିଁ ମକର ଚାଉଳ ଭାବେ ମହାପ୍ରଭୁଙ୍କୁ ବୁଧବାର ଲାଗି ହେବ।

ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ବଢି ପାଣି ପଡ଼ି ବଡ଼ସିଂହାର ଭୋଗ ଆସିବା ପରେ ଦକ୍ଷିଣୀ ଘରୁ ମଦନମୋହନ ଭିତର ସିଂହାସନକୁ ବିଜେ କରିଥିଲେ। ଭିତର ଭୋଗ ସରି ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବା ପରେ ମହାଜନେ ମଦନମୋହନଙ୍କୁ ଧରି ସିଂହାସନ ଚାରିପଟେ ସାଢେ ୪ ଘେରା ବେଢା କରିଥିଲେ। ଏହାପରେ ମହାଜନେ ଠାକୁରଙ୍କୁ ଆଣି ବଟମୂଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନ ବଡୁମାନେ ଘଣ୍ଟ, ଛତା, କାହାଳି ସହ ବଡଦେଉଳକୁ ସାଢେ ଚାରିବେଢା ବୁଲାଇ ବଟମୂଳେ ବିମାନ ରଖିଥିଲେ। ମହାଜନେ ରୁନ୍ଧା ଫିଟାଇ ଠାକୁରଙ୍କୁ ବିଜେ କରାଇ ଆଣି ଜୟ ବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ରଖିଥିଲେ। ସେଠାରେ ପ୍ରସାଦ ଲାଗି ଓ ବନ୍ଦପନା ହୋଇ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ପରେ ଅନ୍ୟ ନୀତି ବଢିଥିଲା।

## ନିର୍ବାଚନୀ ମାମଲା ରାଉରକେଲା ବିଧାୟକଙ୍କ ପକ୍ଷରୁ ଜବାବ ଦାଖଲ

**କଟକ ଅଫିସ,୧୪।୧:** ରାଉରକେଲା ବିଧାନସଭା ଆସନକୁନେଇ ହାଇକୋର୍ଟରେ ରୁଜୁ ହୋଇଥିବା ନିର୍ବାଚନୀ ମାମଲାରେ ବିଧାୟକ ସାରଦା ପ୍ରସାଦ ନାୟକଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଛି। ଜବାବ ଦାଖଲ ପରେ ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୨୨ ତାରିଖ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ନିର୍ବାଚନରେ ପରାଜିତ ପ୍ରାର୍ଥୀ ନୀହାର ରାୟଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଛି। ରାୟ ଅଭିଯୋଗ କରିଥିଲେ, ନିର୍ବାଚନୀ ସତ୍ୟପାଠରେ ବିଧାୟକ ଅନେକ କଥା ଲୁଚାଇଛନ୍ତି। ଏପରିକି ନାୟକ ଏକ ଲାଭଜନକ ସଂସ୍ଥାରେ କାର୍ଯ୍ୟ କରି ମଧ୍ୟ ବିଧାୟକ ପଦବୀ ପାଇଁ ନିର୍ବାଚନ ଲଢିଥିଲେ। ତେଣୁ ତାଙ୍କ ସଭ୍ୟପଦକୁ ରଦ୍ଦ କରିବା ପାଇଁ ରାୟ ହାଇକୋର୍ଟରେ ନିବେଦନ କରିଥିଲେ।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

FINANCE FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

BUSINESS BUSINESS

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
073762-57896
094994-92906
ADDRESS: T-51, GAUTAMPURI, DELHI

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ (THIRD LANGUAGE HINDI/SANSKRIT)

## HINDI

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

### PART – I (OBJECTIVE)

**1. एक-एक वाक्य में उत्तर दीजिए ।** [1×5
(क) किसके साथ टकसाली भाव की आवश्यकता है?
(ख) दूसरे मुसाफिर के अनुसार ठाकुर साहब का क्या करने से कोई असम्मान नहीं होगा?
(ग) कौन संसार को माया का जाल समझते हैं?
(घ) गिलहरी के बच्चे का बचना संभव नहीं है - ऐसा लोग क्यों समझते हैं?
(ङ) ओड़िशा सदियों के बाद कैसे चल रहा है?

**2. एक-एक शब्द में उत्तर दीजिए ।** [1×5
(क) बाणभट्ट की कौस-की पुस्तक अधूरी रह गई थी ?
(ख) चोखेलाल कहाँ के रहनेवाले थे?
(ग) धर्मसभा कहाँ हो रही थी?
(घ) अचानक लेखिका के किस पुराण का विवेचन रुक गया?
(ङ) साधव किससे नहीं डरते थे?

**3. खाली जगहों को भरिए।** [1×5
(क) जानवर हजारों वर्षों से ______ बने हुए हैं।
(ख) पंडित जी को ठाकुर साहब के ______ बच्चों को निगरानी करनी पड़ती थी।
(ग) स्वामीजी के गुरु ______ थे।
(घ) काक द्वय की चोचों के दो घाव उस ______ के लिए बहुत थे।
(ङ) उत्कृष्ट ______ का देश उत्कल।

**4. एक-एक वाक्य में उत्तर दीजिए।** [1×5
(क) किसके बराबर तप नहीं है?
(ख) किससे चारोंओर सुख उपजता है?
(ग) कौन बंधु की व्यथा हरण कर सकता है?
(घ) एक दिन चाँद ने माँ से क्या कहा?
(ङ) 'काँटे कम-से-कम मत बोओ' के कवि कौन हैं?

**5. एक-एक शब्द में उत्तर दीजिए ।** [1×5
(क) श्रीकृष्ण को कौन खिझाते हैं?
(ख) सरवर क्या नही पीता है?
(ग) 'एक तिनका' कविता के कवि कौन हैं?
(घ) कहाँ से उषा आई?
(ङ) विश्वासों पर न बढ़ सको पर भी क्या नहीं ढोना चाहिए?

**6. निर्देशानुसार उत्तर दीजिए।** [1×5
(क) विलोम शब्द लिखिए – खुशहाली ।
(ख) समानार्थी शब्द लिखिए – पैदावार ।
(ग) वर्तनी शुद्ध कीजिए – सैसब ।
(घ) सही रूप क्या होगा – बच्चा + ने ।
(ङ) वाक्य शुद्ध कीजिए – यह नित्य का क्रम हो गए ।

**7. निर्देशानुसार उत्तर दीजिए।** [1×5
(क) बहुवचन रूप लिखिए – सुई ।
(ख) एकवचन रूप लिखिए – तैयारियाँ ।
(ग) कौन-सा पुलिंग शब्द है – तरकारी, हीटर, यात्रा ।
(घ) अव्यय छाँटिए – बुरे दिन हौले-हौले सरकते हैं।
(ङ) लिंग बदलिए – पंडित ।

**8. निर्देशानुसार उत्तर दीजिए।** [1×5
(क) सही परसर्ग भरिए : वे गरीबी ______ जीते हैं।
(ख) उपसर्ग छाँटिए – दुरुपयोग ।
(ग) प्रत्यय पहचानिए – भारतीय ।
(घ) रेखांकित पद कौन-सा सर्वनाम है?
वह मिट्टी होकर मिल गया होगा।
(ङ) रेखांकित पद किस कारक में है?
कौवे जिसमें सुलभ आहार खोज रहे थें।

**9. निर्देशानुसार उत्तर दीजिए।** [1×5
(क) प्रथम प्रेरणार्थक क्रिया-रूप लिखिए – पढ़ना ।
(ख) सकर्मक क्रिया छाँटिए – जमाना, रहना, पहुँचना ।
(ग) सही क्रिया-पद लिखिए – खेतों की सिंचाई – (हुआ, हुई, हुए, हुई)
(घ) अकर्मक क्रिया छाँटिए – देखना, जाना, पूछना ।
(ङ) भूतकाल में बदलिए : वह अच्छा बन जाएगा।

**10. निर्देशानुसार उत्तर दीजिए।** [1×5
(क) परिवार कौन-सी संज्ञा है?
(ख) 'सप्ताह' का विशेषण रूप क्या है?
(ग) बूढ़ा का भाववाचक संज्ञा रूप क्या है?
(घ) असमापिका क्रिया कौन-सी है? खा कर, खा चुका, खा ना
(ङ) संबंधवाचक सर्वनाम कौन है?

### PART – II (SUBJECTIVE)

**1. निम्नलिखित प्रश्नों में से किन्हीं दो के उत्तर (प्रत्येक दो-तीन वाक्यों) में दीजिए :** [5×2
(i) पंडित चंद्रधर हमेशा क्यों पच्छताया करते थे?
(ii) मधुर भाषण किसे कहते हैं?
(iii) कलिंग में अशोक ने युद्ध के बाद क्या किया?

**2. निम्नलिखित प्रश्नों में से किन्हीं दो के भाव (प्रत्येक दो-तीन वाक्यों) में समझाइए :** [5×2
(i) जो तोको काँटा बुवै ताहि बोय तू फूल।
तोको फूल को फूल है, वाको है तिरसूल।।
(ii) संकट में यदि मुस्का न सको,
भय से कातर हो मत रोओ,
यदि फूल नहीं बो सकते तो,
काँटे कम-से-कम मत बोओ ।
(iii) वही पशु प्रवृत्ति है कि आप आप ही चरे,
वही मनुष्य है कि जो मनुष्य के लिए मरे।

**3. निर्देशनुसार निम्नलिखित प्रश्नों के उत्तर दीजिए:** [2×5
(i) रेखांकित शब्द का लिंग बदलकर वाक्य को फिर से लिखिए:
वे मुंशीजी को लाद कर अस्पताल लाये।
(ii) रेखांकित शब्द का वचन बदलकर वाक्य को फिर से लिखिए:
वीरत्व की यह कहानी आगे बढ़ती है।
(iii) निम्नलिखित वाक्य को शुद्ध करके लिखिए:
पाराद्वीप बन्दरगाह नौवाणिज्य की बढ़ावा दी।
(iv) 'असबाब' शब्द का प्रयोग करके एक सार्थक वाक्य बनाइए।
(v) उन्होंने फिर किसी दूसरे विभाग में जाने की चेष्टा नहीं की – इस वाक्य को भविष्यतकाल में बदलकर लिखिए।

**4. निम्नलिखित किन्हीं पाँच वाक्यों का हिन्दी में अनुवाद कीजिए :** [2×5
(i) ସେତେବେଳେ ଛାତ୍ରଛାତ୍ରୀମାନେ ପଡ଼ିଆରେ ଖେଳୁଥିଲେ।
(ii) ଆମ ଦେଶରେ ବିଭିନ୍ନ ଧର୍ମର ଲୋକେ ବାସକରନ୍ତି।
(iii) ଭାରତର ଅଧିକାଂଶ ଲୋକ କୃଷକ।
(iv) ଇନ୍ଦ୍ରଧନୁର ସାତୋଟି ରଙ୍ଗ ଅଛି।
(v) ସିଗାରେଟ୍ ପିଇବା ଏକ ମନ୍ଦ ଅଭ୍ୟାସ।
(vi) ସୈନିକମାନେ ଦେଶ ପାଇଁ ଜୀବନ ଦିଅନ୍ତି।
(vii) ମୋ ଝିଅ କାଦୁଅରେ ପଡ଼ିଗଲା।
(viii) ସୁରେଶ ପିତାମାତାଙ୍କ ଆଶୀର୍ବାଦ ନେଇ ଆମେରିକା ଗଲା।

**5. निम्नलिखित अनुच्छेद को पढ़कर पूछे गये प्रश्नों के उत्तर दीजिए :** [2×5

वृत्रासुर से मनुष्य क्या देवतागण भी डरते थे। उसके आतंक से स्वर्ग में हाहाकार मच गया। उनसे रक्षा पाने के लिए देवगण भगवान विष्णु के पास पहुँचे। भगवान विष्णु ने सलाह दी कि ऋषि दधीचि की अस्थियों से बज्र बनाया जायेगा। उसी बज्र से वृत्रासुर मारा जायेगा। भगवान विष्णु से परामर्श लेकर देवगण ऋषि दधीचि के आश्रम पहुँचे। ऋषि दधीचि ने देवगण का यथोचित आदर सत्कार किया। उनके शुभागमन का कारण पूछा। उनसे सारी बातें सुनकर ऋषि दधीचि ध्यान मुद्रा में बैठ गये।

(i) वृत्रासुर से कौन डरते थे?
(ii) किससे रक्षा पाने के लिए देवगण विष्णु के पास पहुँचे?
(iii) भगवान विष्णु ने क्या सलाह दी?
(iv) किससे परामर्श लेकर देवराज किस ऋषि के आश्रम पहुँचे?
(v) किनसे सारी बातें सुनकर कौन ध्यानमुद्रा में बैठ गये?

### उत्तरमाला - PART – I (OBJECTIVE)

1. (क) मधुर वचन के साथ टकसाली भाव की आवश्यकता है। (ख) दूसरे मुसाफिर के अनुसार ठाकुर साहब के नीचे बैठजाने से कोई असम्मान नहीं होगा। (ग) संन्यासी संसार को माया का जाल समझते हैं। (घ) लोग समझते हैं कि गिलहरी के बच्चे का बचना संभव नहीं है, क्योंकि उस पर कौवों की चोंच के घाव लग गए थे। (ङ) ओड़िशा सदियों के बाद प्रगति के रास्ते पर चल रहा है।
2. (क) कादम्बरी (ख) बिल्हौर (ग) अमेरिका में (घ) काकपुराण (ङ) तूफान और गहरे सागर से
3. (क) जहाँ के तहाँ (ख) दो (ग) रामकृष्ण परमहंस (घ) लघुप्राण (ङ) कलाओं
4. (क) साँच के बराबर तप नहीं है। (ख) मीठे वचन से चारों ओर सुख उपजता है। (ग) बंधु ही बंधु की व्यथा हरण कर सकता है। (घ) एक दिन चाँदने माँ से कहा - मेरे लिए ऊन का एक मोटा झिंगोला सिलवा दो। (ङ) काँटे कम-से-कम मत बोओ के कवि रामेश्वर शुक्ल अंचल हैं।
5. (क) दाऊ (ख) अपना पानी (ग) अयोध्या सिंह उपाध्याय 'हरिऔध' (घ) प्राची से (ङ) साँसों के मुरदे
6. (क) बदहाली (ख) उपज (ग) शैशव (घ) बच्चे ने (ङ) यह नित्य का क्रम हो गया।
7. (क) सुइयाँ (ख) तैयारी (ग) हीटर (घ) हौले-हौले (ङ) पंडिताइन
8. (क) में (ख) दुर (ग) ईय (घ) कर्ता (ङ) अधिकरण
9. (क) पढ़ाना (ख) जमाना (ग) हुई (घ) जाना (ङ) वह अच्छा बन गया।
10. (क) समूहवाचक (ख) साप्ताहिक (ग) बुढ़ापा (घ) खाकर (ङ) जो

### उत्तरमाला - PART – II (SUBJECTIVE)

1. (i) पंडित चन्द्रधर हमेशा अपनी मुदर्रिसी केलिए पछताया करते थे। महीने भर प्रतीक्षा के बाद उन्हें पन्द्रह रुपये मिलते थे। जिससे आराम की जिंदगी बिता नहीं पाते थे। वे इस नौकरी को जंजाल भी मानते थे।
(ii) जो भाषण साधारणत: मनको अच्छा लगता है अर्थात् जो मनोनुकूल होता है, चित्त को द्रवित कर देता है, वही मधुर भाषण है। यह भाषण दो रुठों को मिला देता है।
(iii) कलिंग में अशोक ने युद्ध के बाद तलवार फेंक दी और धर्माशोक बन गया। मानवप्रेम और अहिंसा की नीति अपनाई।
2. (i) कबीरदास का कहना है कि जो हमारे रास्ते पर काँटा बोता है, हम उस केलिए फूल बोएँगे कारण हमारे फूल के बदले हमें फूल मिलेगा और काँटे बोनेवाले को तीनगुना काँटा अर्थात् त्रिशूल मिलेगा। इसलिए अच्छा काम का फल अच्छा होता है और बुरे काम का फल बुरा होता है।
(ii) कवि रामेश्वेर शुक्ल अंचल का कहना है कि संकट मनुष्य के सामने चुनौती होता है। अत: भयभीत न होकर संकट से संघर्ष करना चाहिए। संकट के समय कातर न होकर मुस्कराना चाहिए। यदि हम दूसरों के रास्ते पर फूल नहीं बो सकेंगे तो काँटा भी नहीं बोएँगे।
(iii) कवि मैथिलशरण गुप्त कहते हैं कि पशु सिर्फ अपने लिए खाता-पीता है कारण वह स्वार्थपर है। उसीप्रकार जो मनुष्य दूसरों के हित छोड़कर सिर्फ अपने लिए काम करके पशु की तरह जीवन बीताता है, उसका जन्म पशु जैसा है परंतु जो दूसरों के लिए जीता और मरता है, वह सच्चा मनुष्य कहलाता है।
3. (i) वे मुंशियाइन को लाद कर अस्पताल लाये।
(ii) वीरत्व की ये कहानियाँ आगे बढ़ती हैं।
(iii) पाराद्वीप बन्दरगाह ने नौवाणिज्य को बढ़ावा दिया।
(iv) बाढ़ से मेरे सारे असबाब बरबाद हो गए।
(v) वे फिर किसी दूसरे विभाग में जाने की चेष्टा नहीं करेंगे ।
4. (i) उस समय छात्र-छात्राएँ मैदान में खेलते थे।
(ii) हमारे देश में विभिन्न धर्मों के लोग निवास करते हैं।
(iii) भारत के अधिकांष लोग किसान हैं।
(iv) इन्द्रधनुष में सात रंग होते हैं।
(v) सिगारेट पीना एक बुरी आदत है।
(vi) सैनिक देश केलिए जान देते हैं।
(vii) मेरी बेटी कीचड़ में गिर गई।
(viii) सुरेश पिता-माता का आशीर्वाद लेकर अमेरिका गया।
5. (i) वृत्रासुर से मनुष्य क्या देवतागण भी डरते थे।
(ii) वृत्रासुर से रक्षा पाने केलिए देवगण विष्णु के पास पहुँचे।
(iii) भगवान विष्णु ने सलाह दी कि ऋषि दधीचि की अस्थियों से बज्र बनाया जायेगा और उसी बज्र से वृत्रासुर मारा जायेगा।
(iv) भगवान विष्णु से परामर्श लेकर देवगण ऋषि दधीचि के आश्रम पहुँचे।
(v) देवगण से सारी बातें सुनकर ऋषि दधीचि ध्यान मुद्रा में बैठ गये।

❑❑❑

## SANSKRIT

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

### PART – I (OBJECTIVE)

**1. अधोलिखितम् अनुच्छेदं पठित्वा निजभाषया शुद्धम् उत्तरं लिखत।** [1×5

वोपदेव: नाम कश्चित् शिशु: पठनाय पित्रा गुरुगृहं प्रेषित: । स प्रथमत: व्याकरणं पठितुम् आरब्धवान् । वोपदेव: स्थूलबुद्धि: तथा परिश्रमकातरश्च । पाठे तस्य अमनोयोगम् अवलोक्य सहपाठिन: तम् उपहसन्ति स्म । सहपाठिनाम् उपहासप्रसङ्गं स गुरवे न्यवेदयत् । गुरुस्तम् उक्तवान्-''वत्स ! तव कृते मम महान् यत्न: विफल: जात: । यदि इच्छसि, तर्हि अन्यं विद्यालयं गृहं वा याहि ।'' एतत् श्रुत्वा वोपदेवेन चिन्तितम्-अन्यत्र गमनेन क: लाभ: ? मूर्खे मयि पिता माता वा न स्नेहं करिष्यति । मम जीवनं धिक् । खिन्नमानस: स सरोवरं निकषा गत्वा पावच्छे उपविश्य चिन्तापर: अतिष्ठत् । तदा केचन स्त्रीजना: जलं नेतुमागता:, ते जलपूर्णघटान् पावच्छान्तर्गतेषु गर्त्तेषु अस्थापयन् । अथ वोपदेव: एकं स्त्रीजनमपृच्छत् – ''मात: ! घटस्थापनार्थम् एतानि गर्त्तानि निर्मितानि किम्'' ? ''न हि न हि वत्स ! घटभारादेव क्रमश: गर्त्तानि जातानि'' इति स्त्रीजनेन उक्तम् । एतत् श्रुत्वा वोपदेव: विस्मित: अचिन्तयत् – ''सुकठिन: पाषाण: यदि मृत्तिकापात्रेण क्षुण्ण: तर्हि स्थूलबुद्धिरहं कथं क्रमश: व्याकरणम् आयत्तं न कुर्य्याम् ।''

तदारभ्य स व्याकरणं पठित्वा प्रवीणपण्डितरूपेण प्रतिष्ठाम् अलभत ।

**साधूक्तम्**- ''उद्यमेन हि सिध्यन्ति कार्याणि न मनोरथै:'' ।

(i) वोपदेव: नाम कश्चित् शिशु:, किमर्थं पित्रा गुरुगृहं प्रेषित: ?
(ii) वोपदेवस्य पाठे किम् अवलोक्य सहपाठिन: तम् उपहसितवन्त: ?
(iii) कीदृश: वोपदेव: सरोवरं निकषा गत्वा पावच्छे उपविश्य चिन्तापर: अतिष्ठत् ?
(iv) स्त्रीजना: जलपूर्णान् घटान् पावच्छान्तर्गतेषु केषु अस्थापयन् ?
(v) कार्याणि कै: न सिध्यन्ति ?

**2. प्रदत्तवाक्येषु रेखाङ्कितपदानां सकारणं विभक्तिं लिखत ?** [1×5
(i) आवां ते अनया गुरुभक्त्या अतीव प्रीतौ स्व: ?
(ii) तस्मात् स्मर्यतामभीष्ट देवता।
(iii) वृक्षाणां छेदनेन वायुप्रदूषणं वर्द्धते।
(iv) मातुरुपदेशं स स्वजीवने आचरितवान्।
(v) स्पृहयामि खलु दुर्ललिताय अस्मै।

**3. शुद्धं सन्धिविधानं विच्छेदं च कुरुत।** [1×5
(i) क: + अस्य = ______
(ii) वसुधा + एव = ______
(iii) द्यौ: + न: = ______
(iv) गुणानिति = ______
(v) गच्छन्तीह = ______

**4. रिक्तस्थाने शुद्धं समासनाम / समस्त पदं / व्यासवाक्यं लिखत।** [1×5
(i) महाजन: – महान् जन: ______
(ii) स्नेहेन पुरस्कृता = ______ तृतीया तत्पुरुष:
(iii) आत्मगतम् = ______ = द्वितीया तत्पुरुष:
(iv) सन्न्यासी - सम्यक् न्यसति इति = ______
(v) विश्वभेषजरूप: = ______ बहुव्रीहि:

**5. प्रदत्तवाक्येषु रेखाङ्कितपदानां भ्रमसंशोधनं कुरुत।** [1×5
(i) विश्वासघातकस्य ग्रीवयम् आनीता।
(ii) प्रभुपदं तव युज्यते।
(iii) कृष्ण: मथुरायाम् अध्यास्ते।
(iv) गज: स्वेच्छायां भ्रमति।
(v) राम: श्यामं क्रुध्यति।

**6. एकपदेन स्त्रीप्रत्ययरूपं लिखत।** [1×5
(i) मनुष्यस्य स्त्री
(ii) कारकस्य स्त्री
(iii) कृशस्य स्त्री
(iv) वैश्यजातीया स्त्री
(v) श्वशुरस्य स्त्री

**7. अधोलिखितानि पदानि व्यवहृत्य पृथक् वाक्यानि रचयत।** [1×5
(i) दक्षिणात् (ii) निलीयते
(iii) उभयत: (iv) स्निह्यति (v) धारयामि

**8. शून्यस्थाने शुद्धं प्रकृतिं/प्रत्ययं लिखत।** [1×5
(i) आकाश: = आ + ______ + घञ्
(ii) अनुसन्धाने = अनु + सम् + धा + ______
(iii) प्रतिषिद्धा: = प्रति + ______ + क्त
(iv) विमृशन् = वि + मृश् + ______
(v) काम: = ______ + घञ्

**9. प्रदत्तवाक्येषु रेखाङ्कितपदानां मातृभाषया अर्थं लिखत।** [1×5
(i) यथा भद्रमुखो भणति।
(ii) दरिद्राणां कृते तस्य हृदयं विगलितमासती।
(iii) एवम् अर्थस्य जलं प्रतीकं भवति।
(iv) वने वसत: बहव: दोषा:।
(v) हृत्तापो मत्सर: स्मृत:।

**10. प्रदत्तवाक्येषु रेखाङ्कितपदानि आधृत्य प्रश्ननिर्माणं कुरुत।** [1×5
(i) तै: भक्षितै: दृष्टिहीन: सञ्जात:।
(ii) अस्त्यस्य जलाशयस्य नाति दूरें प्रभूतजलपूर्णं सर:।
(iii) अग्नि: तेजरूप:।
(iv) भवान् भगवन्तं दृष्टवानस्ति।
(v) नामसादृश्येन वञ्चितो मातृवत्सल:।

### PART – II (SUBJECTIVE)

**1. निजभाषया वाक्यत्रयेण प्रश्नद्वयस्य उत्तरं लिखत:** [5×2
(क) सर्वदमनस्य नामकरण विषये तापसी किम् उक्तवती ?
**अथवा,** 'रामकृष्णमिशन्' इति संस्था किं करोति ?
(ख) अग्निद्वारा संसारस्य हितं केन रूपेण भवति ?
**अथवा,** कुलीरक: कथं बकं व्यापादितवान् ?

**2. निजभाषया वाक्यत्रयेण प्रश्नद्वयस्य उत्तरं लिखत:** [5×2
(क) काल: केनरूपेण भूतानि पचति ?
**अथवा,** युधिष्ठिरमतेन क: दुर्जय शत्रु:, क: अनन्तक:व्याधि:, क: साधु: कश्च असाधु: ?
(ख) वनं कथं दु:खतरं भवति ?
**अथवा,** विलपन्तीं सीतां रघुनन्दन: किम् उक्तवान् ?

**3. निजभाषया संक्षेपेण उत्तरं लिखत :** [2×5
(क) वत्स! एनं बालमृगेन्द्रं मुञ्च। अपरं ते किं दास्यामि ?
(ख) प्रायश: ईश्वरस्य पुत्रा: किं न भवन्ति ?
(ग) एतेषां सुरक्षा-निमित्तं किं पठ्यते ?
(घ) जलाशयस्य नातिदूरे कुत्र आक्षिप्य स्वेच्छया अभक्षयत् ?
(ङ) उपमन्यो ! त्वमेव किं भविष्यसि ?

**4. निजभाषया संक्षेपेण उत्तरं लिखत:** [2×5
(क) का प्रवसतो मित्रं भवति ?
(ख) श्राद्धं मृतं कथं वा स्यात् ?
(ग) इह अहनि अहनि भूतानि कुत्र गच्छन्ति ?
(घ) हे राम ! अहं विषम् अग्निं जलं वा कस्मात् आस्थास्ये ?
(ङ) मम मात्रे कैकेयै कौ दत्तौ ?

**5. अधोलिखितवाक्येषु पञ्चानां वाक्यानां संस्कृतभाषया अनुवादं कुरुत:** [2×5
(क) ମାତା ଦରିଦ୍ରକୁ ଲୁଗା ଦେଲେ।
(ख) ଆଜିକାଲି ପିଲାମାନେ କାହାକୁ ଲାଜ କରୁନାହାନ୍ତି।
(ग) ଧୋବାର ଗଧରେ ପ୍ରୟୋଜନ ଥାଏ।
(घ) ପୋଖରୀର ଚାରିପାଖରେ ଫୁଲଗଛଗୁଡ଼ିକ ଅଛି।
(ङ) ହେ କୃଷ୍ଣ ! ମୋ ନିକଟକୁ ଆସ।
(च) ମୁଁ ଦିନରେ ଚାରିଥର ପାଣି ପିଏ।
(छ) ସମସ୍ତେ ଜଗନ୍ନାଥଙ୍କୁ ଭକ୍ତିକରିବା ଉଚିତ।
(ज) ସନ୍ଧ୍ୟା ପରେ ଅଧ୍ୟୟନ କର।

### ଉତ୍ତରମାଳାଃ – PART – I (OBJECTIVE)

1. (i) ପଠନାୟ (ii) ଅମନୋଯୋଗମ୍ (iii) ଖିନ୍ନମାନସଃ (iv) ଗର୍ତ୍ତେଷୁ (v) ମନୋରଥୈଃ
2. (i) ହେତୌ ତୃତୀୟା (ii) ଉକ୍ତେକର୍ମଣି ପ୍ରଥମା (iii) ସମ୍ବନ୍ଧେ ଷଷ୍ଠୀ (iv) ଅଧିକରଣେ ସପ୍ତମୀ (v) ସ୍ପୃହଧାତୁ ଯୋଗେ ଚତୁର୍ଥୀ
3. (i) କୋଽସ୍ୟ (ii) ବସୁଧୈବ (iii) ଦ୍ୟୌର୍ନଃ (iv) ଗୁଣାନ୍ + ଇତି (v) ଗଚ୍ଛନ୍ତି + ଇହ
4. (i) କର୍ମଧାରୟଃ (ii) ସ୍ନେହପୁରସ୍କୃତା (iii) ଆତ୍ମାନଂ ଗତଃ ତମ୍ (iv) ଉପପଦ ତତ୍ପୁରୁଷ (v) ବିଶ୍ୱଭେଷଜଃ ରୂପଂ ଯସ୍ୟ ସଃ
5. (i) ଗ୍ରୀବେୟମ୍ (ii) ତ୍ୱୟି (iii) ମଥୁରାମ୍ (iv) ସ୍ୱେଚ୍ଛୟା (v) ଶ୍ୟାମାୟ
6. (i) ମନୁଷୀ (ii) କାରିକା (iii) କୃଶା (iv) ବୈଶ୍ୟା (v) ଶ୍ୱଶ୍ରୂଃ
7. (i) ବିଦ୍ୟାଳୟସ୍ୟ ଦିକ୍ଷଣାତ୍ ମନ୍ଦିରମ୍ ଅସ୍ତି। (ii) ମାତୁଃ ପୁତ୍ରଃ ନିଲୀୟତେ। (iii) ମାର୍ଗମ୍ ଉଭୟତଃ ବୃକ୍ଷାଃସନ୍ତି। (iv) ମାତାପୁତ୍ରେ ସ୍ନିହ୍ୟତି। (v) ଅହଂ କସ୍ମୈ ନ ଧାରୟାମି।
8. (i) କାଶ୍ (ii) ଲ୍ୟୁଟ୍ (iii) ସିଧ୍ (iv) ଶତୃ (v) କମ୍ୱ
9. (i) ମହାଶୟ (ii) ତରଳି (iii) ସଙ୍କେତ (iv) ବାସ କରୁଥିବା (v) ଈର୍ଷ୍ୟା ବା ପରଶ୍ରୀକାତରତା
10. (i) ତୈଃ ଭକ୍ଷିତୈଃ କିଂ ସଞ୍ଜାତଃ ? (ii) ଅସ୍ତ୍ୟସ୍ୟ ଜଳାଶୟସ୍ୟ କୁତ୍ର ପ୍ରଭୂତଜଳପୂର୍ଣ୍ଣଂ ସରଃ ? (iii) ଅଗ୍ନିଃ କୀଦୃଶଃ ? (iv) ଭବାନ୍ କଂ ଦୃଷ୍ଟବାନସ୍ତି ? (v) କେନ ବଞ୍ଚିତୋ ମାତୃବତ୍ସଳଃ ?

### ଉତ୍ତରମାଳାଃ – PART – II (SUBJECTIVE)

1. (क) ବାଳକଟି ସିଂହଶାବକ ଉପରେ ବସି ତା'ର ଦାନ୍ତ ଗଣିବା ପାଇଁ ପାଟି ଖୋଲୁଥିଲା। ଏହି ସମୟରେ ଜଣେ ତାପସୀ ସେଠାରେ ପହଞ୍ଚି ଏତାଦୃଶ କାର୍ଯ୍ୟରୁ ତାକୁ ନିବାରଣ କରିଥିଲେ ମଧ୍ୟ ବାଳକଟି ନିବୃତ୍ତ ହୋଇନଥିଲା। ଫଳରେ ତାପସୀ ସାମାନ୍ୟ ବିରକ୍ତ ହୋଇ ''ତୋର ନାମ ଋଷିମାନେ ଏଥିପାଇଁ ସର୍ବଦମନ'' ରଖିଛନ୍ତି ବୋଲି ପ୍ରକାଶ କରିଥିଲେ।
**अथवा,** କୋଲକାତାର ବେଲୁର ଗ୍ରାମରେ ବିବେକାନନ୍ଦ ଏକ ମଠ ସ୍ଥାପନ କରିଥିଲେ। ତାହା ଗୁରୁ ରାମକୃଷ୍ଣଙ୍କ ନାମାନୁସାରେ 'ରାମକୃଷ୍ଣ ମିଶନ୍' ନାମରେ ପ୍ରସିଦ୍ଧ। ଏହି ମିଶନ୍ ଜାଗ୍ରତ ଯୁବକମାନଙ୍କୁ ନେଇ ସନାତନ ଧର୍ମର ମୂଳତତ୍ତ୍ୱ ପ୍ରଚାର ସହ ସମଗ୍ର ବିଶ୍ୱରେ ଦରିଦ୍ରମାନଙ୍କ ସେବାକାର୍ଯ୍ୟ କରିଥାଏ।
(ख) ପଞ୍ଚମହାଭୂତ ମଧ୍ୟରୁ ଅଗ୍ନି ଏକ ମହାଭୂତ। ତେଜରୂପ ଅଗ୍ନି ସମସ୍ତ ଅଶୁଦ୍ଧ ବସ୍ତୁକୁ ନାଶକରି ପର୍ଯ୍ୟାବରଣକୁ ନିର୍ମଳ କରେ। ପୁନଶ୍ଚ ବାୟୁମଣ୍ଡଳର ବିଷକ୍ରିୟା ବିନାଶର ମୂଳକାରଣ ହୋଇ ସଂସାରର ହିତ ସାଧନ କରିଥାଏ।
**अथवा,** କଙ୍କଡ଼ା ବଗ ପିଠିରେ ବସି ବୃହତ୍ ଜଳାଶୟ ଅଭିମୁଖେ ଯାତ୍ରା କରୁଥିଲା। ମାତ୍ର ଦୂରରୁ ମାଛମାନଙ୍କ କଣ୍ଟାର ପାହାଡ଼କୁ ଦେଖି ସେ ବଗର ମନ୍ଦ ଉଦ୍ଦେଶ୍ୟ ବୁଝିପାରିଲା। କେତେ ଦୂରରେ ଜଳାଶୟ ବୋଲି ପଚାରନ୍ତେ ବଗ ତାକୁ ଇଷ୍ଟଦେବତାଙ୍କୁ ସ୍ମରଣ କରିବାକୁ କହିଲା। ଫଳରେ କଙ୍କଡ଼ା ଦୁଷ୍ଟବୁଦ୍ଧି ବଗର ବେକକୁ ନିଜ ମୁଖର ଦନ୍ତଦ୍ୱୟରେ କାଟି ବିନାଶ କଲା।
2.(क) କାଳ ପୃଥିବୀରୂପକ ପାତ୍ରରେ ସମସ୍ତ ପ୍ରାଣୀଙ୍କୁ ଭରି ଆକାଶରୂପ ଘୋଡ଼ଣୀ ଦେଇ ବନ୍ଦ କରିଛି। ସୂର୍ଯ୍ୟରୂପକ ଅଗ୍ନିରେ ଦିନ, ରାତିରୂପକ କାଠକୁ ଜଳାଉଛି। ମାସ ଋତୁରୂପକ ଡଙ୍କିରେ ପାତ୍ରମଧ୍ୟସ୍ଥ ପ୍ରାଣୀମାନଙ୍କୁ ଘାଣ୍ଟି ପାକକାର୍ଯ୍ୟ ସମ୍ପାଦନ କରୁଅଛି।
**अथवा,** ଯୁଧିଷ୍ଠିରଙ୍କ ମତରେ ଦୁଃସାଧ ଶତ୍ରୁ ହେଉଛି କ୍ରୋଧ। ଲୋଭ ହେଉଛି ଅନ୍ତହୀନ ରୋଗ। ସମସ୍ତ ପ୍ରାଣୀମାନଙ୍କ ହିତକାମନା କରୁଥିବା ବ୍ୟକ୍ତି ହିଁ ସାଧୁ ଓ ନିର୍ଦ୍ଦୟ ବ୍ୟକ୍ତି ଅସାଧୁ ଅଟନ୍ତି।
(ख) ବନରେ ସର୍ବଦା ପବନ ବହିବା ସହ ଖାଦ୍ୟର ବ୍ୟବସ୍ଥା ନ ଥିବା କାରଣରୁ ଅସହ୍ୟ କ୍ଷୁଧାଯନ୍ତ୍ରଣା ଭୋଗକରିବାକୁ ପଡ଼ିଥାଏ। ରାତି କ'ଣ ଦିନରେ ମଧ୍ୟ ନିବିଡ଼ ଅନ୍ଧକାର ବନବାସୀଠାରେ ଭୟ ସଞ୍ଚାର କରିଥାଏ। ସେହିପରି ଅନ୍ୟାନ୍ୟ ମହତ୍ ଆଧିଭୌତିକାଦି ବିପଦର ସମ୍ଭାବନା ଥିବାରୁ ବନବାସ ଅଧିକ ଦୁଃଖଦାୟକ ହୋଇଥାଏ।
**अथवा,** ରାମ ରାଜ୍ୟାଭିଷେକ ପାଇଁ ସାଜସଜ୍ଜା ହେଉଥିବା ପ୍ରକୋଷ୍ଠକୁ ଲଜ୍ଜାବନତ ବଦନରେ ପ୍ରବେଶ କଲେ। ସତୀ ଶିରୋମଣି ସୀତା ଆନନ୍ଦ ମୁହୂର୍ତ୍ତରେ ଚିନ୍ତାକୁଳ ମନ ଓ ଦୀପ୍ତିହୀନ ସ୍ୱାମୀଙ୍କୁ ଦେଖି ଦୁଃଖରେ ବିଳାପ କରିବାକୁ ଲାଗିଲେ। ରାମ ସୀତାଙ୍କୁ ସାନ୍ତ୍ୱନା ଦେଇ କହିଲେ ଯେ ମୋର ପୂଜ୍ୟପିତା ମୋତେ ରାଜ୍ୟାଭିଷେକ ପରିବର୍ତ୍ତେ ବନବାସ ଆଦେଶ ପ୍ରଦାନ କରିଛନ୍ତି।
3. (क) ହେ ପୁତ୍ର ! ଏହି ସିଂହ ଶିଶୁଟିକୁ ଛାଡ଼। ମୁଁ ତୁମକୁ ଅନ୍ୟ ଏକ ଖେଳନା/କ୍ରୀଡ଼ନକ ଦେବି। (ख) ପ୍ରାୟତଃ ଈଶ୍ୱରଙ୍କ ସନ୍ତାନମାନେ ଦୀର୍ଘଜୀବୀ ହୁଅନ୍ତି ନାହିଁ। (ग) ଏମାନଙ୍କ ସୁରକ୍ଷା ନିମିତ୍ତ ଶାନ୍ତିମନ୍ତ୍ର ପଢ଼ାଯାଏ। (घ) ଜଳାଶୟର ଅନତୀଦୂରରେ ଥିବା ପଥର / ଶିଳା ଉପରେ ପକାଇ ନିଜ ଇଚ୍ଛାରେ ଖାଇଥାଏ। (ङ) ହେ ଉପମନ୍ୟୁ ! ତୁମେ ସର୍ବଶାସ୍ତ୍ରଜ୍ଞ ହେବ।
4. (क) ବିଦ୍ୟା ବିଦେଶରେ ରହୁଥିବା ବ୍ୟକ୍ତିର ବନ୍ଧୁ। (ख) ଶ୍ରୋତିୟ ବ୍ରାହ୍ମଣ ବିନା ପିତୃପୁରୁଷଙ୍କୁ ପିଣ୍ଡଦାନ ନିଷ୍ଫଳ ହୋଇଥାଏ। (ग) ଏହି ସଂସାରରେ ପ୍ରତିମୁହୂର୍ତ୍ତରେ ପ୍ରାଣୀମାନେ ଯମାଳୟକୁ / ମୃତ୍ୟୁଲୋକକୁ ଯାଉଛନ୍ତି। (घ) ହେ ରାମ ! ମୁଁ ବିଷ, ଅଗ୍ନି କିମ୍ବା ଜଳର ଆଶ୍ରୟ ମରିବା ଉଦ୍ଦେଶ୍ୟରେ ନେବି। (ङ) ମୋର ମା' କୈକେୟୀଙ୍କୁ ମହାବର ଦୁଇଟି ଦେଇଥିଲେ।
5. (क) ମାତା ଦରିଦ୍ରାୟ ବସ୍ତ୍ରମ୍ ଅଦଦାତ୍ / ଦତ୍ତବତୀ। (ख) ଅଧୁନା ବାଳାଃ କସ୍ମାତ୍ ନ ଲଜ୍ଜନ୍ତେ। (ग) ରଜକସ୍ୟ ଗର୍ଦ୍ଦଭେନ ପ୍ରୟୋଜନମ୍ ଅସ୍ତି। (घ) ପୁଷ୍କରିଣୀଂ ପରିତଃ ପୁଷ୍ପବୃକ୍ଷାଃ ସନ୍ତି। (ङ) ହେ କୃଷ୍ଣ ! ମାଂ ନିକଷା ଆଗଚ୍ଛ। (च) ଅହଂ ଦିବସସ୍ୟ ଚତୁଃ ଜଳଂ ପିବାମି। (छ) ସର୍ବେ ଜଗନ୍ନାଥେ ଭକ୍ତିଂ କୁର୍ଯ୍ୟୁଃ। (ज) ସନ୍ଧ୍ୟାୟାଃ ପରମ୍ ଅଧ୍ୟୟନଂ କୁରୁ।

❑❑❑



"ଚମ୍ବଲରେ ଶୁଟିଂବେଳେ ଡକାୟତ ଦଳ ମୋ ସହ ସେଲ୍‌ଫି ନେବା ଲାଗି ବନ୍ଧୁକ ଦେଖାଇଥିଲେ। ମୁଁ କିନ୍ତୁ ସାହସର ସହ ସେମାନଙ୍କର ସାମ୍ନା କରିଥିଲି, ଡରି ନ ଥିଲି।

-କଙ୍ଗନା ରାଣାୱତ୍,
ବଲିଉଡ୍ ଅଭିନେତ୍ରୀ



# ଭାରତୀୟ ସେନା ଦିବସ

# ଶାନ୍ତି, ସୁରକ୍ଷା ଓ ଏକତା ସୁନିଶ୍ଚିତ କରେ ସେନା



ପରମବୀର ଚକ୍ର କ୍ୟାପଟେନ ବିକ୍ରମ ବାତ୍ରା ଥରେ କହିଥିଲେ, 'ମୁଁ ତ୍ରିରଙ୍ଗା ଉଡ଼ାଇ ଫେରିପାରେ କିମ୍ବା ସେଥିରେ ଆଚ୍ଛାଦିତ ହୋଇ ଫେରିପାରେ, କିନ୍ତୁ ମୁଁ ନିଶ୍ଚିତ ଫେରିବି'। ତାଙ୍କର ଏହି ଉକ୍ତିରୁ ଜଣାପଡେ ଦେଶର ପ୍ରକୃତ ବୀର ହେଉଛନ୍ତି ସେନାର ଯବାନ। ଆମକୁ ସୁରକ୍ଷିତ ଓ ସୁଖରେ ରଖିବା ପାଇଁ ସେମାନଙ୍କ ତ୍ୟାଗର ତୁଳନା ନାହିଁ। ଏଣୁ ବୀର ଯବାନମାନଙ୍କୁ ସମ୍ମାନ ଜଣାଇବା ପାଇଁ ଭାରତରେ ପ୍ରତିବର୍ଷ ୧୫ ଜାନୁୟାରୀରେ ଭାରତୀୟ ସେନା ଦିବସ ପାଳନ କରାଯାଏ। ୧୯୪୯ ମସିହାରେ ଏହି ଦିନ ଭାରତର ଶେଷ ବ୍ରିଟିଶ କମାଣ୍ଡର୍-ଇନ୍-ଚିଫ୍ ସାର୍ ଫ୍ରାନ୍ସିସ୍ ବୁଚର୍‌ଙ୍କ ଠାରୁ ଭାରତର ଫିଲ୍‌ଡ ମାର୍ଶଲ କେ.ଏମ୍. କରିଅପ୍ପା ଦାୟିତ୍ୱ ଗ୍ରହଣ କରିଥିଲେ। କରିଅପ୍ପା ଥିଲେ ଭାରତୀୟ ସେନାର ପ୍ରଥମ କମାଣ୍ଡର-ଇନ୍-ଚିଫ୍। ଦିଲ୍ଲୀ ସମେତ ଦେଶର ସବୁ ସେନା କମାଣ୍ଡ ହେଡକ୍ୱାର୍ଟରରେ ଏହି ଦିବସ ପାଳିତ ହୋଇଥାଏ। ସେନା ଦିବସରେ ଦେଶ ସୁରକ୍ଷା ଲାଗି ବଳିଦାନ ଦେଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରାଯାଏ। ଏହି ବର୍ଷ ୭୨ତମ ସେନା ଦିବସ ପାଳନ କରାଯାଉଛି। ସେନାର ସିଦ୍ଧାନ୍ତ ହେଉଛି 'ସର୍ଭିସ ବିଫୋର୍ ସେଲ୍‌ଫ' । ବାହ୍ୟ ଓ ଆଭ୍ୟନ୍ତରୀଣ ବିଦପକୁ ପ୍ରତିହତ କରି ଦେଶରେ ଶାନ୍ତି, ସୁରକ୍ଷା ଓ ଏକତା ସୁନିଶ୍ଚିତ କରିବା ଏହି ଦିବସର ଲକ୍ଷ୍ୟ। ବିଶ୍ୱରେ ଭାରତୀୟ ସେନା ସବୁଠୁ ଶକ୍ତିଶାଳୀ ଓ ଏବେ ଆମେରିକା, ରୁଷିଆ ଓ ଚାଇନା ଭଳି ସୁପରପାୱାର ଦେଶଗୁଡିକ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ। ଦେଶର ବିପଦ ସମୟରେ କିଭଳି ଧୈର୍ଯ୍ୟର ସହ ସାହସ ଜୁଟାଇ ସାମ୍‌ନା କରିବାକୁ ହୁଏ ସେ ବିଷୟରେ ସେନା ଦିବସ ଲୋକମାନଙ୍କୁ ବାର୍ତ୍ତା ଦେଇଥାଏ। ଏହା ଯୁବକମାନଙ୍କ ମନରେ ଦେଶାତ୍ମ ଭାବନା ସୃଷ୍ଟି କରିବା ସହ ସେନାରେ ଯୋଗ ଦେଇ ଦେଶ ସେବା କରିବା ଲାଗି ଏକ ବାର୍ତ୍ତା ଦେଇଥାଏ । ଏହି ଦିବସରେ ଯୁଦ୍ଧରେ ଦେଶ ସୁରକ୍ଷା ପାଇଁ ସେନାଙ୍କ ସାହସିକତା ଲାଗି ବିଭିନ୍ନ ମେଡାଲ ଓ ପୁରସ୍କାର ପ୍ରଦାନ କରାଯାଇଥାଏ। ଶହୀଦ ଯବାନଙ୍କ ପରିବାରକୁ ମଧ ସମ୍ମାନିତ କରାଯାଏ। ଏହି ଅବସରରେ ପରେଡ ଅନୁଷ୍ଠିତ ହୋଇଥାଏ। ସେନା ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ତାଙ୍କ ଦାୟିତ୍ୱ ସମ୍ପର୍କରେ ଲୋକମାନଙ୍କୁ ଜଣାଇବାର ସୁଯୋଗ ମିଳିଥାଏ। ମେଜର ସୋମନାଥ ଶର୍ମା କହିଥିଲେ ' ଶତ୍ରୁ ଆମଠାରୁ ୫୦ ଗଜ ଦୂରରେ ରହିଛନ୍ତି । ଆମ ସଂଖ୍ୟା ଅଧିକ ଓ ଆମ ଉପରେ ବିଧ୍ୱଂସକାରୀ ଗୁଳିଗୋଳା ବର୍ଷଣ ହେଉଛି। ଏ ପରିସ୍ଥିତିରେ ମୁଁ ଗୋଟିଏ ଇଞ୍ଚ ବି ପଛକୁ ହଟି ପାରିବିନାହିଁ । ଶେଷରେ ଜଣେ ଥିବାଯାଏ ଓ ବନ୍ଧୁକରେ ଶେଷ ଗୁଳି ଥିବାଯାଏ ଆମେ ଲଢ଼ିବୁ।' ସେହିଭଳି ଫିଲ୍ଡ ମାର୍ଶଲ ଶାମ୍ ମାନେସ୍କା କହିଛନ୍ତି, ' ବିନା ଲିଖିତ ନିର୍ଦ୍ଦେଶରେ ଆମେ ପଛକୁ ହଟିପାରିବୁ ନାହିଁ ଏବଂ ଏହି ନିର୍ଦ୍ଦେଶ କେବେ ବି ଦିଆଯାଇପାରିବନାହିଁ।' ସେନା ଦିବସ ଅବସରରେ ଏହି ସବୁ ଦେଶଭକ୍ତିର ଉକ୍ତି କାର୍ଯ୍ୟରତ ଯବାନ ଓ ଆଗାମୀପିଢ଼ିର ଯବାନ ହେବାକୁ ଅପେକ୍ଷାରେ ଥିବା ଯୁବଗୋଷ୍ଠୀଙ୍କୁ ପ୍ରେରଣା ଯୋଗାଇବ।

# ୧୯୯୫ କିଲୋ ଖେଚୁଡ଼ି ରାନ୍ଧି ଗିନିଜ୍ ବୁକ୍‌ରେ ସ୍ଥାନ ପାଇଲେ




**ଶିମ୍ଲା:** ହିମାଚଳ ପ୍ରଦେଶ ମଣ୍ଡି ଜିଲାର ତତ୍ତାପାଣିରେ ମକର ସଂକ୍ରାନ୍ତି ଉତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଛି। ଏହି ଅବସରରେ ଗୋଟିଏ ବାସନରେ ୧୯୯୫ କିଲୋ ଖେଚୁଡ଼ି ତିଆରି କରି ୱାର୍ଲ୍ଡ ରେକର୍ଡ କରାଯାଇଛି। ଏହି ଖେଚୁଡ଼ିର ଓଜନ ଏବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିବା ବେଳେ ଏହାର ପ୍ରତିନିଧି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ୯୧୮.୮ କିଲୋ ଖେଚୁଡ଼ି ତିଆରି କରାଯାଇ ୱାର୍ଲ୍ଡ ରେକର୍ଡ କରାଯାଇଥିଲା। ହେଲେ ଏହି ଖେଚୁଡ଼ି ଏବେ ସମସ୍ତ ରେକର୍ଡକୁ ଭାଙ୍ଗିଦେଇଛି। ସୂଚନାଯୋଗ୍ୟ, ତତ୍ତାପାଣିରେ ୨୫ ଜଣ ସେଫ୍ ପାଞ୍ଚ ଘଣ୍ଟାରେ ଏହି ଖେଚୁଡ଼ିକୁ ତିଆରି କରିଥିଲେ। ଏହାକୁ ତିଆରି କରିବା ପାଇଁ ୪୦୫ କିଲୋ ଚାଉଳ, ୧୯୦ କିଲୋ ଡାଲି, ୯୦ କିଲୋ ଘିଅ, ୫୫ କିଲୋ ମସଲା ଓ ୧୧୦୦ଲିଟର ପାଣି ବ୍ୟବହାର କରାଯାଇଥିଲା। ଏହାକୁ ଏକ ପିତ୍ତଳ ବାସନରେ ତିଆରି କରାଯାଇଥିବା ବେଳେ ଏଥିପାଇଁ ଏକ ସ୍ୱତନ୍ତ୍ର ଚୁଲି କରାଯାଇଥିଲା। ଏହି ବାସନ ସାଢ଼େ ୫ ଫୁଟ୍ ଉଚ୍ଚ ଓ ୭ଫୁଟ୍ ଚଉଡା ରହିଥିବା ବେଳେ ଏହାକୁ ଚୁଲିରେ ବସାଇବା ପାଇଁ କ୍ରେନ୍‌ର ସାହାଯ୍ୟ ନିଆଯାଇଥିଲା। ୧୯୯୫ କିଲୋ ଖେଚୁଡ଼ିକୁ ପ୍ରାୟ ୨୦ହଜାର ଲୋକଙ୍କୁ ପରଷା ଯାଇଥିଲା। ପର୍ଯ୍ୟଟନ ବିଭାଗ ପକ୍ଷରୁ ତତ୍ତାପାଣିରେ ଆୟୋଜନ କରାଯାଇଥିବା ଖେଚୁଡ଼ି ମୁଖ୍ୟ ଆକର୍ଷଣ ରହିଥିଲା ବୋଲି ମୁଖ୍ୟ ସେଫ୍ ଏନ୍‌ଏଲ୍ ଶର୍ମା କହିଛନ୍ତି।

## 'ଗଙ୍ଗୁବାଈ କାଠିୟାୱାଡ଼ି'ର ପ୍ରଥମ ପୋଷ୍ଟର ରିଲିଜ୍

# ଭନ୍‌ସାଲିଙ୍କ ଫିଲ୍ମ ଆଲିୟାଙ୍କ ପାଇଁ ଏକ ଚ୍ୟାଲେଞ୍ଜ



**ମୁମ୍ବାଇ:** ବଲିଉଡ୍ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭନ୍‌ସାଲିଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବି-ଟାଉନର ସବୁ କଳାକାରଙ୍କ ସ୍ୱପ୍ନ, ଜୀବନରେ ଥରେ ହେଉ ପଛେ ତାଙ୍କ ଫିଲ୍ମରେ କାମ କରିବେ। ତେବେ ବଲିଉଡ୍‌ର ଟ୍ୟାଲେଣ୍ଟେଡ୍ ନାୟିକା ଆଲିୟା ଭଟ୍ଟଙ୍କ ଏହି ସ୍ୱପ୍ନ କିନ୍ତୁ ପୂରଣ ହୋଇଛି। ଖୁବ୍‌ଶୀଘ୍ର ସେ ଭନ୍‌ସାଲିଙ୍କ ଅପ୍‌କମିଂ ଫିଲ୍ମ 'ଗଙ୍ଗୁବାଈ କାଠିୟାୱାଡ଼ି'ରେ ନଜରକୁ ଆସିବେ। ଫିଲ୍ମ 'ଗଙ୍ଗୁବାଈ କାଠିୟାୱାଡ଼ି'ର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଯାଇଛି। ମଙ୍ଗଳବାର ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରୁ ଆଲିୟା ଏହାକୁ ଶେୟାର କରିଛନ୍ତି। ଏହି ମୋଶନ୍ ପୋଷ୍ଟରଟି ଖୁବ୍ ସାଦାସିଧା ହୋଇଥିବାବେଳେ ଏଥିରେ କ୍ରିଏଟିଭିଟିର ଝଲକ କିନ୍ତୁ ଦେଖିବାକୁ ମିଳିଛି। ଏହାସହ ବୁଧବାର ଫିଲ୍ମର ପ୍ରଥମ ଲୁକ୍ ମଧ ରିଲିଜ୍ କରାଯିବ ବୋଲି ଏଥିରେ ସୂଚନା ରହିଛି। ତେବେ ତା'ପୂର୍ବରୁ ଆମେ ଆପଣଙ୍କୁ ଫିଲ୍ମରେ ଆଲିୟାଙ୍କ ଅବତାର ବିଷୟରେ କିଛି ଉତ୍ସାହଜନକ ସୂଚନା ଦେଉଛୁ। ଫିଲ୍ମ 'ଗଙ୍ଗୁବାଈ କାଠିୟାୱାଡ଼ି'ରେ ଆଲିୟାଙ୍କ ଲୁକ୍ ଦେଖିବାକୁ ଫ୍ୟାନ୍‌ମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ହେଲେ ଫିଲ୍ମରେ ଅଭିନୟ କରିବା ଆଲିୟାଙ୍କ ପାଇଁ ଏତେ ସହଜ ହେବନାହିଁ। ସେ ପ୍ରଥମଥର ଭନ୍‌ସାଲିଙ୍କ ସହ କାମ କରିବାକୁ ଯାଉଛନ୍ତି। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରୁଛନ୍ତି। ରିଲିଜ୍ ହୋଇଥିବା ପ୍ରଥମ ମୋଶନ୍ ପୋଷ୍ଟରରୁ ଯାହା ଜଣାପଡୁଛି, ଫିଲ୍ମରେ ଦମ୍‌ଦାର ମ୍ୟୁଜିକ୍ ନିଶ୍ଚୟ ରହିଛି। ତେବେ ଆଲିୟାଙ୍କୁ ଗୀତ ଗାଉଥିବା ବା ନାଚୁଥିବା ଅବସ୍ଥାରେ ଦେଖିବାକୁ ମିଳିବ ନାହିଁ। ଏହାସହ ତାଙ୍କୁ ଡାଏଲଗ୍ ରେକର୍ଡ କରିବାକୁ ପୁଣି ଡବିଂ କରିବାର ସୁଯୋଗ ମିଳିବ ନାହିଁ। ବରଂ ଶୁଟିଂ ସମୟରେ ସେଟ୍‌ରେ ଯେଉଁ ଡାଏଲଗ୍ ରେକର୍ଡ ହେବ, ସେଗୁଡ଼ିକୁ ଫିଲ୍ମରେ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି। ଏ ସବୁକୁ ଦୃଷ୍ଟିରେ ରଖି ଆଲିୟା ଗୁଜରାଟୀ ଭାଷା ଏବଂ ବିଶେଷକରି କାଠିୟାୱାଡ଼ି ଭାଷା କହିବା, ଚାଲିଚଳନ ଏବଂ ପରମ୍ପରା ଆଦିକୁ ଶିଖୁଛନ୍ତି। ଫିଲ୍ମଟି ପ୍ରକୃତରେ ଆଲିୟାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବାକୁ ଯାଉଛି। ଚଳିତବର୍ଷ ସେପ୍ଟେମ୍ବରରେ ଫିଲ୍ମଟି ରିଲିଜ୍ ହେବ।

# ୫୫ରେ ପାଦ ଥାପିଲେ ସୀମା



**ମୁମ୍ବାଇ:** ବଲିଉଡ୍ ଷ୍ଟାର ସୀମା ବିଶ୍ୱାସ ମଙ୍ଗଳବାର ୫୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୬୫ ଜାନୁୟାରୀ ୧୪ରେ ଆସାମର ନଳବାରିଠାରେ ଜନ୍ମଗ୍ରହଣ କରିଥିଲେ। ବଲିଉଡ୍‌ରେ ଶେଖର କପୁରଙ୍କ ଫିଲ୍ମ ବଣ୍ଡିଟ୍ କୁଇନ୍‌ରେ ସୀମା ଡାକୁରାଣୀ ଫୁଲନ ଦେବୀ ଭୂମିକାରେ ଅଭିନୟ କରିଥିଲେ। ଏଥିରେ ନ୍ୟୁଡ୍ ସିନ୍ ଶୁଟିଂ ପରେ ସୀମା ସାରା ରାତି କାନ୍ଦିଥିଲେ। ତାଙ୍କର ନିଖୁଣ ଅଭିନୟରେ ପୂରା ଶୁଟିଂ ୟୁନିଟ୍ କାନ୍ଦି ପକାଇଥିଲା। ଏହି ଫିଲ୍ମ ପାଇଁ ସେ ଶ୍ରେଷ୍ଠ କଳାକାର ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହାପରେ ସେ 'ୱାଟର' ଭଳି ଅନେକ ଫିଲ୍ମରେ ଅଭିନୟ କରି ବଲିଉଡ୍‌ରେ ନିଜକୁ ପ୍ରତିଷ୍ଠିତ କରାଇପାରିଥିଲେ। ୨୦୦୩ରେ ସେ ନିଖିଳେଶ ଶର୍ମାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତେବେ ୨୦୦୭ରେ ତାଙ୍କର ବିବାହ ବିଚ୍ଛେଦ ଘଟିଥିଲା।

'ବଣ୍ଡିଟ୍ କୁଇନ୍' ଶୁଟିଂ ପରେ ରାତିସାରା କାନ୍ଦିଥିଲେ

# ଏଭରେଷ୍ଟ ଚାରିପାଖରେ ବୃଦ୍ଧିପାଉଛି ବନସ୍ପତି



**ନୂଆଦିଲ୍ଲୀ:** ବିଶ୍ୱ ତାପନ ପ୍ରଭାବରେ ଏଭରେଷ୍ଟର ହିମ ଉପତ୍ୟକା ତରଳିବା ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଥିବାବେଳେ ଏବେ ଏକ ଭଲ ଖବର ସାମ୍‌ନାକୁ ଆସିଛି। ଏଭରେଷ୍ଟ ଚାରିପାଖରେ ବନସ୍ପତି ( ଘାସ ଓ ବୁଦା ଜାତୀୟ ଗଛ)ବଢ଼ିବା ସହ ଏହାର ପରିସୀମା ବୃଦ୍ଧିପାଉଛି ବୋଲି ଇଂଲଣ୍ଡର ଗବେଷକମାନେ କହିଛନ୍ତି। ଅନୁଧ୍ୟାନ ସମ୍ପର୍କିତ ତଥ୍ୟ ଜର୍ନାଲ ଗ୍ଲୋବାଲ ଚେଞ୍ଜ ବାୟୋଲୋଜିରେ ପ୍ରକାଶ ପାଇଛି। ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ଏକ୍ସେଟର୍‌ର ଗବେଷକ ଟିମ୍ ନାସାର ଲ୍ୟାଣ୍ଡସାଟ୍ ସାଟେଲାଇଟ୍ ତଥ୍ୟ ଉପଯୋଗ କରିବା ପରେ ଟ୍ରି ଲାଇନ ଓ ସ୍ନୋ ଲାଇନ ମଧ୍ୟରେ ରହିଥିବା ସ୍ଥାନରେ ବନସ୍ପତି ବଢୁଥିବା ଲକ୍ଷ୍ୟ କରିଛନ୍ତି। ୧୯୯୩ ରୁ ୨୦୧୮ ମଧ୍ୟରେ ସାଟେଲାଇଟ୍‌ରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ଯେଉଁ ସ୍ଥାନରେ ଏହି ଗଛ ବଢୁଛି ସେଠାରେ ପହଞ୍ଚିବା କଷ୍ଟକର। ହିମାଳୟକୁ ଉଚ୍ଚତା ଅନୁସାରେ ୪ଟି ବର୍ଗରେ ଭାଗ କରି ପ୍ରତ୍ୟେକ ଉପରେ ଅନୁଧ୍ୟାନ କରାଯିବା ପରେ ସବୁଠାରେ ବନସ୍ପତି ବଢୁଥିବା କୁହାଯାଇଛି। ଏହା ହିମାଳୟର ଯେ କୌଣସି ଏକ ସ୍ଥାୟୀ ହିମ ଉପତ୍ୟକାର ଆୟତନ ଠାରୁ ୫ରୁ ୧୫ ଗୁଣ ଅଞ୍ଚଳ ବିସ୍ତାର କରି ରହିଥିବା ଦେଖାଯାଇଛି। ଗବେଷକମାନେ ଏହି ତଥ୍ୟକୁ ଆଧାରକରି ସମୁଦ୍ରପତ୍ତନଠାରୁ ହିମାଳୟର ୪,୧୫୦ରୁ୬,୦୦୦ ମିଟର ଉଚ୍ଚରେ ବନସ୍ପତି ଅଧିକ ବଢ଼ିଥିବା ଲକ୍ଷ୍ୟ କରିଛନ୍ତି। ୫,୦୦୦ରୁ ୫,୫୦୦ ମିଟର ଉଚ୍ଚତା ମଧ୍ୟରେ ସବୁଠୁ ବେଶି ଗଛ ରହିଛି ବୋଲି ସେମାନେ କହିଛନ୍ତି।

# ଉଚ୍ଚ ବିଲ୍ଡିଂରେ ବଜ୍ରପାତ

## ଫଟୋ ଉଠାଇ ପ୍ରଶଂସା ସାଉଁଟିଲେ

**ଦୁବାଇ:** ଦୁବାଇରେ ୧୯୯୬ ପରେ ଚଳିତବର୍ଷ ପ୍ରବଳ ବର୍ଷା ହୋଇଛି। ବର୍ଷାରେ ବିମାନବନ୍ଦର ରନ୍‌ୱେ ବୁଡ଼ିଯିବାରୁ କେତେକ ବିମାନ ଉଡ଼ାଣକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ଏହି ବର୍ଷା ଯୋଗୁ ଲୋକେ ହନ୍ତସନ୍ତ ହୋଇଥିବାବେଳେ ଯୁବ ଫଟୋଗ୍ରାଫର ଜୋହେବ୍ ଅଞ୍ଜୁମ୍ କିନ୍ତୁ ବେଶ୍ ଲାଭାନ୍ୱିତ ହୋଇଛନ୍ତି। ସେ ବର୍ଷା ସମୟରେ ଦୁବାଇର ଉଚ୍ଚତମ ବିଲ୍ଡିଂ ବୁର୍ଜ ଖଲିଫା ଉପରେ ହୋଇଥିବା ବଜ୍ରପାତର ଫଟୋ ଅତି ସୁନ୍ଦର ଭାବେ ନିଜ କ୍ୟାମେରାରେ ଉତ୍ତୋଳନ କରିଛନ୍ତି। ୨୭୨୯ ଫୁଟ ଉଚ୍ଚା ବୁର୍ଜ ଖଲିଫାର ଏଭଳି ଫଟୋ ଉଠାଇବାକୁ ସେ ଦୀର୍ଘ ସାତ ବର୍ଷ ଧରି ଅପେକ୍ଷା କରିଥିବା କହିଛନ୍ତି। ଏହି ଫଟୋ ଉଠାଇ ସେ ଏବେ ପ୍ରଶଂସା ସାଉଁଟିଛନ୍ତି। ପ୍ରବଳ ବର୍ଷା ସମୟରେ ଲୋକେ ଘରେ ଥିବାବେଳେ ଅଞ୍ଜୁମ୍ ସାରା ରାତି ବୁର୍ଜ ଖଲିଫା ସମ୍ମୁଖରେ ମରୁଭୂମିରେ ଏକ ପାଲ ତଳେ ବସି ରହିଥିଲେ। ଶେଷରେ ତାଙ୍କର ବହୁଦିନର ସ୍ୱପ୍ନ ସତ୍ୟ ହୋଇଥିଲା। ଏବେ ତାଙ୍କର ଫଟୋ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।



# ମିଳିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳର ବୋମା

**ବର୍ଲିନ୍:** ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାକୁ ଇତିମଧ୍ୟରେ ୭୫ ବର୍ଷ ବିତିଯାଇଛି। ତେବେ ଜର୍ମାନୀର ହାର୍ଡମୁଣ୍ଡ ସହରରେ ଲୋକେ ଏବେ ବି ଭୟରେ ଜୀବନ ବିତାଉଛନ୍ତି। ବିଭିନ୍ନ ସମୟରେ ସହରର ମାଟି ତଳୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ୟବହାର ହୋଇପାରି ନ ଥିବା ବୋମା ଉଦ୍ଧାର କରାଯାଉଛି। ସହରର କେଉଁଠାରେ ବୋମା ରହିଛି ତାହାର କିଛି ଠିକ୍ ଠିକଣା ନାହିଁ। ତେଣୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି। ସମ୍ପ୍ରତି ଏଠାରୁ ୪ଟି ବୋମା ମିଳିଛି। ପ୍ରତି ବୋମାର ଓଜନ ୨୫୦ କିଲୋଗ୍ରାମ୍ ବୋଲି କୁହାଯାଉଛି। ବୋମା ମିଳିବା ଖବର ବ୍ୟାପିଯିବାରୁ ଲୋକେ ଭୟରେ ରାସ୍ତାରେ ଦୌଡ଼ିବା ଆରମ୍ଭ କରିଥିଲେ। ଫଳରେ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ଶେଷରେ ବୋମାଗୁଡ଼ିକୁ ନିଷ୍କ୍ରିୟ କରାଯାଇଥିଲା।






# ୫ବର୍ଷ ବୟସରେ ଗିନିଜ୍ ୱାର୍ଲ୍ଡ ରେକର୍ଡ

**ହାଇଦ୍ରାବାଦ୍:** ଟାଏକୋଣ୍ଡୋରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି ଜଣେ ୫ ବର୍ଷୀୟ ବାଳକ। ସେ ହେଲେ ହାଇଦ୍ରାବାଦ୍‌ର ଆସମାନ ତନେଜା। ଏକ ଘଣ୍ଟା ଧରି ନି ଷ୍ଟ୍ରାଇକ୍ କରି ସେ ଏହି ଇତିହାସ ରଚିଛନ୍ତି। ଆସମାନ ଜଣେ ଭଲ ଟାଏକୋଣ୍ଡୋ ଖେଳାଳି ଓ ବହୁତ ଭଲ ଆଥଲେଟ୍। ସେ ୟୁଏସ୍‌ଏ ୱାର୍ଲ୍ଡ ଓପନ୍ ଟାଏକୋଣ୍ଡୋରେ ଭାଗ ନେଇ ରୌପ୍ୟ ପଦକ ମଧ ହାସଲ କରିଛନ୍ତି। ଏହି ରେକର୍ଡ ପାଇଁ ଆସ୍‌ମାନ ୧ ଘଣ୍ଟାରେ ୧୨୦୦ରୁ ଅଧିକ ନି ଷ୍ଟ୍ରାଇକ୍ ମାରିଛନ୍ତି। କମ୍ ବୟସରେ ଗିନିଜ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଥିବା ଆସ୍‌ମାନଙ୍କ ବାପା ଆଶିଷ ତନେଜା କହିଛନ୍ତି, ରେକର୍ଡ ସୃଷ୍ଟି କରିବା ପାଇଁ ଆସମାନ ବହୁତ ପରିଶ୍ରମ କରିଥିଲେ। ଆଶିଷ ତାଙ୍କ ଭଉଣୀଙ୍କଠାରୁ ଅଧିକ ପ୍ରେରଣା ପାଇଥିବା ବେଳେ ତାଙ୍କଠାରୁ ହିଁ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ପରେ ଅନ୍ୟ ରେକର୍ଡ ପାଇଁ ସେ ପ୍ରସ୍ତୁତି ଚଳାଇଥିବା ଆଶିଷ କହିଛନ୍ତି। ଭଉଣୀ ଦୁଇ ଥର ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିବାରୁ ସେଥିରୁ ପ୍ରେରଣା ପାଇଥିଲେ ବୋଲି ଆସ୍‌ମାନ କହିଛନ୍ତି।

# କିମ୍ବଦନ୍ତୀରେ ବରୁଣେଶ୍ୱର ମେଳା

**ରାମକୃଷ୍ଣ ଦାସ**
**ବିଞ୍ଝାରପୁର,୧୪ା୧**

ବୁଧବାରଠୁ ଆରମ୍ଭ ହେଉଛି ଯାଜପୁର ଜିଲାର ପ୍ରସିଦ୍ଧ ବରୁଣେଶ୍ୱର ମେଳା। ଓଡ଼ିଶାର ମନ୍ଦିର ଓ ଏହାର ଭିନ୍ନ ପରମ୍ପରା ଭାରତରେ ସମସ୍ତ ରାଜ୍ୟଠାରୁ ସ୍ୱତନ୍ତ୍ର। ତେବେ ମକର ସଂକ୍ରାନ୍ତି ଏକ ବଡ଼ ପର୍ବ। ଏହି ପର୍ବ ବିଶେଷତଃ କେନ୍ଦୁଝର, କୋରାପୁଟ ଆଦି ଅଞ୍ଚଳରେ ଏକ ଗଣପର୍ବ ହୋଇଥିଲାବେଳେ ଯାଜପୁରର ପ୍ରସିଦ୍ଧ ଶୈବପୀଠ ବରୁଣେଶ୍ୱର ପୀଠରେ ଏକ ସ୍ୱତନ୍ତ୍ର ଉତ୍ସବ ଭାବରେ ପାଳନ କରାଯାଏ। ଏହି ପୀଠଟି ପ୍ରାଚୀନ ଓ ପୁରାଣ ପରମ୍ପରା ବହନ କରିଥାଏ। ଏଠାରେ ନବଦିନ ବ୍ୟାପି ବିରାଟ ପଲ୍ଲୀ ମେଳା ଅନୁଷ୍ଠିତ ହୁଏ, ଯେଉଁ ମେଳାରେ ପ୍ରତ୍ୟହ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ। ଏହି ପଲ୍ଲୀମେଳା ଏବେ ମହାମେଳାରେ ପରିଣତ ହୋଇଛି। ଯାଜପୁର ଜିଲାରେ ଏହା କୁମ୍ଭମେଳା ନାମରେ ପରିଚିତ ହାସଲ କରିଛି। ସେହିପରି ମକର ସଂକ୍ରାନ୍ତି ଦିନଠାରୁ ୫ ଦିନ ପର୍ଯ୍ୟନ୍ତ ବାବା ବରୁଣେଶ୍ୱରଙ୍କ ରୁଦ୍ରାଭିଷେକ ହେବାର କାର୍ଯ୍ୟକ୍ରମ ରହିଛି।

ବରୁଣେଶ୍ୱର ପୀଠ ତଥା ବରୁଣେଶ୍ୱର ମନ୍ଦିର ବହୁ ପୁରାତନ। ଅବଶ୍ୟ ଏବେର ମନ୍ଦିର ନୂତନ ଭାବରେ ନିର୍ମିତ ହୋଇଛି। ପୁରାତନ ମନ୍ଦିର ଯଯାତି କେଶରୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଏହି ମନ୍ଦିର ମଧ୍ୟରେ ଗୋଟିଏ କୁଣ୍ଡ ମଧ୍ୟରେ ବରୁଣେଶ୍ୱରଙ୍କ ଲିଙ୍ଗ ଅବସ୍ଥିତ। ଏହି ଲିଙ୍ଗ ସର୍ବଦା ଜଳ ମଧ୍ୟରେ ରହିଥାନ୍ତି। ବିଶେଷ ପର୍ବରେ ଏହି କୁଣ୍ଡକୁ ଉଖୁଳାଯାଇ ଜଳ ବାହାର କରାଯାଇ ଠାକୁରଙ୍କ ବିଭିନ୍ନ ବେଶ କରାଯାଏ। ଅନ୍ୟ ଦିନଗୁଡ଼ିକରେ ଠାକୁରଙ୍କୁ ଜଳ ମଧ୍ୟରେ ଥାଇ ପୂଜା କରାଯାଏ। କୁଣ୍ଡଜଳ ପାଦୁକା ଭାବରେ ନାମିତ। ଏହି କୁଣ୍ଡ ମଧ୍ୟରେ ପ୍ରତ୍ୟେହ ବେଲପତ୍ର, ଫୁଲ ଆଦି ପଡ଼ି ପଡ଼ି ଏହା ପାଦୁକାରେ ପରିଣତ ହୋଇଥାଏ। ଭକ୍ତମାନେ ଏହି ପାଦୁକା ପାନ କରି ଆତ୍ମସନ୍ତୋଷ ପାଇଥାନ୍ତି। ବରୁଣେଶ୍ୱରଙ୍କ ମୁଖ୍ୟ ମନ୍ଦିର କୋଡ଼ିଏ ଫୁଟ ଉଚ୍ଚତା ବିଶିଷ୍ଟ। ଏହାର ନିର୍ମାଣ ଶୈଳି ଅନ୍ୟ ଶିବ ମନ୍ଦିର ଶୈଳୀ ସହ ସମାନ। ଭଗବାନ ବରୁଣେଶ୍ୱରଙ୍କର ଲିଙ୍ଗ ନିକଟରେ ପାର୍ବତୀଙ୍କର ଛୋଟ ଲିଙ୍ଗ ମୂର୍ତ୍ତିଟିଏ ପରବର୍ତ୍ତୀ ସମୟରେ ପୂଜା କରାଯାଉଛି। କୁହାଯାଏ



ମକର ସଂକ୍ରାନ୍ତି ପ୍ରଭାତରୁ ବରୁଣେଶ୍ୱରଙ୍କର ବଡ଼ସିଂହାର ବେଶ ଦର୍ଶନ କଲେ ବହୁ ପୂଣ୍ୟ ପ୍ରାପ୍ତ ହୋଇଥାଏ। ତେଣୁ ମକର ସଂକ୍ରାନ୍ତିର ରାତିର ଭକ୍ତମାନେ କୁଶଭଦ୍ରା ନଦୀରେ ସ୍ନାନ କରି ବରୁଣେଶ୍ୱରଙ୍କ ଦର୍ଶନ କରିଥାନ୍ତି। ଏହି ପୀଠକୁ ଅନେକ ମଧ୍ୟ ପଞ୍ଚଲିଙ୍ଗେଶ୍ୱର ନାମରେ ନାମିତ କରିଥାନ୍ତି। ବରୁଣେଶ୍ୱରଙ୍କ ମୁଖ୍ୟ ଦ୍ୱାର ସନ୍ନିକଟରେ ମନ୍ଦିରର ପରିସରରେ ଦୁଇ ମୂର୍ତ୍ତି ଜାନୁପାତି ହାତଯୋଡ଼ି ଥିବାର ଦେଖାଯାଏ। ଏହି ଦୁଇ ମୂର୍ତ୍ତୀଙ୍କୁ ନେଇ ଏକ କିମ୍ବଦନ୍ତୀ ପ୍ରଚଳିତ। କିମ୍ବଦନ୍ତୀ ଅନୁଯାୟୀ ଶୈବଭକ୍ତ ମୂର୍ତ୍ତି ରହିଛି। ସେହିପରି ବାବା ବରୁଣେଶ୍ୱରଙ୍କ ନିକଟରେ ପ୍ରବାହିତ ହେଉଛି କୁଶଭଦ୍ରା ନଦୀ। ସ୍ଥାନୀୟ ଭାଷାରେ ଏହା କୁଶଭଦ୍ରା ନାଳ ନାମରେ ପରିଚିତ। ବିଲୁପ୍ତ ପ୍ରାୟ ରହିଥିବା ନଦୀଟି ଯାହା ବରୁଣେଶ୍ୱର ପୀଠ ଦେଇ ପ୍ରବାହିତ ହୋଇଛି, ତାହାର ନାମ କୁଶଭଦ୍ରା ନଦୀ। ଏବେ ଏହା ଏକ କ୍ଷୁଦ୍ର ନାଳରେ ପରିଣତ ହୋଇଛି। ଯେଉଁ ନଦୀରେ ସ୍ନାନ କରି ବରୁଣେଶ୍ୱରଙ୍କ ଦର୍ଶନ କଲେ ପୁଣ୍ୟପ୍ରାପ୍ତି ହୁଏ ବୋଲି କୁହାଯାଏ।

## ବରୁଣ ବୃକ୍ଷରୁ ବାବା ବରୁଣେଶ୍ୱର

ଏହି କ୍ଷେତ୍ରର ଏକ ସ୍ୱତନ୍ତ୍ରତା ରହିଛି ଯାହା ସଦା ପଲ୍ଲବିତ ବରୁଣ ଗଛ। ଏହି ଗଛ କେଉଁ କାଳରୁ ରହିଛି, ତାର କୌଣସି ସଠିକତା କେହି କହି ପାରନ୍ତି ନାହିଁ। ତେବେ ଏହି ବରୁଣ ଗଛର ଚେର ବରୁଣେଶ୍ୱରଙ୍କ ଶକ୍ତି ସହସ୍ରଯୁକ୍ତ ବୋଲି ସାଧାରଣରେ ଧାରଣା। ବରୁଣଗଛର ବହୁଳତା ଦୃଷ୍ଟିରୁ ଏକ୍ଷେତ୍ରର ନାମ ବରୁଣକ୍ଷେତ୍ର ହୋଇଥାଇପାରେ। ପ୍ରାୟ ଦେଖାଯାଏ ଏହି ଅଞ୍ଚଳରେ ବରୁଣଗଛର ସଂଖ୍ୟା ଅଧିକ। ଏହି ଗଛକୁ ମଧ୍ୟ ପ୍ରାୟ ବାଡ଼ିବଗିଚାରେ ଦେଖାଯାଇଥାଏ। ଏହି ଗଛ ସମେତ ବଉଳ, ବେଲଗଛ ଏହି ପୀଠ ସନ୍ନିକଟରେ ଦେଖାଯାଏ। ପୂର୍ବରୁ ଏଠାରେ ଏକ ବଡ଼ ଶ୍ମଶାନ ଥିଲା ଓ ଶ୍ମଶାନର ବିଜନକ୍ଷେତ୍ରରେ ଶିବଙ୍କୁ ଆରାଧନା କରାଯାଇଥାଏ।

## ପୌରାଣିକ ମାହାତ୍ମ୍ୟ

ପୌରାଣିକ ଆଖ୍ୟାନ ଅନୁଯାୟୀ ଏହି ପୀଠ ସମ୍ପର୍କରେ ଅନେକ ତଥ୍ୟ ପୂଜକ ସ୍ୱର୍ଗତ ଗୟାଧର ପଣ୍ଡାଙ୍କ ବରୁଣେଶ୍ୱର ମେଳା ମାହାତ୍ମ୍ୟରେ ଉଲ୍ଲେଖ ଥିବାର ଦେଖିବାକୁ ମିଳିଥାଏ। ମା’ ମହିମାମୟୀ ଦୁର୍ଗାଙ୍କ ଅଷ୍ଟମୂର୍ତ୍ତୀ ସ୍ଥାପନ ପାଇଁ ପିତାମହ ବ୍ରହ୍ମା ଇଚ୍ଛା ପ୍ରକାଶ କଲେ। ଏହି ଅଷ୍ଟମୂର୍ତ୍ତୀ ବିରଜା, ବିମଳା, ଚଣ୍ଡୀ, ଶାରଳା, ମଙ୍ଗଳା, ସମଲାଇ, ଧାମରାଇ, ବନଦୂର୍ଗା ଆଦିଙ୍କ ମରେ ମା’ ବିରଜାଙ୍କୁ ଯାଜନଗର ବିନ୍ଧ୍ୟଗିରି ପର୍ବତ ଶିଖରେ ସ୍ଥାପନ କଲେ। ବିନ୍ଧ୍ୟଗିରି ପର୍ବତ ମା’ଙ୍କ ଭାର ସମ୍ଭାଳି ନ ପାରି ଭୁତଳଗାମୀ ହେବାକୁ ଲାଗିଲା। ଏହା ଦେଖି ପିତାମହ ବ୍ରହ୍ମା ଭଗବାନ ବିଷ୍ଣୁ ଓ ଭଗବାନ ଶଙ୍କରଙ୍କୁ ସ୍ମରଣ କଲେ। ବ୍ରହ୍ମାଙ୍କର ସ୍ମରଣ ଦ୍ୱାରା ସେହିଠାରେ ବିଷ୍ଣୁ ଓ ଶଙ୍କର ଉପସ୍ଥିତ ହୋଇ ବିନ୍ଧ୍ୟାଞ୍ଚଳର ତିନିକୋଣକୁ ପ୍ରଦକ୍ଷିଣ କଲେ। ପ୍ରଦକ୍ଷିଣପରେ ଏହାର ତିନୋଟି କୋଣରେ ତିନୋଟି ଆତ୍ମ ଲିଙ୍ଗ ସ୍ଥାପନ ପାଇଁ ଭଗବାନ ବିଷ୍ଣୁ ଶିବଙ୍କୁ ଅନୁରୋଧ କଲେ। ଶଙ୍କର ଭଗବାନ ଏହାର ତିନୋଟି କୋଣରେ ତିନୋଟି ଆତ୍ମଲିଙ୍ଗ ପ୍ରତିଷ୍ଠା ହେଲା। ଏହା ବେଲେଶ୍ୱର, ବରୁଣେଶ୍ୱର, ଖିଲାଟେଶ୍ୱର ନାମରେ ନାମିତ। ଏହାପରେ ମା’ ବିରଜାଙ୍କ ମୂର୍ତ୍ତୀ ସ୍ଥାପନ କରାଯାଇ ଯଜ୍ଞ କରାଯାଇଥିଲା। ତନ୍ମଧ୍ୟରୁ ବରୁଣେଶ୍ୱର କ୍ଷେତ୍ର ବର୍ତ୍ତମାନ ବିରଜା ମନ୍ଦିରଠାରୁ ଦଶ କିଲୋମିଟର ଦୂରତାରେ ପୂର୍ବକୁ ବିଂଝାରପୁର ବ୍ଲକର ଅରେଇ ଗ୍ରାମରେ ଅବସ୍ଥିତ। ପରେ ଯଯାତି କେଶରୀଙ୍କ ଦ୍ୱାରା ମନ୍ଦିର ନିର୍ମାଣ କରାଯାଇ ଅରେଇ ଗ୍ରାମରେ ପୂଜକମାନଙ୍କୁ ରଖାଯାଇ ପୂଜାର ବ୍ୟବସ୍ଥା କରିଥିଲେ। ଏବେବି ଅନେକ ଭକ୍ତ ତିନି କୋଣରେ ବେଲେଶ୍ୱର, ଖିଲାଟେଶ୍ୱର ଓ ବରୁଣେଶ୍ୱରଙ୍କ ଦର୍ଶନ କରିସାରି ମା’ ବିରଜାଙ୍କ ଦର୍ଶନ କରିଥାନ୍ତି।





# ୭ଦଶନ୍ଧି ପୂର୍ବର ଇତିହାସ ବହନ କରୁଛି ବରୁଣେଶ୍ୱର ମେଳା

ଯାଜପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବରୁଣେଶ୍ୱର କ୍ଷେତ୍ର। ଏଠାରେ ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ହେଉଥିବା ମେଳା ଅତି ପ୍ରାଚୀନ। ପ୍ରାରମ୍ଭରେ ଏହା ଗ୍ରାମୀଣ ମେଳା ଭାବେ ପରିଚିତ ଥିଲା। ହେଲେ ସମୟ କ୍ରମେ ଏହାର ନବକଳେବର ରୂପ ଧାରଣ କରି ଏବେ ଏହା ମହାମେଳାରେ ପରିଣତ ହୋଇଛି। ଫୁଡ ଭଳି ଖାଦ୍ୟର ଚାହିଦା ବଢ଼ିଛି। ପୂର୍ବରୁ ଏହି ମେଳାକୁ କେବଳ ବିଞ୍ଝାରପୁର, ଦଶରଥପୁର, ଆଳି, ରାଜକନିକା, ବରୀ ଓ ଯାଜପୁର ଅଞ୍ଚଳର ଲୋକମାନେ ଆସୁଥିଲେ। ହେଲେ ଗତ ଦୁଇ ଦଶନ୍ଧିରେ ଏହି ମେଳାକୁ ଯାଜପୁର ଜିଲା ବ୍ୟତିତ ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ ଆଦି ଜିଲାର ଶ୍ରଦ୍ଧାଳୁମାନେ ମଧ୍ୟ ମେଳା ପଡିଆକୁ ଛୁଟି ଆସୁଛନ୍ତି। ଏବେ ଦୈନିକ ଲକ୍ଷାଧିକ ଶ୍ରଦ୍ଧାଳୁ ବାବା ବରୁଣେଶ୍ୱରଙ୍କ ଦର୍ଶନ ସହ ମେଳା ପଡିଆରେ ମଜା ଉଠାଇବାକୁ ଭିଡ ଜମାଉଛନ୍ତି। ବିଞ୍ଝାରପୁର ବ୍ଲକର ଅରେଇ ପଞ୍ଚାୟତରେ ହେଉଥିବା ଏହି ମେଳା ଏବେ ରାଜ୍ଯର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ମାନ୍ୟତା ପାଇଛି। ତେବେ ପଲ୍ଲୀ ମେଳାକୁ ହାଇଟେକ ମେଳାରେ ପରିବର୍ତ୍ତନ ପାଇଁ ପ୍ରଶାସନ ଓ ରାଜନୈତିକ ନେତୃତ୍ୱ ବେଶ୍ ସହଯୋଗ କରି ଆସିଛନ୍ତି। ବିଶେଷ କରି ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନିରନ୍ତର ଉଦ୍ୟମ କ୍ରମେ ଏହି ମେଳାଟି ଏବେ ରାଜ୍ୟସ୍ତରର ମାନ୍ୟତା ପାଇ ପାରିଛି।

## ଦିନକରୁ ଏବେ ୯ଦିନ ପାଳନ ହେଉଛି

ଗ୍ରାମର ପୁରୁଖା ବ୍ୟକ୍ତିଙ୍କ କହିବା ଅନୁସାରେ ପ୍ରାୟ ୭ଦଶନ୍ଧୀ ତଳେ ଧାନ କଟା ପରେ ଚାଷୀମାନେ ମକର ସଂକ୍ରାନ୍ତିରେ ବରୁଣେଶ୍ୱର ମେଳା ପଡିଆରେ ଏକତ୍ରିତ ହେଉଥିଲେ। ସେତେବେଳେ ମାତ୍ର ଦିନକ ପାଇଁ ବରୁଣେଶ୍ୱର ମେଳା ହେଉଥିଲା। ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ କହିଲେ କେବଳ ଗୋବରା ଚଢ଼େଇ ବା ବୁଲବୁଲ୍ ଚଢ଼େଇର ଲଢେଇ ହେଉଥିଲା। ଏହାକୁ ସ୍ଥାନୀୟ ବାସିନ୍ଦା ଅତି ଶୁଭଙ୍କର ମନାସୁ ଥିଲେ। ହେଲେ ସମୟକ୍ରମେ ଗୋବରା ଚଢ଼େଇ ଲଢେଇ ବା ନୃତ୍ୟ ଜଙ୍ଗଲ ବିଭାଗର କାର୍ଯ୍ୟାନୁଷ୍ଠାନ ଫଳରେ ୨୦୧୫ରୁ ବନ୍ଦ ହୋଇଯାଇଛି। ସେତେବେଳେ ମକର ସଂକ୍ରାନ୍ତି ଦିନ ଚାଷୀମାନେ ପୋଡ଼ ପିଠା ଓ ମକର ଚାଉଳ ବରୁଣେଶ୍ୱର ମେଳା ପଡିଆରେ ପରସ୍ପର ମଧ୍ୟରେ ବାଣ୍ଟୁ ଥିଲେ। ୫୦ଦଶକରେ ହେଉଥିବା ଏହି ମେଳା ୧୯୬୪ରେ ୩ଦିନ ଦିନକୁ ବୃଦ୍ଧି ପାଇଥିଲା। ସେହିପରି ୧୯୮୨ରେ ଏହି ମେଳା ୫ଦିନକୁ ବୃଦ୍ଧି ପାଇଥିଲା। ୨୦୦୦ ମସିହା ପରଠାରୁ ଏହି ମେଳା ୯ଦିନକୁ ବୃଦ୍ଧି ପାଇଛି। ତେବେ ବରୁଣେଶ୍ୱର ମେଳାର ସବୁଠାରୁ ଆକର୍ଷଣ ହେଉଛି ଅପେରା ପାର୍ଟି ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ମିଳିଥିବା ତଥ୍ୟ ଅନୁସାରେ ବରୁଣେଶ୍ୱର ମେଳା ପଡ଼ିଆରେ ଗ୍ରାମର କେତେକ ମୁରବୀଙ୍କ ଦ୍ୱାରା ୧୯୬୪ ମସିହାରୁ ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଏବେ ମେଳା ପଡିଆରେ ଏବେ ୫ରୁ ଅଧିକ ଯାତ୍ରା ଦଳ ଅପେରା ପ୍ରଦର୍ଶନ କରୁଥିବାବେଳେ ମହୋତ୍ସବରେ ଓଡ଼ିଶାର ଲୋକନୃତ୍ୟ ମଧ୍ଯ ଅନୁଷ୍ଠିତ ହେଉଛି। ୧୯୫୫ ମସିହାରେ ବରୁଣେଶ୍ୱର ମେଳା କମିଟିର ଆୟ ମାତ୍ର ୭୫ଟଙ୍କା ଆୟ କରିଥିବାବେଳେ ଏବେ ଏହାର ଆୟ ୧୦ଲକ୍ଷକୁ ଟପିଛି।

୫୦ ଦଶକରେ ଏହି ଗ୍ରାମୀଣ ମେଳାରେ ବ୍ୟବସାୟୀମାନେ ମୁଖ୍ୟତଃ ହସ୍ତତନ୍ତ ସାମଗ୍ରୀ କ୍ରୟ ବିକ୍ରୟ କରୁଥିଲେ। ବାଉଁଶ ଓ ବେତ ନିର୍ମିତ କୁଲା, ନାଳିଆ, ସେର, ଗୌଣି, ଶିରା, ଟୋକେଇ, ଶିଳ ବିକ୍ରୟ ହେଉଥିଲା। ସେହିପରି ମାଟି ନିର୍ମିତ ପଳମ, ହାଣ୍ଡି, ଦୀପ, କଳସ ଆଦି ସାମଗ୍ରୀର ବେଶ୍ ଚାହିଦା ରହିଥିଲା। ସେହିପରି ଘରର ଆସବାବ ପତ୍ର ଭାବେ ସପ, ଆସନ ଓ କଂସା ପିତ୍ତଳ ସାମଗ୍ରୀର ଚାହିଦା ରହିଥିଲା। ଏବେ ମାଟି କଳସ ସ୍ଥାନରେ ବରୁଣେଶ୍ୱର ମେଳାରେ ଆଧୁନିକ ଆକ୍ୱାଗାର୍ଡର ଶୋଭା ପାଉଛି। ତେବେ ଆଧୁନିକତାର ତାଳ ଦେଇ ଗ୍ରାହକମାନେ ଆକ୍ୱାଗାର୍ଡ କିଣୁଥିଲେ ମଧ ମାଟି କଳସକୁ ଏବେ ମଧ ଗ୍ରାହକମାନେ ଭୁଲି ନାହାନ୍ତି। ୫୦ ଦଶକ ସମୟରେ ଏଠାରେ ଖାଦ୍ୟ କହିଲେ କେବଳ ଖଇ ମୁଆଁ, ମୁଢି ମୁଆଁ,ଆରିଶା ପିଠା,ଛେନା ମୁଡକି,ରସଗୋଲାର ଚାହିଦା ଥିଲା। ଏପରିକି ସାଲେପୁର ଓ ପଟ୍ଟାମୁଣ୍ଡାଇରୁ କେତେକ ବ୍ୟବସାୟୀ ଛେନାମୁଡ଼କି ଓ ରସଗୋଲା ଆଣି ବ୍ୟବସାୟ କରନ୍ତି ବୋଲି ପୁରୁଖା ଗ୍ରାମବାସୀ ତଥା ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ପରିଡା କୁହନ୍ତି। ମେଳାଟି ଆଧୁନିକର ଛାପ ଦେଖା ହେଉଥିଲେ ମଧ୍ୟ ମେଳାକୁ ନେଇ ସେହି ପୂର୍ବର ଉତ୍ସାହ ଫିକା ପଡ଼ିନାହିଁ ବୋଲି କୁହନ୍ତି ଅରେଇ ଗ୍ରାମର ବରିଷ୍ଠ ନାଗରିକ ପର୍ଶୁରାମ ମିଶ୍ର। ଏବେ ମୁଆଁ ବଦଳରେ ମେଳା ପଡିଆରେ ପିଜା, ବର୍ଗର ଓ ଚାଇନିଜ






























**ସଂକ୍ଷେପରେ**

## ଆଜିଠୁ ଜଗତ୍‌ସିଂହପୁର ପୁସ୍ତକ ମେଳା

### ଉଦ୍‌ଘାଟନ କରିବେ ରାଜ୍ୟପାଳ

**ଜଗତ୍‌ସିଂହପୁର ଅଫିସ୍, ୧୪।୧:** ଜାନୁୟାରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଏକ ବିଂଶତମ ଜଗତ୍‌ସିଂହପୁର ପୁସ୍ତକମେଳା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆଠାରେ ଅନୁଷ୍ଠିତ ହେବ। ବୁଧବାରଠାରୁ ଆରମ୍ଭ ହେଉଥିବା ଏହି ମେଳାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବୁଧବାର ରାଜ୍ୟପାଳ ମଧ୍ୟାହ୍ନ ୧୨ଟାରେ ଜଗତ୍‌ସିଂହପୁରରେ ପହଞ୍ଚି ମେଳା ଉଦ୍‌ଘାଟନ କରିବେ। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର ଅଧକ୍ଷ ତଥା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରୋହିତ୍ୟରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ତଥା ବାଲିକୁଦା ବିଧାୟକ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ଜିଲା ଜୁନିୟର ରେଡକ୍ରସ୍ ତାଲିମ ଶିବିର ଉଦ୍‌ଘାଟିତ

# ସେବା ମନୋଭାବ ରଖିବାକୁ ପରାମର୍ଶ

**ଜଗତ୍‌ସିଂହପୁର ଅଫିସ୍, ୧୪।୧**

ସମ୍ପ୍ରତିବିଶ୍ୱରେ ଯୁଦ୍ଧର ଭୟ ଦେଖାଦେଇଛି। ଏ ପରିସ୍ଥିତିରେ ଜିଲା ଜୁନିୟର ରେଡକ୍ରସ୍ ତାଲିମ ଶିବିର ଗୁରୁତ୍ୱ ବହନ କରୁଛି। ଏଭଳି ଶିବିର ଆୟୋଜନ ଦ୍ୱାରା ବିଶ୍ୱ ଭ୍ରାତୃତ୍ୱ, ପରସ୍ପର ମଧ୍ୟରେ ସହଯୋଗ, ବନ୍ଧୁତା, ଭାଇଚାରା ବୃଦ୍ଧି ସହ ପିଲାମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇପାରିବେ। ଏଥିସହ ଏହି ଶିବିର ପିଲାମାନଙ୍କ ମଧ୍ୟରେ ସେବା ମନୋଭାବ ଉଦ୍ରେକ କରୁଛି। ମଙ୍ଗଳବାର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଜିଲା ଜୁନିୟର ରେଡକ୍ରସ୍ ତାଲିମ ଶିବିର ଉଦ୍‌ଘାଟନୀ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଥିଲେ, ସାମ୍ପ୍ରତିକ ସମୟରେ ଭଲ ମଣିଷର ଆବଶ୍ୟକତା ଥିବାବେଳେ ଏହି ଶିବିର ପିଲାମାନଙ୍କୁ ମାନବ ସେବା ହିଁ ମାଧବ ସେବା ମନ୍ତ୍ରରେ ଦୀକ୍ଷିତ ହେବାକୁ ପ୍ରେରଣା ଦେବ। ସମଗ୍ର ଶିକ୍ଷା ଅଭିଯାନ ସଂଯୋଜକ ସପନ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ

**ସେଦିନର ଛୋଟିଆ ସଂସ୍ଥା ଆଜି ଅନ୍ତର୍ଜାତୀୟସ୍ତରରେ ପହଞ୍ଚି ପାରିଛି**


ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଏଡିଏମ୍‌ଓ (ମେଡିକାଲ) ଡା. କ୍ଷେତ୍ରବାସୀ ଦାଶ ଯୋଗଦେଇ ରେଡକ୍ରସ୍ ପ୍ରତିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ରେଡକ୍ରସ୍‌ର ପ୍ରତିଷ୍ଠାତା ହେନେରି ଡୋନାଲ୍ଡ ଯୁଦ୍ଧରେ ଆହତ ସୈନିକଙ୍କ ପାଇଁ ଗଢ଼ିଥିବା ଛୋଟିଆ ସଂସ୍ଥା ଆଜି ଏକ ଅନ୍ତର୍ଜାତୀୟ ସେବା ସଂସ୍ଥାରେ ପରିଣତ ହୋଇପାରିଛି। ଏହି ଶିବିର ପିଲାମାନଙ୍କର ଉଚିତ୍ ମାର୍ଗଦର୍ଶନ କରିବ ବୋଲି ଡା. ଦାଶ କହିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜୁନିୟର ରେଡକ୍ରସ୍ ତାଲିମଦାତା ବିଜୟ କୁମାର ରଥ ଓ ଜିଲା ଜୁନିୟର ରେଡକ୍ରସ୍ ଅଧିକାରୀ ତ୍ରିଲୋଚନ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସେବା ନିବୃତ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ରଥ, ଶାରୀରିକ ଶିକ୍ଷା ଅଧିକାରୀ ଛବୀନ୍ଦ୍ର କୁମାର ବେହେରା, କୁରୁକ୍ଷେତ୍ରଠାରେ ଆୟୋଜିତ ଜାତୀୟ ରେଡକ୍ରସ୍ ଶିବିରରେ ଯୋଗଦେଇ ଜିଲାର ପ୍ରତିନିଧିତ୍ୱ କରିଥିବା ତ୍ରିଲୋଚନ ସାହୁଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। କୁରୁକ୍ଷେତ୍ର ଜାତୀୟ ଶିବିରରେ ଅଂଶଗ୍ରହଣ କରିଥିବା ଜିଲାର ୬ ଜଣ ଜୁନିୟରଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଓଷ୍ଟା ସମ୍ପାଦକ ନାରାୟଣ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ସୁଭାଷ ରାଉତ ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ଶିବିରରେ ରାଜ୍ୟ ମୁଖ୍ୟାଳୟ ପକ୍ଷରୁ ନିରଞ୍ଜନ ମହାନ୍ତି, ବସନ୍ତ ମଞ୍ଜରୀ ଦାଶ, ଅତୁଲ ବିକ୍ରମ ପ୍ରଧାନ ଓ ଚନ୍ଦନ କୁମାର ବେହେରା ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଛନ୍ତି। ଏସ୍‌କେ ଏକାଡେମୀର ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଶିକ୍ଷକ ସଦାଶିବ ସ୍ୱାଇଁ, ପବିତ୍ର ଗୋଛାୟତ ଓ ଅନନ୍ତ ଚରଣ ବିଶ୍ୱାଳ ପ୍ରମୁଖ ଶିବିର ପରିଚାଳନା କରୁଛନ୍ତି। ଏଥିରେ ଜିଲାର ବିଭିନ୍ନ ସ୍କୁଲରୁ ୧୨୦୦ରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି।

## ନୌସେନା ସେଲିଂ କ୍ୟାମ୍ପରେ ଯୋଗଦେବାକୁ ଗୋଆ ଗଲେ ୬ ଛାତ୍ରୀଛାତ୍ର


ଗୋଆ ଯାତ୍ରା କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପାରାଦୀପ,୧୪।୧(ସ୍ୱ.ପ୍ର.)**

ଓଡ଼ିଶାର ପାରାଦୀପ, କଟକ ଓ ଗୋପାଳପୁରରୁ ୬ଜଣ ଛାତ୍ରୀଛାତ୍ର ମଙ୍ଗଳବାର ଗୋଆ ଯାତ୍ରା କରିଛନ୍ତି। ସେମାନେ ସେଠାରେ ନୌସେନା ପକ୍ଷରୁ ଚାଲିଥିବା ସେଲିଂ କ୍ୟାମ୍ପ ପ୍ରତିଯୋଗିତାରେ ଭାଗନେବେ। ଏଥିରେ କୃତକାର୍ଯ୍ୟ ହେଲେ ଅଲିମ୍ପିକ୍ସ ଖେଳିବାକୁ ସୁଯୋଗ ମିଳିବ। ୬ଜଣଙ୍କ ମଧ୍ୟରେ ପାରାଦୀପରୁ ୩ଜଣ ଅଛନ୍ତି। ସେମାନେ ହେଲେ ସୁମିତ୍ରା ବଳବନ୍ତରାୟ, ମାଷ୍ଟର ତେନ୍ଦୁଲକର ମୁଣ୍ଡା ଓ ମହେଶ ସାହୁ। କଟକ ଜିଲାରୁ ସ୍ମୃତିରଞ୍ଜନ ନାଥ, ଡି. ଶେଖର ରାଓ ଏବଂ ଗଞ୍ଜାମ ଜିଲା ଗୋପାଳପୁରର ସୌମ୍ୟ କଲଙ୍ଗ ରହିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ୟାଟିଂ କ୍ଲବ ପକ୍ଷରୁ ପଠାଯାଇଛି। ଏମାନେ ଭାସ୍କୋଡାଗାମା ବେଶରେ ତାଲିମ ନେବେ। ସମସ୍ତଙ୍କୁ ଓଡ଼ିଶା କ୍ଲବର ଉପସଭାପତି ବାପି ସର୍ଖେଲ ସହାୟତା ପ୍ରଦାନ କରିଛନ୍ତି। ପ୍ରଶିକ୍ଷକଭାବେ କ୍ଲବ ସମ୍ପାଦକ ସବିର ବକ୍ସ ସହଯୋଗ କରିଛନ୍ତି। ପାରାଦୀପରୁ ଯାଇଥିବା ଛାତ୍ରୀଛାତ୍ର ବସ୍ତି ଅଞ୍ଚଳରେ ରହୁଛନ୍ତି। ଗତ ନଭେମ୍ବରରେ ଚଉମୁହାଣିଠାରେ ଆୟୋଜିତ ଜଳକ୍ରୀଡ଼ାରେ ଭାଗନେଇ ଏମାନେ ପ୍ରତିଭା ପ୍ରଦର୍ଶନ କରି ଆୟୋଜକଙ୍କୁ ଆକର୍ଷିତ କରିଥିଲେ। ପରେ ନୌସେନାର ପ୍ରଶିକ୍ଷଣରେ ସେମାନଙ୍କୁ ସୁଯୋଗ ମିଳିଥିଲା। ଏବେ ଜାତୀୟସ୍ତର ପ୍ରତିଯୋଗିତାରେ ସୁଯୋଗ ପାଇଥିବାରୁ ବସ୍ତିବାସିନ୍ଦା, ସେମାନଙ୍କ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ, ଏନ୍‌ସିସି କମାଣ୍ଡାଣ୍ଟ ଅକ୍ଷୟ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଜିଲାର ଇଚ୍ଛୁକ ସମସ୍ତ ଛାତ୍ରୀଛାତ୍ରଙ୍କୁ ଏଭଳି ଜଳକ୍ରୀଡ଼ା ଓ ତାଲିମ ପାଇଁ ସୁଯୋଗ ଦିଆଯିବ ବୋଲି ସର୍ଖେଲ କହିଛନ୍ତି। ଏହାବ୍ୟତୀତ ପାରାଦୀପ ମହାନଦୀ ମୁହାଣ ଅଞ୍ଚଳରେ ଆଗାମୀ ୨ ମାସ ମଧ୍ୟରେ ଜଳକ୍ରୀଡ଼ା ଶିବିର କରାଯିବ ବୋଲି ପ୍ରସ୍ତାବ ରହିଛି।

## ମକା, ଡାଲିଜାତୀୟ ଚାଷ ସମ୍ପର୍କିତ ତାଲିମ


ତାଲିମ ଶିବିରରେ କୃଷି ଅଧିକାରୀ ଓ ଚାଷୀମାନେ।

**ବାଲିଆ, ୧୪।୧**

ବିରିଡି ବ୍ଲକ କୃଷି ବିଭାଗ ଓ ଆତ୍ମା ତରଫରୁ ଅରଣାଠାରେ ମଙ୍ଗଳବାର ଚାଷୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷୀଙ୍କୁ ମକା ଓ ଡାଲିଜାତୀୟ ଚାଷ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ବିଶେଷକରି ବର୍ତ୍ତମାନ ମକା ଚାଷକରି ଅଧିକ ଲାଭବାନ ହେବାକୁ ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ ବେଉରା ଚାଷୀମାନଙ୍କୁ ବୁଝାଇଥିଲେ। ଜିଲା ସହକାରୀ କୃଷି ଅଧିକାରୀ ଜନାର୍ଦ୍ଦନ ବଳ ଯୋଗଦେଇ ମକା ଚାଷ ପ୍ରଣାଳୀ, ବିହନ ବିଶୋଧନ, ଚାଷ ପାଇଁ ହଳ ଓ ଧାଡି ପ୍ରଣାଳୀ, ଜୈବିକ ସାର ବ୍ୟବହାର, ପାଣି ସିଞ୍ଚନ ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଭାବେ ତାଲିମ ପ୍ରଦାନ କରିଥିଲେ। ଶିବିରରେ ବିଟିଏମ୍ ଆଷୁତୋଶ ଲେଙ୍କା, ଏଟିଏମ୍ ପ୍ରମୋଦ ଜେନା, ବିଶ୍ୱରଞ୍ଜନ ସାହୁ, ପ୍ରକାଶ ଜେନା, ଭିଏଲଡବ୍ଲ୍ୟୁ ଅଜୟ ଜେନା, ରାଜେନ୍ଦ୍ର ସ୍ୱାଇଁ, ଅନୁସ୍ମିତା ସାହୁ ଯୋଗଦେଇଥିବାବେଳେ କୃଷକ ସାଥୀ ସତ୍ୟଜିତ ଭୂୟାଁଙ୍କ ସମେତ ଚାଷୀ ଦିଗାମ୍ବର ମହାନ୍ତି, କସ୍ତୁରୀ ପଟ୍ଟନାୟକ, ଜିତେନ ବେହେରା, ନିରଞ୍ଜନ ମଲିକ, ସୁଧାଂଶୁ ମହାନ୍ତି, ସବ୍ୟସାଚୀ ଭୂୟାଁ, ପ୍ରତାପ ବାରିକ, ସତ୍ୟଜିତ ଖଣ୍ଡୁଆଳ, ଜୟନ୍ତ ଭୂୟାଁ, ଅଭିମନ୍ୟୁ ବେହେରା, ସୁବାସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଦର୍ଶନ ଶାସ୍ତ୍ରରେ ଗୌରପ୍ରସାଦଙ୍କ ସ୍ୱର୍ଣ୍ଣପଦକ ଲାଭ

**ନାଉଗାଁ,୧୪।୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ଗଙ୍ଗଦା ପାଇକସାହିର ଗୌରପ୍ରସାଦ ପଣ୍ଡା ଅଗରତାଲାରେ ଅନୁଷ୍ଠିତ ଅଖିଳ ଭାରତୀୟ ଶାସ୍ତ୍ରୀୟ ସ୍ପର୍ଦ୍ଧା, ଅଲଇଣ୍ଡିଆ ଆଲୋକେଶନ ପ୍ରତିଯୋଗିତାରେ ଭାଗନେଇ ଭାରତୀୟ ଦର୍ଶନ ଶାସ୍ତ୍ରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ସେ ପୁରୀସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ମାନିତ ବିଶ୍ୱବିଦ୍ୟାଳୟର ସଦାଶିବ କ୍ୟାମ୍ପସରୁ ଭାଗ ନେଇଥିଲେ। ଏହି ସଫଳତା ମିଳିବା ପରେ ମହନ୍ତ ଚିନ୍ତାମଣି ପର୍ବତ, ବାବା ସତ୍ୟାନନ୍ଦ ଦାସ, ନାଉଗାଁ ସଚେତନ ନାଗରିକ ମଞ୍ଚ, ମା'ଶାରଳା ସାଂସ୍କୃତିକ ପରିଷଦ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ବୁଦ୍ଧିଜୀବୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶ୍ରୀରଘୁନାଥଜୀଉ, ମା' ସନ୍ତୋଷୀ ମନ୍ଦିର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତି ବୈଠକ

**ରଘୁନାଥପୁର, ୧୪। ୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଢୁଆ ହାଟ ନିକଟରେ ଥିବା ଶ୍ରୀରଘୁନାଥଜୀଉ ଓ ମା' ସନ୍ତୋଷୀ ମନ୍ଦିର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତି ବୈଠକ ଶେଷ ହୋଇଛି। ଜାନୁୟାରୀ ୨୭ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହେବ। ଫେବୃୟାରୀ ୧ ରେ ସ୍ୱତନ୍ତ୍ର ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଶ୍ରୀରଘୁନାଥଜୀଉ ଚାରିଟେବୁଲ ଟ୍ରଷ୍ଟର ସଭାପତି ବାବା ମଙ୍ଗଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଶଶିକାନ୍ତ ସାହୁ, କୋଷାଧକ୍ଷ ସୁନୀଲ ଚନ୍ଦ୍ର ମହାରଣା, ଅଜୟ ଖଟୁଆ, ସୁଧାଂଶୁ ଜେନା, ବିଜୟ କୁମାର ପଣ୍ଡା, ଅନୀଲ କୁମାର ଜେନା, ଶରତ ଚନ୍ଦ୍ର ବାରିକ, ନୃସିଂହ ଜେନା, ବିପିନ କୁମାର ସ୍ୱାଇଁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଆଖପାଖ ୮ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ ଥିବାରୁ ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ, ପୋଲିସ ସହ ଦମକଳ ବାହିନୀ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରାଯିବ। ଏହାଛଡା ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଶହେ ଯୁବକ ନିୟୋଜିତ ହେବେ ବୋଲି ଦୀପକ କୁମାର ରାଉତ କହିଥିଲେ।

## ପ୍ରାଦେଶିକ ଭକ୍ତ ସମ୍ମିଳନୀ ଶୁଭାରମ୍ଭ

**ବାଲିକୁଦା,୧୪।୧(ସ୍ୱ.ପ୍ର.)**

ବାଲିକୁଦା ନିଗମାନନ୍ଦ ଆଶ୍ରମରେ ହେବାକୁ ଥିବା ପ୍ରାଦେଶିକ ଭକ୍ତ ସମ୍ମିଳନୀର ମଙ୍ଗଳବାର ଶୁଭାରମ୍ଭ କରାଯାଇଛି। ଫେବୃୟାରୀ ୭ରୁ ୧୦ ପର୍ଯ୍ୟନ୍ତ ହେବାକୁ ଥିବା ସମ୍ମିଳନୀରେ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିନିମନ୍ତେ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ମହାରାଜଙ୍କୁ ନୀଳାଚଳ ସାରସ୍ୱତ ସଂଘ ପୁରୀ ବୀରତୁଙ୍ଗସ୍ଥିତ କେନ୍ଦ୍ରାସନ ମନ୍ଦିରରୁ ବାଲିକୁଦା ଶାଖା ସଂଘସ୍ଥିତ ସମ୍ମିଳନୀସ୍ଥଳକୁ ଅଣାଯାଇଛି। ସକାଳେ ଶ୍ରୀଶ୍ରୀଠାକୁର ମହାରାଜ ରଥାରୂଢ଼ ହୋଇ ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲେ। ଅଭ୍ୟର୍ଥନା କମିଟି ସଭାପତି ତଥା ମନ୍ତ୍ରୀ ରଘୁନନ୍ଦନ ଦାସ, ରାଜ୍ୟ ସଭାପତି ଗଗନେନ୍ଦ୍ର ମହାପାତ୍ର, ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ପ୍ରମୁଖଙ୍କ ସମେତ ଶ୍ରଦ୍ଧାଳୁ ଠାକୁରଙ୍କୁ ପାଛୋଟି ଆଣିଥିଲେ। କୋଷାଧ୍ୟକ୍ଷ ବସନ୍ତ ସ୍ୱାଇଁ, ପୂର୍ବତନ ସଭାପତି ଡା. ଗୁରୁପ୍ରସାଦ ଛୋଟରାୟ, ପୂର୍ବତନ ସମ୍ପାଦକ ଶିଶିର ଦାସ, ରାଜ୍ୟ ସଂଘ ସଦସ୍ୟ କାଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆଶ୍ରମ ପରିସରରେ ପାରାଦୀପ ପୋର୍ଟ ଟ୍ରଷ୍ଟ ସିଏସଆର ଅନୁଦାନରେ ନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ ମନ୍ତ୍ରୀ ଦାସ ଉଦ୍‌ଘାଟନ କରିଥିଲେ।


ନିଗମାନନ୍ଦଙ୍କ ରଥ ସହର ପରିକ୍ରମା କରୁଛି।

ଆଶ୍ରମ ପରିସରରେ ନୀଳାଚଳ ସାରସ୍ୱତ ସଂଘ ପୂର୍ବତନ ସଭାପତି ଗୁରୁପ୍ରସାଦ ଛାଟୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ମନ୍ତ୍ରୀ ଦାସଙ୍କ ସମେତ ଅତିଥି ଭାବେ ପୋର୍ଟ ଟ୍ରଷ୍ଟ ସଚିବ ବିମଳ ଝା, ପାରାଦୀପ ପୋର୍ଟ ଟ୍ରଷ୍ଟ ଲୋକ ସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ସରପଞ୍ଚ ଅନୁସୂୟା ସାହୁ, ସମିତିସଭ୍ୟ ସୌମ୍ୟଜିତ୍ ମହାପାତ୍ର, ଶାଖା ସଂଘ ସଭାପତି ସାରଦା ଦାସ, ସମ୍ପାଦକ କାହ୍ନୁଚରଣ ସାହୁ, ସହସମ୍ପାଦକ ଗଙ୍ଗାଧର ସାହୁ, ସମ୍ମିଳନୀର ଆବାହକ କଳ୍ପତରୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**URGENTLY REQUIRED**
Principal -7 to 8 Yrs Exp.
Teacher (Eng.) 2 to 3 Yrs
Teacher (Math & Sc.) 2 to 3 Yrs
Qualification B.Ed
Female Candidates only
SALARY NEGOTIABLE
LUCKY PUBLIC SCHOOL
Charichhak, Nimapara, Puri
Mob.: 7894447001, 7894447111
luckypublicschool2015@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

**ମାଗଣାରେ ନିଯୁକ୍ତି**
ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ Old Patient and Child Care ନେବା ପାଇଁ ମହିଳା ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା: 8th above, 7,000 to 15,000 ମାସିକ।
Number - 7751841577
7894397909

**WANTED**
ଓଡ଼ିଆ, ହିନ୍ଦୀ, ଇଂରାଜୀରେ DTP କରିପାରୁଥିବା ସହିତ Computer ସମ୍ପର୍କରେ ସାଧାରଣ ଜ୍ଞାନ ରଖିଥିବା ପାର୍ଥୀ part time worker ହିସାବରେ ଆବଶ୍ୟକ।
0674-2421358

**REQUIRED** - Marketing boy with minimum 1 yr. exp. in Sanitaryware for BBSR.
Reqd. Boys for Showroom / Godown & general work.
H.R. Trading Co., 57, Budha Nagar, Bhubaneswar - 751 006.
Ph (0674) 2310921, Email : hrtrading.co.in@gmail.com

**TEACHERS REQUIREMENT MALE OR FEMALE**
MONTESORY- 1 TO STD- 7 FOR
ST. XAVIER HIGH SCHOOL
Pandav Nagar, Plot No.4916,
Tankapani Road, Bhubaneswar-18
Contact : 7978084379
8249088768

**REQUIRED**
Peon, Driver, Accountant, Parts Manager, Electrician, Sales Consultant for a 4 wheeler dealership.
Contact: 0674 6667709 / 0674 6668822, Email id: admin@capitalford.net, siddharth9909@gmail.com

**HAIRDRESSER REQUIRED**
ଭୁବନେଶ୍ୱର ଜେଣ୍ଟସ୍ ପାର୍ଲର ପାଇଁ ଅଭିଜ୍ଞ ଓ କୁଶଳୀ କାରିଗର ଆବଶ୍ୟକ।
ଦରମା 10,000 ରୁ 30,000
ରହିବା ଓ ଖାଇବା ମାଗଣା।
ଯୋଗାଯୋଗ :
+91 9853410081
+91 8658511010

**REQUIRED**
VIGEN INDIA REQUIRED
Smart Boys and Girls Candidates for Office Job. Age- 20-30
EDU - +2 to Graduate
Job Location - Rabi Talkies Squire and Sastri Nagar
Contact : 9348916882

**ଆବଶ୍ୟକ**
ସିକ୍ୟୁରିଟି ଗାର୍ଡ
(ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା
M : 9777086435, 9556496258

**REQUIRE**
Office Boy and Delivery Boy.
DTDC Courier, Maitri Vihar, Near New LIC Colony, Bhubaneswar.
Contact No.
9861289626, 9937887626

**ସେଲ୍ସମ୍ୟାନ୍ ଆବଶ୍ୟକ**
ସୋନୁ ଇଲେକ୍ଟ୍ରିକାଲ୍‌ସ ୧୫୯, ବାପୁଜୀନଗର, ଗଳି ନଂ.-୧୨
ଆଲ୍ଲାହାବାଦ ବ୍ୟାଙ୍କ ପାଖ, ଭୁବନେଶ୍ୱର

**Officially Staff**
For BBSR, CTC, Puri, Berhampur.
Qualification 10th above.
Salary upto Rs.25,000/-
M-9938699963

**REQUIRED** A reputed business house in Bhubaneswar requires the following experienced and dynamic personnel:
SALES EXECUTIVE:
Graduation with 3-5 year experience in Lubricants /Automobile / FMCG
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

**No Consultancy !! No Fees**
**Direct Company Job**
" ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର " କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ।
ଦରମା-୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ୍ୱ।
9938826988, 7064545450, 8338055696
www.demandbazaar.com & www.demandmasala.com

**WANTED**
CAR DRIVER FOR OFFICE AT CUTTACK.
CONTACT : 9437021279
9437496020

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly Salary upto Rs. 25,000/-
Contact : Immediately
Mob : 8763257042

**FELLOWSHIP ON IOL & ANTERIOR SEGMENT**
MNC-LEPRA Society is looking for candidates having certificate on MS (Optha), DNB or Diploma in Ophthalmology for fellowship programme of one & half year duration. Selected candidates will get attractive stipend with other facilities as per Lepra HR rule. Interested candidates are invited to send updated resume & testimonials to the below mentioned address on or before 31st January 2020.
To
Medical Superintendent, MNC-Lepra Society Pandapali, Birmaharajpur, Subarnapur, Odisha-767018
Mail- debendra@leprahealthinaction.in, Mob-9437198482

See Career Appointment on every Wednesday & Saturday

**Aurea Aviation**
Recruitment for
BPI Airport
Fresher or Experience
Con :- 9582775827

**Job Opening in Warehouse**
Location : Vijayawada, Hyderabad, Salary : Rs.10,000 + Room + ESI + PF
Qualification : 10th / ITI / Diploma
For Contact Call :
7008082387, 9040434671, 7381010101

**WANTED**
ଧରିତ୍ରୀ DHARITRI Oriya daily
is looking for
ASSISTANT NEWS EDITORS
- Candidate should have at least 7 years experience in Desk work.
- Must have Masters Degree in Journalism.
- Candidate should be proficient in understanding, translating and editing news stories as well as coming up with attractive headlines.
- SENIOR SUB-EDITORS
- Candidate must have at least 3 years experience in desk work.
- Should have a degree in Journalism.
- Should have expertise in translation.
Apply immediately to :
recruitment@dharitri.com
Attractive salary commensurate with experience

**THE KOSALA SCHOOL,** Estd- 1979
English Medium Residential Public School, At- Nuakhairpali,
Po- Larasara, Via- Attabira, Dist- Bargarh, Pin- 768027, Mob- 7682032632
Email- thekosalaschool1979@gmail.com, Website-www.thekosalaschool.in
REQUIRES THE FOLLOWING TEACHING & NON TEACHING STAFF

| S.N. | Grade | Subject | Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry/ Biology/ Mathematics/ Odia/ Hindi/ Social Science | M.A/B.A/B.Sc, B.Ed/ Kobid/ Ratna, OTET/CTET | Salary will be paid on par with the State Govt. Sikshya Sahayak. |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A/ B.Sc, NTT, Kobid, CT/B.Ed, OTET/ CTET | |
| 3 | Hostel Warden (Male & Female) Age- 35 to 40 yrs | | +2 / B.A. | (Salary is not a constraint for deserving candidates) |
| 4 | PET (Male & Female) | | C.P.Ed./ B.P.Ed., OSSTET | |

* Candidates having teaching experience in English Medium Schools, good Spoken English, Computer Knowledge and not crossed 45 years of age will be preferred.
* Couples will be given preference and provided with rent free accommodation.
* Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
* Photo copies of all Certificates, Marksheets, Aadhaar Card, Filled up Biodata Form with recent passport size photo & Mobile Number should reach the undersigned in the above address latest by 25th January 2020.
* Original Certificates to be produced at the time of interview for verification.
* No TA/DA will be given for attending the interview.
* For any clarification candidates may call to the phone no. (given above) from 10.00 A.M. to 3.00 P.M.

Sd/- PRINCIPAL

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ବିରୋଧୀଙ୍କ ହୀନ ଚକ୍ରାନ୍ତ ଭାରତକୁ ବିଶ୍ୱରେ ବଦନାମ କରୁଛି: ରାମ ମାଧବ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ହେଉଛି ନାଗରିକତ୍ୱ ଦେବାର ଆଇନ। ଏହା କାହାର ନାଗରିକତ୍ୱ ନେବନାହିଁ। ଏହି ସଂଶୋଧନରେ କୌଣସି ବିବାଦ ନାହିଁ କି କାହା ପ୍ରତି କିଛି ବାଛବିଚାର ନାହିଁ। ଏହାକୁ ବିରୋଧୀମାନେ ଜାଣିଶୁଣି ବିବାଦୀୟ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ଦେଶରେ ଶାନ୍ତି ଚାହୁଁ ନ ଥିବା ବିରୋଧୀମାନେ ଏବଂ ସେମାନଙ୍କ ସମର୍ଥକ ହିଂସା କରିବା ପାଇଁ ଉସୁକାଉଛନ୍ତି। ବିରୋଧୀମାନେ ବିନା କାରଣରେ ଏହି ସଂଶୋଧନ ଆଇନକୁ ବିରୋଧ କରିବା ପାଇଁ ବାହାରିଛନ୍ତି। ସେମାନଙ୍କର ଏହି ହୀନ ଚକ୍ରାନ୍ତ ପାଇଁ ଭାରତ ବିଶ୍ୱରେ ବଦନାମ ହେଉଛି ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାମ ମାଧବ ମଙ୍ଗଳବାର ଏହା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାମ ମାଧବ କହିଛନ୍ତି, ଶରଣାର୍ଥୀଙ୍କୁ ନାଗରିକତ୍ୱ ଦେବାରେ ବିଶ୍ୱରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ସଂଶୋଧନ ଆଇନ ପଡ଼ୋଶୀ ଦେଶରେ ଧାର୍ମିକ



ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାମ ମାଧବ ଏବଂ ଅନ୍ୟମାନେ।

ଆଧାରରେ ପ୍ରପୀଡ଼ିତ ହୋଇ ଜୀବନ ବିତାଉଥିବା ଲକ୍ଷଲକ୍ଷ ଲୋକଙ୍କୁ ନୂଆ ଜୀବନ ଦେଇଛି। ସାରା ଦେଶରେ ଏବେ ସିଏଏ ପ୍ରସଙ୍ଗରେ ଆଲୋଚନା ଚାଲିଛି। ଏହି ଆଇନ ସମ୍ପର୍କରେ ଭୁଲ ଧାରଣାର ଶିକାର ଲୋକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କେତେକ ରାଜନୈତିକ ଦଳ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧୀ ଏହାକୁ ଏକ ସୁଯୋଗ ବୋଲି ଗ୍ରହଣ କରିନେଇ ପରିସ୍ଥିତିକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଦେଇଛନ୍ତି। ତେଣୁ ଏହି ଆଇନର ବାସ୍ତବତା ସମ୍ପର୍କରେ ସମସ୍ତେ ଜାଣିବା ଜରୁରୀ। ଏଥିପାଇଁ ଭାଜପା ପକ୍ଷ୍ୟରୁ ସାରା ଦେଶରେ ଜନଜାଗରଣ କାର୍ଯ୍ୟକ୍ରମ କରାଯିବା ସହିତ ବୁଦ୍ଧିଜୀବୀମାନଙ୍କ ସହିତ ସମ୍ପର୍କ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଐତିହାସିକ ଦ୍ୱିତୀୟବାର ନିର୍ବାଚନ ବିଜୟ, ତିନି ତଲାକ୍ ବିଲ୍, ଅଯୋଧ୍ୟା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ, ସମ୍ବିଧାନର ଧାରା ୩୭୦ ଉଚ୍ଛେଦ– ଏସବୁ ଘଟଣାରେ ସମ୍ଭବତଃ ବିରୋଧୀ ଦଳଗୁଡ଼ିକ କିଛି କରି ନ ପାରି ହତୋତ୍ସାହିତ ହୋଇପଡ଼ିଛନ୍ତି। କିନ୍ତୁ ଭାରତ କେବେହେଲେ ଏଭଳି ନୈରାଶ୍ୟବାଦ ଓ ନକାରାତ୍ମକ ରାଜନୀତିକୁ ଗ୍ରହଣ କରିବ ନାହିଁ। ନାଗରିକତ୍ୱ ସଂଶୋଧନ ଆଇନ ଆଣି ବିଶ୍ୱ ଦରବାରରେ ପାକିସ୍ତାନରେ ଅଣମୁସଲମାନମାନଙ୍କ ଉପରେ ହେଉଥିବା ଆକ୍ରମଣର କଥା ସାରା ବିଶ୍ୱକୁ କହିବାର ସୁଯୋଗ ଥିଲା। କିନ୍ତୁ ବିରୋଧୀଙ୍କ ଚକ୍ରାନ୍ତ ପାଇଁ ସେ ସୁଯୋଗ ଆମେ ହରାଇଲୁ। ଅନେକ ସମୟରେ ପାକିସ୍ତାନକୁ କ୍ଲିନଚିଟ୍ ଦେବା ଲାଗି କଂଗ୍ରେସ ଚେଷ୍ଟା କରୁଛି। ପୁଲ୍‌ୱାମା ଘଟଣାରେ ମଧ୍ୟ କଂଗ୍ରେସ ଏପରି କରିଥିଲା। ଆତଙ୍କବାଦୀ ଲିଙ୍କ୍‌ରେ ଜଣେ ପୋଲିସ ଧରାପଡ଼ିବା ପରେ କଂଗ୍ରେସ ଦଳ ସମ୍ପୂର୍ଣ୍ଣ ସିକ୍ୟୁରିଟି ସିଷ୍ଟମ ଉପରେ ଭ୍ରଷ୍ଟାଚାର ଦୋଷ ଲଦିବା ଆରମ୍ଭ କରିଛି। କଂଗ୍ରେସର ମଙ୍ଗଳବାର ଟୁଇଟ୍‌ରୁ ଏହା ଜଣାପଡ଼ୁଛି। ପାକିସ୍ତାନକୁ ବଞ୍ଚାଇବାକୁ କଂଗ୍ରେସର ଏହା ପ୍ରଥମ ପ୍ରୟାସ ନୁହେଁ। ମୁମ୍ବାଇରେ ଘଟିଥିବା ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ସମୟରେ ମଧ୍ୟ ପାକିସ୍ତାନକୁ ବଞ୍ଚାଇବାକୁ କଂଗ୍ରେସ ଚେଷ୍ଟା କରିଥିଲା। ପାକିସ୍ତାନକୁ ଆଙ୍ଗୁଠି ଉଠାଇଲେ କଂଗ୍ରେସକୁ ବାଧୁଛି। ସିଏଏ ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍, ଯାହାକୁ କୋର୍ଟ ଯିଏ ଅଛି ଯାଆନ୍ତୁ ବୋଲି ରାମ ମାଧବ କହିଛନ୍ତି।

# ଗବେଷକ ରଙ୍ଗାଧର ଷଡ଼ଙ୍ଗୀଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୧୪।୧

ଢେଙ୍କାନାଳର ବିଶିଷ୍ଟ ଗବେଷକ, ବାଗ୍ମୀ ଏବଂ ସୃଜନଶୀଳ ଭାଷ୍ୟକାର ପ୍ରଫେସର ରଙ୍ଗାଧର ଷଡ଼ଙ୍ଗୀଙ୍କ ସୋମବାର ଅପରାହ୍ଣ ସାଢ଼େ ୩ଟାରେ ଷ୍ଟେଶନ ବଜାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ବର୍ଷ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ବହୁ ସାହିତ୍ୟିକ, କବି, ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଲୋକକଳା ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶ୍ରୀରାମ ଚରିତ ମାନସର ସଂସ୍କୃତ ଅନୁବାଦ, ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ଭାଷ୍ୟସମୂହର ଓଡ଼ିଆ


ପ୍ରଫେସର ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ

ଅନୁବାଦ, ମହାନାଟକର ମହାଅନୁବାଦ, ଚୈତନ୍ୟ ଚରିତାମୃତ, ଶ୍ରୀକୃଷ୍ଣ ପ୍ରେମ ତରଙ୍ଗିଣୀର ଓଡ଼ିଆ ଅନୁବାଦ, ସଂସ୍କୃତି ବିଭାଗ ଦ୍ୱାରା ପ୍ରକାଶିତ ଶ୍ରୀମଦ୍ ଭଗବତ ଗୀତା ପ୍ରେସ୍ ଆନୁକୂଲ୍ୟରେ ପ୍ରକାଶିତ ସତ୍‌ଗ୍ରନ୍ଥ ସମୂହ ସଙ୍କଳନ କରି ସେ ନିଜ ଦକ୍ଷତାର ପ୍ରତିପାଦନ କରିଥିଲେ।

---

Government of Odisha — No.: O-815

## OFFICE OF THE EXECUTIVE ENGINEER
## RURAL WORKS DIVISION - II, DHENKANAL, KAMAKHYANAGAR

E-mail: rw.kamakhyanagarl@yahoo.co.in

**e-Procurement Notice No.-13 / Building & Road Work / 2019-20**

| | | |
|---|---|---|
| 1. | Name of the Work | Building & Road Work |
| 2. | Total No. of Works | 03 (Three) Nos. |
| 3. | Tender Cost | Rs.2.15 Lakhs to Rs.17.40 Lakh (Approx.) |
| 4. | Class of Contractor | "D" & "C" Class |
| 5. | Period of Completion | 1 (One) & 06 (Six) Calendar Months |
| 6. | Availability of Tender Online for Bidding | 18.01.2020 at 11.00 A.M. to 24.01.2020 upto 5.00 P.M. |
| 7. | Last date & time of seeking tender clarification | 22.01.2020 upto 4.00 P.M. |
| 8. | Date & time of opening of Technical Bid | 27.01.2020 at 11.00 A.M. |
| 9. | Date & time of opening of Financial Bid | 27.01.2020 at 11.00 A.M. |

Other details can be seen from the website **http://tendersorissa.gov.in**.

Sd./- Executive Engineer
R.W. Division-II, Dhenkanal, Kamakhyanagar
25094/11/0010/1920

---

## OFFICE OF THE DISTRICT PROJECT COORDINATOR
SAMAGRA SIKSHYA, SUBARNAPUR

E-mail: dpcsonepurssa.opepa@nic.in, Ph.: 06654-220551 / 06654-220514 (Fax)

No.: 101 — Date: 14.01.2020

**OFFICE ORDER**

This is for information of all concerned that the draft list for engagement of Part Time Instructor in Physical Education and Art Education against vide No. 2731 Dtd.29.12.2018 has been published in the OSEPA website **(www.osepa.odisha.gov.in)** and Subarnapur District website **(www.subarnapur.nic.in)**. The candidates are hereby informed to file their objections, if any, regarding data published in the draft list by 22nd Jan. 2020 (during official hours) with proof to substantiate their claim. No objections shall be entertained after the due date.

Sd./- District Project Coordinator, Samagra Sikshya, Subarnapur

---

ଶିକ୍ଷା ଅଧିକାର

## OFFICE OF THE DISTRICT PROJECT COORDINATOR
SAMAGRA SIKSHYA, KANDHAMAL

No.: 106/Pdgy/20 — Date: 14.01.2020

**SHORT TENDER CALL NOTICE FOR PRINTING AND SUPPLY OF QUESTION-CUM-BLANK ANSWER SHEET & STUDENTS REPORT CARD, 2020**

Sealed tenders are invited from the reputed offset printers having valid GST/TIN/PAN/TAN/VAT Clearance & registration of firm etc. for printing and supply of Question-cum-Blank Answer Sheets for SUMMATIVE ASSESSMENT-II, 2019-20 (Odia/English/Sanskrit/Hindi/Kui Language) for Assessment Exercise & Students Report Card (Class I to VIII). The tender papers (Bid documents) containing detailed specification with terms and conditions can only be obtained by downloading from Kandhamal NIC website i.e. **http://kandhamal.nic.in** and OPEPA website **http://www.opepa.in**. The cost of tender paper is Rs.1000.00 (Rupees one thousand only) which is non-refundable & to be deposited along with the tender papers in shape of Bank Draft drawn in favour of District Project Coordinator, Samagra Sikshya, Kandhamal, Phulbani. Last date of receipt of the tender paper is 27.01.2020 (upto 5 P.M.). Tender will be opened on **28.01.2020 at 11.30 A.M.** in the Office of the District Project Office, Samagra Sikshya, Kandhamal. The authority reserves the right to cancel all or any or part of the tenders without assigning any reason thereof.

By order of
Collector & DM, Kandhamal
Sd./- District Project Coordinator
Samagra Sikshya, Kandhamal

---

## PANCHAYAT SAMITI OFFICE, HEMGIR, DIST.- SUNDARGARH

No.111 — **CORRIGENDUM** — Date: 14.01.2020

The amount Rs.6,000/- in Column No. 6 (Cost of the tender paper nonrefundable) against Sl. No. 11 of the project " Renovation of the Shiv Sagar Bandh" advertised vide this office letter No. 12 dated. 02.01.2020 (Tender Call Notice No.1) may be read as Rs.10,000/-.

Like-wise the tender paper shall be sold upto 18.01.2020 on working days between 11.00 AM to 5.00 PM and hence the last date of receipt of tender paper is extended up to 20.01.2020 (5.00PM) and the tender papers shall be opened on 22.01.2020 at 11.00 AM for the aforesaid project only. All other terms and conditions shall stand as notified.

Sd./-
Block Development Officer,
Hemgir

---

idco | ODISHA NEW OPPORTUNITIES

## ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)

IDCO, IDCO Towers, Janpath, Bhubaneswar - 751022, Odisha, INDIA
Ph.: +91-0674-2541525, 2540820 | Fax: 2542956/2541982
E-mail: cmd@idco.in / md@idco.in | Website: www.idco.in

No.: HO/P&A-HK-E-2392/2019/891 — Date: 10.01.2020

**REQUEST FOR PROPOSAL**

No.: CAD-811: The Chief General Manager (P&A), IDCO, Bhubaneswar invites tenders under two-bid system (Technical & Financial) for **"Renting of 05 Nos. of Branded Photocopies"** on comprehensive basis i.e. photocopiers to be supplied, installed and fully maintained by the service provider, including the toners, ink, spares, consumables, etc. Only photocopy paper shall be provided by this Office. The interested bidders are required to bid for the rate on the number of copies in a month for a period of 12 months from the date of issue of order (extendable for a further one year period subjects to satisfactory performance) in the Office of the Chief General Manager (P&A), IDCO, Bhubaneswar. The proposals must reach the undersigned in sealed covers through Registered Post/Speed Post only addressed to The Chief General Manager, (P&A), IDCO, IDCO Towers, Janpath, Bhubaneswar - 751022 **on or before 1.00 P.M. on 1st February, 2020.** However, the undersigned will not be held responsible for any delay in submission of bids. If the office happens to be eventually closed on the date of submission of the bids, the bids will be received and opened on the next working day of opening of the office at the same time and venue. IDCO will not responsible for any postal delay in receipt of the bids.

A Bank Draft of Rs.10,000/- only drawn in favour of OIIDC payable at BBSR as EMD should be submitted with Technical Bid failing which the Technical Bid will be treated as rejected.

This tender notification can also be seen in details on the official website of IDCO **http://idco.in**.

Sd./- Dr. Ganeswar Jena, OAS (SAG)
Chief General Manager (P&A)
14003/11/0045/1920

---

## OFFICE OF THE MUNICIPAL COUNCIL, SUNDARGARH

No. 237 — Dt. 14.01.2020

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

**Bid Reference No. SNGM-14/2019-20/Dt.14.01.2020**

On behalf of the Sundargarh Municipality, Online e-tender **Percentage Rate Bids** are invited by the Executive Officer, Sundargarh Municipality from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works.

1. Total No. of Works for which tender invited : 05 Nos.
2. Place of Execution : Inside of Sundargarh Municipality
3. Estimated Cost of Works : Rs.1,20,212/- to Rs.40,60,939/-.
4. Eligible Class of Contractors : Registered Contractors of **Class - 'D' to Class - 'A'** as indicated against each work mentioned in the Tender Call Notice.
5. Intending bidders have to participate through **"Online"** bidding only. The website for online bidding is **https://www.tendersodisha.gov.in**.
6. The bid documents will be available in the above website from **11 A.M. on 16.01.2020 to 5 P.M. on 27.01.2020** for online bidding.
7. Bids received online will be opened at **11 A.M. on 03.02.2020**.
8. The bidder must possess valid and compatible **Digital Signature Certificate (DSC)**.
9. The DTCN for 05 Nos. of work shall be available in the e-procurement portal **https://www.tendersodisha.gov.in** for Online bidding.

Sd./- Executive Officer
Sundargarh Municipality

---

## ଓଡ଼ିଶା ସରକାର
## ଉଚ୍ଚଶିକ୍ଷା ବିଭାଗ

**2019-20 ଶିକ୍ଷା ବର୍ଷର +3 ପ୍ରଥମ ବର୍ଷରେ ନାମଲେଖା ଦେୟ (Admission Fee Refund) ସମ୍ବନ୍ଧରେ**

No.: N-85: +3 ପ୍ରଥମ ବର୍ଷ (୨୦୧୯-୨୦ ଶିକ୍ଷା ବର୍ଷ)ରେ ନାମ ଲେଖାଇ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେଉଁ ଛାତ୍ରଛାତ୍ରୀଙ୍କର Admission Fee Refund ପାଇବାରେ ଥିଲା, ତାହା CAF (Common Application Form)ରେ ପ୍ରଦତ୍ତ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ପ୍ରଦାନ କରାଯାଇଅଛି। ରିଫଣ୍ଡ ହେବା ପାଇଁ ଥିବା Rs.9,28,52,444/- ଟଙ୍କା ମଧ୍ୟରୁ ଏ ପର୍ଯ୍ୟନ୍ତ Rs.7,71,87,608/- ଟଙ୍କା Refund କରାସରିଲାଣି। Dead Account, Wrong Account Number, Wrong IFSC ଇତ୍ୟାଦି କାରଣ ଯୋଗୁଁ ଯେଉଁ ଛାତ୍ରଛାତ୍ରୀମାନଙ୍କର Refund ଟଙ୍କା ପଠାଯାଇ ପାରି ନାହିଁ, ତାହାର List ଉଚ୍ଚଶିକ୍ଷା ବିଭାଗର SAMS ୱେବସାଇଟ୍ **www.samsodisha.gov.in**ରେ ଉପଲବ୍ଧ ଅଛି। ସେହି ଛାତ୍ରଛାତ୍ରୀମାନେ ସବିଶେଷ ତଥ୍ୟ ନିମନ୍ତେ ବିଭାଗୀୟ ଫୋନ୍ ନମ୍ବର (0674-2531977) (ଦିନ୧୧.୦୦ରୁ ଅପରାହ୍ଣ ୫.୦୦ ଘଟିକା ଭିତରେ) ବା ଇମେଲ୍ (sams.payment2019@gmail.com)ରେ ଯୋଗାଯୋଗ କରିବାକୁ ଅନୁରୋଧ।

ଛାତ୍ରଛାତ୍ରୀମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ସମସ୍ତ ବିବରଣୀକୁ ନିମ୍ନଲିଖିତ ଭାବେ ପୁନଶ୍ଚ ଠିକ୍ କରିପାରିବେ ବା ପଢୁଥିବା ମହାବିଦ୍ୟାଳୟର ସାହାଯ୍ୟ ନେଇପାରିବେ। ଏ ପ୍ରକ୍ରିୟା ୨୬।୦୧।୨୦୨୦ (5.00 P.M.) ମଧ୍ୟରେ ସାରିବାକୁ ବିଶେଷ ଅନୁରୋଧ।

**STEPS TO UPDATE YOUR BANK ACCOUNT INFORMATION**

- Open your browser (Internet Explorer/Mozilla Firefox/Google Chrome).
- Type www.samsodisha.gov.in to visit SAMS Website.
- Then, Click "Degree (+3)" Tab under Higher Education
- Click on "Existing Student Login" and provide your registered mobile no and password to login.
- After login to your account, click on "Update Account Info"
- On clicking, you can see your available bank information as entered during online application.
- Now, update the correct bank information i.e. Account No, Bank Name, IFSC (in Capital letter as mentioned in Pass Book), Branch Name etc. and click on "update" button.
- Successful updation status will be shown in Pop window.
- Password can be retrieved by using "Forgot Password" option available at "Existing Student Login".

11001/11/0024/1920 — Sd./- Officer-in-Charge, PTC

---

## MAHILA VIKAS SAMABAYA NIGAM
(Govt. of Odisha Undertaking)

A-1 Block, Ground Floor, ToshaliBhawan,
Satya Nagar, Bhubaneswar- 751007
Ph.No.2573023, Tele Fax- 2573024
E-mail-mvsn_bbsr@yahoo.com

Ref. 268/MVSN — Dt. 13.01.2020

**TENDER CALL NOTICE**

No.: CAD-813: Sealed tenders are invited from interested reputed financially sound Service providers having valid registration certificate for deployment of a Gardener at Mission Shakti Bhawan, Jagamara, Bhubaneswar.

The Tender completed in all respect shall be deposited at Mission Shakti Bhawan, Jagamara, Bhubaneswar-751030 on or before Dt.10.02.2020 by 4 P.M. through Registered Post/ Speed Post only. The application form of the tender containing General Bid information and terms & conditions can be downloaded from the website- **www.wcdodisha.gov.in** from dt.15.01.2020 to dt.10.02.2020. A Tender Fee of Rs.200 /- and EMD of Rs.3,000/- are to be deposited in shape of Demand Draft along with the Tender Application at the time of submission of the application. The authority reserves the right to cancel/modify the Tender at any point of time.

Sd./- MANAGING DIRECTOR
MAHILA VIKAS SAMABAYA NIGAM
33003/11/0003/1920

---

## SAMBALPUR MUNICIPAL CORPORATION
SAMABLPUR - 768001

E-mail ID: sambalpurm.hud@nic.in

**'e' Procurement NOTICE**

**Bid Identification No.: 11/SMC_SBP/2019-20**

The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities & the set of terms & conditions of contract and other necessary documents can be seen the Govt. website i.e. **https://tendersodisha.gov.in**.

| | | |
|---|---|---|
| 1. | Number of Civil Works | 21 (Twenty One) Numbers |
| 2. | Estimated Costs | Rs.96,451/- to Rs.11,78,199/- |
| 3. | Period of Completion | As per NIT |
| 4. | Date & time of availability of the bid documents in the portal | From 11.00 A.M. of 14.01.2020 to 05.00 P.M. of 21.01.2020 |
| 5. | Last date/time for receipt of bids in the portal | 05.00 P.M. of 21.01.2020 |
| 6. | Bids will be opened on | 11.00 A.M. of Dt.24.01.2020 |
| 7. | Name & address of the Officer Inviting Bid | Municipal Commissioner, Sambalpur Municipal Corporation, Sambalpur |

Sd./- Municipal Commissioner
Sambalpur Municipal Corporation

---

GOVT. OF ODISHA
DEPARTMENT OF WATER RESOURCES,
O/O THE CHIEF CONSTRUCTION ENGINEER,
RENGALI RIGHT IRRIGATION PROJECT, DHENKANAL
Email Id – ccerrip@gmail.com

No.A-565 :- **'e' Procurement Notice**

The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed below:

1. Name of the work : Construction of cement concrete lining with paver finish from RD 91.500 km to 95.040 km of Right Bank Canal of Rengali Irrigation Project.
2. Tender Cost : Rs. 920.67 lakh
3. Bid Document Cost : Rs. 10,000.00 (on line) for each work
4. Bid Security : Rs. 9,20,700.00 (on line)
5. Class of Contractor : Special & Super Class
6. Period of Completion : 18(Eighteen) calendar months (547 days)
7. Other details are as follows;

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERRIP-07/2019-20 | 17.01.2019 10.00 AM | 03.02.2019 5.30 PM | 04.02.2019 11.00 AM |

8. For further details and on line bidding, visit Govt. website *www.tendersodisha.gov.in*

Sd/- Chief Construction Engineer
Rengali Right Irrigation Project, Dhenkanal
32351/11/0007/1920

---

GOVERNMENT OF ODISHA — No. C-445
OFFICE OF THE SUPERINTENDING ENGINEER,
P.H. CIRCLE, NAYABAZAR, CUTTACK-753004
Ph.-0671-2440841, Fax- 0671-2440841, E-mail : sephctc@gmail.com

**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB) No.SEPHCTC-08/2019-20 Dtd.13.01.2020**

| Sl. No. | Name of the work | Estimated cost (Approx) |
|---|---|---|
| 1. | Laying of pipe line including creation of source, storage and ancillary work for water supply to uncovered area of Ananda Nagar of Ward No.1, newly developed Swastibihar, Danda road, Kainthapolia, Kalpana Das lane (Ward no.13), newly developed area at Banamaliprasad (Ward No.9), Anandabazar & Chandia Sahi, Kunjakanta of Dhenkanal Municipality under State Plan for the year 2019-20. | ₹288.74 lakh |
| 2. | Laying of pipe line including creation of source, storage and ancillary work for water supply to uncovered areas of Hindol NAC under State Plan for the year 2019-20. | ₹358.13 lakh |

1. Date & time of availability of bid document in the portal :- 11.00 hours of dt.21.01.2020 to 17.30 hours of dt.04.02.2020.
2. Last date / time of receipt of bids in the portal :- 04.02.2020 upto 05.30 P.M.
3. Date & time of opening of bids :- 05.02.2020 at 12.30 P.M.
4. Name and address of the Officer Inviting Bid :- The Superintending Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com

Further details can be seen from the web site www.tendersorissa.gov.in

13029/11/0009/1920 — Superintending Engineer, Public Health Circle, Cuttack.

---

## OFFICE OF THE EXECUTIVE ENGINEER
## RURAL WORKS DIVISION-II, GANJAM, BERHAMPUR

Phone-0680-2404096 E-Mail: eerwgmt@yahoo.co.in
Government of Odisha e-Procurement Notice
Bid Identification No. Online Tender/10/EERWD-II/2019-20 — O-798

No.........202................/RWD-IIGB, Date 07.01.2020

| | | |
|---|---|---|
| 1 | Name of the work | Road Works |
| 2 | Estimated cost | Rs.0.88 lakh to Rs.27.00 lakh |
| 3 | Period of Completion | 1 (One) to 1 ½ (One and Half) Calendar Month as per Annexure |
| 4 | Date & Time of availability of Bid documents in the Portal | From 20.01.2020 at 10.00 AM to 28.01.2020 upto 3.00 PM |
| 5 | Last Date/ Time for receipt of Bids in the Portal | 28.01.2020 upto 3.00 PM |
| 6 | Name and address of the Officer Inviting Bid | Executive Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal website **https://tenders.ori.nic.in/nicgep/app**

25073/11/0012/1920 — Executive Engineer, R.W Division-II, Ganjam, Berhampur

---

GOVERNMENT OF ODISHA — No. O-818
OFFICE OF THE SUPERINTENDING ENGINEER,
CENTRAL CIRCLE, RURAL WORKS, BHUBANESWAR

No.______________/Date. 08.01.2020

**"e" Procurement Notice for PMGSY & PMGSY Balance Works for the year 2019-20**

| | | |
|---|---|---|
| 1. | Name of the Work | PMGSY & PMGSY Balance work for the year 2019-20 |
| 2. | Total No. of Packages | 02 Nos. |
| 3. | Estimated Cost of the Package | Varies from Rs. 127.02 Lakhs to Rs.176.47 lakhs |
| 4. | Class of Contractor | |
| | a)Estimated cost more than Rs. 40.00 lakhs up to Rs. 3.00 Crores. | B Class & A class (of Odisha PWD) or relevant class of other licensing authorities |
| 5. | Period of completion | 09(Nine) calendar months for the works costing less than Rs.3.00 Crores |
| 6. | Offered rates by bidder | The offered rate by the contractor shall be excluding GST. |
| 7. | Other details | |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & time of submission of original financial instrument along with affidavit regarding correctness of information | Date & Time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Central Circle Rural Works, Bhubaneswar | Tender-Online-C.C.-01 of 2020 | 20.01.20 at 11.00 A.M. | 07.02.20 up to 5.00 P.M. | 03.02.20 up to 3.00 P.M. | 10.02.2020 to 11.02.2020 Up to 5.00 PM (During office hour) | 12.02.2020 at 11.00 A.M. | 24.02.20 at 11.00 A.M. |

Further details can be seen from the web site www.pmgsytenders.gov.in

25082/11/0012/1920 — Superintending Engineer, Central Circle, Rural Works, Bhubaneswar

---

## ODISHA HYDRO POWER CORPORATION LTD
CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)

OFFICE OF THE SR. GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.: CAD-809

No.-CHEP/TW-156 (Vol.-IV)/129 — Date: 13.01.2020

**TENDER CALL NOTICE NO.-CHEP-18/2019-20**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible bidders dealing with Trash Rack Cleaning Machine for the following work;

| Description | Cost of Tender Paper (Non-refundable) | EMD (Refundable) |
|---|---|---|
| Supply of Spares and Operation & Maintenance Contract of GMW make Trash Rack Cleaning Machine installed at CHEP, Chiplima | Rs.11,800/- (Rs.10,000/- + GST @18%) | Rs.4,96,98,660/- EMD= Rs.4,97,000/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from **dtd.17.01.2020 up to 11:30 AM of dtd.15.02.2020.**

04006/11/0010/1920 — Sd/- Unit Head, CHEP, Chiplima

---

See Career Appointment on every Wednesday & Saturday

# ଆଖୁ ଫସଲରୁ ଅଧିକ ଲାଭ ପାଇବେ କିପରି



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ



ଆଖୁ ଭାରତର ଏକ ପ୍ରମୁଖ ଅର୍ଥକରୀ ଫସଲ। ଉତ୍ତରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ବିହାର, ଓଡ଼ିଶା ଓ ଗୁଜରାଟ ରାଜ୍ୟରେ ଆଖୁଚାଷ କରାଯାଇଥାଏ। ଆମ ରାଜ୍ୟରେ ମଧ୍ୟ ଏହା ସବୁ ଜିଲାରେ ଚାଷ କରାଯାଏ। ଏଠାରେ ଆଖୁର ହାରାହାରି ଉତ୍ପାଦନ ହେକ୍ଟର ପିଛା ୭୪ଟନ। ଓଡ଼ିଶାରେ ଡିସେମ୍ବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆଖୁ ଲଗାଯାଇଥାଏ। ସଅଳ କିସମଗୁଡ଼ିକ ଡିସେମ୍ବର–ଜାନୁୟାରୀ, ମଧ୍ୟମ କିସମଗୁଡ଼ିକ ଫେବୃୟାରୀ ଏବଂ ବିଳମ୍ବ କିସମ ମାର୍ଚ୍ଚ ମାସରେ ଲଗାଯାଇଥାଏ। ଆଖୁଚାଷ ପାଇଁ ନିଗିଡା, ଦୋରସା ଓ ମଟାଳ ମାଟି ଉପଯୁକ୍ତ। ଲଗାଇବା ପାଇଁ ଜମିକୁ ୭/୮ ଓଡ ଚାଷ କରି ମଇଦେଇ ମାଟିକୁ ଗୁଣ୍ଡ ଏବଂ ସମତୁଲ କରନ୍ତୁ। ଜମିରେ ଏକର ପିଛା ୧୦ ଗାଡ଼ି ଶଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ। ଢିପଜମିରେ ବିଶ୍ୱାମିତ୍ର, ସରଜୁ ଓ ସିଓ ୭୫୦୮ ଭଳି ସଅଳ କିସମଗୁଡିକ ଲଗାନ୍ତୁ। ସଅଳ କିସମଗୁଡିକ ୧୦ ମାସ ମଧ୍ୟରେ ଅମଳ ହୋଇଥାଏ। ୧୨ ମାସ ମଧ୍ୟରେ ଅମଳ ହେଉଥିବା ଉନ୍ନତ ମଧ୍ୟମ କିସମଗୁଡିକ ହେଲା ନୟନା, ସିଓ ୬୩୦୪, ସିଓ ୭୮୦୫ ଇତ୍ୟାଦି। ୧୨ରୁ ୧୪ ମାସ ମଧ୍ୟରେ ଅମଳ ହେଉଥିବା ବିଳମ୍ବ କିସମଗୁଡିକ ହେଲା ସିଓ ୪୧୯, ସିଓ ୭୪୦ ଇତ୍ୟାଦି।

ଆଖୁ ଲଗାଇବା ପାଇଁ ଜମିରେ ୩ ଫୁଟ ବ୍ୟବଧାନରେ ନାଳି କାଟନ୍ତୁ। ଏକ ଏକର ଜମିରେ ୧୬୦୦ ତିନି ଗଣ୍ଠିଆ ଆଖୁଖଣ୍ଡ ଏବଂ ୨୪୦୦୦ ଦୁଇ ଗଣ୍ଠିଆ ଆଖୁ ଖଣ୍ଡକୁ ବିହନ ରୂପେ ବ୍ୟବହାର କରାଯାଇଥାଏ। ରୋଗପୋକମୁକ୍ତ ଉତ୍ତମ ଆଖୁଖଣ୍ଡକୁ ବିହନ ରୂପେ ବାଛନ୍ତୁ। ଲଗାଇବା ପୂର୍ବରୁ ବିହନ ବିଶୋଧନ କରନ୍ତୁ। ୨୦୦ ଲିଟର ପାଣିରେ ୫୦୦ ଗ୍ରାମ ଚୂନ ମିଶା ଦ୍ରବଣରେ ବିହନ ଆଖୁଖଣ୍ଡ ଗୁଡିକୁ ୧୨ ଘଣ୍ଟା ବୁଡାଇ ଲଗାଇଲେ ଆଖୁ ଗଛ ଭଲ ବଢ଼ିଥାଏ। ନାଲିଶଢା ରୋଗ ନିୟନ୍ତ୍ରଣ ପାଇଁ ୧୫୦ ଗ୍ରାମ ୟାମାଟୋ, ୨୦୦ ମିଲି ହିଭିଜି, ୧ କିଗ୍ରା ୟୁରିଆ ସହିତ ୧୦୦ ଲିଟର ପାଣିର ଦ୍ରବଣରେ ବିହନ ଆଖୁ ଖଣ୍ଡଗୁଡିକୁ ୧୫ ମିନିଟ ଭିଜାଇ ଜମିରେ ଲଗାନ୍ତୁ। ଲଗାଇବା ପୂର୍ବରୁ ପ୍ରସ୍ତୁତ ହୋଇଥିବା ନାଳିରେ ଏକର ପିଛା ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତୁ। ଜମିରେ ଦସ୍ତା, ଲୌହ ଏବଂ ଗନ୍ଧକର ଅଭାବ ଥିଲେ ଏକର ପିଛା ୧୪ କିଗ୍ରା ଜିଙ୍କଫସଫେଟ, ୪୦ କିଗ୍ରା ଫେରସ୍‌ସଲଫେଟ ଏବଂ ୨୦୦ କିଗ୍ରା ଜିପସମ୍, ୨୫ କିଗ୍ରା ପଟାସ ସାରକୁ ଲଗାଇଲା ବେଳେ ନାଳିରେ ପ୍ରୟୋଗ କରନ୍ତୁ।

ଏକର ପିଛା ୧୦୦ କିଗ୍ରା ଯବକ୍ଷାରଯାନ ସାରକୁ ୩ ଭାଗ କରି ଲଗାଇବାର ୧ ମାସ, ୨ ମାସ ଏବଂ ୩ ମାସରେ କୋଡ଼ାଖୋସା କରି ପ୍ରୟୋଗ କରନ୍ତୁ। ବିହନ ଆଖୁଖଣ୍ଡଗୁଡିକୁ ନାଳିରେ ୧ ଇଞ୍ଚ ଗଭୀରରେ ଲଗାନ୍ତୁ। ୩ ଗଣ୍ଠିଆ ଆଖୁଖଣ୍ଡ ଲଗାଉଥିଲେ ତୃତୀୟ ଗଣ୍ଠି ନିକଟରେ ପରବର୍ତ୍ତୀ ଆଖୁଖଣ୍ଡର ପ୍ରଥମ ଖଣ୍ଡ ରହିବା ଆବଶ୍ୟକ। ସେହିପରି ଦୁଇ ଗଣ୍ଠିଆ ଆଖୁଖଣ୍ଡ ଲଗାଉଥିଲେ ଦ୍ୱିତୀୟ ଗଣ୍ଠି ନିକଟରେ ପରବର୍ତ୍ତୀ ଆଖୁଖଣ୍ଡର ପ୍ରଥମ ଗଣ୍ଠିଦେଇ ଲଗାନ୍ତୁ। ଲଗାଇଲା ପରେ ପାଣି ମଡାଇ ସିଆରରେ ନଡ଼ା କିମ୍ବା ଶୁଖିଲା ପତ୍ର ଘୋଡ଼ାଇ ଦିଅନ୍ତୁ। ଆଖୁ ବିହନ ଲଗାଇବାର ଏକ ମାସ ପରେ ଗଜା ବାହାରେ ଏବଂ ୩ ମାସ ମଧ୍ୟରେ ସବୁ ପିଲ ବାହାରିଥାଏ। ରବିଋତୁ ଏବଂ ପ୍ରାକ୍ ଗ୍ରୀଷ୍ମଋତୁରେ ଆଖୁଚାଷ କରାଯାଉଥିବାରୁ ଜଳସେଚନ ଅପରିହାର୍ଯ୍ୟ । ବର୍ଷାଦିନ ଆସିବା ପର୍ଯ୍ୟନ୍ତ ଆଖୁ ଫସଲରେ ୮ରୁ ୧୦ଦିନ ବ୍ୟବଧାନରେ ପାଣି ମଡାନ୍ତୁ । ଜଳସେଚନର ସୁବିଧା ପାଇଁ ଆଖୁ କିଆରିକୁ ପଟାଳିରେ ବିଭକ୍ତ କରିବା ଉଚିତ ।





ରୋଗପୋକ ନ ହେବା ଲାଗି ଆଖୁକ୍ଷେତରୁ ଘାସବାଛି ପରିଷ୍କାର ରଖନ୍ତୁ । ନାଲିଶଢା ରୋଗ ପାଇଁ ବିହନ ବିଶୋଧନ ଏବଂ ନାଲିଶଢା ରୋଗ ସହଣିଥିବା କିସମଗୁଡିକୁ ଲଗାନ୍ତୁ । ନାଲିଶଢା ରୋଗ ନ ହେବା ପାଇଁ ସିଓ ୮୦୧୩ ,ସିଓ ୮୦୧୪, ସିଓ ୮୩୭୧ କିସମଗୁଡିକ ଲଗାନ୍ତୁ । ସଅଳ କାଣ୍ଡ ବିନ୍ଧା ପୋକ ଏବଂ ଅନ୍ୟାନ୍ୟ ପୋକ ଦମନ ପାଇଁ ଏକର ପିଛା ୩୦୦ରୁ ୪୦୦ ମିଲି ହିଭିକି ପ୍ରୟୋଗ କଲେ ଆକ୍ରମଣରୁ ରକ୍ଷାମିଳିଥାଏ। ଆଖୁ ଗଛ ସିଧା ରହିଲେ ସର୍କରା ପରିମାଣ ଅଧିକା ହୋଇଥାଏ । ଆଖୁଗଛ ବଢ଼ିଲା ପରେ ଯେପରି ପଡି ନ ଯାଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ପଡି ନ ଯିବା ଲାଗି ଗଛ ଉଠିବାର ୪/୫ ମାସ ମଧ୍ୟରେ ୪ରୁ୫ଟି ଆଖୁ ଗଛକୁ ଏକାଠି ବାନ୍ଧନ୍ତୁ। ଅଧିକ ସୂର୍ଯ୍ୟକିରଣ ମିଳିଲେ ଆଖୁଗଛ ଭଲ ବଢ଼ିଥାଏ। ଅତ୍ୟଧିକ ଜଳସେଚନ ଏହି ଫସଲ ପାଇଁ କ୍ଷତିକାରକ। ମାଟି ସନ୍ତସନ୍ତିଆ ରହିଲେ ନାଲିଶଢା ରୋଗ ଦେଖାଯାଇଥାଏ। ଆଖୁରସରେ ସର୍କରା ଅଂଶ ଶତକଡା ୧୮ ଭାଗ ଥିଲାବେଳେ ଅମଳ କରନ୍ତୁ। ଅମଳ ପରେ ଆଖୁକୁ ଚିନିକଲକୁ ଶୀଘ୍ର ପଠାନ୍ତୁ। ଆଖୁରସ ବା ଦୋରୁଅରୁ ଗୁଡ଼ ପ୍ରସ୍ତୁତ କରାଯାଇଥାଏ । ଗୁଡ଼ ରାନ୍ଧି ବିକିଲେ ଏଥିରୁ ଅଧିକ ଲାଭ ମିଳିଥାଏ।

ମୋ: ୭୮୯୪୩୩୫୩୭୧

# ଜିରୋ ବଜେଟ କୃଷି

(ଦ୍ୱିତୀୟ ଭାଗ)

ଶସ୍ୟ ସଂରକ୍ଷଣ ଦ୍ୱାରା ଫସଲ ଅମଳ ଶତକଡ଼ା ପ୍ରାୟ ୧୫ ରୁ ୨୦ ଭାଗ ବଢ଼ିଥାଏ । ଜଳବାୟୁ ପରିବର୍ତ୍ତନ ଯୋଗୁ ଫସଲରେ ରୋଗପୋକ ପ୍ରାଦୁର୍ଭାବ ଯଥେଷ୍ଟ ବଢ଼ିବା ନଜିର ଅଛି । ଏହାର ପ୍ରତିକାର ଲାଗି ରାସାୟନିକ କୀଟ ଓ ରୋଗନାଶକ ବିଷ ପ୍ରୟୋଗ କରିବାକୁ ପଡ଼ିବ । ଏଥିପାଇଁ ଚାଷୀ ଖର୍ଚ୍ଚାନ୍ତ ହେବା ସହ ପରିବେଶ ପ୍ରଦୂଷଣ ହୋଇଥାଏ । ଅବଶ୍ୟ ବିନା ଖର୍ଚ୍ଚରେ ଚାଷୀ ଜୈବିକ ପଦ୍ଧତିରେ ରୋଗ ଓ ପୋକ ନିୟନ୍ତ୍ରଣ କରିପାରିବେ । ଏଥିପାଇଁ ନିମ୍, ହଳଦୀ, କରଞ୍ଜ, ତୁଳସୀ, ପାଳଧୁଆ, ବେଗୁନିଆ ଆଦି ଗଛର ପତ୍ରର ରସ କିମ୍ବା ତେଲ ପ୍ରୟୋଗ ଦ୍ୱାରା ପ୍ରାରମ୍ଭିକ ଅବସ୍ଥାରେ ରୋଗପୋକ ନିୟନ୍ତ୍ରଣ ହୋଇପାରିବ । କିନ୍ତୁ ଜୈବିକ ଉପାୟରେ ରୋଗ ପୋକ ନିୟନ୍ତ୍ରଣ ଶତପ୍ରତିଶତ ହୋଇପାରେ ନାହିଁ। ପୁନଶ୍ଚ ନିର୍ଦ୍ଦିଷ୍ଟ ରୋଗପୋକର ନିରୋଧ ପାଇଁ ଉପଯୁକ୍ତ ଜୈବ ରସାୟନ ଏପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ । ତେଣୁ ନିର୍ଦ୍ଦିଷ୍ଟ ରୋଗପୋକ ଆକ୍ରମଣର ସୀମାରେଖା ଟପିଗଲେ ଜୈବ ରସାୟନର କାର୍ଯ୍ୟକାରିତା ସଫଳ ହୋଇପାରେ ନାହିଁ । ତେଣୁ ଫସଲକୁ ରୋଗପୋକ ଆକ୍ରମଣରୁ ରକ୍ଷାକରିବା ପାଇଁ ଜୈବିକ ବିଷ ସହ କିଛି ମାତ୍ରାରେ ରାସାୟନିକ ବିଷ ବ୍ୟବହାର କରିବାକୁ ପଡ଼ିବ । ଏହାକୁ ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କୁହାଯାଏ । ସେଥିପାଇଁ ଚାଷୀକୁ କିଛି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ।

ଅଦରକାରୀ ଘାସଲତା ଫସଲର ପରମଶତ୍ରୁ । ଏହାର ଦମନ ଦ୍ୱାରା ଫସଲ ଅମଳ ପ୍ରାୟ ୧୦ରୁ ୧୫ ଶତକଡ଼ା ବଢ଼ିଥାଏ । ଘାସର ଦମନ ପାଇଁ କେତେକ ତୃଣନାଶକ ରାସାୟନିକ ବିଷ କ୍ରୟକରି ଚାଷୀକୁ ଫସଲରେ ପ୍ରୟୋଗ କରିବାକୁ ପଡ଼ିବ। ତୃଣ ଦମନ ପାଇଁ ଏପର୍ଯ୍ୟନ୍ତ ଜୈବ ରସାୟନ ଔଷଧ ବାହାରିପାରିନାହିଁ । ଚାଷୀ ନିଜର ଶ୍ରମ ଦେଇ କିମ୍ବା ହାତ ତିଆରି ସରଳଯନ୍ତ୍ର ଦ୍ୱାରା ଘାସ ଦମନ କରିବାକୁ ପଡ଼ିବ, ଯାହାକି ସମୟ ସାପେକ୍ଷ। ଏହି ସମୟରେ ଫସଲର ଅମଳ ୨୫ ରୁ ୩୦ ଶତକଡ଼ା କମିଯିବ ।

ଦେଶର ପାର୍ବତ୍ୟ ଏବଂ ଜଙ୍ଗଲଭରା ସିକ୍କିମ ଏକମାତ୍ର ରାଜ୍ୟ ଯେଉଁ ରାଜ୍ୟରେ ସମ୍ପୂର୍ଣ୍ଣ ଜୈବକୃଷିକୁ ଚାଷୀ ଆପଣେଇଛନ୍ତି, କିନ୍ତୁ ଜିରୋ ବଜେଟ କୃଷିକୁ ନୁହେଁ । ସିକ୍କିମର ମାଟିରେ ଅଙ୍ଗାର ଅଂଶ ଅଧିକ ଏବଂ ଉର୍ବର । ତେଣୁ ରାସାୟନିକ ସାରର ଆବଶ୍ୟକତା ପ୍ରାୟ କମ୍ । ଦ୍ୱିତୀୟତଃ ଗଡ଼ାଣିଆ କ୍ଷେତରେ ରାସାୟନିକ ସାର ଧୋଇ ନଷ୍ଟ ହୁଏ । ଗଡ଼ାଣିଆ ଜମିରେ କୃଷିଯନ୍ତ୍ରପାତିର ବ୍ୟବହାର ସହଜ ହୋଇ ନ ଥିବାରୁ ଚାଷୀ ନିଜ ଶ୍ରମରେ ସୀମିତ ଜମିରେ ସବୁଦିନିଆ ପନିପରିବା ଚାଷ କରିପାରନ୍ତି । କିନ୍ତୁ ଚାଷୀକୁ ଉନ୍ନତ କିସମ ପନିପରିବା ବିହନ କିଣିବାକୁ ପଡ଼େ । ଝରଣା ଜଳକୁ ଅଟକାଇ ଚାଷୀ ଫସଲରେ ଜଳସେଚନ କରନ୍ତି । ସିକ୍କିମ ପରି କ୍ଷୁଦ୍ର ରାଜ୍ୟରେ ଜିରୋ ବଜେଟ କୃଷି ୭୦ ରୁ ୮୦ ଭାଗ ସଫଳ ହୋଇପାରେ । କିନ୍ତୁ ଆବଶ୍ୟକ ଫସଲ ଅମଳ ମିଳେ ନାହିଁ।



ଆଧୁନିକ କୃଷି ପଦ୍ଧତି ଦ୍ୱାରା ବର୍ତ୍ତମାନ ଦେଶର ୧୩୦ କୋଟି ଲୋକଙ୍କ ପାଇଁ ୨୩୮.୩୩ ମିଲିୟନ ଟନ ଖାଦ୍ୟଶସ୍ୟ ଉତ୍ପନ୍ନ ଦ୍ୱାରା ଦେଶ ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ ହୋଇପାରିଛି । ସମୀକ୍ଷାରୁ ଜଣାଯାଏ ଦେଶର ବର୍ଦ୍ଧିତ ଲୋକସଂଖ୍ୟା ହେତୁ ୨୦୫୦ ମସିହା ବେଳକୁ ଖାଦ୍ୟଶସ୍ୟ ପ୍ରାୟ ୩୩୩ ମିଲିୟନ ଟନ ଆବଶ୍ୟକ ହେବ । ଏହି ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ଜୈବ ଏବଂ ଜିରୋ ବଜେଟ କୃଷି ଦ୍ୱାରା ପ୍ରାୟ ସମ୍ଭବ ହୋଇପାରିବ ନାହିଁ । ଜିରୋ ବଜେଟ କୃଷି କେବଳ ନାମମାତ୍ର ଏବଂ କ୍ଷୁଦ୍ରଚାଷୀ ପକ୍ଷରେ କିଛିଟା ସମ୍ଭବ ହୋଇପାରେ । ମଧ୍ୟମ ଏବଂ ଧନୀଶ୍ରେଣୀର ଚାଷୀମାନଙ୍କ ପାଇଁ ଜିରୋ ବଜେଟ କୃଷି ଲାଭଜନକ କେତେଦୂର ସମ୍ଭବ ତାହା ବିଚାରଯୋଗ୍ୟ ।

– ପ୍ର.ସୁବୋଧ କୁମାର ସାହୁ
ଶୈଳଶ୍ରୀବିହାର, ଭୁବନେଶ୍ୱର, ମୋ: ୯୫୫୬୨୬୬୦୮୫

# ପ୍ରାଣୀ ଚିକିତ୍ସା ଦେଉଛି ଆତ୍ମସନ୍ତୋଷ



ପ୍ରିୟବ୍ରତ ରାଉତ

ପିଲାଟି ଦିନରୁ ତାଙ୍କର ପ୍ରାଣୀ(ଉଭୟ ଗୃହପାଳିତ ପଶୁ ଓ ପକ୍ଷୀ)ଙ୍କ ପ୍ରତି ଥିଲା ଅହେତୁକ ଦରଦ। ଆଉ ପ୍ରାଣୀଟିଏ ଦେଖିଲେ ତା'ର ମୁଣ୍ଡ, ଦେହ ଆଉଁସି ଦେଇ ସେବା କରିବାରେ ତାଙ୍କୁ ମିଳୁଥିଲା ଢେର ଆନନ୍ଦ। ପରବର୍ତ୍ତୀ ସମୟରେ ପ୍ରାଣୀ ଚିକିତ୍ସା ବିଭାଗରେ ହିଁ ମିଳିଲା ଚାକିରି। ପ୍ରାଣୀ ସେବାକୁ ନିଜର ବ୍ରତ ଭାବେ ଆଦରି ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟି କରିବାରେ ହୋଇଛନ୍ତି ସଫଳ । ସେ ହେଲେ ପ୍ରିୟବ୍ରତ ରାଉତ। ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ । ଭଦ୍ରକ ଜିଲା ବନ୍ତ ବ୍ଲକ ସରମରା ଗ୍ରାମରେ ତାଙ୍କର ଜନ୍ମ। ମା' ସାବିତ୍ରୀ ଓ ପିତାଙ୍କ ନାମ ଆନନ୍ଦ ଚନ୍ଦ୍ର ରାଉତ।

ପ୍ରାଣୀଙ୍କ ପ୍ରତି ଆନ୍ତରିକତା ଯୋଗୁ ସେ +୨ ଭୋକେସନାଲ ଶିକ୍ଷା ପରେ ପ୍ରାଣୀସେବା ସମ୍ପର୍କିତ କାର୍ଯ୍ୟଲାଗି ଆଗ୍ରହୀ ହେଲେ। ତେବେ ୨୦୧୧ରେ ମିଳିଗଲା ସୁଯୋଗ। ଏହିବର୍ଷ ସେ ନିଯୁକ୍ତି ପାଇ ସମ୍ବଲପୁରର ଚିପିଲିମାସ୍ଥିତ ଲାଇଭ୍‌ଷ୍ଟକ୍ ବ୍ରିଡିଙ୍ଗ ଫାର୍ମରେ ନେଲେ ପ୍ରଶିକ୍ଷଣ। ୨୦୧୨ରେ ବନ୍ତ ବ୍ଲକ ଆଡିଆ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପ୍ରଥମେ ନିଯୁକ୍ତି ପାଇଥିଲେ। ପ୍ରାଣୀ ନିରୀକ୍ଷକ ଭାବେ ଆରମ୍ଭ ହେଲା କର୍ମମୟ ଜୀବନ। ନିଶା ସହ ପେଶାର ହେଲା ସମ୍ମିଳନ। ଏହି କାର୍ଯ୍ୟରେ ସେ ସମ୍ପୂର୍ଣ୍ଣ ମନୋନିବେଶ କରିଦେଲେ। ସଫଳ ଚିକିତ୍ସା ପାଇଁ ଗୋପାଳକ ଓ ଚାଷୀମାନଙ୍କ ପାଖରେ ସେ ଏବେ ସୁପରିଚିତ। ଗୋଚର ଜମି ହ୍ରାସ ପାଉଥିବାରୁ ବିଭିନ୍ନ କିସମର ଘାସ ଚାଷ ଲାଗି ଓଡଙ୍ଗ ଅଞ୍ଚଳର ଚାଷୀଙ୍କୁ ପରାମର୍ଶ ସହ ସହଯୋଗ କଲେ। ଏବେ ସେଠାରେ ଗୋପାଳକମାନେ ନିଜ ଗାଈ ପାଇଁ ଘାସ ଉତ୍ପାଦନ କରାଇବାକୁ ସକ୍ଷମ ହେଉଛନ୍ତି। ବିଦେଶୀ ଗାଈଙ୍କଠାରୁ କୃତ୍ରିମ ପ୍ରଜନନ ମାଧ୍ୟମରେ ସଙ୍କର ଜାତୀୟ ବାଛୁରୀ ସୃଷ୍ଟି କରି ଗୋପାଳକମାନଙ୍କୁ ଲାଭବାନ ହେବାର ବାଟ ଦେଖାଇବା, ବେକାର ଯୁବକଙ୍କୁ ପଲ୍ଟ୍ରିଟାରୀ ଫାର୍ମ ମାଧ୍ୟମରେ ସ୍ୱାବଲମ୍ବୀ କରାଇବା କାର୍ଯ୍ୟ ସେ ଜାରୀ ରଖିଛନ୍ତି। ପ୍ରାଣୀ ଚିକିତ୍ସା ବ୍ୟତୀତ ବିଭିନ୍ନ ସାମାଜିକ କାମ କରି ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେ। ନିଖିଳ ଉତ୍କଳ ଜିଲା ଅଣ–ଗେଜେଟେଡ ବୈଷୟିକ କର୍ମଚାରୀ ସଂଘର ଭଦ୍ରକ ଜିଲା ଉପସଭାପତି ଭାବେ ୨୦୧୬ରୁ ଦାୟିତ୍ୱ ତୁଲାଉଛନ୍ତି। ଉତ୍ତମ ଚିକିତ୍ସା ସେବା ପାଇଁ ୨୦୧୭ରେ ହରେକୃଷ୍ଣ ମହତାବଙ୍କ ଜିଲା ସ୍ତରୀୟ ମହତାବ ଜୟନ୍ତୀ କମିଟି, ପଣ୍ଡିତ ପୁରୁଷୋତ୍ତମ କରଶର୍ମାଙ୍କ ଜୟନ୍ତୀ ସମାରୋହରେ ଭଦ୍ରକ ଶହୀଦ ସ୍ମୃତି ଭବନ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହାବ୍ୟତୀତ ପ୍ରାଣୀଙ୍କ ସମ୍ବନ୍ଧୀୟ ତାଙ୍କର ନିବନ୍ଧ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଛି। ଏବେ ସେ ଓଡଙ୍ଗ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପ୍ରାଣୀ ନିରୀକ୍ଷକ ଭାବେ କାର୍ଯ୍ୟରତ। ତେବେ କଥା କହି ପାରୁ ନ ଥିବା ଏହି ପ୍ରାଣୀଙ୍କର ଚିକିତ୍ସାରେ ନିଜକୁ ଆତ୍ମସନ୍ତୋଷ ମିଳିଥାଏ ବୋଲି କୁହନ୍ତି ପ୍ରିୟବ୍ରତ।

– ସନାତନ ରାଉତ

# ପନିପରିବାରେ ରୋଗପୋକ ଦମନ

ଖରାଦିନିଆ ପନପରିବା ଯଥା ଭେଣ୍ଡି କଖାରୁ,ତରଭୁଜ (ସୁଗାରବେବି) ଓ ଲାଉ (ପୁଷା ସମର ) ଆଦି ଲଗାଇବା କାମ ଶେଷ କରନ୍ତୁ। ଲଙ୍କା ଫସଲରେ ଉକୁଣୀଆ ପୋକ ଲାଗିଥିଲେ ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨.୫ମିଲି ହିସାବରେ ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣ ଏବଂ ଟମାଟୋରେ ବୀଜାଣୁ ଓ କବକ ଜନିତ ଝାଉଁଳା ରୋଗର ଦମନ ଲାଗି ପ୍ରତି ୧୦ ଲିଟର ପାଣିରେ ଏକ ଗ୍ରାମ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ସହିତ ୨୦ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ମୂଳ ମାଟି ଭିଜିଲା ଭଳି ସିଞ୍ଚନ କରନ୍ତୁ। ଟମାଟୋରେ ଫଳବିନ୍ଧା ପୋକ ଲାଗିବାର ଆଶଙ୍କା ଅଛି । ଏହାର ନିୟନ୍ତ୍ରଣ ସକାଶେ ପ୍ରତି ଏକ ଲିଟର ପାଣିରେ ୨ ମିଲି ଏଣ୍ଡୋସଲଫାନ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ୨୫୦ଏଲ.ଇ.ଏନ୍.ପିଭି. ପ୍ରୟୋଗ କରନ୍ତୁ।



## ସେବତୀ

ଫୁଲ ଆସିବା ଅବସ୍ଥାରେ ସେବତୀ ମୂଳରେ ପୁଆ ବାହାରିଲେ ସେଗୁଡିକୁ ବାହାର କରିଦିଅନ୍ତୁ ଏବଂ ଫୁଲ ସରିବା ପରେ ବାହାରୁଥିବା ପୁଆଗୁଡ଼ିକୁ ମାଆ ଗଛ ରୂପେ ବ୍ୟବହାର ପାଇଁ ରଖନ୍ତୁ। ମେଘୁଆ ପାଗରେ ସେବତୀରେ ଜଉପୋକର ଲାଗିବାର ଆଶଙ୍କା ରହିଥାଏ। ଏହାର ଦମନପାଇଁ ଏକର ପ୍ରତି ୪୦୦ମିଲି ମିଥାଇଲ ଡେମିଟନ୍ କିମ୍ବା ଡାଇମେଥୋଏଟ୍ ସିଞ୍ଚନ କରନ୍ତୁ।

**ଆମ୍ବ:** ଆମ୍ବ ବଉଳ ବାହାରିବା ସମୟରେ ଆମ୍ବ ଡାଆଣୀ,ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗ ହେବାର ଆଶଙ୍କା ଅଛି। ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ଗ୍ରାମ୍ ସଲ୍‌ଫର ସେଚିତ ଗୁଣ୍ଡ ଏବଂ ଆମ୍ବ ଡାଆଣୀରେ ଦମନ ଲାଗି ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ।



# ଚାଷୀଙ୍କ ପାଇଁ...

**ସୋରିଷ:** ଅଣଜଳସେଚିତ ଜମିରେ ଅକ୍ଟୋବର ମାସରେ ଲଗାଯାଇଥିବା ସୋରିଷରେ ଛୁଇଁ ହଳଦିଆପଡିଲେ ଅମଳ କରି ଖରାରେ ୨ରୁ ୩ଦିନ ଶୁଖାଇ ଅମଳ କରନ୍ତୁ। ସୋରିଷରେ ବିଛାପୋକ (ଲାର୍ଜର କ୍ୟାବେଜ୍ ମଥ୍)ର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ ମିଶାଇ ସିଞ୍ଚନ କରନ୍ତୁ।



**ରବି ସୂର୍ଯ୍ୟମୁଖୀ :** ଫଳବିନ୍ଧା ପୋକର ଦମନ ପାଇଁ ଜୈବ ଔଷଧ ଏକର ପ୍ରତି ୨୫୦ଏଲ.ଇ ଏନ.ପି.ଭି କିମ୍ବା ବି.ଟି.କେ ୫୦୦ଗ୍ରାମକୁ ୫୦୦ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ଆବଶ୍ୟକ ହେଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ ସିଞ୍ଚନ କରନ୍ତୁ।

# ନିମ୍ବର ବ୍ୟବହାର...



**ନିମ୍ବଶସ:** ଫଳ ପାକଳ ହେଲା ପରେ ସେଥିରୁ ମଞ୍ଜି ବାହାର କରି ଶସକୁ ଖରାରେ ଶୁଖାଯାଏ। ଭଲ ଭାବରେ ଶୁଖିଗଲା ପରେ ଶସକୁ ଗୁଣ୍ଡ କରି ଦିଆଯାଏ। ୩୦୦ ଗ୍ରାମ୍ ଗୁଣ୍ଡକୁ ୧ ଲିଟର ପାଣିରେ ୩୦ ମିନିଟ୍ ପର୍ଯ୍ୟନ୍ତ ଭଲ ଭାବରେ ଘଣ୍ଟାଯାଏ। ଏହି ଦ୍ରବଣ ବା ମିଶ୍ରଣକୁ କୀଟ ନିୟନ୍ତ୍ରକ ହିସାବରେ ବ୍ୟବହାର କରାଯାଏ। ନିମ୍ବ ଶସରୁ ପ୍ରସ୍ତୁତ କୀଟନାଶକକୁ ପ୍ରତି ୧ ଲିଟର ପାଣି ପ୍ରତି ୫ ମି.ଲି. ହିସାବରେ ଫସଲରେ ସିଞ୍ଚନ କରାଯାଇ କୀଟ ନିୟନ୍ତ୍ରଣ କରାଯାଏ। ଏହା ସାଧାରଣତଃ ଧାନର କେଣ୍ଡାକଟା ପୋକ, ମାଟିଆଗୁଣ୍ଡି, ହଳଦୀଗୁଣ୍ଡି, ନଳିପୋକ, ଗନ୍ଧିପୋକ, ଉକୁଣିଆ ପୋକ, ଅଷ୍ଟପଦୀ, ସୋରିଷ ଏବଂ କପା ଫସଲର ଜଉପୋକ, ଡାଲିଜାତୀୟ ଫସଲର ଛୁଇଁବିନ୍ଧା ପୋକ, ବିରିର ଚେରଗଣ୍ଠି ନିମାଟୋଡ୍ ରୋଗ, କପାର ଧଳାମାଛି, ବାଇଗଣର ଜଉ ପୋକ, ଫଳବିନ୍ଧା ପୋକ ଓ ଆମ୍ବର ଡାଆଣୀ ନିମନ୍ତେ ପ୍ରୟୋଗ କରାଯାଏ।

**ନିମ୍ବଛେଲି ବା ବକଳା:** ନିମ୍ବଗଛର ଛେଲି ବା ବକଳାକୁ ଗୁଣ୍ଡ କରି ବାଇଗଣ ଓ ଟମାଟୋ ଗଛମୂଳରେ ଦେଲେ ସମସ୍ତ ପ୍ରକାରର କବକ, ଶାକାଣୁ ଏବଂ ସୂତ୍ର କୃମିଜନିତ ଝାଉଁଳା ରୋଗ ନିୟନ୍ତ୍ରଣ ହୋଇଥାଏ। ସାଧାରଣତଃ ଏକର ପ୍ରତି ୧୦ କେ.ଜି. ନିମ୍ବ ଛେଲିଗୁଣ୍ଡ ଦରକାର ପଡ଼ିଥାଏ।





ନୂଆ ଚେତକ୍ ଇ-ସ୍କୁଟରକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପୁଣେ ଏବଂ ବାଙ୍ଗାଲୋର ସହରରେ ଉପଲବ୍ଧ କରାଯାଇଛି। ଏଥିଲାଗି ଜାନୁୟାରୀ ୧୫ରୁ ବୁକିଂ ଆରମ୍ଭ ହେବ।

–ରାକେଶ ଶର୍ମା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,ବଜାଜ ଅଟୋ ଲିମିଟେଡ



୨୦୨୨ ସୁଦ୍ଧା ଟ୍ରେନ ଓ ଷ୍ଟେଶନରେ ଲୋକଙ୍କ ଚାହିଦା ଅନୁଯାୟୀ କଣ୍ଟେଣ୍ଟ ସେବା(ସିଓଡି) ଯୋଗାଇ ଦିଆଯିବ। ଏହା ଦ୍ୱାରା ଅଣଭଡା ରାଜସ୍ୱ ବୃଦ୍ଧି ହେବା ନେଇ ଅଶାବାଦୀ।

– ପୁନୀତ ଚାୱ୍‌ଲା, ରେଲଟେଲ୍ ସିଏମ୍‌ଡି

# ୮ ମାସର ସର୍ବୋଚ୍ଚ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୪-୧



- ଜାନୁୟାରୀରେ ୮% ଛୁଇଁବ ମୁଦ୍ରାସ୍ଫୀତି
- ଖାଦ୍ୟ ସାମଗ୍ରୀ ଦରଦାମ ଲଗାତର ବଢୁଛି
- ଆର୍‌ବିଆଇ ମୁଦ୍ରାନୀତି ଉପରେ ପ୍ରଭାବ ପକାଇବ
- ଖୁଚୁରା ମୁଦ୍ରାସ୍ଫୀତି ସାଢ଼େ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତରରେ

ଏବେ ଖୁଚୁରା ମୁଦ୍ରାସ୍ଫୀତି ସାଢେ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଥିବା ବେଳେ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ବଢିଥିବା ଜଣାପଡିଛି। ଡିସେମ୍ବରରେ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫୀତି ୮ ମାସର ସର୍ବୋଚ୍ଚ ସ୍ତରରେ ରହିବା ସହ ୨.୫୯ ସ୍ତରକୁ ବଢିଛି। ଚଳିତ ଆର୍ଥିକ ବର୍ଷ ନଭେମ୍ବରରେ ଏହା ୦.୫୮% ରହିଥିଲା। ପିଆଜ,ଆଳୁ ଏବଂ ଖାଦ୍ୟ ସାମଗ୍ରୀ ଦରଦାମ ବଢିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ମାସିକ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫୀତି ସୁଚକାଙ୍କ(ଡବ୍ଲ୍ୟୁପିଆଇ) ୨୦୧୯ ଏପ୍ରିଲରେ ୩.୨୪% ରେକର୍ଡ କରାଯାଇଥିଲା। ସେହିଭଳି ଡିସେମ୍ବର ୨୦୧୮ରେ ଏହା ୩.୪୬% ସ୍ତରରେ ରହିଥିଲା। ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ମୁଦ୍ରାସ୍ଫୀତି ୨.୪୨% ହାରରେ ବଢିଥିଲା। ଏହା ଗୋଟିଏ ବର୍ଷ ପୂର୍ବେ ସମାନ ସମୟରେ ୨.୯୨% ହାରରେ ବଢିଥିଲା ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଇକୋନୋମିକ ଆଡଭାଇଜର କାର୍ଯ୍ୟାଳୟ ପକ୍ଷରୁ ଜାରି ତଥ୍ୟରୁ ସାମ୍ନାକୁ ଆସିଛି।

ଏହି ସମୟରେ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ୧୩.୧୨ % ରହିଛି। ଏହା ପୂର୍ବରୁ ୧୧% ରହିଥିଲା। ୨୦୧୯ ନଭେମ୍ବରରେ ଅଣ ଖାଦ୍ୟ ସାମଗ୍ରୀ ବର୍ଗରେ ଦରଦାମ ବୃଦ୍ଧି ୧.୯୩% ରହିଥିଲା ଯାହା ଡିସେମ୍ବର ମାସରେ ୪ ଗୁଣ ବଢି ୭.୭୨% ସ୍ତର ଛୁଇଁଛି। ଖାଦ୍ୟ ସାମଗ୍ରୀ ବର୍ଗରେ ପନିପରିବା ଦର ୬୯.୬୯% ବଢିଛି। ଏହା ବିଶେଷ କରି ପିଆଜ ଦର ବଢିବା ଯୋଗୁ ହୋଇଥିବା ଜଣାପଡିଛି। ପିଆଜ ଦର ୪୫୫.୮୩% ବଢିଥିବା ବେଳେ ଆଳୁର ଦରଦାମ ୪୪.୯୭% ବଢିଥିବା ସାମ୍ନାକୁ ଆସିଛି। ବର୍ତ୍ତମାନ ମଧ୍ୟ ଦେଶର ବିଭିନ୍ନ ସ୍ଥାନରେ ପିଆଜ ଦର ୧୦୦ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ମୁଦ୍ରାସ୍ଫୀତି ଏବେ ଏବେ ଉଚ୍ଚରେ ରହିଥିବା ବେଳେ ଫେବୃୟାରୀରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ସମୀକ୍ଷା ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାର କମାଇବ ନାହିଁ ବୋଲି ବିଶେଷଜ୍ଞ ମତ ରଖିଛନ୍ତି। ଆଗାମୀ ମାସ ଗୁଡିକରେ ଦରଦାମ ଉଚ୍ଚରେ ରହିଲେ ସିପିଆଇ ମଧ୍ୟ ଉଚ୍ଚ ସ୍ତରରେ ରହିବ ବୋଲି କୁହାଯାଇଛି।

ଜାନୁୟାରୀରେ ମୁଦ୍ରାସ୍ଫୀତି ୮% ଛୁଇଁବା ନେଇ ଏସ୍‌ବିଆଇ ଇକୋନୋମିକ ରିପୋର୍ଟ ପକ୍ଷରୁ କୁହାଯାଇଛି। ଏବେ ଅଭିବୃଦ୍ଧି ନିମ୍ନରେ ରହିଛି। ଦରଦାମ ମଧ୍ୟ ବଢି ଚାଲିଛି। ଏଭଳି ସ୍ଥିତି ଆଗାମୀ ଦିନଗୁଡିକରେ ଲାଗି ରହିଲେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାର କମାଇ ନ ପାରେ ବୋଲି କୁହାଯାଇଛି। ମାନୁଫାକଚର୍ଡ ପ୍ରଡକ୍ଟ କ୍ଷେତ୍ରରେ ମୁଦ୍ରାସ୍ଫୀତି କମିବା ସହ (-) ୦.୨୫% ରହିଛି। ଏହାବାଦ ଇନ୍ଧନ ଏବଂ ଶକ୍ତି କ୍ଷେତ୍ରରେ ଏହା ଯଥାକ୍ରମେ (-)୧.୪୬ ରହିଛି ଯାହା ପୂର୍ବରୁ (-) ୭.୩୨ ରହିଛି। ଏହି ସମୟରେ ପ୍ରାଥମିକ ସାମଗ୍ରୀ ମୂଲ୍ୟ ଗ୍ରୁପ ଭାବେ ବିଚାର କଲେ ୧୧.୪୬% ବଢିଛି। ଏହା ଗୋଟିଏ ମାସ ପୂର୍ବରୁ ୭.୬୮% ରହିଥିଲା। ପାଇକାରୀ ମୂଲ୍ୟ ସୂଚୀରେ ପ୍ରାଥମିକ ସାମଗ୍ରୀର ଅଂଶ ପ୍ରାୟ ୨୨% ରହିଛି। ଏହା ମଧ୍ୟରେ ଖାଦ୍ୟ ସାମଗ୍ରୀ, ଅଣ ଖାଦ୍ୟ ସାମଗ୍ରୀ, ଖଣିଜ, ଅଶୋଧିତ ତୈଳ ଏବଂ ପ୍ରାକୃତିକ ବାଷ୍ପ ସାମିଲ ରହିଛି।

# ମାଇକେଲ ପାତ୍ରଙ୍କୁ ଆର୍‌ବିଆଇରେ ନୂଆ ଦାୟିତ୍ୱ

ନୂଆଦିଲ୍ଲୀ,୧୪-୧

**ମୁଦ୍ରାସ୍ଫୀତି,ଜିଡିପି ହେବ ଚ୍ୟାଲେଞ୍ଜ**



ମାଇକେଲ ଦେବବ୍ରତ ପାତ୍ର

ରିଜର୍ଭ ବ୍ୟାଙ୍କର ଗଭର୍ନର ପଦବୀରେ ଶକ୍ତିକାନ୍ତ ଦାସ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ଟିମ୍‌ରେ ଡେପୁଟି ଗଭର୍ନର ଭାବେ ଓଡ଼ିଶାର ବିଭୁ ପ୍ରଶାଦ କାନୁନଗୋ ରହିଛନ୍ତି। ଏହି ଶିର୍ଷ ଟିମ୍‌ରେ ନୂଆ କରି ଆଉ ଜଣେ ଓଡ଼ିଆ ଯୋଗ ଦେଇଛନ୍ତି। ନୂଆ ଡେପୁଟି ଗଭର୍ନର ମାଇକେଲ ଦେବବ୍ରତ ପାତ୍ରଙ୍କୁ ଏହି ଟିମ୍‌ରେ ସରକାର ସାମିଲ କରିଛନ୍ତି। ପାତ୍ର ଏହା ପୂର୍ବରୁ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ (ଇଡି) ଭାବେ କାର୍ଯ୍ୟରତ ଥିଲେ। ୧୯୮୫ରେ ରିଜର୍ଭ ବ୍ୟାଙ୍କରେ ଯୋଗ ଦେଇଥିବା ପାତ୍ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି। ସେ ୩ ବର୍ଷ ଲାଗି ନୂଆ ପଦବୀରେ କାର୍ଯ୍ୟ କରିବେ। ୨୦୦୫ରେ ଆର୍‌ବିଆଇ ମୁଦ୍ରାନୀତି କମିଟି ବିଭାଗକୁ ଆସିବା ପୂର୍ବରୁ ସେ ଅର୍ଥନୈତିକ ବିଶେଷ୍ଲଣ ଏବଂ ନୀତି ବିଭାଗରେ ପରାମର୍ଶଦାତା ତଥା ଇଣ୍ଟରନ୍ୟାଶନାଲ ଫାଇନାନ୍ସ, ମନି ଆଣ୍ଡ ବ୍ୟାଙ୍କିଙ୍ଗ ବିଭାଗର ଇନଚାର୍ଜ ଭାବେ କାର୍ଯ୍ୟ କରିଛନ୍ତି। ସେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ମୁମ୍ବାଇରୁ ଅର୍ଥନୀତିରେ ପିଏଚ୍‌ଡି ହାସଲ କରିଛନ୍ତି। ହାଭାର୍ଡ ବିଶ୍ୱବିଦ୍ୟାଳୟରେ ଆର୍ଥିକ ସ୍ଥିରତା ବିଭାଗରେ ପୋଷ୍ଟ ଡକ୍ଟରାଲ ରିସର୍ଚ୍ଚ ମଧ୍ୟ କରିଛନ୍ତି। ଆଇଏମ୍‌ଏଫ୍ ଇନଷ୍ଟିଚ୍ୟୁଟ ଅନ୍ ଫାଇନାନସିଆଲ ପ୍ରୋଗ୍ରାମିଙ୍ଗ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡର ସେଣ୍ଟର ଫର ସେଣ୍ଟ୍ରାଲ ବ୍ୟାଙ୍କିଙ୍ଗ ଷ୍ଟଡିଜରେ ପାତ୍ର ପ୍ରଫେଶନାଲ ତାଲିମ ଗ୍ରହଣ କରିଛନ୍ତି।

ମୁଦ୍ରାସ୍ଫୀତି ଲକ୍ଷ୍ୟ, ନଗଦ ପରିଚାଳନା ଏବଂ ମାକ୍ରୋ ଇକୋନୋମି ଭଳି ବିଭିନ୍ନ ଦିଗରେ ସେ ବର୍ତ୍ତମାନ ନୂଆ ଦାୟିତ୍ୱରେ କାର୍ଯ୍ୟ କରିବେ। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ୨୦୧୯ରେ ଲଗାତର ରେପୋ ରେଟ ହ୍ରାସ ବେଳେ ସେ ଭୋଟ ଦେଇଥିଲେ। ମାତ୍ର ଡିସେମ୍ବର ମୁଦ୍ରାନୀତି କମିଟି ବୈଠକରେ ସୁଧହାରରେ ବିରତି ନେଇ ପାତ୍ରଙ୍କ ସମେତ କମିଟିର ଅନ୍ୟ ମାନେ ଭୋଟ କରିଥିବା ଦେଖାଯାଇଥିଲା। ଅର୍ଥ ବ୍ୟବସ୍ଥା ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଖୁଚୁରା ମୁଦ୍ରାସ୍ଫୀତି ସାଢେ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଛି। ଦେଶର ଅର୍ଥ ବ୍ୟବସ୍ଥାର ସ୍ଥିତି ଠିକ୍ ନ ଥିବା କାରଣରୁ ୨୦୧୯-୨୦ରେ ଜିଡିପି ହାର ୫% ରହିବ ବୋଲି ଆର୍‌ବିଆଇ ପୂର୍ବାନୁମାନ କରିଛି। ଏଭଳି ବିଭିନ୍ନ ପ୍ରସଙ୍ଗ ପାତ୍ରଙ୍କ ଲାଗି ଚ୍ୟାଲେଞ୍ଜ ହେବ ବୋଲି କୁହାଯାଇଛି।

# ସୁନା ଅଳଙ୍କାରରେ ହଲ୍‌ମାର୍କ ହେବ ବାଧ୍ୟତାମୂଳକ



**୨୦୨୧ ଜାନୁୟାରୀ ୧୫ ଠାରୁ ଲାଗୁ ହେବ**

**ନୂଆଦିଲ୍ଲୀ,୧୪-୧:** ଏଣିକି ଦେଶ ମଧ୍ୟରେ ସୁନା ଅଳଙ୍କାର ଏବଂ କଳାକୃତିର ହଲମାର୍କକୁ ବାଧ୍ୟତାମୂଳକ କରାଯିବ। ୧୫ ଜାନୁୟାରୀ ୨୦୨୦ଠାରୁ ହଲମାର୍କିଂ ବାଧ୍ୟତାମୂଳକ ଲାଗି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯିବ। ୨୦୨୧ ଜାନୁୟାରୀ ୧୫ଠାରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ସାରା ଦେଶରେ ବାଧ୍ୟତାମୂଳକ କରାଯିବ। ନିୟମ ଲାଗୁ କରିବା ଲାଗି ଗୋଟିଏ ବର୍ଷ ସମୟ ଦିଆଯିବ ବୋଲି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମ ବିଳାସ ପାଶ୍ୱାନ ମଙ୍ଗଳବାର ସୂଚନା ଦେଇଛନ୍ତି। ହଲମାର୍କିଂକୁ ବାଧ୍ୟତାମୂଳକ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ପାଶ୍ୱାନ କହିଛନ୍ତି। ଏହା ଦ୍ୱାରା ଅଳଙ୍କାରର ଶୁଦ୍ଧତା ବଜାୟ ରହିବ। ଅଳଙ୍କାର ଆଣିବା ସମୟରେ ଗ୍ରାହକମାନେ ଆଉ ଠକେଇରେ ପଡିବେ ନାହିଁ। କେବଳ ୧୪,୧୮ ଏବଂ ୨୨ କ୍ୟାରେଟ ବର୍ଗରେ ସୁନା ଅଳଙ୍କାର ରହିବ। ଏହା ଦ୍ୱାରା ଦୁର୍ନୀତିକୁ ରୋକାଯାଇ ପାରିବ ବୋଲି ସେ ମତ ରଖିଛନ୍ତି। ହଲମାର୍କିଂ ବାଧ୍ୟତାମୂଳକ ହେବା ପରେ ନିୟମ ଉଲଂଘନ କ୍ଷେତ୍ରରେ ୧ ଲକ୍ଷ ଟଙ୍କାଠାରୁ ଆରମ୍ଭ କରି ଠକାମି ହୋଇଥିବା ଗହଣାର ୫ ଗୁଣା ପର୍ଯ୍ୟନ୍ତ ଜରିମାନା କିମ୍ବା ଜେଲ ଦଣ୍ଡ ହେବ। ନିୟମ ଲାଗୁ କରିବା ଲାଗି ୧ ବର୍ଷ ସମୟ ଦିଆଯିବ। ଏହି ସମୟ ମଧ୍ୟରେ ବ୍ୟବସାୟୀମାନେ ପଞ୍ଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଏବଂ ପୁରୁଣା ସାମଗ୍ରୀକୁ ବିକ୍ରି କରି ପାରିବେ ବୋଲି ସେ ମତ ରଖିଛନ୍ତି।

# ଦିନକରେ ୧୭ ହଜାର ଏଲ୍‌ଆଇସି ପଲିସି ବିକ୍ରି ରେକର୍ଡ

**ନୂଆଦିଲ୍ଲୀ,୧୪-୧:** ବଲିଉଡର ପ୍ରତିଷ୍ଠିତ ଅଭିନେତା ରାଜ କପୁରଙ୍କ ଝିଅ ରିତୁ ନନ୍ଦାଙ୍କର ମଙ୍ଗଳବାର ପରଲୋକ ହୋଇଛି। ରିତୁ ଏକ ସମୟରେ ଏଲ୍‌ଆଇସିର ଜଣେ ଶୀର୍ଷ ଏଜେଣ୍ଟ ରହିଥିବା ହୁଏତ ଅନେକଙ୍କୁ ଜଣାନଥିବ। ଗୋଟିଏ ଦିନରେ ଏଲ୍‌ଆଇସିର ୧୭ ହଜାର ପେନଶନ ପଲିସି ବିକ୍ରି ରେକର୍ଡ ତାଙ୍କ ନାମରେ ରହିଥିଲା। ଏହି କ୍ଷେତ୍ରରେ ସେ କେତେ ସଫଳ ଥିଲେ ତାହା ଅନୁମାନ କରାଯାଇପାରେ। ରିତୁଙ୍କ ପରିବାର ସିନେମା ଶିଳ୍ପ ସହ ଜଡିତ ଥିବା ବେଳେ ସେ ନିଜେ ଭିନ୍ନ କ୍ୟାରିୟର ଚୟନ କରିଥିଲେ। ଏସ୍କର୍ଟ ଗ୍ରୁପର ପୂର୍ବତନ ଅଧ୍ୟକ୍ଷ ରାଜନ ନନ୍ଦାଙ୍କ ସହ ତାଙ୍କର ବିବାହ ହୋଇଥିଲା। ରିତୁଙ୍କ ପୁଅ ନିଖିଲ ନନ୍ଦା ଅମିତାଭଙ୍କ ଝିଅଙ୍କୁ ବିବାହ କରିଛନ୍ତି। ରିତୁ କ୍ୟାରିୟର ଆରମ୍ଭରେ ବାଣିଜ୍ୟ କାରବାରକୁ ଓହ୍ଲାଇ ଥିଲେ। ମାତ୍ର ଏଥିରେ ସେ ବିଫଳ ହୋଇଥିଲେ। ଏହା ପରେ ସେ ବୀମା କ୍ଷେତ୍ରରେ ପାଦ ରଖିଥିଲେ। ଏହା ପରେ ସେ ଷ୍ଟାର ହୋଇ ଯାଇଥିଲେ। ସେ ରତୁ ନନ୍ଦା ଇନସ୍ୟୁରାନ୍ସ ସର୍ଭିସ ନାମରେ ଏକ କମ୍ପାନୀ ଖୋଲିଥିଲେ। ନ୍ୟୁଜ ଏଜେନ୍ସି ଆଇଏଏନ୍‌ଏସ୍ ରିପୋର୍ଟ ମୁତାବକ ଗୋଟିଏ ଦିନରେ ୧୭ ହଜାର ଇନସ୍ୟୁରାନ୍ସ ପଲିସି ବିକ୍ରି ରେକର୍ଡ ତାଙ୍କ ନାମରେ ରହିଛି। ଏହାବାଦ ସେ ଅନେକ ସଫଳତା ହାସଲ କରିଥିଲେ। ଏଲ୍‌ଆଇସି ପକ୍ଷରୁ ବେଷ୍ଟ ଇନସ୍ୟୁରାନ୍ସ ଆଡଭାଇଜର ଅଫ୍ ଦ ଡିକେଡ ଆୱାର୍ଡ ମଧ୍ୟ ତାଙ୍କ ନାମରେ ରହିଛି।

# ରାଘବେନ୍ଦ୍ର ସମବାୟ ବ୍ୟାଙ୍କ ଉପରେ ଆର୍‌ବିଆଇର କଟକଣା

**ନୂଆଦିଲ୍ଲୀ,୧୪-୧:** ପଞ୍ଜାବ ଏବଂ ମହାରାଷ୍ଟ୍ର କୋଅପରେଟିଭ (ପିଏମ୍‌ସି) ବ୍ୟାଙ୍କ ପରେ ରିଜର୍ଭ ବ୍ୟାଙ୍କ କର୍ନାଟକର ରାଘବେନ୍ଦ୍ର ସହକାର ବ୍ୟାଙ୍କ ଉପରେ ଉଠାଣ ନେଇ କଟକଣା ଜାରି କରିଛି। ଏହି ବ୍ୟାଙ୍କରୁ ଗ୍ରାହକ ଥରକେ କେବଳ ୩୫ ହଜାର ଟଙ୍କା ଉଠାଣ କରିବା ନେଇ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି। ଏହି ବ୍ୟାଙ୍କ ଆଗାମୀ ୬ ମାସ ଯାଏ ରିଜର୍ଭ ବ୍ୟାଙ୍କର ବିନା ଅନୁମତିରେ କୌଣସି ନୂଆ ଋଣ କିମ୍ବା ନିବେଶ କରି ପାରିବ ନାହିଁ। ବ୍ୟାଙ୍କର ଲାଇସେନ୍ସ ଏବେ ଯାଏ ରଦ୍ଦ ହୋଇନାହିଁ। ବ୍ୟାଙ୍କର ସ୍ଥିତି ନ ସୁଧୁରିବା ଯାଏ ଏଭଳି କଟକଣା ଲାଗି ରହିବ। ଏହି ସମୟ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କର ତତ୍ତ୍ୱାବଧାନରେ ଉକ୍ତ ସମବାୟ ବ୍ୟାଙ୍କର କାମକାର୍ଯ୍ୟ ଚାଲୁ ରହିବ। ଶୁକ୍ରବାର ପରଠାରୁ ବ୍ୟାଙ୍କ ଉପରେଏଭଳି କଟକଣା ଲାଗୁ ହୋଇଛି।





ତିନି ବର୍ଷ ବ୍ୟବଧାନରେ ଜାତୀୟ ଦଳକୁ ଫେରିବା ଦ୍ୱାରା ମୁଁ ନିଜକୁ ଜଣେ ନବାଗତ ଖେଳାଳି ଭଳି ମନେକରୁଛି ।

–ଡ୍ୱେନ ବ୍ରାଭୋ, ଓ୍ବେଷ୍ଟଇଣ୍ଡିଜ ଅଲରାଉଣ୍ଡର



ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସଭାପତି ଦାୟିତ୍ୱ ଅପେକ୍ଷା ଜଣେ ବ୍ୟାଟ୍ସମ୍ୟାନ ହିସାବରେ ଚାପରେ ରହି ବ୍ୟାଟିଂ କରିବା ଅଧିକ କଷ୍ଟକର ।

–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି

## ସଂକ୍ଷେପରେ

### ପନ୍ତଙ୍କ ସ୍ଥାନରେ କିପିଂ କଲେ ରାହୁଲ

**ମୁମ୍ବାଇ, ୧୪।୧ (ପି.ଟି.):** ମଙ୍ଗଳବାର ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ରିଷଭ ପନ୍ତଙ୍କ ହେଲ୍‌ମେଟରେ ଜୋର୍‌ରେ ବଲ୍ ବାଜିଛି। ୪୩ତମ ଓଭରରେ ଅଷ୍ଟ୍ରେଲିଆ ସ୍ପିଡ୍‌ଷ୍ଟର ପ୍ୟାଟ୍ କୁମିନ୍ସ ବୋଲିଂ କରୁଥିବାବେଳେ ଦ୍ୱିତୀୟ ବଲ୍‌ଟି ପନ୍ତଙ୍କ ବ୍ୟାଟ୍‌ରେ ସ୍ପର୍ଶ ହୋଇ ହେଲମେଟରେ ଲାଗିଥିଲା। ହେଲମେଟରେ ବାଜିବାପରେ ବଲ୍‌ଟି ପଏଣ୍ଟ ଅଞ୍ଚଳକୁ ଯାଇଥିଲା ଏବଂ ଆଷ୍ଟନ ଟର୍ନର ଏହାକୁ କ୍ୟାଚ କରିଥିଲେ। ବିଳମ୍ବରେ ହେଲେ ମଧ ଅମ୍ପାୟର ଏହାକୁ ଆଉଟ ନିଷ୍ପତ୍ତି ଦେଇଥିଲେ। ପନ୍ତ ୨୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଏହି ଆଘାତ ଯୋଗୁ ପନ୍ତ ଉଇକେଟ କିପିଂ କରିବାକୁ ପଡ଼ିଆକୁ ଓହ୍ଲାଇ ନ ଥିଲେ। ନୂଆ କନକ୍ଲୁଜନ ନିୟମ ଅନୁସାରେ ତାଙ୍କ ସ୍ଥାନରେ ଲୋକେଶ ରାହୁଲ ଉଇକେଟ କିପିଂ କରିଥିଲେ। ଅତିରିକ୍ତ ଖେଳାଳିଭାବେ ମନୀଷ ପାଣ୍ଡେ ଫିଲ୍ଡିଂ କରିବାକୁ ପଡ଼ିଆକୁ ଆସିଥିଲେ।

### ଡୋପିଂ ମାମଲା: ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ୨ବର୍ଷ ବାସନ୍ଦ

**ଲଣ୍ଡନ, ୧୪।୧ (ଏପି):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୧୮ରେ ମହିଳା ୧୦୦ମିଟର ସ୍ୱର୍ଣ୍ଣ ପଦକ ବିଜୟିନୀଙ୍କୁ ୨ବର୍ଷ ବାସନ୍ଦ କରାଯାଇଛି। ଡୋପ୍ ପରୀକ୍ଷକମାନଙ୍କୁ ସେ ତାଙ୍କର ଅବସ୍ଥିତି ସମ୍ପର୍କରେ ଅବଗତ କରାଇ ନ ଥିବାରୁ ଏହି ଦଣ୍ଡବିଧାନ କରାଯାଇଛି। ୨୦୧୮ରୁ ୨୦୧୯ ପର୍ଯ୍ୟନ୍ତ ୧୨ ମାସ ମଧ୍ୟରେ ୩ ଥର ହୋଇଥିବା ଡୋପ୍ ଟେଷ୍ଟକୁ ତ୍ରିନିଦାଦ୍ ଟୋବାଗୋର ମିସେଲି ଲି ଆହ୍ୟେ ଫାଙ୍କି ଦେଇଥିଲେ। ଏଥିପାଇଁ ତାଙ୍କୁ ଗତ ବର୍ଷ ପ୍ରଥମେ ଅଗଷ୍ଟ ୩୦ରୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ କହିବା ଅନୁସାରେ ବାସନ୍ଦ ଦଣ୍ଡ ୨୦୧୯ ଏପ୍ରିଲ ୧୯ରୁ ଗଣତି ହେବ। ମିସେଲି ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୦୦ମିଟର ଟାଇଟଲ ଜିତିଥିଲେ। ସେ ଗତବର୍ଷ ପାନ୍ ଆମେରିକାନ ଗେମ୍ସରେ ରୌପ୍ୟ ହାସଲ କରିଥିଲେ। ଏହାଛଡ଼ା ସେ ଅଲିମ୍ପିକ୍ସରେ ମଧ ଭାଗ ନେଇଛନ୍ତି।

# ଭାରତକୁ ଅଷ୍ଟ୍ରେଲିଆ ଝଟ୍‌କା

**ମୁମ୍ବାଇ, ୧୪।୧**

ନିକଟ ଅତୀତରେ ପ୍ରଭାବୀ ପ୍ରଦର୍ଶନ କରି କ୍ରିକେଟ ଜଗତରେ ଚର୍ଚ୍ଚାରେ ରହି ଆସୁଥିବା ଭାରତକୁ ଶକ୍ତ ଝଟ୍‌କା ଦେଇଛି ଅଷ୍ଟ୍ରେଲିଆ। ଉଭୟ ବ୍ୟାଟିଂ ଓ ବୋଲିଂରେ ବିଫଳତାର ପରିଣାମ ଭୋଗିଲା ବିରାଟ କୋହଲିଙ୍କ ଦଳ। ୨୫୫ ରନ ଅତ୍ୟନ୍ତ ମାମୁଲି ସାବ୍ୟସ୍ତ ହେଲା। ୧୦ ଉଇକେଟରେ ପରାଜିତ ହେଲା ଟିମ୍ ଇଣ୍ଡିଆ। ୨୫୦ରୁ ଅଧିକ ରନ କରି ୧୦ ଉଇକେଟରେ ହାରିବା ଥିଲା ଭାରତ ପାଇଁ ପ୍ରଥମ ଅନୁଭୂତି। ୱାଙ୍ଖେଡେ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ବିପକ୍ଷରେ ଦମ୍‌ଦାର ବିଜୟ ହାସଲ କଲା ଅଷ୍ଟ୍ରେଲିଆ। ଅପରାଜିତ ଶତକ ସହ ଅଷ୍ଟ୍ରେଲିଆ ପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହେଲେ ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ୍। ଭାରତ ପାଇଁ ଏହାଥିଲା ଅନ୍ୟତମ ନିକୃଷ୍ଟ ବୋଲିଂ ଏବଂ ବୃହତ୍ ପରାଜୟ। ଭାରତ ପକ୍ଷରୁ ଧାର୍ଯ୍ୟ ୨୫୬ ରନର ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ କୌଣସି ଉଇକେଟ ନ ହରାଇ ମାତ୍ର ୩୭.୪ ଓଭରରେ ୨୫୮ ରନ ସଂଗ୍ରହ କରି ନେଇଥିଲା। ବିସ୍ଫୋରକ ଓପନର ୱାର୍ନର ୧୧୨ ବଲ୍‌ରୁ ୧୭ ଚୌକା ଓ ୩ ଛକା ସହାୟତାରେ ୧୨୮ ଓ ଫିଞ୍ଚ୍ ୧୧୪ ବଲ୍‌ରୁ ୧୩ ଚୌକା ଓ ୨ ଛକା ସହ ୧୧୦ ରନରେ ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ନିକଟରେ ଭାରତୀୟ ବୋଲିଂ ଅତ୍ୟନ୍ତ ଅସହାୟ ମନେ ହୋଇଥିଲା। ୫ ଜଣ ଯାକ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଦିନିକିଆ କ୍ରିକେଟରେ ୫୦୦୦ ରନ ପୂରଣ କରିଥିବା ୱାର୍ନର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଦୁଇ ଶତକ ହାସଲକାରୀ ଡେଭିଡ୍ ୱାର୍ନର ଓ ଆରୋନ ଫିଞ୍ଚ୍।

ଏହି ବିଜୟ ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି ଅଷ୍ଟ୍ରେଲିଆ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଭାରତ। ପୂର୍ବ ନିର୍ଦ୍ଧାରିତ ରଣନୀତି ଅନୁସାରେ ରୋହିତ ଶର୍ମା ଓ ଶିଖର ଧାୱନ ଇନିଂସ ଓପନ କରିଥିବାବେଳେ ଲୋକେଶ ରାହୁଲ ୩ ଓ ଅଧିନାୟକ ବିରାଟ କୋହଲି ୪ ନମ୍ବରରେ ବ୍ୟାଟିଂ କରିଥିଲେ। ଟିମ୍ ଇଣ୍ଡିଆ ଟପ୍ ଅର୍ଡର ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରି ଆସୁଥିଲେ ହେଁ ଅଷ୍ଟ୍ରେଲୀୟ ବୋଲରଙ୍କ ଚ୍ୟାଲେଞ୍ଜକୁ ସାମ୍ନା କରିବା ଭିନ୍ନ ଥିଲା। ରୋହିତ ଶର୍ମା ମାତ୍ର ୧୦ ରନ କରି ଆଉଟ ହେବାପରେ ଧାୱନ ଓ ରାହୁଲ ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୧୨୧ ରନ ଯୋଗ କରି ଦଳପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଭାରତୀୟ ଇନିଂସ ଦିଗହରା ହୋଇ ଯାଇଥିଲା। ଧାୱନ ଓ ରାହୁଲଙ୍କୁ ଛାଡ଼ିଦେଲେ ଅଧିକାଂଶ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ

### ୱାର୍ନର, ଫିଞ୍ଚ୍‌ଙ୍କ ଅପରାଜିତ ଶତକ

ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଧାୱନ ସର୍ବାଧିକ ୭୪(୯୧ ବଲ, ୯ ଚୌକା, ୧ ଛକା), ରାହୁଲ ୪୭(୬୧ ବଲ, ୪ ଚୌକା) ରନ କରିଥିଲେ। ପରେ ଅଧିନାୟକ ବିରାଟ ୧୬, ଶ୍ରେୟାସ ଆୟାର ୪, ରିଷଭ ପନ୍ତ ୨୮, ରବୀନ୍ଦ୍ର ଜଡେଜା ୨୫, ଶାର୍ଦ୍ଦୁଳ ଠାକୁର ୧୩, ମହମ୍ମଦ ସାମି ୧୦ ଓ କୁଲଦୀପ ଯାଦବ ୧୭ ରନ କରି ଆଉଟ ହେବାରୁ ଭାରତ ପୂରା ୫୦ ଓଭର ଖେଳିପାରି ନ ଥିଲା। ୪୯.୧ ଓଭରରେ ଦଳ ୨୫୫ ରନ କରି ଅଲଆଉଟ ହୋଇ ଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୩ଟି, ପ୍ୟାଟ୍ କୁମିନ୍ସ ଓ କେନ୍ ରିଚାର୍ଡଶନ ୨ଟି ଲେଖାଏ ଏବଂ ଆଡାମ ଜାମ୍ପା ଓ ଆଷ୍ଟନ ଅଗର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ ଶର୍ମା–କ–ୱାର୍ନର–ବୋ–ଷ୍ଟାର୍କ–୧୦
ଶିଖର ଧାୱନ–କ–ଅଗର–ବୋ–କୁମିନ୍ସ–୭୪
ରାହୁଲ–କ–ସ୍ମିଥ୍– ବୋ–ଅଗର–୪୭
ବିରାଟ କୋହଲି– କ ଆଣ୍ଡ୍ ବୋ–ଜାମ୍ପା–୧୬
ଆୟାର–କ–ଆଲେକ୍ସ କାରେ–ବୋ–ଷ୍ଟାର୍କ–୪
ରିଷଭ ପନ୍ତ–କ–ଟର୍ନର–ବୋ–କୁମିନ୍ସ–୨୮
ଜାଡେଜା–କ– କାରେ–ବୋ–ରିଚାର୍ଡସନ–୨୫
ଶାର୍ଦ୍ଦୁଳ ଠାକୁର–ବୋ–ଷ୍ଟାର୍କ–୧୩
ଶାମି–କ–କାରେ–ବୋ–କେନ୍ ରିଚାର୍ଡସନ–୧୦
କୁଲଦୀପ ଯାଦବ–ରନଆଉଟ (ସ୍ମିଥ୍)–୧୭
ବୁମ୍‌ରା– ନଟଆଉଟ–୦, ଅତିରିକ୍ତ–୧୧
**ମୋଟ** (୪୯.୧ ଓଭର, ୧୦ ଉଇକେଟ) ୨୫୫।
**ଉଇକେଟ ପତନ:** ୧/୧୩, ୨/୧୩୪, ୩/୧୪୦, ୪/୧୫୬, ୫/୧୬୪, ୬/୨୧୩, ୭/୨୧୭, ୮/୨୨୯, ୯/୨୫୫, ୧୦/୨୫୫।
**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୧୦–୦–୫୬–୩
ପ୍ୟାଟ କୁମିନ୍ସ ୧୦–୧–୪୪–୨
କେନ୍ ରିଚାର୍ଡସନ ୯.୧–୦–୪୩–୨
ଆଡାମ ଜାମ୍ପା ୧୦–୦–୫୩–୧
ଆଷ୍ଟନ ଅଗର ୧୦–୧–୫୬–୧
**ଅଷ୍ଟ୍ରେଲିଆ ଇନିଂସ**
ଡେଭିଡ ୱାର୍ନର–ନଟଆଉଟ–୧୨୮
ଆରୋନ ଫିଞ୍ଚ୍–ନଟଆଉଟ–୧୧୦
ଅତିରିକ୍ତ–୨୦
ମୋଟ (୩୭.୪ ଓଭରରେ, ବିନା କୌଣସି ଉଇକେଟ)୨୫୮।
**ବୋଲିଂ (ଭାରତ)**
ମହମ୍ମଦ ଶାମି ୭.୪–୦–୫୮–୦
ଯଶପ୍ରୀତ ବୁମ୍‌ରା ୭–୦–୫୦–୦
ଶାର୍ଦ୍ଦୁଳ ଠାକୁର ୫–୦–୪୩–୦
କୁଲଦୀପ ଯାଦବ ୧୦–୦–୫୫–୦
ରବୀନ୍ଦ୍ର ଜାଡେଜା ୮–୦–୪୧–୦।

## ଦିନିକିଆ କ୍ରିକେଟ

**ଭାରତ ବିପକ୍ଷରେ ସର୍ବାଧିକ ଓପନିଂ ପାର୍ଟନରଶିପ୍**
୨୫୮: ଆରୋନ ଫିଞ୍ଚ୍–ଡେଭିଡ ୱାର୍ନର, ମୁମ୍ବାଇ, ୨୦୨୦
୨୩୫: ଗ୍ୟାରୀ କର୍ଷ୍ଟେନ–ହର୍ଶେଲ ଗିବ୍ସ, କୋଚି, ୨୦୦୦
୨୩୧: ଆରୋନ ଫିଞ୍ଚ୍–ଡେଭିଡ ୱାର୍ନର, ବେଙ୍ଗାଲୁରୁ, ୨୦୧୭
୨୨୪: ମହମ୍ମଦ ହାଫିଜ–ନାସିର ଜମଶେଦ, ମୀରପୁର, ୨୦୧୨

**ଭାରତ ବିପକ୍ଷରେ ଉଭୟ ଓପନରଙ୍କ ଶତକ**
୧୯୮୬: ଜିଓଫ୍ ମାର୍ଶ–ଡେଭିଡ ବୁନ୍, ଜୟପୁର
୨୦୦୦: ଗ୍ୟାରୀ କର୍ଷ୍ଟେନ–ହର୍ଶେଲ ଗିବ୍ସ, କୋଚି
୨୦୧୨: ମହମ୍ମଦ ହାଫିଜ–ନାସିର ଜମଶେଦ, ମୀରପୁର
୨୦୧୩: ଉପୁଲ ଥରଙ୍ଗା–ମାହେଲା ଜୟବର୍ଦ୍ଧନେ, କିଙ୍ଗଷ୍ଟନ
୨୦୧୩: କ୍ୱିଣ୍ଟନ ଡି'କକ୍–ହାସିମ ଅମ୍‌ଲା, ଡର୍ବାନ
୨୦୨୦: ଡେଭିଡ ୱାର୍ନର, ଆରୋନ ଫିଞ୍ଚ୍, ମୁମ୍ବାଇ

**ଭାରତ ବିପକ୍ଷରେ ୧୦ ଉଇକେଟ ବିଜୟ**
୨୫୬: ଅଷ୍ଟ୍ରେଲିଆ, ମୁମ୍ବାଇ, ୨୦୨୦
୨୦୦: ଓ୍ବେଷ୍ଟଇଣ୍ଡିଜ, ବ୍ରିଜ୍‌ଟାଉନ, ୧୯୯୭
୧୮୯: ଦକ୍ଷିଣ ଆଫ୍ରିକା, କୋଲକାତା, ୨୦୦୫
୧୬୫: ଦକ୍ଷିଣ ଆଫ୍ରିକା, ଶାରଜା, ୨୦୦୦
୧୧୩: ନ୍ୟୁଜିଲାଣ୍ଡ, ଏମସିଜି, ୧୯୮୧

**ବିନା ଉଇକେଟରେ ସର୍ବାଧିକ ରନଚେଜ୍**
୨୭୯: ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ, କିମ୍ବର୍ଲି, ୨୦୧୭(ହାସିମ ଅମ୍‌ଲା, କ୍ୱିଣ୍ଟନ ଡି'କକ୍)
୨୫୬: ଅଷ୍ଟ୍ରେଲିଆ ବନାମ ଭାରତ, ମୁମ୍ବାଇ, ୨୦୨୦(ଡେଭିଡ ୱାର୍ନର, ଆରୋନ ଫିଞ୍ଚ୍)
୨୫୫: ଇଂଲଣ୍ଡ ବନାମ ଶ୍ରୀଲଙ୍କା, ଏଜବାଷ୍ଟନ, ୨୦୧୬( ଆଲେକ୍ସ ହେଲ୍ସ, ଜାସନ ରୟ)

# ଧୂଆଁ କାରଣରୁ ଶାରାପୋଭାଙ୍କ ମ୍ୟାଚ୍ ସ୍ଥଗିତ

**ମେଲବୋର୍ନ, ୧୪।୧ (ଏଏଫ୍‌ପି):** ରୁଷୀୟ ମହିଳା ଟେନିସ ତାରକା ମାରିଆ ଶାରାପୋଭା ଓ ଜର୍ମାନୀୟ ଲୌରା ସିଏଗମୁଣ୍ଡଙ୍କ ମଧ୍ୟରେ ଏଠାରେ ଅନୁଷ୍ଠିତ କୋୟୋଙ୍ଗ କ୍ଲାସିକର ଏକ ମ୍ୟାଚ୍ ଧୂଆଁ ଲାଗି ସ୍ଥଗିତ ରଖାଯାଇଛି। ଧୂଆଁ ଯୋଗୁ ମ୍ୟାଚ୍ ମଝିରେ ଶାରାପୋଭାଙ୍କ କାଶ ହୋଇଥିଲା। ମ୍ୟାଚ୍ ସ୍ଥଗିତ ରଖାଯିବାବେଳକୁ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ଶାରାପୋଭା ୭-୬ (୭-୪), ୫-୫ରେ ପଛୁଆ ରହିଥିଲେ। 'ମ୍ୟାଚ୍ ସ୍ଥଗିତ ରଖାଯିବା ଆୟୋଜକଙ୍କ ସଠିକ୍ ନିଷ୍ପତ୍ତି। ଆମେ ୨ ଘଣ୍ଟା ଧରି ଖେଳୁଛୁ। କିନ୍ତୁ ଦ୍ୱିତୀୟ ସେଟ୍ ଶେଷବେଳକୁ କାଶ ହୋଇଥିଲା' ବୋଲି ଶାରାପୋଭା ମ୍ୟାଚ୍ ପରେ କହିଛନ୍ତି।



ମାରିଆ ଶାରାପୋଭା

### ଅଧାରୁ ଓହରିଲେ ଡାଲିଆ

ସେହିଭଳି ଧୂଆଁ ଲାଗି ଅଷ୍ଟ୍ରେଲିଆନ୍ ଓପନ୍ ଯୋଗ୍ୟତା ପର୍ଯ୍ୟାୟ ପ୍ରଥମ ଦିବସର କିଛି ମ୍ୟାଚ୍ ମଧ ବିଳମ୍ବରେ ଆରମ୍ଭ ହୋଇଥିଲା। ଯୋଗ୍ୟତା ପର୍ଯ୍ୟାୟ ମହିଳା ସିଙ୍ଗଲ୍ସର ଏକ ମ୍ୟାଚ୍ ଅବସରରେ ସ୍ଲୋଭେନିଆର ଡାଲିଆ ଜକୁପୋଭିକ ଧୂଆଁଳିଆ ପରିବେଶ ଲାଗି ଅସୁସ୍ଥ ହୋଇପଡ଼ିଥିଲେ। ସେ ସୁଇଜରଲାଣ୍ଡର ଷ୍ଟିଫାନି ଭୋଏଗେଲେଙ୍କ ବିପକ୍ଷରେ ମଙ୍ଗଳବାର ଅପରାହ୍ନରେ ଏହି ମ୍ୟାଚ୍ ଖେଳୁଥିଲେ। କିନ୍ତୁ ମ୍ୟାଚ୍ ମଝିରେ ସେ ଅସୁସ୍ଥ ହୋଇ କୋର୍ଟ ଉପରେ ଆଣ୍ଠୁମାଡ଼ି ବସି ପଡ଼ିଥିଲେ। ଏହାପରେ ତାଙ୍କୁ ବାହାରକୁ ନିଆଯାଇଥିଲା।

# ଦୁଇମାସ ଦୂରେଇ ରହିବେ ମୋମୋତା

**ଟୋକିଓ, ୧୪।୧ (ଏଏଫ୍‌ପି):** ଦୁର୍ଘଟଣାର ସମ୍ମୁଖୀନ ହୋଇ ଆଘାତପ୍ରାପ୍ତ ହୋଇଥିବା ବିଶ୍ୱର ଏକ ନମ୍ବର ପୁରୁଷ ବ୍ୟାଡ୍‌ମିଣ୍ଟନ ଖେଳାଳି ଜାପାନର କେଣ୍ଟୋ ମୋମୋତା ୨ ମାସ ଲାଗି କୋର୍ଟରୁ ଦୂରେଇ ରହିବେ। ସମ୍ଭବତଃ ମାର୍ଚ୍ଚରେ ହେବାକୁ ଥିବା ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ବେଳକୁ ମୋମୋତା ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜାପାନ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସାଧାରଣ ସମ୍ପାଦକ କିନ୍‌ଜି ଜେନିୟା କହିଛନ୍ତି। ୨୫ ବର୍ଷୀୟ ମୋମୋତା ରବିବାର ମାଲେସିଆ ମାଷ୍ଟର୍ସ ଟାଇଟଲ୍ ଜିତିବାର କିଛି ଘଣ୍ଟା ପରେ କୁଆଲାଲମ୍ପୁରଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ଦୁଇବର୍ଷ ପରେ ସାନିଆଙ୍କ ବିଜୟୀ ପ୍ରତ୍ୟାବର୍ତ୍ତନ

**ହୋବାର୍ଟ, ୧୪।୧ (ପି.ଟି.):** ଭାରତୀୟ ମହିଳା ଟେନିସ ତାରକା ସାନିଆ ମିର୍ଜା ଦମ୍‌ଦାର ବିଜୟ ସହ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ଅନୁଷ୍ଠିତ ହୋବାର୍ଟ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାର ମହିଳା ଡବଲ୍ସରେ ସାନିଆ ଓ ତାଙ୍କ ୟୁକ୍ରେନ ସାଥୀ ନାଡିଆ କିଚେନୋକ ବିଜୟ ଲାଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସାନିଆ-ନାଡିଆ ଯୋଡ଼ି ୨-୬, ୭-୬ (୩), ୧୦-୩ ସେଟ୍‌ରେ ଜର୍ଜିଆର ଓକସାନା କାଲଶନିକୋଭା ଓ ଜାପାନର ମିୟୁ କାଟୋ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସାନିଆ ଓ ନାଡିଆଙ୍କୁ ଏକ ଘଣ୍ଟା ୪୧ ମିନିଟ୍ ସମୟ ଲାଗିଥିଲା। କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ଏହି ଯୋଡ଼ି ଆମେରିକାର ଭାନିଆ କିଙ୍ଗ୍ ଓ କ୍ରିଷ୍ଟିନା ମ୍ୟାକ୍‌ହେଲ୍‌ଙ୍କୁ ଭେଟିବେ। ଏଠାରେ ଉଲ୍ଲେଖଯୋଗ୍ୟ, ୨ ବର୍ଷର ବ୍ୟବଧାନ ପରେ ଡବ୍ଲ୍ୟୁଟିଏ ସର୍କିଟ୍‌କୁ ୩୩ ବର୍ଷୀୟା ସାନିଆ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୧୮ ଏପ୍ରିଲରେ ସାନିଆ ଓ ତାଙ୍କ ପାକିସ୍ତାନ କ୍ରିକେଟର୍ ସ୍ୱାମୀ ସୋଏବ ମଲିକଙ୍କ ଔରସରୁ ପୁତ୍ର ସନ୍ତାନ ଇଜହାନ ଜନ୍ମ ହୋଇଥିଲେ। ଏହାପରେ ସେ ଟେନିସରୁ ସାମୟିକ ବିରତି ନେଇଥିଲେ।



ବିଜୟ ହାସଲ ପରେ ପୁଅ ଇଜହାନଙ୍କ ସହ ସାନିଆ।

# ଭାରତୀୟ ମହିଳା ହକି ଦଳରେ ଓଡ଼ିଶାରୁ ୩

**ନୂଆଦିଲ୍ଲୀ, ୧୪।୧ (ପି.ଟି.):** ଚଳିତ ମାସ ଶେଷଭାଗରେ ଭାରତୀୟ ମହିଳା ହକି ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ଏଥିଲାଗି ମଙ୍ଗଳବାର ଷ୍ଟ୍ରାଇକର୍ ରାଣୀ ରାମପାଲଙ୍କ ନେତୃତ୍ୱରେ ୨୦ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାରୁ ଦୀପଗ୍ରେସ ଏକ୍କା, ନମିତା ଟପ୍ପୋ ଓ ଲିଲିମା ମିଞ୍ଜ ସ୍ଥାନ ପାଇଛନ୍ତି। ଗୋଲକିପର ସବିତାଙ୍କୁ ଉପ-ଅଧିନାୟିକା ଭାବେ ନିଯୁକ୍ତ କରାଯାଇଛି। ଜାନୁୟାରୀ ୨୫ରେ ନ୍ୟୁଜିଲାଣ୍ଡ ଡେଭଲପ୍‌ମେଣ୍ଟ ସ୍କ୍ୱାଡ୍ ବିପକ୍ଷରେ ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ଜାନୁୟାରୀ ୨୭ ଓ ୨୯ରେ ନ୍ୟୁଜିଲାଣ୍ଡ ମହିଳା ଦଳକୁ ଭେଟିବ ଭାରତ। ଫେବୃୟାରୀ ୪ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଏବଂ ୫ରେ ନ୍ୟୁଜିଲାଣ୍ଡ ସହ ଖେଳି ଭାରତ ଏହାର ନ୍ୟୁଜିଲାଣ୍ଡ ଗସ୍ତ ସମାପ୍ତ କରିବ। 'ଏହି ଟୁର୍‌ରେ ଖେଳାଳିଙ୍କ ମଧ୍ୟରେ ଅଧିକ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଲକ୍ଷ୍ୟ ରଖିଛି, ଯେଉଁଥିପାଇଁ ଆମେ ୨୦ ଜଣିଆ ଦଳ ଘୋଷଣା କରିଛୁ। କିନ୍ତୁ ଅଲିମ୍ପିକ୍ସ ଓ ଅନ୍ୟ କେତେକ ପ୍ରତିଯୋଗିତାରେ ଆମେ ୧୬ କିମ୍ବା ୧୮ ଜଣିଆ ଦଳ ନେଇ ଖେଳିଥାଉ। ଖେଳାଳିମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବେ' ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି।

### ଭାରତୀୟ ମହିଳା ହକି ଦଳ

ରାଣୀ ରାମପାଲ (ଅଧିନାୟିକା), ସବିତା (ଉପ-ଅଧିନାୟିକା), ରାଜିନି ଏତିମାରପୁ, ଦୀପଗ୍ରେସ ଏକ୍କା, ଗୁର୍‌ଜିତ୍ କୌର, ରୀନା ଖୋଖର, ସାଲିମା ଟେଟେ, ସୁଶୀଳା ଚାନୁ, ନିଶା, ନମିତା ଟପ୍ପୋ, ଉଦିତା, ମୋନିକା, ଲିଲିମା ମିଞ୍ଜ, ନେହା, ମୋନିକା, ଶର୍ମିଳା ଦେବୀ, ନବନୀତ୍ କୌର, ଲାଲରେମସିଆମି, ବନ୍ଦନା କାଟାରିୟା ଓ ନବଜୋତ୍ କୌର।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ



# ସ୍ୱସ୍ତିଙ୍କ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୧୪।୧ (କ୍ରୀଡ଼ା ପ୍ରତିନିଧି)– ସୋମବାର ରୌପ୍ୟ ପଦକ, ମଙ୍ଗଳବାର ସ୍ୱର୍ଣ୍ଣ। ଏମିତି ସଫଳତା ସାଉଁଟିଛନ୍ତି ଓଡ଼ିଶାର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ମଙ୍ଗଳବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ସାଇକ୍ଲିଂ ବାଳିକା ସ୍କ୍ରାଚ୍ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଆରଏସପି)କୁ ଗର୍ବିତ କରିଛନ୍ତି ଏହି ଉଦୀୟମାନ ଆଥଲେଟ୍। ୭.୫ କିଲୋମିଟର ବିଶିଷ୍ଟ ସ୍କ୍ରାଚ୍ ରେସ୍‌କୁ ୧୪:୫୩.୨୩୨ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସ୍ୱସ୍ତି। ଏଥିସହ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସେ ସୂଚନା ଦେଇଛନ୍ତି। କର୍ନାଟକର କୀର୍ତ୍ତି ରଙ୍ଗାସ୍ୱାମୀ ତାଙ୍କଠାରୁ ୦.୨୪୬ ଏବଂ ଆସାମର ଚୟନିକା ଗୋଗୋଇ ୦.୪୫୨ ସେକେଣ୍ଡ ଅଧିକ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ୱସ୍ତିଙ୍କ ସ୍ୱର୍ଣ୍ଣିମ ସଫଳତାରେ ସ୍ୱତଃ ଗର୍ବ ଅନୁଭବ କରୁଛନ୍ତି କୋଚ୍ ସୁଶୀଲ କୁମାର ଦାସ। କାରଣ ଆରଏସପିରେ ସୁଶୀଲଙ୍କ ପ୍ରଶିକ୍ଷଣରେ ନିଜ ଖେଳର ମୂଳଦୁଆ ପକାଇଥିବା ସ୍ୱସ୍ତି ଏବେ ସଫଳତାର ଶିଡି ଚଢ଼ିବା ଆରମ୍ଭ କରିଛନ୍ତି।



ପ୍ରକାଶ ଯୋଗ୍ୟ ଯେ, ସୋମବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ୍‌ରେ ସ୍ୱସ୍ତି ରୌପ୍ୟ ପଦକ ହାସଲ କରିଥିଲେ। ଏହି ରେସ୍‌ରେ ୨:୧୧:୫୨.୨୧ ସେକେଣ୍ଡ ସମୟ ନେଇ ସେ ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ତେବେ ସେଥିରେ ନିରାଶ ନ ହୋଇ କିମ୍ବା କୌଣସି ଚାପର ବଶବର୍ତ୍ତୀ ନ ହୋଇ ଗୋଟିଏ ଦିନପରେ ନିଜ ଦକ୍ଷତା ଦେଖାଇଛନ୍ତି। ୧୫ ପ୍ରତିଦ୍ୱନ୍ଦ୍ୱୀବିଶିଷ୍ଟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟର ଟେକ ରଖିଛନ୍ତି। ତାଙ୍କ ପୂର୍ବରୁ ଓଡ଼ିଶାର ତଥା ଆରଏସପିର ଅନ୍ୟତମ ସାଇକ୍ଲିଷ୍ଟ ଦୀନେଶ କୁମାର ମଧ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୧ ବର୍ଷରୁ କମ୍ ୩୦ କିଲୋମିଟର ଟାଇମ୍ ଟ୍ରାଏଲ ଇଭେଣ୍ଟରେ ୪୦:୧୧:୧୩୩ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ ଏହି ସାଇକେଲ ପ୍ରତିଭା। ସ୍ୱସ୍ତିଙ୍କ ସାଫଲ୍ୟ ଫଳରେ ଚଳିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସାଇକ୍ଲିଂ ଇଭେଣ୍ଟରୁ ହିଁ ଓଡ଼ିଶାକୁ ଏପର୍ଯ୍ୟନ୍ତ ସର୍ବାଧିକ ସଫଳତା ମିଳିଛି। ଉଭୟ ଦୀନେଶ ଓ ସ୍ୱସ୍ତି ଆହୁରି ୨ଟି ଲେଖାଏ ଇଭେଣ୍ଟରେ ଭାଗ ନେବାର ଥିବାରୁ ଏଥିରୁ ଓଡ଼ିଶାର ପଦକ ସଂଖ୍ୟା ବଢ଼ିବା ସମ୍ଭାବନା ରହିଛି।

ଜଗଦୀଶ ବାରିକ ଏହି ପ୍ରତିଯୋଗିତାର ଜିମ୍ନାଷ୍ଟିକ୍ସ ଇଭେଣ୍ଟରେ ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ସେ ୧୭ ବର୍ଷରୁ କମ୍ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଭଲ୍ଟ ଟେବୁଲରେ ସ୍ୱର୍ଣ୍ଣ ଏବଂ ହରିଜୋଣ୍ଟାଲ ବାର୍‌ସରେ ରୌପ୍ୟ ପଦକ ହାସଲ କରିଥିଲେ।

### ୭.୫ କିମି ସ୍କ୍ରାଚ୍ ରେସ୍

୧: ସ୍ୱସ୍ତି ସିଂ, ଓଡ଼ିଶା, ୧୪:୫୩.୨୩୨ ସେକେଣ୍ଡ
୨: କୀର୍ତ୍ତି ରଙ୍ଗାସ୍ୱାମୀ, କର୍ନାଟକ, ୦.୨୪୬ ସେକେଣ୍ଡ ଅଧିକ
୩: ଚୟନିକା ଗୋଗୋଇ, ଆସାମ, ୦.୪୫୨ ସେକେଣ୍ଡ ଅଧିକ

# ଓଡ଼ିଶାର ରୋମାଞ୍ଚକ ବିଜୟ

କଟକ ଅଫିସ,୧୪।୧

ରୋହତକର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ରଣଜୀ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ରୋମାଞ୍ଚକ ବିଜୟ ହାସଲ କରିଛି। ପେସ୍ ବୋଲରଙ୍କ ପ୍ରାଧାନ୍ୟ ଥିବା ଏହି ପିଚ୍‌ରେ ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ସହାୟତାରେ ଓଡ଼ିଶା ୧ ଉଇକେଟରେ ହରିୟାଣାକୁ ହରାଇଛି। ରାଜେଶ ଧୂପରଙ୍କ ୩୨ରନର ଉପଯୋଗୀ ଇନିଂସ ସହିତ ବୋଲର ରାଜେଶ ମହାନ୍ତି, ବସନ୍ତ ମହାନ୍ତି ଓ ପପୁ ରାୟଙ୍କ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ବଳରେ ଓଡ଼ିଶା ବିଜୟୀ ହୋଇ ଏଲିଟ ଗ୍ରୁପ-ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ବଜାୟ ରଖିଛି। ୫ଟି ମ୍ୟାଚ୍‌ରୁ ୪ଟି ବିଜୟ, ଗୋଟିଏ ଡ୍ର ବଳରେ ଓଡ଼ିଶା ୨୮ ପଏଣ୍ଟ ପାଇଛି।

ପ୍ରଥମ ଇନିଂସରେ ହରିୟାଣା ୯୦ରନରେ ଅଲଆଉଟ ହେବା ପରେ ଓଡ଼ିଶାର ପ୍ରଥମ ଇନିଂସ ୧୬୦ରନରେ ସୀମିତ ରହିଥିଲା। ଜବାବରେ ହରିୟାଣା ଦ୍ୱିତୀୟ ଇନିଂସରେ ୨୪୮ରନ ସଂଗ୍ରହ କରିବା ଫଳରେ ଓଡ଼ିଶା ସମ୍ମୁଖରେ ୧୭୯ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ସୋମବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୭ ଉଇକେଟ ହରାଇ ୧୪୭ରନ କରିଥିଲା। ଓଡ଼ିଶାର ପ୍ରମୁଖ ବ୍ୟାଟ୍ସମ୍ୟାନ ମାନେ ହରିୟାଣାର ଦ୍ରୁତ ବୋଲିଂ ସମ୍ମୁଖରେ ବିଫଳ ହୋଇଥିଲେ। ବିଜୟ ପାଇଁ ଓଡ଼ିଶା ସମ୍ମୁଖରେ ୩୨ରନର ଆବଶ୍ୟକତା ଥିବା ବେଳେ ରାଜେଶ ଧୂପର ୨୯ ଓ ପେସ୍ ବୋଲର ରାଜେଶ ମହାନ୍ତି ୪ରନରେ ଅପରାଜିତ ଥିଲେ। ଖରାପ ଆଲୋକ ଯୋଗୁ ଅନ୍ତିମ ଦିବସ ତଥା ମଙ୍ଗଳବାର ଖେଳ ବିଳମ୍ବରେ ଆରମ୍ଭ ହୋଇଥିଲା। ଖେଳ ଆରମ୍ଭ ହେବା ପରେ ରାଜେଶଙ୍କ ବ୍ୟାଟ୍‌ରୁ ବାଉଣ୍ଡରୀ ସଂଗ୍ରହ ହୋଇଥିଲା। ଓଡ଼ିଶା ବିଜୟର ନିକଟତର ହେଉଥିବା ବେଳେ ଭରସାଯୋଗ୍ୟ ବ୍ୟାଟ୍ସମ୍ୟାନ ରାଜେଶ ଧୂପର ୩୨ରନରେ ଆଶିଷ ହୁଡ଼ାଙ୍କ ଶିକାର ହୋଇଥିଲେ। ରାଜେଶ ମହାନ୍ତି ଓ ବସନ୍ତ ମହାନ୍ତିଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ତେବେ ରାଜେଶ ୨୧ରନ କରିଥିବା ବେଳେ ଅଜିତ ଚହଲ ଉଇକେଟ କିପର ନୀତିନ ସଇନିଙ୍କ ହାତରେ କ୍ୟାଚ କରାଇ ହରିୟାଣା ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। ଇନିଂସରେ ଅଜିତଙ୍କର ଏହା ୭ମ ଉଇକେଟ ଥିଲା। ୧୭୬ରନରେ ଓଡ଼ିଶାର ୯ମ ଉଇକେଟ ପତନ ଘଟିଥିଲା। ଅନ୍ତିମ ବ୍ୟାଟ୍ସମ୍ୟାନ ତଥା ସ୍ପିନର ପପୁ ରାୟ ଆଶିଷ ହୁଡ଼ାଙ୍କ ବଲ୍‌ରେ ଚୌକା ମାରି ଓଡ଼ିଶାକୁ ବିଜୟୀ କରାଇଥିଲେ। ହରିୟାଣା ପକ୍ଷରୁ ଅଜିତ ସର୍ବାଧିକ ୭ଟି ଉଇକେଟ ଦଖଲ କରିଥିବା ବେଳେ ଓଡ଼ିଶାର ରାଜେଶ ଧୂପର ସର୍ବାଧିକ ୩୨ରନ କରିଛନ୍ତି। ଏହି ମ୍ୟାଚ୍‌ରେ ୧୧ଟି ଉଇକେଟ ହାସଲ କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

ଅଧିନାୟକ ଶୁଭ୍ରାଂଶୁ ସେନାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ପେସ୍ ବୋଲରଙ୍କୁ ପିଚ୍ ଅଧିକ ମାତ୍ରାରେ ସୁହାଉଥିଲା। ଯାହା ଫଳରେ ଉଭୟ ଦଳ ପାଇଁ ରନ ସଂଗ୍ରହ କଷ୍ଟଦାୟକ ଥିଲା। ଦୁଇ ରାଜେଶ (ରାଜେଶ ଧୂପର-ରାଜେଶ ମହାନ୍ତି)ଙ୍କ ଉପରେ ଦଳର ଭରସା ରହିଥିଲା। ଏହି ମ୍ୟାଚ୍ ଜିତିବା ପରେ ଦଳର ମନୋବଳ ଶକ୍ତ ହୋଇଛି। ଆଗାମୀ ମ୍ୟାଚ୍ ଗୁଡ଼ିକରେ ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଶୁଭ୍ରାଂଶୁ କହିଛନ୍ତି। ଆସନ୍ତା ୧୯ରୁ ଓଡ଼ିଶା ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଜମ୍ମୁ-କଶ୍ମୀରକୁ ଭେଟିବ।


ବିଜୟ ହାସଲ ପରେ ଓଡ଼ିଶା ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

**ରଣଜୀ ଟ୍ରଫି**
- ହରିୟାଣାକୁ ୧ ଉଇକେଟରେ ହରାଇଲା
- ଦୁଇ ରାଜେଶଙ୍କ ମ୍ୟାଚ ବିଜୟୀ ଇନିଂସ୍


ରାଜେଶ ଧୂପର।


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ରିଶାନ୍ (ଗୁଗୁ)
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ:
ବାପା, ମା', ଜେଜେବାପା, ଜେଜେମା', ଅଜା, ଆଈ, ପିଉସା: ଦେବାଶିଷ, ବୁଲୁ, ପିଉସୀ: ମିତା, ରୀତା, କକା: ଶିବୁନ୍, ମାମୁ: ବାପି, ବୁଢ଼ା, ବବୁଲୁ, ମାଈଁ: ଅନିତା, ଅଙ୍କିତା, ଭାଇ: ସାଇ, ଆରୁଷ, ଭଉଣୀ: ପରୀ
ଧ-୧୬୧୯୮

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ଦିବ୍ୟାଂଶୀ ପ୍ରିୟଦର୍ଶିନୀ ନାୟକ
ଅଟିରା,ବରୀ
ଆଜିର ଏ ସକାଳ, କେତେ ଯେ କୋମଳ କେତେ ଯେ ପବିତ୍ର କେତେ ଯେ ନିର୍ମଳ, ଏଇ ସକାଳ ପରି ନିର୍ମଳ ରହୁ ମୋ ମିକି ମନ, ହସ ଖୁସିରେ କଟୁ ତୋର ସବୁ ରାତି ସବୁଦିନ, ଚଲାପଥେ ତୋର ଫୁଟିଯାଉ ଫୁଲ, ସେ ଫୁଲର ମହକେ ମହକୁ ମୋ ବାୟାଣୀ ଜୀବନ.........
-:ଶୁଭେଚ୍ଛା ସହ:-
ଜେଜେବାପା, ଜେଜେମା', ନାନୀ, ପାପା, ମାମା, ଛୁଆପାପା
ଧ-୧୬୨୦୪

**Birthday Wish**



Rajendra Sahoo
May life bring you everything you are dreaming about. Congratulations on your birthday and have a blast on this day.
Special wishes from: Family & Friends
ଧ-୧୬୧୮୯


# କ୍ରୀଡ଼ା ପ୍ରୋତ୍ସାହନ ପାଇଁ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର, ୧୪।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମି ବଢ଼ିବା ସହ ବଡ଼ ଟୁର୍ନାମେଣ୍ଟମାନ ଆୟୋଜନ ହେଉଛି। ଏହାର ପୁରସ୍କାର ମଧ୍ୟ ରାଜ୍ୟକୁ ମିଳିବାରେ ଲାଗିଛି। କ୍ରୀଡ଼ା ପ୍ରୋତ୍ସାହନ ଲାଗି ଦ୍ୱିତୀୟ ଥରପାଇଁ ଓଡ଼ିଶା ପୁରସ୍କୃତ ହୋଇଛି। ମୁମ୍ବାଇରେ ସୋମବାର ଅନୁଷ୍ଠିତ ସ୍ପୋର୍ଟ୍ସଷ୍ଟାର ଏସେସ ପୁରସ୍କାର ଉତ୍ସବରେ ଓଡ଼ିଶାକୁ 'ବେଷ୍ଟ ଷ୍ଟେଟ୍ ଫର ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ପୁରସ୍କାର ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କାର ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ଓଡ଼ିଶାର ପ୍ରମୋଦ ଭଗତ 'ସ୍ପୋର୍ଟ୍ସ ମ୍ୟାନ ଅଫ ଦି ଇୟର'(ପାରା ସ୍ପୋର୍ଟ୍ସ ) ଏବଂ ହକି ତାରକା ଦୀପ୍ ଗ୍ରେସ୍ ଏକ୍କା 'ସ୍ପୋର୍ଟ୍ସ ଓମ୍ୟାନ ଅଫ ଦି ଇୟର'(ଟିମ୍ ସ୍ପୋର୍ଟ୍ସ) ପୁରସ୍କାର ଲାଭ କରିଛନ୍ତି। ଓଡ଼ିଶା କ୍ରୀଡ଼ା ହବ୍‌ରେ ପରିଣତ ହେବା ଦିଗରେ ଏହା ଆଉ ଏକ ସଫଳତା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରିଛନ୍ତି। ଏହି ଉତ୍ସବରେ ତାରକା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ 'ସ୍ପୋର୍ଟ୍ସ ଷ୍ଟାର ଅଫ୍ ଦି ଇୟର' ପୁରସ୍କାର ପାଇଥିଲେ। ଶ୍ରେଷ୍ଠ କର୍ପୋରେଟ/ପିଏସୟୁ ପୁରସ୍କାର ଇଣ୍ଡିଆନ ଅଏଲ କର୍ପୋରେଶନକୁ ମିଳିଥିବାବେଳେ ଭାରତୀୟ କ୍ରିକେଟ ଦଳ 'ଟିମ୍ ଅଫ୍ ଦି ଇୟର' ପୁରସ୍କାର ହାସଲ କରିଥିଲା। କ୍ରିକେଟ କିମ୍ବଦନ୍ତୀ କପିଳ ଦେବଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା।


କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ମହିଳା ହକି ତାରକା ଦୀପ୍‌ଗ୍ରେସ୍ ଏକ୍କା ଓ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ।

# ବିଜୟ ଧାରା ଅବ୍ୟାହତ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

ହାଇଦ୍ରାବାଦ୍, ୧୪।୧

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଏକ ମ୍ୟାଚ୍‌ରେ ବୁଧବାର ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଘରୋଇ ହାଇଦ୍ରାବାଦ୍ ଏଫ୍‌ସିକୁ ଭେଟିବାକୁ ଯାଉଛି। ସ୍ଥାନୀୟ ଜିଏମ୍‌ସି ବାଲ୍‌ଯୋଗୀ ଆଥ୍‌ଲେଟିକ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଚଳିତ ସିଜନରେ ଆଇଏସ୍‌ଏଲ୍ ପଦାର୍ପଣ କରିଥିବା ଓଡ଼ିଶା ଏଫ୍‌ସି ବର୍ତ୍ତମାନ ଚମତ୍କାର ଫର୍ମରେ ରହିଛି। ଘରୋଇ ପଡ଼ିଆ କଳିଙ୍ଗ ଷ୍ଟାଡିୟମରେ କ୍ରମାଗତ ୩ଟି ମ୍ୟାଚ୍ ଜିତିବାପରେ ଓଡ଼ିଶା ଏଫ୍‌ସି ଏହି ମ୍ୟାଚ୍ ଖେଳିବାକୁ ହାଇଦ୍ରାବାଦ୍ ଆସିଛି। ଜୋସେଫ୍ ଗୋମ୍ବାଉଙ୍କ ପ୍ରଶିକ୍ଷଣ ପ୍ରାପ୍ତ ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ ମ୍ୟାଚ୍ ଖେଳି ୫ ବିଜୟ, ୪ ପରାଜୟ ଓ ୩ ଡ୍ର ସହ ୧୮ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିବା ହାଇଦ୍ରାବାଦ୍ ବିପକ୍ଷରେ ଯଦି ବିଜୟ ଲାଭ କରେ ତେବେ ଓଡ଼ିଶା ୫ ପଏଣ୍ଟ ଅର୍ଜନ କରିବା ସହିତ ଗୋଆ (୨୪) ପଛକୁ ୨ୟ ସ୍ଥାନରେ ରହିବ। ତେଣୁ ଏହି ମ୍ୟାଚ୍ ଜିତି ଓଡ଼ିଶା ଏହାର ବିଜୟ ଧାରା ଅବ୍ୟାହତ ରଖିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ହାଇଦ୍ରାବାଦ୍ ଚଳିତ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛି। ଦଳ ୧୨ ମ୍ୟାଚ୍‌ରୁ ୯ ପରାଜୟ ସହ ମାତ୍ର ୫ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଖରାପ ପ୍ରଦର୍ଶନ ଲାଗି ନିକଟରେ ହାଇଦ୍ରାବାଦ ଏହାର କୋଚ୍ ତଥା ମ୍ୟାନେଜର ଫିଲ୍ ବ୍ରାଉନଙ୍କ ସହ ସମ୍ପର୍କ ଛିନ୍ନ କରିଥିଲା। ନୂତନ ମ୍ୟାନେଜର ଭାବେ ଆଲବର୍ଟ ରୋକା ଦାୟିତ୍ୱ ଗ୍ରହଣ କରିଛନ୍ତି। 'ନୂଆ କୋଚ୍‌ଙ୍କ ସାମ୍ନାରେ ଖେଳାଳିମାନେ ନିଜକୁ ପ୍ରମାଣିତ କରିବାକୁ ଚାହିଁବେ। ତେଣୁ ସେମାନେ ଏହି ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଏହା ଆମ ପାଇଁ ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜିଂ ମ୍ୟାଚ୍ ରହିବ' ବୋଲି ଓଡ଼ିଶା ଏଫ୍‌ସି କୋଚ୍ ଗୋମ୍ବାଉ ଖବରଦାତା ସମ୍ମିଳନୀରେ କହିଛନ୍ତି।

**ଆଇଏସ୍‌ଏଲ୍**

## ଯୁବ ଦଳ ବିଜୟୀ

**ନୂଆଦିଲ୍ଲୀ, ୧୪।୧:** ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଦଳ ଓଡ଼ିଶା ଏଫ୍‌ସିର ଯୁବ ଦଳ ହିରୋ ଏଲିଟ୍ ଲିଗ୍ ପ୍ରତିଯୋଗିତା (୧୮ ବର୍ଷରୁ କମ୍)ରେ ବୃହତ୍ ବିଜୟ ହାସଲ କରିଛି। ପଞ୍ଜାବର ଓ୍ୱାଇଏଫ୍‌ସି ରୁର୍କା କଲାନ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ୧୮ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସି ଦଳ ୭-୧ ଗୋଲରେ ୟୁଥ୍ ଏଫ୍‌ସି ଦଳକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଓଡ଼ିଶା ୬ଟି ଗୋଲ ଦେଇଥିଲା। ବିଜୟୀ ଓଡ଼ିଶା ଏଫ୍‌ସି ଯୁବ ଦଳ ପକ୍ଷରୁ ଅଂଶୁମାନ ତ୍ୟାଗୀ ୩ଟି ଏବଂ ରିଷଭ ଡୋବ୍ରିୟାଲ ୨ଟି ଗୋଲସ୍କୋର କରିଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ସୁଦେଭା ଫୁଟ୍‌ବଲ କ୍ଲବକୁ ଜାନୁୟାରୀ ୧୮ରେ ଭେଟିବ।

**ହିରୋ ଏଲିଟ୍ ଲିଗ୍**

# ବୋନସ ପଏଣ୍ଟ ସହ ଜିତିଲା ଓଡ଼ିଶା

ବରଗଡ଼ ଅଫିସ୍,୧୪।୧

ବରଗଡ଼ସ୍ଥିତ ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ଅରୁଣାଚଳ ପ୍ରଦେଶ ମଧ୍ୟରେ ୨୩ବର୍ଷରୁ କମ୍ କର୍ଣ୍ଣେଲ ସି.କେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ଏକ ଇନିଂସ ଓ ୨୭ରନ୍‌ରେ ଜିତି ନେଇଛି। ଏହି ବିଜୟ ଯୋଗୁ ଓଡ଼ିଶା ବୋନସ ପଏଣ୍ଟ ସହିତ ୭ ପଏଣ୍ଟ ଲାଭ କରିଛି। ଓଡ଼ିଶା ଦଳ ମଙ୍ଗଳବାର ପୂର୍ବଦିନର ଅସମାପ୍ତ ସ୍କୋର ୨୦୧/୫ ରୁ ଖେଳ ଆରମ୍ଭ କରିଥିଲା। ଦ୍ୱିତୀୟ ଦିବସ ଖେଳ ଆରମ୍ଭରେ ଦଳ ବିପର୍ଯ୍ୟର ସମ୍ମୁଖୀନ ହୋଇଥିଲା। ସୋମବାର ୭୪ ରନ କରି ଅପରାଜିତ ଥିବା ଶୁଭମ ଶତ୍ରୁଜିତ୍ ଶୀଘ୍ର ପ୍ୟାଭିଲିୟନ ଫେରିଥିଲେ। ସେହିପରି ପୂର୍ବଦିନ ୮୬ରନ୍ କରି ଅପରାଜିତ ଥିବା ସୋମେନ ଚାନ୍ଦ ୯୩ରନ୍‌ରେ ଆଉଟ୍ ହୋଇଥିଲେ। ପ୍ରଥମ ଇନିଂସରେ ଓଡ଼ିଶା ସମସ୍ତ ଉଇକେଟ୍ ହରାଇ ୨୭୩ ରନ କରିପାରିଥିଲା। ଏଥି ସହିତ ପ୍ରଥମ ଇନିଂସରେ ଅରୁଣାଚଳ ପ୍ରଦେଶଠାରୁ ୧୬୨ରନ୍‌ରେ ଅଗ୍ରଣୀ ଲାଭ କରିଥିଲା। ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ଆକ୍ରମଣାତ୍ମକ ଖେଳିଥିଲା। ହେଲେ ଦଳର ପ୍ରଥମ ଯୋଡ଼ି ୨୮ରନ୍ ଓ ଦ୍ୱିତୀୟ ଯୋଡ଼ି ୪୪ରନ୍ ଯୋଗ କରିପାରିଥିଲେ। ଓଡ଼ିଶା ବୋଲରଙ୍କ ପ୍ରଭାବୀ ବୋଲିଂ ଯୋଗୁ ମାତ୍ର ୧୩୫ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ଦଳର କାର୍ତ୍ତିକ ବିଶ୍ୱାଳ, ଅମ୍ରିତ ଖଟୁଆ ୩ଟି ଲେଖାଏଁ ଉଇକେଟ ନେଇଥିଲେ।

ମ୍ୟାଚରେ ବିସିସିଆଇ ପକ୍ଷରୁ ବିରାଜ ଦାଶ ଅନଲାଇନ୍ ସ୍କୋରର ଥିବାବେଳେ ବିରବର ନାୟକ ମାନୁଏଲ ସ୍କୋରର, ଗୋବିନ୍ଦ ବେହେରା ଭିଡ଼ିଓ ଆନାଲିଷ୍ଟ ଏବଂ ସାୱନ କୁମାର ପାଢ଼ୀ ଆସିଷ୍ଟାଣ୍ଟ ଭିଡ଼ିଓ ଆନାଲିଷ୍ଟ ଦାୟିତ୍ୱରେ ରହିଥିଲେ। ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ରବି ନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଯାପନୀ ସମାରୋହ ହୋଇଥିଲା। ଏହି ଅବସରରେ ଉଭୟ ଦଳ ସମେତ ମ୍ୟାଚ ରେଫରି ଓ ଅମ୍ପାୟରମାନଙ୍କୁ ସ୍ମାରକ ପ୍ରଦାନ କରାଯାଇଥିଲା। ଏଥିରେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ବିକାଶ ଗ୍ରୁପର ଚେୟାରମ୍ୟାନ ତଥା ଭେନ୍ୟୁ ମ୍ୟାନେଜର ଡି. ମୁରଲୀ କ୍ରୀଷ୍ଣା, ଡାଇରେକ୍ଟର (ଏଡ୍‌ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡ.ସମରେନ୍ଦ୍ରନାଥ ପଣ୍ଡା, ଜିଲା କ୍ରିକେଟ ଆସୋସିଏଶନ ଉପସଭାପତି ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ଅମିୟ ଭୂଷଣ ସାହୁ, ପ୍ରଦୀପ ସାହୁ, ଚନ୍ଦ୍ରଶେଖର ପ୍ରଧାନ, ରଜତ ଦାଶ, ସନ୍ତୋଷ ପଣ୍ଡା, ସୌର୍ଯ୍ୟରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ, କ୍ରିକେଟ କୋଚ୍ ଅଶୋକ ସିଂ, ଓସିଏ ଗ୍ରାଉଣ୍ଡସ୍‌ମ୍ୟାନ ମୂରଲୀ ପାତ୍ର, ବିକାଶର ଗ୍ରାଉଣ୍ଡସ୍‌ମ୍ୟାନ ପିଣ୍ଟୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।


ବିଜୟୀ ଓଡ଼ିଶା ଦଳ।

**ସି.କେ. ନାଇଡୁ ଟ୍ରଫି**

# ଫାଇନାଲରେ ୟୁନିୟନ ସ୍ପୋର୍ଟିଂ

ପଦ୍ମପୁର,୧୪।୧(ଡି.ଏନ୍.ଏ.)

ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ୨୬ତମ ସର୍ବଭାରତୀୟ ବୋରାସମ୍ବର କପର ତୃତୀୟ ଦିବସ ଖେଳ ୟୁନିୟନ ସ୍ପୋର୍ଟିଂ କଟକ ଏବଂ ସେଲ ରାଞ୍ଚି ମଧ୍ୟରେ ମ୍ୟାଚ ହୋଇଥିଲା। ପ୍ରଥମେ ଅନୁଷ୍ଠିତ ଟି-୨୦ରେ କଟକ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୧୬୦ ରନ କରିଥିଲା। ମହମ୍ମଦ ଆକ୍ରମ ୩୪ ବଲରେ ୬୯ ରନ୍ କରିଥିବା ବେଳେ ଜ୍ୟୋତି ୪୨ ବଲ୍‌ରେ ୬୯ ରନ୍ କରିଥିଲେ। ଜବାବରେ ରାଞ୍ଚି ଦଳ ୧୪୦ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସୁରଜ ଯାଦବ ୩୧ ଏବଂ ଧର୍ମେନ୍ଦ୍ର ୧୪ ରନ୍ କରିଥିଲେ।

ପରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଟି-୧୦ ମ୍ୟାଚରେ ସେଲ ରାଞ୍ଚି ଦଳ ପ୍ରଥମେ ବ୍ୟାଟିଂ କରି ୬୫ ରନ୍ କରିଥିଲା। ଦଳ ପକ୍ଷରୁ ରୋଶନ କୁମାର ୧୨ରନ୍ ଏବଂ କୁଲସନ ଝା ୧୧ ରନ୍ କରିଥିଲେ। କଟକ ଦଳ ପକ୍ଷରୁ ନୌତମ ୩ ଉଇକେଟ ନେଇଥିଲେ। ଜବାବରେ କଟକ ଦଳ ୯.୧ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ଦଲାଲ ୧୮ ବଲରେ ୨୨ରନ୍ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟାପକ କୃଷ୍ଣମୋହନ ପଣ୍ଡା ଅତିଥି ଭାବେ ଯୋଗଦେଇ ୟୁନିୟନ ସ୍ପୋର୍ଟିଂ କଟକର ଜ୍ୟୋତିରଞ୍ଜନ ଦଲାଇଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ପରିଚାଳନା କରିଥିଲେ ଅମ୍ପାୟର ବଳରାମ ପଟ୍ଟନାୟକ ଓ ଚୁଡ଼ାମଣୀ ପାଢ଼ୀ। ଧରଣୀ ବାରିକ, ଗିତେଶ ନାଏକ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଅମରେଶ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବୁଧବାର ମ୍ୟାଚ ଗ୍ରୁପ-ବି'ର ବୋରାସମ୍ବର ସ୍ପୋର୍ଟିଂ ପଦ୍ମପୁର ଏବଂ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ।

**ବୋରାସମ୍ବର କପ୍**



ଅତିଥିମାନେ ଜ୍ୟୋତିରଞ୍ଜନଙ୍କୁ ପୁରସ୍କୃତ କରୁଛନ୍ତି।


# ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ



୰ ସ୍ମିତପ୍ରଜ୍ଞ ହୋତା (ଜିତୁ)
ଆବିର୍ଭାବ : ୦୯.୦୨.୧୯୭୫
ତିରୋଧାନ : ୦୬.୦୧.୨୦୨୦
ପରିବାରବର୍ଗ, ବଳଙ୍ଗା, ପୁରୀ
ଧ-୧୬୨୦୧

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ମୋହନ ଚରଣ ଦାସ
ଅରଜଙ୍ଗ, ତିର୍ତ୍ତୋଲ, ଜଗତ୍‌ସିଂହପୁର
ଆବିର୍ଭାବ: ୦୩।୧୧।୧୯୪୮
ତିରୋଧାନ: ୦୬।୦୧।୨୦୧୮
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା । ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଆମେ ଭୁଲିପାରିବୁ ନାହିଁ। ଆଜି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଜନ କୀର୍ତ୍ତନ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଦୋଳ, ବିଜି, ଗୋଲକ, ରୁନ, ମନ୍ତୁ, ଟିକ, ଟିଟୁନା, ମାମା, ନାତି, ନାତୁଣୀ, ପରିବାରବର୍ଗ ଓ ବନ୍ଧୁ ଆତ୍ମୀୟସ୍ୱଜନ ।
ଧ-୧୬୧୪୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରଶାନ୍ତ କୁମାର ଦାସ (ବାପୁଜୀ)
ଆବିର୍ଭାବ: ୨୮।୦୩।୧୯୪୯
ତିରୋଧାନ: ୨୪।୦୧।୨୦୧୯
ଆର୍.ସି ରୋଡ୍, ଭଞ୍ଜନଗର
ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ କେଉଁ ଅଜଣା ରାଇଜକୁ। ତୁମେ ଯେଉଁଠି ଥାଅନା କାହିଁକି ତୁମ ହୃଦୟର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରୁ ଆମକୁ ବଞ୍ଚିତ କରିବ ନାହିଁ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ହେଉ। ଆଜିର ପୁଣ୍ୟ ତିଥିରେ ଆମ୍ଭମାନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ସ୍ତ୍ରୀ: ମନୋରମା, ପୁତ୍ର: ଦେବାଶିଷ, ଆଶୁତୋଷ, କନ୍ୟା: ଶିବାନୀ, ସୌମ୍ୟା, ଜ୍ୱାଇଁ: ଅଶୋକ, ସତ୍ୟନାରାୟଣ, ନାତି/ନାତୁଣୀ: ଜିତ୍, ମାମୁନି, ଶିବାଂଶ ।
ଧ-୧୬୧୯୭

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ- ବଡ଼ଗାଁ, ଜିଲ୍ଲା- କେନ୍ଦ୍ରାପଡ଼ା
ତିରୋଧାନ: ୨୨।୦୧।୨୦୧୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନ ଆମ ପାଇଁ ଅଭୁଲା ସ୍ମୃତି ହୋଇ ରହିଛି। ଏହି ପୁଣ୍ୟ ତିଥିରେ ଆମ୍ଭେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି, ଆଶୀର୍ବାଦ ଭିକ୍ଷା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ।
ଧ-୬୮୩୨୭

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ**



୰ ସୁଦାମ ଚରଣ ପଟ୍ଟନାୟକ
ଆବିର୍ଭାବ: ୧୬.୧୦.୧୯୩୦
(କାର୍ତ୍ତିକ କୃଷ୍ଣନବମୀ)
ତିରୋଧାନ-: ୨୫.୦୧.୨୦୧୯
(ମାଘ କୃଷ୍ଣପଞ୍ଚମୀ)
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ ଶ୍ରଦ୍ଧା ଆମ ଜୀବନରେ ପ୍ରେରଣାର ଉତ୍ସ ହେଉ।
ଶୋକସନ୍ତପ୍ତ :
ସାତ୍ୟକୀ-ସୁଶ୍ରୀ, ସଞ୍ଜୟ-ସ୍ମିତା, ଶୁଭେନ୍ଦୁ-ଅର୍ଚ୍ଚନା, ସସ୍ମିତା-ଲୋକନାଥ ପ୍ରସାଦ, ସନ୍ଦୀପ-ପଲ୍ଲବୀ, ମିଠୁନ, ଲିପି-ବିବେକ, ରୁଷାଲୀ, ସୋନୁ, ଗୁଡ୍ଡି, ସୋମି, ପିନୁ ଓ କୋରା
ଧ-୧୬୨୦୨

# କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ: ଜାବରା, ଓଡ଼ିଶୋ ବିଜୟୀ

**ଧର୍ମଶାଳା,୧୪।୧(ଡିଏନ୍ଏ)**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ୫ମ କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ଦୁଇଟି ସୁପରଟେନ ମ୍ୟାଚରେ ଜାବରା ଓ ଓଡ଼ିଶୋ ଦଳ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚରେ ଜାବରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୨୬୮ ରନ କରିଥିଲା । ଦଳପକ୍ଷରୁ ସ୍ୱସ୍ତିକ ବେହେରା ୧୨୪ ଓ ରାକେଶ ପଣ୍ଡା ୫୭ ରନ କରିଥିଲେ । ଜବାବରେ ଜାରକା ଦଳ ୧୩.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୭୫ ରନ କରି ପରାସ୍ତ ହୋଇଥିଲା । ଦଳପକ୍ଷରୁ ଆଶୁତୋଷ ରାଉତ ୩୬ ଓ ସ୍ୱପ୍ନେଶ୍ୱର ବେହେରା ୩୫ ରନ କରିଥିଲେ । ଦ୍ୱିତୀୟ ମ୍ୟାଚରେ ଓଡ଼ିଶୋ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୯୪ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିକାଶ ରାଉତ ୮୭ ଓ ଅଭିଲାଷ ରାଉତ ୪୩ ରନ କରିଥିଲେ । ଜବାବରେ ଅଞ୍ଜିରା ଦଳ ବ୍ୟାଟିଂ କରି ୧୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ରନ କରି ପରାସ୍ତ ହୋଇଥିଲା । ଦଳ ପକ୍ଷରୁ ଅବିନାଶ ପ୍ରଧାନ ୨୭ ଓ ହୃଦାନନ୍ଦ ପରିଡା ୨୦ ରନ କରିଥିଲେ । ଏହି ମ୍ୟାଚକୁ ଇନ୍ତେଖାବ୍ ଆଲାମ୍, ଅମରେଶ ପରିଡ଼ା, ଉତ୍ତମ ସାମଲ ଓ ଦିଲକ ଜେନା ପରିଚାଳନା କରିଥିଲା ବେଳେ ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସ୍କୋରରେ ସହାୟତା କରିଥିଲେ । ବୁଧବାର ନଠୁଆବର ସହିତ ଜାବରା ଓ ଅଞ୍ଜିରା ସହିତ ପ୍ରଥମାଖଣ୍ଡି ପଞ୍ଚାୟତ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।







# କୋର୍ଟ ପରିସରରୁ ଚମ୍ପଟ ମାରିଥିବା ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ଚଣ୍ଡିଖୋଲ, ୧୪।୧(ଡି.ଏନ୍.ଏ.)**

ଚଣ୍ଡିଖୋଲ କୋର୍ଟ ପରିସରରେ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବା ପରେ ସେ କୋର୍ଟ ପରିସରରୁ ଚମ୍ପଟ ମାରିଥିଲେ । ତେବେ ଫେରାରର ୩ଘଣ୍ଟା ପରେ ଅଭିଯୁକ୍ତ କୋର୍ଟରେ ପୁଣି ଆତ୍ମସମର୍ପଣ କରିଛନ୍ତି। ପ୍ରକାଶ ଯେ, ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ସେକ ଅସମାନୁଦ୍ଦିନଙ୍କ ବିରୋଧରେ ଚୋରା ଲଘୁ ଖଣିଜ ଦ୍ରବ୍ୟ ଚୋରିକରିବିକ୍ରିକରିବା ଅଭିଯୋଗରେ ତହସିଲଦାରଙ୍କ ଅଭିଯୋଗ କ୍ରମେ ଦଫା ୩୭୯ଓ ୨୧ଏମ୍ଏମ୍ଡିଆର ଆକ୍ଟରେ ଏକ ମାମଲା(ନଂ.୫୩୨/୨୦୧୯) ରୁଜୁ ହୋଇଥିଲା । ଏହାଜାଣିବା ପରେ ଅଭିଯୁକ୍ତ ଅସମାନୁଦ୍ଦିନ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ । ହାଇକୋର୍ଟ ତାଙ୍କ ଆବେଦନର ଶୁଣାଣି କରି ତଳ କୋର୍ଟରେ ହାଜର ହୋଇ ଜାମିନ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ନିର୍ଦ୍ଦେଶ ଅଧାରରେ ମଙ୍ଗଳବାର ପୂର୍ବାହ୍ନରେ ଅସମାନୁଦ୍ଦିନ ଚଣ୍ଡିଖୋଲ ଜେଏମଏଫସି କୋର୍ଟରେ ଆତ୍ମସମର୍ପଣ କରିବାପରେ କୋର୍ଟ ତାଙ୍କ ଜାମିନ ଅବେଦନକୁ ଖାରଜ କରିଥିଲେ । ଏହାପରେ ଅପରାହ୍ନରେ ସବ୍‌ଜଜ କୋର୍ଟରେ ଅସମାନୁଦ୍ଦିନ ପୁନଃ ଜାମିନ ଆବେଦନ କରିଥିଲେ । ହେଲେ ସେଠାରେ ମଧ୍ୟ ଜାମିନ ଖାରଜ ହେବାରୁ ସେ ପୋଲିସକୁ ଚକମା ଦେଖାଇ କୋର୍ଟ ପରିସରରୁ ଖସି ପଳାଇଥିଲେ । ତେବେ କୋର୍ଟ ପୋଲିସ ଅଭିଯୁକ୍ତଙ୍କ ବାପା ଲିୟାକୁଦ୍ଦିନଙ୍କୁ ଅଟକ ରଖି ପଚରାଉଚରା କରିଥିଲା । ପୁଅକୁ ଫେରାର କରାଇବାରେ ସହଯୋଗ କରିଥିବାରୁ ଲିୟାକୁଦ୍ଦିନଙ୍କୁ ଗିରଫ କରିବାକୁ ପୋଲିସ ପ୍ରସ୍ତୁତ ହେଉଥିବା ଖବର କୌଣସି ସୂତ୍ରରୁ ଜାଣିବା ପରେ ଫେରାର ଅସମାଦ୍ଦିନ ସନ୍ଧ୍ୟା ୭ଟାରେ କୋର୍ଟରେ ଆସି ଆତ୍ମସମର୍ପଣ କରିଥିଲେ ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୫ ଜାନୁୟାରୀ, ୨୦୨୦



ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ସ୍ୱଭାବ ପରିବର୍ତ୍ତନ ନ ହୋଇଛି, ସେତେଦିନ ଦୁଃଖ କଷ୍ଟ ରହିବ ହିଁ ରହିବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ମହାବିନାୟକ ପୀଠରେ ବନ୍ଧୁ ମିଳନ

**ଚଣ୍ଡିଖୋଲ,୧୪।୧(ଡି.ଏନ.ଏ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିର ପାର୍ଶ୍ୱରେ ଧର୍ମଶାଳା ମହାବିଦ୍ୟାଳୟର ୧୯୯୫ ବ୍ୟାଚ ଛାତ୍ରୀଛାତ୍ରଙ୍କ ସୋମବାର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଧ୍ରୁବ ଚରଣ ସାହୁ ସଭାପତିତ୍ୱ କରିଥିଲେ। ସୁବାଷ ଚନ୍ଦ୍ର ପଣ୍ଡା ନୂଆ ବର୍ଷର କବିତା ପାଠ କରିଥିଲେ। ସାଗରିକା ବେହେରା, ସରସ୍ୱତୀ ସାହୁଙ୍କ ପରିଚାଳନରେ ଅନୁଷ୍ଠିତ ବନ୍ଧୁମିଳନରେ ୬୪ଜଣ ପୁରାତନ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶେଷରେ ଭଗବାନ ଶତପଥି ଧନ୍ୟବାଦ ଦେଇଥିଲେ।

### ରତ୍ନମଣିଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା

**ଜେନାପୁର,୧୪।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ବରାଳସାହି ଗ୍ରାମର ରତ୍ନମଣି ବରାଳଙ୍କ ଏକାଦଶାହରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଛି। ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତ ରାୟ୍, ବିଧାୟକଙ୍କ ପ୍ରତିନିଧି ନିର୍ମଳ କୁମାର ପ୍ରଧାନ, ୧୨ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ୧୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ପ୍ରତାପ କୁମାର ପ୍ରଧାନ, ରସୁଲପୁର ବ୍ଲକ ବିଜେଡି ସଭାପତି ସୁବାସ ଚନ୍ଦ୍ର ଖୁଣ୍ଟିଆ, ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ବେହେରା, ସବ୍ୟସାଚୀ ସୁନ୍ଦରାୟ ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକ, ରାଜକିଶୋର ମହାନ୍ତି, ଗିରିଧାରୀ ଜେନା, ଏମ୍‌ପିଙ୍କ ପ୍ରତିନିଧି ଉତ୍କଳ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗଦେଇ ରତ୍ନମଣୀଙ୍କ ସ୍ମୃତି ଚାରଣ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

### ବରୀ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ଜୀବନ ରକ୍ଷା କାର୍ଯ୍ୟକ୍ରମ

**ରତ୍ନଗିରି, ଡିଏନ୍ଏନ୍, ୧୪। ୧ :** ବରୀ ପୋଲିସ ପକ୍ଷରୁ ଏକ ନିଆରା ଢଙ୍ଗରେ ସଡ଼କ ସୁରକ୍ଷା ଜୀବନ ରକ୍ଷା କାର୍ଯ୍ୟକ୍ରମ କରାଯାଇଥିବାର ଦେଖିବାକୁ ମିଳିଛି। ବରୀ ପୋଲିସ ଓ ବରୀ ଅଞ୍ଚଳର ପୁରାତନ ଶିକ୍ଷାନୁଷ୍ଠାନ ବିଧାନଚନ୍ଦ୍ର ଏକାଡେମୀର ଛାତ୍ରୀଛାତ୍ରମାନେ ବରୀ ପୋଲିସ ସହିତ ମିଶି ଅଭିନବ ଉପାୟରେ ବରୀ-କଳାମାଟିଆ ରାସ୍ତାରେ ଛିଡା ହୋଇ ବାଇକ୍ ଆରୋହୀଙ୍କୁ ବାଇକ୍ ଚାଳନା ସମୟରେ ହେଲମେଟ୍ ପିନ୍ଧିବା, ମଦ୍ୟପାନ କରି ବାଇକ୍ ନ ଚଳାଇବା ଓ ଦୃତ ଗତିରେ ବାଇକ୍ ନ ଚଳାଇବାକୁ ପରାମର୍ଶ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ବରୀ ଥାନାର ନାରାୟଣ ଚନ୍ଦ୍ର ବେହେରା, ସନ୍ତୋଷ କୁମାର ବେହେରା, ଶିକ୍ଷୟିତ୍ରୀ ବିନୋଦିନୀ ସାହୁ ଓ ଦାମୋଦର ସାହୁ, ଅଟିରା ସରପଞ୍ଚଙ୍କ ପ୍ରତିନିଧି ନରହରି ପରିଡା, ପୁରାତନ ଛାତ୍ର ଚନ୍ଦନ ସାହୁ, ସୁଶାନ୍ତ ବିଶ୍ୱାଳଙ୍କ ସମେତ ବହୁ ଯୁବ ସମାଜସେବୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଶିଳ୍ପ ପାଇଁ ପୁଣି ବୈତରଣୀ ନଦୀଜଳ ବ୍ୟବହାର

# ଟେକ୍ସଟାଇଲ, ଫୁଡ ପାର୍କ ପାଇଁ ୧.୨ କ୍ୟୁସେକ୍ ଜଳ ଅନୁମତି

**ଯାଜପୁର ଅଫିସ,୧୪।୧**

କେନ୍ଦୁଝର, ଯାଜପୁର ଓ ଭଦ୍ରକ ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀଜଳ ପୁଣି ଏକ ଶିଳ୍ପ କମ୍ପାନୀ ପାଇଁ ବ୍ୟବହାର ହେବ। ବୈତରଣୀ ନଦୀ ଆଖୁଆପଦା ବ୍ୟାରେଜ ଡାଉନ୍‌ଷ୍ଟ୍ରିମରେ ଇନ୍‌ଟେକ ୱେଲ୍ ମାଧ୍ୟମରେ ପ୍ରତିସେକେଣ୍ଡରେ ୧.୨୨ କୁସେକ ନଦୀ ଜଳ ଧାମନଗର ଟେକ୍ସଟାଇଲ ଏବଂ ଫୁଡ୍‌ସ ପାର୍କରେ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁମତି ମିଳି ସାରିଛି। ପୂର୍ବରୁ ବିଆର୍‌ପିଏଲ ସ୍ଲରି ପାଇପ୍‌ଲାଇନ ଯୋଗେ ବୈତରଣୀ ନଦୀଜଳ ସହାୟତାରେ ଲୁହାପଥର ପରିବହନ କରୁଛି। ଏହାବାଦ ଯାଜପୁର ଜିଲାକୁ କୋରେଇ ବ୍ଲକ ରଗଡ଼ି କିଆପଦା ଦେଇ ଜେଏସ୍‌ଡବ୍ଲ୍ୟୁର ସ୍ଲରୀ ପାଇପଲାଇନ ପ୍ରବେଶ କରୁଛି। ବିଭିନ୍ନ ଶିଳ୍ପ ପାଇଁ ବୈତରଣୀ ନଦୀର ଜଳ ବ୍ୟବହାର କାରଣରୁ ଏହାର ସ୍ରୋତ ହ୍ରାସ ପାଇବା ସହ ଜିଲାର ଭୂତଳ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି। ଫଳରେ ପାନୀୟ ଜଳସମସ୍ୟା ଉତ୍କଟ ହେବାର ସମ୍ଭାବନା ମଧ୍ୟ ସୃଷ୍ଟି କରିଛି। ଅନ୍ୟପକ୍ଷେ ଯାଜପୁର ଜିଲା ସଦର ବ୍ଲକ ସମେତ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ୧୩,୧୦୦ହେକ୍ଟର ଚାଷଜମିରେ ହେଉଥିବା ଜଳସେଚନ ପାଇଁ ପାଣିର ଅଭାବ ରହିବ ବୋଲି ମତପ୍ରକାଶ ପାଇଛି।

ସରକାରୀ କଳ ଓ ପ୍ରଶାସନିକ ଅଧିକାରୀଙ୍କ ଅହେତୁକ କମ୍ପାନୀ ପ୍ରୀତି ଏବେ ଯାଜପୁର ଜିଲାବାସୀଙ୍କ ପାଇଁ କାଳ ହୋଇଛି। ସାଧାରଣ ଲୋକଙ୍କ ପାଇଁ ନଦୀ ଜଳଉତ୍ସରୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଇ ପାରୁ ନ ଥିବାବେଳେ ସରକାର ଶିଳ୍ପ କମ୍ପାନୀଗୁଡ଼ିକୁ ନଦୀ ଜଳ ଯୋଗାଇବାରେ ଆଦୌ ହେଳା କରାଯାଉନାହିଁ। ଜିଲାର ୩ଟି ପ୍ରମୁଖ ନଦୀର ୧୧୭୦୩.୫୫ ମିଲିୟନ କ୍ୟୁବିକ ମିଟର(ଏମ୍‌ସିଏମ୍) ଜଳ ବ୍ୟବହାର ନ ହୋଇ ସମୁଦ୍ରରେ ମିଶୁଛି। ଜଳ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ସହ ଜଳସେଚନର ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ପ୍ରଣୀତ ବିଭିନ୍ନ ପ୍ରକଳ୍ପ ଯାଜପୁର ଜିଲାରେ ଉପେକ୍ଷିତ ହେଉ ଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏହାସହ ଭୂତଳ ଜଳ ଓ ବର୍ଷାଜଳକୁ ସଂରକ୍ଷଣ କରିବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯାଜପୁର ଜିଲାରେ ନୈରାଶ୍ୟଜନକ ହୋଇଛି। ଅନ୍ୟପକ୍ଷେ ଜିଲାରେ ଗଢି ଉଠିଥିବା ଶିଳ୍ପ କାରଖାନାଗୁଡ଼ିକରେ ନଦୀ ଓ ଭୂତଳ ଜଳ ବ୍ୟବହାର ଅଣାୟତ୍ତ ହେଉଥିବାରୁ ଜିଲାର



■ଜଳ ସମ୍ପଦ ବିଭାଗ ପକ୍ଷରୁ ମଞ୍ଜୁରୀ
■ଶୁଖି ଯିବା ଅବସ୍ଥାରେ ନଦୀଜଳ ସ୍ରୋତ
■ଲୋକଙ୍କ ବ୍ୟବହାରଠାରୁ ୧୨ଗୁଣ ଅଧିକ ଶିଳ୍ପରେ ବ୍ୟବହାର ହେଉଛି

ଭୂତଳ ଜଳସ୍ତର ନିମ୍ନଗାମୀ ହୋଇ ପାନୀୟ ଜଳସମସ୍ୟା ଉତ୍କଟ ହେଉଛି। ଓଡ଼ିଶାରେ ୧୧ଟି ବୃହତ ନଦୀ ପ୍ରବାହିତ ହେଉଛି। ତନ୍ମଧ୍ୟରୁ ଆନ୍ତରାଜ୍ୟ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଏବଂ ଓଡିଶାରେ ଉତ୍ପତି ହୋଇଥିବା ବୈତରଣୀ, ବୁଢାବଳଙ୍ଗ, ଋଷିକୁଲ୍ୟା ପ୍ରବାହିତ ହୋଇ ସମୁଦ୍ରରେ ମିଶିଛନ୍ତି। ତନ୍ମଧ୍ୟରୁ ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ ଓ ଏହାର ଶାଖାନଦୀଗୁଡିକ ଯାଜପୁର ଜିଲା ଦେଇ ପ୍ରବାହିତ ହୋଇ ସମୁଦ୍ରରେ ମିଶୁଛି। ଏହି ଜିଲାରେ ଗଢି ଉଠିଥିବା ଷ୍ଟିଲ୍, ଫେରୋକ୍ରୋମ, ସିମେଣ୍ଟ ଆଦି କମ୍ପାନୀ ସହ ରତ୍ନଗର୍ଭା ସୁକିନ୍ଦା ଅଞ୍ଚଳର ବିଭିନ୍ନ ଖଣି କମ୍ପାନୀଗୁଡ଼ିକ ମଧ୍ୟ ଭୂତଳ ଓ ନଦୀ ଜଳ ବ୍ୟବହାର କରୁଛନ୍ତି। ରାଜ୍ୟରେ ୧୧ଟି ନଦୀର ସର୍ବମୋଟ ଜଳପ୍ରବାହ ୯୫,୫୪୦ ମିଲିୟନ କ୍ୟୁବିକ ମିଟର(ଏମ୍‌ସିଏମ୍) ହୋଇଥିବାବେଳେ ଯାଜପୁର ଜିଲା ଦେଇ ଯାଇଥିବା ବୁଢାବଳଙ୍ଗ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ଜଳପ୍ରବାହ ୨୧,୯୬୬ ଏମ୍‌ସିଏମ୍ । ଏହି ୩ଟି ନଦୀରୁ ଜଳସେଚନ ପାଇଁ ୩୯୫୧.୫୧ ଏମ୍‌ସିଏମ୍, ଲୋକଙ୍କ ପାଇଁ ଜଳଯୋଗାଣର କ୍ଷେତ୍ରରେ ୮୨.୩୦ ଏମ୍‌ସିଏମ୍, ଶିଳ୍ପ ପାଇଁ ୧୦୫୫.୯୫ ଏମ୍‌ସିଏମ୍ ଓ ପର୍ଯ୍ୟାବରଣ ପାଇଁ ବର୍ଷକୁ ୪୭୨୨.୭୦ ଏମ୍‌ସିଏମ୍ ଜଳ ଆବଶ୍ୟକ ହୁଏ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚାହିଦା ମେଣ୍ଟାଇବା ପରେ ବଳକା ୧୧୭୦୩.୫୫ ଏମ୍‌ସିଏମ୍ ଜଳ ସମୁଦ୍ରରେ ମିଶୁଛି। ଏଥିରୁ ସ୍ପଷ୍ଟ ଯେ, ଯାଜପୁର ଜିଲାରେ ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେଉଥିବା ନଦୀଜଳର ୧୨ଗୁଣ ଅଧିକ ଜଳ ଶିଳ୍ପ ପାଇଁ ବ୍ୟବହୃତ ହେଉଛି। ଖରାମାସରେ ଜିଲାବାସୀଙ୍କୁ ଏଥିଯୋଗୁ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେବାକୁ ପଡୁଛି। କେନ୍ଦୁଝର ଜିଲା ଗୋନାସିକା ପର୍ବତରୁ ଉତ୍ପତ୍ତି ବୈତରଣୀ ନଦୀରୁ ଟେକ୍ସଟାଇଲ ଏବଂ ଫୁଡ ପାର୍କ ପାଇଁ ନଦୀ ଜଳ ବ୍ୟବହାର କରିବାକୁ ଅନୁମତି ମିଳିବା ପରେ ଇନ୍‌ଟେକ ୱେଲ୍ ଖୋଳିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ଯାଜପୁର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

### ସଡକ ଦୁର୍ଘଟଣାରେ ଜଣେ ମୃତ

**ସୁକିନ୍ଦା,୧୪।୧(ଡି.ଏନ୍.ଏ.)**

ସୁକିନ୍ଦା ଥାନା ଅଧୀନ ମୂଳଖମ୍ବ ଗ୍ରାମର ବସନ୍ତ ପାତ୍ରଙ୍କ ଜ୍ୱାଇଁ ବାପୀ ପାତ୍ର (୨୫)ଙ୍କ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲା ଗଁଦିଆ ଥାନା ବଲ୍ଲଭ ଗ୍ରାମର ପାଗଳ ପାତ୍ରଙ୍କ ବଡ଼ପୁଅ ବାପୀ ପେଷାରେ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ଭୋର ସମୟରେ ସେ ଚଳାଉଥିବା ଲୋଡେଡ ଟ୍ରକ୍‌କୁ ଖାଲି କରି ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ କିଛି ସମୟ ରହି ଟ୍ରକ୍‌ର ହେଲ୍‌ପରଙ୍କୁ ଘରେ ଛାଡ଼ିବାକୁ ଏକ ବାଇକ୍ ଯୋଗେ ଢ଼େଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ନୂଆଗାଁକୁ ଯାଇଥିଲେ। ସେଠାରେ ହେଲ୍‌ପରଙ୍କୁ ଛାଡ଼ି ଫେରୁଥିବାବେଳେ ଭୁବନ ଥାନା ଅନ୍ତର୍ଗତ କୁମୁରିସିଙ୍ଗା ଗ୍ରାମ ସନ୍ନିକୋଟ ଜଙ୍ଗଲ ମଝି ରାସ୍ତାରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ରାସ୍ତା କଡ଼ରେ ଥିବା ପିଲରରେ ବାଡ଼େଇହୋଇ ଛିଟିକି ପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଭୁବନ ଅଗ୍ନିଶମ ବିଭାଗକୁ ଖବର ଦେବାରୁ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରୁ ଦୁର୍ଘଟଣାର ଶିକାର ହୋଇଥିବା ବାପୀଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତିକରିଥିଲେ।ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳକରେ ପହଞ୍ଚିବା ସହ ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ଆଜିଠୁ ୮ମ ଯାଜପୁର ଜିଲା ମହୋତ୍ସବ ଯଯାତି-୨୦୨୦

# ୩୦୦ କଳାକାରଙ୍କ ହେବ ସମାବେଶ

**ଯାଜପୁର ଅଫିସ,୧୪।୧**

ଯାଜପୁର ଜିଲାର ପୂଣ୍ୟତୋୟା ବୈତରଣୀ ତଟରେ ଥିବା ବାଳାଶ୍ରମ ପଡ଼ିଆ ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତ। ରାତି ପାହିଲେ ୮ମ ଯାଜପୁର ଜିଲା ମହୋତ୍ସବ ଯଯାତି-୨୦୨୦ ଓ ପଲ୍ଲିଶ୍ରୀ ମେଳା ଆରମ୍ଭ ହେବ। ବୁଧବାର ୧୫ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୩୦୦ କଳାକାରଙ୍କ ସମାଗମ ହେବ। ଖୋଲା ମଞ୍ଚରେ ସମ୍ବଲପୁରୀ ନୃତ୍ୟର ତାଳେତାଳେ ଲୋକକଳା, ଲୋକଗୀତ, ସଂସ୍କୃତି ଓ ପରମ୍ପରାର ଏହି ମହୋତ୍ସବ ବାର୍ତ୍ତା ବହନ କରିବ ବୋଲି ମତପ୍ରକାଶ ପାଇଛି। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ ମହୋତ୍ସବର ଆୟୋଜନ ହେଉଛି। ଏହାସହ ଯୋଡ଼ା ଯାଇଛି ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା।



ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟା ରମାଦେବୀଙ୍କ ସ୍ମରଣରେ ଯଯାତି ସମ୍ମାନ କଟକ ବାଖରାବାଦସ୍ଥିତ ରାମଦେବୀ ଟ୍ରଷ୍ଟକୁ ପ୍ରଦାନ କରାଯିବ। ସେହିପରି ଇଣ୍ଡୋତିବେତାନ ପୋଲିସର ଆଇଜି ଭାବେ ଦାୟିତ୍ୱ ନେଇଥିବା ଯାଜପୁର ବଡ଼ଚଣାର ସୁଧାଂଶୁ ମିଶ୍ରଙ୍କୁ ସମ୍ମାନିତ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ସୋମବାର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଦାସଙ୍କ ଅଧ୍ୟକ୍ଷତାରେ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀରରଞ୍ଜନ ଦାଶ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ଯୋଗଦେବେ। ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମୁଖ୍ୟବକ୍ତା ଓ ଜିଲାର ସମସ୍ତ ବିଧାୟିକାବିଧାୟକ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ସନ୍ଧ୍ୟା ୭ଟାରେ ବିଶିଷ୍ଟ କଣ୍ଠଶିଳ୍ପୀ ସୋନୁ ନିଗମ ଓ ସାଥି ସଙ୍ଗୀତ ପରିବେଷଣ କରିବାର

**ଉଦ୍‌ଘାଟନୀ ଉତ୍ସବରେ ସୋନୁନିଗମ୍‌ଙ୍କ ସାଂସ୍କୃତିକ ସନ୍ଧ୍ୟା**

କାର୍ଯ୍ୟକ୍ରମ ରହିଛି। ସକାଳୁ ମା’ ବିରଜାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ସାଂସ୍କୃତିକ ଶୋଭାଯାତ୍ରା ହେବ। ଦ୍ୱିତୀୟ ଦିବସରେ ଓଲିଉଡ କଣ୍ଠଶିଳ୍ପୀ ଶୈଳେନ୍ଦ୍ର, ତପୁ ମିଶ୍ର, ଦୀପ୍ତିରେଖା, ସନମୀରା, ଆଶୁତୋଷ, ଶ୍ରେୟାନ, କୁମାର ଓ ଜେସ୍ମିଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ରହିଛି। ତୃତୀୟ ସନ୍ଧ୍ୟାରେ ବଲିଉଡର କଣ୍ଠଶିଳ୍ପୀ ନକାସ ଅଜିଜ ଓ ସାଥିଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହେବ। ଏହାବାଦ ୪ର୍ଥ ସନ୍ଧ୍ୟାରେ ଓଡ଼ିଶୀ, ଗୋଟିପୁଅ, ସୁର ଭାଇବ୍ରେଶନ, ଲୋକନୃତ୍ୟ ଓ ସମ୍ବଲପୁର ନୃତ୍ୟ ଏବଂ ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶୀ, ଛଉ ନୃତ୍ୟ, ଜ୍ୟାକ୍‌ସନ ଡ୍ୟାନ୍ସ ଗ୍ରୁପ, ଶିଳ୍ପୀ କଳାନିକେତନ ଓ ସମ୍ବଲପୁରୀ ନୃତ୍ୟର କଳାକାରଙ୍କ ସମାବେଶ ହେବ ବୋଲି ସୂଚନା ଦିଆଯାଇଛି।

## ନୈରାଶ୍ୟ ପ୍ରଦର୍ଶନକାରୀ ତହସିଲଦାରଙ୍କୁ କୈଫିୟତ ତଲବ

**ଯାଜପୁର ଅଫିସ,୧୪।୧**

ଯାଜପୁର ଜିଲା ମାସିକ ରାଜସ୍ୱ ସମୀକ୍ଷା ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ସମୀକ୍ଷା ବୈଠକରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ତହସିଲଦାରମାନଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କଠାରୁ ଜିଲାପାଳ ରଞ୍ଜନ କୁମାର ଦାସ କୈଫିୟତ ମାଗିଥିଲେ। ବାକିଥିବା ବିଭିନ୍ନ ରାଜସ୍ୱ ମାମଲାଗୁଡିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଫଇସଲା କରି ଜନସାଧାରଣଙ୍କୁ ସହଜରେ ନ୍ୟାୟ ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ୫-ଟି ମନ୍ତ୍ର ଜନସାଧାରଣଙ୍କ ନିକଟରେ ପାଳନ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଲଘୁ ଖଣିଜ ଉତ୍ସଗୁଡ଼ିକର ଯୋଜନା ପ୍ରସ୍ତୁତ କରି ପରିବେଶ ମଞ୍ଜୁର ପ୍ରଦାନ, ନୂତନ ସୈରାତ ଉତ୍ସ, ଖଣିଜ ପ୍ରଦାର୍ଥ ଚୋରାଚାଲାଣ ରୋକିବା ପାଇଁ ଚେକ୍ ପୋଷ୍ଟ ନିର୍ମାଣ, ସରକାରୀ ଜମି ସୁରକ୍ଷା ଓ ପ୍ରାପ୍ତ ଅର୍ଥ ରାଶିର ବିନିଯୋଗ ପ୍ରମାଣପତ୍ର ପ୍ରଦାନ, ସରକାରୀ ଜମି ହସ୍ତାନ୍ତର ହୋଇ ଅବ୍ୟବହୃତ ହୋଇ ପଡ଼ିଥିବା ଓ ବଳକା ହସ୍ତାନ୍ତର ସରକାରୀ ଜମିକୁ ଚିହ୍ନଟ କରି ଫେରାଇ ଆଣିବା, ଭୂଦାନ କିସମ ନିୟମାବଳୀ ପରିବର୍ତ୍ତନ, ଜିଲାରେ ୩୨ଟି ନୂଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ପ୍ରତିଷ୍ଠା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ବସୁନ୍ଧରା ଯୋଜନାରେ ଜମିର ଅଗ୍ରଗତି, ଉଚ୍ଚ ନ୍ୟାୟାଳୟ ଏବଂ ବିଭିନ୍ନ ନ୍ୟାୟାଳୟରେ ପଡି ରହିଥିବା ମାମଲାଗୁଡ଼ିକରେ ପିଡବ୍ଲ୍ୟୁସି ଓ ପ୍ରତିଉତ୍ତର ଯଥା ସମୟରେ ଦାଖଲ କରିବାକୁ ଜିଲାପାଳ ତହସିଲଦାରଙ୍କୁ ତାଗିଦ କରିଥିଲେ। ଫନୀ, ବୁଲ୍‌ବୁଲ୍ ଓ ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଓ ବାସହୀନଙ୍କୁ ଯଥାଶୀଘ୍ର ସହାୟତା ରାଶି ପ୍ରଦାନ କରି ବିନିଯୋଗ ପତ୍ର ଦାଖଲ ଏବଂ ରୋଜଭ୍ୟାଲିର କମିଶନକୁ ତଦନ୍ତ ସାରି ବୃତ୍ତାନ୍ତ

**ଜିଲା ମାସିକ ରାଜସ୍ୱ ସମୀକ୍ଷା ବୈଠକ**

ରିପୋର୍ଟ ଚଳିତ ମାସ ୨୪ ତାରିଖ ସୁଦ୍ଧା ଶେଷ କରିବାକୁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଏବଂ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଏକ ମିଳିତ କମିଟି ଗଠନ କରାଯାଇ ଯୋଗ୍ୟ ଘରଡିହ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆସନ୍ତା ୩୧।୧।୨୦୨୦ ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ଯୋଗାଇ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ସହାୟକ ଜିଲାପାଳ ତରଣୀସେନ ପଟ୍ଟନାୟକ, ରାଜସ୍ୱ ବିଭାଗର ଉପ ବିଭାଗୀୟ ଅଧିକାରୀ ଶଶିଭୂଷଣ ମିଶ୍ର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ।

## ଆଇଆଇସିଙ୍କୁ ସମ୍ମାନିତ କଲେ ରାଜ୍ୟ ମହିଳା ଆୟୋଗ

**ସୁକିନ୍ଦା,୧୪।୧(ଡି.ଏନ୍.ଏ.)**

ଦୀଘ ୧୯ବର୍ଷ ଧରି ଓଡ଼ିଶା ପୋଲିସ ବିଭାଗରେ ରହି ଏକାଧିକ ଥାନାରେ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇ ଜନପ୍ରିୟତା ଲାଭ କରିବା ସହ ବିଶେଷକରି ଆଇନ ଶୃଙ୍ଖଳା ରକ୍ଷା କରିବା ଏବଂ ମହିଳାମାନଙ୍କୁ ହେଉଥିବା ନିର୍ଯାତନା ଅଭିଯୋଗକୁ ଉପଯୁକ୍ତ ତଦନ୍ତ କରି ନ୍ୟାୟ ଦେବାକୁ ଅବିରତ ଉଦ୍ୟମ କରି ସାଧାରଣ ଜନତାଙ୍କ ବିଶ୍ୱାସ ଭାଜନ ହୋଇପାରିଥିବା ସୁକିନ୍ଦା ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀଙ୍କୁ ରାଜ୍ୟମହିଳା ଆୟୋଗ ତରଫରୁ ମଙ୍ଗଳବାର ମଧ୍ୟାହ୍ନରେ ସମ୍ମାନିତ କରାଯାଇଛି। ସୁଚନାଯୋଗ୍ୟ ଓଡିଶା ରାଜ୍ୟ ମହିଳା ଆୟୋଗ ଭୁବନେଶ୍ୱର ତରଫରୁ ମଙ୍ଗଳବାର ୨୭ତମ ପ୍ରତିଷ୍ଠା ଦିବସରେ ଆୟୋଜିତ ଉତ୍ସବରେ ମୋଟ ଆଠ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକିନ୍ଦା ଥାନାଧିକାରୀ ବିଚିତ୍ରାନନ୍ଦ ସେଠୀ, ଜଗତସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜନୈକ ନାବାଳିକାଙ୍କୁ ବଳାତ୍କାର ମାମଲାକୁ ତଦନ୍ତ କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବାରେ ପ୍ରମୁଖ ଭୂମିକା ନିଭାଇବାଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ମିନତି ବେହେରା, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ସମ୍ମାନିତ ଥାନାଧିକାରୀ ବିଚିତ୍ରାନନ୍ଦଙ୍କୁ ସମ୍ମାନିତ କରିଛନ୍ତି।

# ଜମିହରାଙ୍କୁ ମିଳୁନି ନିଯୁକ୍ତି

**କଳିଙ୍ଗନଗର, ୧୪।୧ (ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳର ଇମାମି କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ବେକାର ଯୁବତୀଯୁବକମାନଙ୍କୁ ନିଯୁକ୍ତି ନ ଦେଇ ସମୟ ଗଡାଇ ଚାଲିଛନ୍ତି। ପୂର୍ବରୁ ଜମିହରାମାନେ ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଯୋଗ୍ୟତା ଭିତ୍ତିରେ ସେମାନଙ୍କୁ କମ୍ପାନୀରେ ନିଯୁକ୍ତି ମିଳିବ ବୋଲି ଆଲୋଚନାରେ ସହମତି ପ୍ରକାଶ ପାଇଥିଲା। କିନ୍ତୁ ଇତିମଧ୍ୟରେ ୩ ମାସ ବିତି ଯାଇଥିଲେ ବି କାରଖାନା କର୍ତ୍ତୃପକ୍ଷ ପ୍ରଶାସନ ନିର୍ଦ୍ଦେଶକୁ ବେଖାତିର କରି ସମୟ ଗଡ଼ାଇ ଚାଲିଛନ୍ତି, ଯାହାକୁ ନେଇ ପୁଣି ଜମିହରାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଆଗାମୀ ୭ ଦିନ ମଧ୍ୟରେ ସମସ୍ତ ଦାବି ପୂରଣ ନ ହେଲେ ପୁନଃ ଆନ୍ଦୋଳନ କରାଯିବ ବୋଲି ମାନ୍ତିରା ଗ୍ରାମର ଜମିହରାମାନେ ଚେତାବନୀ ଦେଇଛନ୍ତି। ଏ ନେଇ ସେମାନେ ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଏଡିଏମ୍ କଳିଙ୍ଗନଗର, ଆଡିଶନାଲ ଏସପି କଳିଙ୍ଗନଗର, ଯଖପୁରା ଥାନାଧିକାରୀ ଓ ଇମାମି କାରଖାନା ସିଇଓଙ୍କୁ ମଙ୍ଗଳବାର ଦାବିପତ୍ର ପଠାଇଛନ୍ତି।

**ପ୍ରଶାସନ ନିର୍ଦ୍ଦେଶ ମାନୁନି ଇମାମି କାରଖାନା**

ସୂଚନାଥାଉ କି, ଇମାମି କାରଖାନା ପାଇଁ ଜମି ହରାଇଥିବା ମାନ୍ତିରା ଗ୍ରାମବାସ କମ୍ପାନୀର ମିଥ୍ୟା ପ୍ରତିଶ୍ରୁତିକୁ ବିରୋଧ କରି କମ୍ପାନୀ ଆଗରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବେ ବୋଲି ସ୍ଥିର କରିଥିଲେ। ଜମିହରାଙ୍କୁ ଯୋଗ୍ୟତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି, ମାନ୍ତିରା ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିବା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗ୍ରାମରେ ଆଲୋକୀକରଣ ବ୍ୟବସ୍ଥା, ପ୍ରତ୍ୟେକ ମାସରେ ଅନ୍ତତଃ ୪ ଥର ଡାକ୍ତର ସହାୟତାରେ ଚିକିତ୍ସା ସୁବିଧା, କାରଖାନାରୁ ନିର୍ଗତ ବର୍ଜ୍ୟ ଜଳ ଚାଷ ଜମିରେ ମାଡୁଥିବା ବେଳେ ଫସଲ ହେଉ ନ ଥିବାରୁ କାରଖାନା କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେବାକୁ ମାନ୍ତିରା ଗ୍ରାମବାସୀ ଦାବି କରିଥିଲେ। ଗତ ଅକ୍ଟୋବର ୨୯ରୁ ୭ଦିନ ମଧ୍ୟରେ ସମସ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ। ହେଲେ ଏହାର ସମାଧାନ ପାଇଁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ଯଖପୁରା ଥାନାଧିକାରୀ ଲକ୍ଷ୍ମଣ କୁମାର ଦଣ୍ଡସେନା, ଇମାମି କାରଖାନା ମୁଖ୍ୟ ପ୍ରଭାତ କୁମାର ସିଂ ଓ ସ୍ଥାନୀୟ ଜମିହରାମାନଙ୍କ ଉପସ୍ଥିତି ଏକ ବୈଠକ ବସିଥିଲା। ଆଗାମୀ ସାତଦିନ ମଧ୍ୟରେ ଜମିହରାଇଥିବା ଅଧିବାସୀଙ୍କୁ ଯୋଗ୍ୟତା ଭିତ୍ତିରେ ଚାକିରି ଦେବା ପାଇଁ ଆଲୋଚନାରେ ସହମତି ପ୍ରକାଶ ପାଇଥିଲା। କିନ୍ତୁ ଏ ଯାଏ କମ୍ପାନୀ କର୍ତ୍ତୃପକ୍ଷ ଦିନ ଗଡ଼ାଇ ଚାଲିଥିବାରୁ ପୁଣିଥରେ ଆନ୍ଦୋଳନ ହେବ ବୋଲି ଜମିହରାମାନେ କହିଛନ୍ତି।

# ସରକାରୀ ଅନୁଦାନରୁ ବଞ୍ଚିତ ହେଉଛି ଶିଶୁ ପରିଚର୍ଯ୍ୟା କେନ୍ଦ୍ର

**ଚଣ୍ଡିଖୋଲ,୧୪।୧(ଡି.ଏନ୍.ଏ.)**

ସରକାର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ପାଇଁ ଯୋଜନା ପ୍ରଣୟନ କରୁଛନ୍ତି। ସେହି ଯୋଜନାଗୁଡ଼ିକ କିପରି ଲୋକଙ୍କ ପାଖରେ ପହଞ୍ଚିବ ସେନେଇ କାର୍ଯ୍ୟର ତଦାରଖ କରାଯାଉଛି। ତେବେ ଅବହେଳିତ ଶିଶୁମାନଙ୍କୁ ପୁର୍ନଜନ୍ମ ଦେଉଥିବା ଶିଶୁ ପରିଚର୍ଯ୍ୟା କେନ୍ଦ୍ରଗୁଡ଼ିକ ସରକାରୀ ଅନୁଦାନରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ବଡ଼ଚଣା ବ୍ଲକରେ ୨ଗୋଟି ଶିଶୁ ପରିଚର୍ଯ୍ୟା କେନ୍ଦ୍ର ରହିଛି। ଗୋଟିଏ ଏହି ବ୍ଲକ ଅନ୍ତର୍ଗତ ବୁଢ଼ା କେନ୍ଦୁଆଠାରେ ନେଶନ ନାମରେ ୫୦ରୁ ଅଧିକ ଶିଶୁଙ୍କୁ ରଖି ପାଠ ପଢାଯାଉଥିବାବେଳେ ଅନ୍ୟଟି ବଡ଼ଚଣାର ଶାସନ ପୁରୁଷୋତ୍ତମପୁର ଗ୍ରାମରେ ଆମ ଘର ନାମରେ ପରିଚିତ। ଯାଜପୁର ଜିଲାରେ ୬ଟି ଶିଶୁ ପରିଚର୍ଯ୍ୟା କେନ୍ଦ୍ର ରହିଥିବାବେଳେ ସେଥିମଧ୍ୟରୁ ୩ଟିକୁ ସରକାରୀ ସହାୟତା ମିଳୁଛି। ଯାଜପୁର ଟାଉନରେ ଥିବା ବାଳାଶ୍ରମ କେନ୍ଦ୍ରକୁ ସମ୍ପୂର୍ଣ୍ଣ ସହାୟତା ମିଳୁଥିବାବେଳେ ଅନ୍ୟଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନଗୃହକୁ ସମସ୍ତ ପ୍ରକାର ସହାୟତା ସରକାର ଯୋଗାଇ ଦେଉଛନ୍ତି। ସେହିଭଳି ଅଳକୁଣ୍ଡରେ ଥିବା ବଳଦେବଜୀଉ ସେବାଶ୍ରମକୁ ସରକାରୀ ଅନୁଦାନ ମିଳୁଛି। ତେବେ ନେଶନ ଓ ଆମଘର ଶିଶୁ ପରିଚର୍ଯ୍ୟା କେନ୍ଦ୍ରକୁ କୌଣସି ନିୟମିତ ଭାବେ ଅନୁଦାନ ମିଳୁ ନ ଥିବାରୁ ଏହି କେନ୍ଦ୍ର ଚଳାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଯାଜପୁର ଜିଲା ପ୍ରଶାସନ ତରଫରୁ ନେଶନ ଅନୁଷ୍ଠାନକୁ ୨ଟି ଏଲ୍‌ପିଜି ସିଲିଣ୍ଡର, ୩ଟି ସିସି ଟିଭି, ୧ଟି ଇନଭର୍ଟର, ପଙ୍ଖା ଇତ୍ୟାଦି ଯୋଗାଯାଇଥିବାବେଳେ ସେଠାରେ ରହୁଥିବା ପିଲାମାନଙ୍କ ରହିବା ପାଇଁ ବାସଗୃହ କିମ୍ବା ଶ୍ରେଣୀ ଗୃହ ଏପର୍ଯ୍ୟନ୍ତ ସରକାରୀସ୍ତରରେ ଯୋଗାଇ ଦିଆଯାଇ ନାହିଁ। ସେମାନଙ୍କ ଦୈନିକ ଖାଦ୍ୟପେୟ ଏବଂ ପୋଷାକ ଯାହା ସରକାରୀସ୍ତରରେ ମିଳିବା କଥା ତାହା ଏଯାବତ୍ କରାଯାଇ ନାହିଁ। ସେହିଭଳି ଆମଘର ଅନୁଷ୍ଠାନକୁ କେବଳ ଛୋଟ ଛୋଟ ଜିନିଷ ଦିଆଯାଇଥିବାବେଳେ ଦୈନନ୍ଦିନ ଆବଶ୍ୟକ ବାସଗୃହ, ଖାଦ୍ୟ ଓ ପୋଷାକ ଦିଆଯାଇ ପାରିନାହିଁ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତିମାନଙ୍କ ଆର୍ଥିକ ସହାୟତା ଯୋଗୁ ଏହି ୨ଟି ଅନୁଷ୍ଠାନ ଦୀର୍ଘବର୍ଷ ଧରି ଚାଲିଆସୁଛି। ଏଠାରେ ରହୁଥିବା ଅବହେଳିତ ଶିଶୁମାନଙ୍କ ଦୈନନ୍ଦିନ ଜୀବନର ଆବଶ୍ୟକତାକୁ ସରକାରଙ୍କ ତରଫରୁ ଅଣଦେଖା କରାଯାଉଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି। ସରକାର ସମସ୍ତଙ୍କୁ ବଞ୍ଚିବା ପାଇଁ ଏବଂ ମୌଳିକ ଅଧିକାର ଦେବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିବାବେଳେ ଏହି ଅବହେଳିତ ଶିଶୁମାନଙ୍କ ପ୍ରତି ଯତ୍ନବାନ ହେବା ପାଇଁ ବୁଦ୍ଧିଜିବୀମାନେ ଦାବୀ କରିଛନ୍ତି। ଏସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରେ ସେ କୁହନ୍ତି ଯାଜପୁର ଜିଲାରେ ଥିବା ୬ଟି ଶିଶୁ ପରିଚର୍ଯ୍ୟା କେନ୍ଦ୍ର ମଧ୍ୟରୁ ୩ଟିକୁ ସମ୍ପୂର୍ଣ୍ଣ ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ତେବେ ନେଶନ ଓ ଆମଘର ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ସମ୍ପୂର୍ଣ୍ଣ କାଗଜପତ୍ର ଏପର୍ଯ୍ୟନ୍ତ ସରକାରଙ୍କ ନିକଟରେ ଦାଖଲ ହୋଇପାରି ନାହିଁ। ଯେଉଁଥିପାଇଁ ସେମାନେ ସହାୟତାରୁ ବଞ୍ଚିତ ହେଉଛନ୍ତି। ତଥାପି ଜିଲା ପ୍ରଶାସନ ତରଫରୁ ବିଭିନ୍ନ ସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ ୮୫ହଜାର ଟଙ୍କାର ଆର୍ଥିକ ସହାୟତା ନେସନକୁ ଦିଆଯାଇଛି ବୋଲି କର କହିଛନ୍ତି।

## ସଂକ୍ଷେପରେ



### କୂଅରୁ ଉଦ୍ଧାର ହେଲେ ୨ ବାର୍‌ହା

**ରଣପୁର,୧୪।୧(ସ୍ୱ.ପ୍ର.):** ରଣପୁର ବ୍ଲକ ବ୍ରଜରାଜପୁର ପଞ୍ଚାୟତ କୁଞ୍ଜବନ ଗାଁର ସରପଞ୍ଚ ସୁକାନ୍ତ ସାମନ୍ତରାୟଙ୍କ ବାରିପଟ କୂଅରୁ ମଙ୍ଗଳବାର ରଣପୁର ବନ ବିଭାଗ ୨ଟି ବାର୍‌ହା ଉଦ୍ଧାର କରିଛି। ଉଦ୍ଧାର ପରେ ଗୋଟିଏ ବାର୍‌ହା ଜଙ୍ଗଲକୁ ଚାଲି ଯାଇଥିବାବେଳେ ଅନ୍ୟଟି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ଯାଇଥିଲା। ପରେ ବନ କର୍ମଚାରୀ ତାହାକୁ ଉଦ୍ଧାର କରି ଭେଟବର ସଂରକ୍ଷିତ ଜଙ୍ଗଲରେ ଛାଡିଥିଲେ। ସୋମବାର ରାତିରେ ବାଙ୍କପୁର ଗୋଲାପୋଖରୀ ଜଙ୍ଗଲରୁ ଏକ ବାର୍‌ହା ପଲ ଖାଦ୍ୟ ଅନ୍ୱେଷଣରେ କୁଞ୍ଜବନ ଗାଁକୁ ଚାଲିଆସିଥିଲେ। ଏଥିରୁ ୨ଟି ବାର୍‌ହା କୂଅରେ ପଡି ଯାଇଥିଲେ। ଏହା ଜଣାପଡିବା ପରେ ସରପଞ୍ଚ ବନ ବିଭାଗକୁ ଖବର ଦେଇଥିଲେ । ବନ ଅଧିକାରୀ ଶରତ କୁମାର ଶତପଥୀ ଓ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ।

### ନୂଆପୋଖରୀ ରାସ୍ତା ପାର୍ଶ୍ୱରେ ଭ୍ରୂଣକୁ ନେଇ ପ୍ରତିକ୍ରିୟା

**ଖଣ୍ଡପଡ଼ା,୧୪।୧(ସ୍ୱ.ପ୍ର.):** ଖଣ୍ଡପଡା ଏନ୍‌ଏସିର ୨ନଂ. ୱାର୍ଡ ଅଧୀନ ନୂଆପୋଖରୀ ହୁଡା ତଳ ରାସ୍ତା ପାର୍ଶ୍ୱରେ ମଙ୍ଗଳବାର ଏକ ଶିଶୁର ଭ୍ରୂଣ ପଡିଥିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇ ଖଣ୍ଡପଡା ପୋଲିସ ଟିମ୍ ଓ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ ସଦ୍ୟଜାତ ଭ୍ରୂଣକୁ ନୂଆପୋଖରୀ ହୁଡାର ଲଟାବୁଦା ମଧ୍ୟରେ କେହି ଫିଙ୍ଗି ଦେଇଥିବାବେଳେ କୁକୁରମାନେ ଏହାକୁ ରାସ୍ତା ପାର୍ଶ୍ୱକୁ ଟାଣିଆଣିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ସନ୍ଧ୍ୟାରେ ରାସ୍ତା ପାର୍ଶ୍ୱରେ ଭ୍ରୂଣ ପଡିଥିବା ଦେଖି ସାଧାରଣରେ ଭିନ୍ନ ଭିନ୍ନ କଥା ଆଲୋଚନା ହୋଇଥିଲା। ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଦେଖଣାହାରୀଙ୍କ ଭିଡ ଜମିଥିଲା ।

### ବିଦ୍ୟୁତ୍ ଖୁଣ୍ଟରୁ ଏଲ୍‌ଇଡି ଲାଇଟ ଚୋରି



**ଖଣ୍ଡପଡ଼ା, ୧୪।୧(ସ୍ୱ.ପ୍ର.):** ଖଣ୍ଡପଡା ଏନ୍‌ଏସିର ୧୩ ୱାର୍ଡ ସମେତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଲକ୍ଷାଧିକ ଟଙ୍କା ବ୍ୟୟ କରିଥିଲେ। ମାତ୍ର କେତେକ ଅସାମାଜିକ ବ୍ୟକ୍ତି ବିଳମ୍ବିତ ରାତିରେ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଏଲ୍‌ଇଡି ଲାଇଟ ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏଥିଯୋଗୁ ବିଭିନ୍ନ ୱାର୍ଡ ଓ ମୁଖ୍ୟ ରାସ୍ତାପାର୍ଶ୍ୱ ଅନ୍ଧାରରେ ରହିଥିବା ଜଣାପଡିଛି । ଖଣ୍ଡପଡା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱ ସମେତ ଗଳିକନ୍ଦିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ୬ମାସ ତଳେ ୨ଶହରୁ ଊର୍ଦ୍ଧ୍ୱ ଏଲ୍‌ଇଡି ଲାଇଟ ଲଗାଯାଇଥିଲା। ବାଇପାସ୍ ରାସ୍ତା, ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ସମ୍ମୁଖ ବିଦ୍ୟୁତ୍ ଖୁଣ୍ଟ, ୧୨ନଂ. ୱାର୍ଡ ଅଧୀନ ଚିନିକଳ ସାହିଠାରୁ ନିକଟସ୍ଥ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ୮ଟି ବିଦ୍ୟୁତ୍ ଖୁଣ୍ଟରୁ ଅସାମାଜିକ ବ୍ୟକ୍ତିମାନେ ୧୫ଦିନ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଏଲ୍‌ଇଡି ଲାଇଟ ଚୋରିକରି ନେଇଥିବା ଅଭିଯୋଗ ହେଉଛି। ୱାର୍ଡବାସୀ ଏ ସମ୍ପର୍କରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ୨ଥର ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି।

## ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ସମୟର ସଦୁପଯୋଗ କର

**ନୟାଗଡ଼ ଅଫିସ, ୧୪।୧**

### ପାଠ୍ୟ ପୁସ୍ତକ ସହ ଅନ୍ୟାନ୍ୟ ବହି ପଢ଼ିବାକୁ ପରାମର୍ଶ

ନୟାଗଡ଼ ସ୍ୱୟଂଶାସିତ ଓ ଯୁକ୍ତ ୨ କନିଷ୍ଠ ମହାବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ ଅଟୋ ଫେଷ୍ଟ-୨୦୨୦ ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଛାତ୍ର ସଙ୍ଗଠକ ମନୋରଞ୍ଜନ ଗୌଡ଼ଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବର୍ତ୍ତମାନ ସମୟ ମୂଲ୍ୟବାନ ବୋଲି କହିଥିଲେ। ତେଣୁ ବର୍ତ୍ତମାନ ସମୟରେ ପାଠ୍ୟ ପୁସ୍ତକ ସହିତ ଅନ୍ୟାନ୍ୟ ବହି ପଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଯାହାକି ସେମାନଙ୍କୁ ଆଗାମୀ ଦିନରେ ସଫଳତାର ସ୍ୱାଦ ଚଖାଇବ ବୋଲି ପ୍ରକାଶ କରିଥିଲେ। ସେହିଭଳି ମନ୍ତ୍ରୀ ସାହୁ ନିଜ ବକ୍ତବ୍ୟରେ ପ୍ରକୃତି ଯାହା ଦେଇଛି ତାକୁ ଆମେ ନଷ୍ଟ କରିବାରେ ଲାଗୁଛେ ଏହାକୁ ସାଇତି ରଖିବା ଦରକାର ବୋଲି ପ୍ରକାଶ କରିଥିଲେ। ଆଗାମୀ ଦିନରେ ନୂତନ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ହେଉଥିବାରୁ କଲେଜରେ ପାଦ ଦେଉଥିବା ପ୍ରତ୍ୟେକ ଛାତ୍ରୀଛାତ୍ର ଯେପରି ସଫଳ ହେବେ ସେ ଦିଗରେ ଅଧ୍ୟାପିକାଅଧ୍ୟାପକମାନେ ଗୁରୁଦାୟିତ୍ୱ ବହନ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନାକ୍ ଟିମ୍ ଆସୁଥିବାରୁ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ କଠୋର ପରିଶ୍ରମ କରିବାକୁ ମନ୍ତ୍ରୀ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡା. ପୋମା ଟୁଡୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ କୌଣସି କାର୍ଯ୍ୟରେ ଭୟ ନ କରି ତାହାକୁ ମୁକାବିଲା କରିବା ପାଇଁ ପରାମର୍ଶ ଦେଇଥିଲେ। ଯେ ବାରମ୍ବାର ଉଦ୍ୟମ ଜାରି ରଖିଥାଏ ଭାଗ୍ୟ ତାଙ୍କ ସହାୟ ହୁଏ। ତେଣୁ ଯେ ଯେଉଁ ଦିଗରେ ସଫଳତା ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ସେ ଦିଗରେ କଠୋର ଅଧ୍ୟବସାୟ ଓ ନିରନ୍ତର ପରିଶ୍ରମ କରିବା ପାଇଁ ଜିଲାପାଳ ଟୁଡୁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ମୁଖ୍ୟ ଛାତ୍ର ସଙ୍ଗଠକ ମନୋରଞ୍ଜନ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧକ୍ଷା ମେଜର ମଞ୍ଜୁଶ୍ରୀ ପତି, ଯୁକ୍ତ ୨ ସାଂସ୍କୃତିକ ସଂଘର ଉପଦେଷ୍ଟା ସୁଲୋତା ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ଯୁକ୍ତ ୩ ସାଂସ୍କୃତିକ ସଂଘର ଉପଦେଷ୍ଟା ଶେଖ୍ ଇଶାକ୍ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୧୯ରେ ଯୁକ୍ତ ୨ କଳାରେ ପ୍ରଥମ ହୋଇଥିବା ଉଷାରାଣୀ ମହାପାତ୍ର, ବାଣିଜ୍ୟରେ ଅଙ୍କିତା ରାଉତ, ବିଜ୍ଞାନରେ ସୁପ୍ରିୟା ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୧୯ ବର୍ଷରେ କଳାରେ ଶ୍ରେଷ୍ଠ ସ୍ନାତକ ସୁକାନ୍ତି ପରିଡ଼ା, ବାଣିଜ୍ୟରେ ଶ୍ରେଷ୍ଠ ସ୍ନାତକ ହେମନ୍ତ କୁମାର ନାୟକ ଓ ବିଜ୍ଞାନରେ ଶ୍ରେଷ୍ଠ ସ୍ନାତକ ଜ୍ଞାନପ୍ରଭା ଦାଶଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିଭଳି କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଛାତୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ଗଣେଶ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ମନ୍ତ୍ରୀ ଅରୁଣ ସାହୁ ଛାତ୍ରୀ ଉଷାରାଣୀ ମହାପାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ମାମଲା

# ବୃଦ୍ଧଙ୍କୁ ଆଜୀବନ କାରାଦଣ୍ଡ

**ନୟାଗଡ଼ ଅଫିସ, ୧୪।୧**

ନୟାଗଡ଼ ଜିଲା ସ୍ପେଶାଲ ପୋକ୍‌ସୋ କୋର୍ଟ ବିଚାରପତି ଉଦୟଭାନୁ ଜେନା ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଜଣେ ବୃଦ୍ଧଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ବୃଦ୍ଧ ଜଣଙ୍କ ହେଲେ ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ କଇଥଗାଡ଼ିଆ ଗ୍ରାମର ଶ୍ୟାମସୁନ୍ଦର ସ୍ୱାଇଁ (୭୫)।

ମାମଲାରୁ ପ୍ରକାଶ ଯେ, ୧୩ ଜୁଲାଇ ୨୦୧୭ ମସିହା ମଧ୍ୟାହ୍ନ ୧ଟା ସମୟରେ ଜଣେ ନାବାଳିକା (୧୨) ଶୌଚ ହେବା ପାଇଁ ଯାଉଥିବା ବେଳେ ଶ୍ୟାମ ସୁନ୍ଦର ତାଙ୍କ ଘରକୁ ଯାଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ସେହି ସମୟରେ ବାହାରକୁ ଯାଇଥିବା ନାବାଳିକାଙ୍କ ମା' ଘରକୁ ପଶି ଆସିବାରୁ ଶ୍ୟାମସୁନ୍ଦର ଘରୁ ପଳାଇ ଯାଇଥିଲେ । ଏହାପରେ ନାବାଳିକାଙ୍କ ପରିବାର ଲୋକେ ଶ୍ୟାମସୁନ୍ଦରଙ୍କ ଘରକୁ ଯାଇ ଏ ବିଷୟରେ ଜଣାଇବା ପରେ ତାଙ୍କ ଘର ଲୋକେ ସେମାନଙ୍କୁ ଧମକ ଦେଇଥିଲେ। ପରେ ଏ ନେଇ ନାବାଳିକାଙ୍କ ପରିବାର ଲୋକ ଗ୍ରାମ କମିଟିକୁ ଜଣାଇଥିଲେ। ଗ୍ରାମରେ ହୋଇଥିବା ବୈଠକରେ ଶ୍ୟାମସୁନ୍ଦର ନିଜ ଅପରାଧ ସ୍ୱୀକାର କରିଥିଲେ। ପରଦିନ ଅର୍ଥାତ ୧୪ ତାରିଖରେ ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ୧୧୦/୧୭ରେ ମାମଲା ରୁଜୁ କରି ଶ୍ୟାମସୁନ୍ଦରଙ୍କୁ ଗିରଫ କରିଥିଲା। ଏହା ପରେ ପୋକ୍‌ସୋ ଆକ୍ଟରେ ଜେଲ୍‌କୁ ପଠାଯାଇଥିଲା। ମଙ୍ଗଳବାର ବିଚାରପତି ଉଦୟଭାନୁ ଜେନା ୧୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରି ଶ୍ୟାମସୁନ୍ଦରଙ୍କୁ ଆଜୀବନ କାରାଦଣ୍ଡ ଶୁଣାଣି କରିଥିଲେ। ସେହିଭଳି ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଓକିଲ ବଂଶୀଧର ରାଉତରାୟ ମାମଲା ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରଙ୍କ ସଡ଼କ ସୁରକ୍ଷା ସଚେତନତା



ଗାଡ଼ିଚାଳକମାନଙ୍କୁ ସଚେତନତା କରାଯାଉଛି।

**ଖଣ୍ଡପଡ଼ା,୧୪।୧(ସ୍ୱ.ପ୍ର.)**

୩୧ତମ ସଡ଼କ ସୁରକ୍ଷା ସପ୍ତାହ ପରିପ୍ରେକ୍ଷୀରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ପୋଲିସ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଥାନା ଆଇଆଇସି ବିମଳ କୁମାର ମଲ୍ଲିକ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡ଼ା, ଏସ୍‌ଆଇ ଅରୁଣ ଜେନା, ଅଧକ୍ଷ ସୁକାନ୍ତ କୁମାର ନାୟକ, କଲ୍ୟାଣୀ ପଣ୍ଡା, ମାନଗୋବିନ୍ଦ ରାଉତଙ୍କ ସମେତ ନୀଳମାଧବ ମହାବିଦ୍ୟାଳୟ ଏନ୍‌ସିସି, ରେଡ଼କ୍ରସ୍ ୟୁନିଟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସମସ୍ତେ କଣ୍ଟିଲୋ-ଗଣିଆ ରାଜପଥର କଲେଜ ନିକଟରେ ୨ଚକିଆ ଯାନରେ ଯାତ୍ରା କରୁଥିବା ଚାଳକମାନଙ୍କୁ ଅଟକାଇ ହେଲ୍‌ମେଟ୍ ବ୍ୟବହାର କରିବା, ବାଇକ୍‌ରେ ଦୁଇ ଜଣରୁ ଅଧିକା ନ ଯିବା, ୪ ଚକିଆ ଯାନରେ ଯାତ୍ରା ସମୟରେ ସିଟ୍ ବେଲ୍ଟ ବାନ୍ଧିବା ଓ ଟ୍ରାଫିକ ନିୟମ ମାନିବା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ ।

## ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଢୋଲମରାକୁ ହରାଇ ଗଣିଆ ଚାମ୍ପିୟନ



ମୁଖ୍ୟଅତିଥିଙ୍କ ସହ ଚାମ୍ପିୟନ ଦଳ।

**ଗଣିଆ,୧୪।୧(ଡି.ଏନ୍.ଏ.)**

ଗଣିଆ ବ୍ଲକ ବେଲପଡା ପଞ୍ଚାୟତ ୱାଲିପୁର ଗ୍ରାମର ମା' ଚିରିଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୮ଦିନ ଧରି ଚାଲୁରହିଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଖଣ୍ଡପଡା ବ୍ଲକ ଢୋଲମରା କ୍ରିକେଟ କ୍ଲବକୁ ହରାଇ ଗଣିଆ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଗଣିଆ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଏହି ଦଳ ୧୮ ଓଭରରେ ୭ ଉଇକେଟ ହରାଇ ୧୩୩ରନ୍ ସଂଗ୍ରହ କରିଥିଲା । ଜବାବରେ ଢୋଲମରା କ୍ରିକେଟ କ୍ଲବ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୬ ରନ୍ କରିବାକୁ ସକ୍ଷମ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଡା. ଜିତେନ୍ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଟିମ୍‌କୁ ଟ୍ରଫି ସହ ନଗଦ ୩ହଜାର ଟଙ୍କା ପୁରସ୍କୃତ କରିଥିଲେ। ସେହିପରି ରନର୍ସ ଅପ୍ ଢୋଲମରା ଟିମ୍‌କୁ କପ୍ ସହ ନଗଦ ୧୫ଶହ ଟଙ୍କା ଓ ଚାମ୍ପିୟନ ଦଳର ମିଥୁନ ବେହେରାଙ୍କୁ ମ୍ୟାନ ଅଫ୍ ଦି ସିରିଜ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା । ମିଥୁନ୍ ଫାଇନାଲ ଖେଳରେ ୯୭ ରନ୍ କରିବା ସହ ୬ଟି ଉଇକେଟ ଅକ୍ତିଆର କରିଥିଲେ। ଖେଳ ପରିଚାଳନା କରିଥିଲେ ବାଉରିବନ୍ଧୁ ରାଉତ ଓ ସଞ୍ଜୟ ଗଣ୍ଡିଆ।

## ଦଶପଲ୍ଲା କପ୍ ଫୁଟବଲ

# ବରଗଡ଼ ବିଜୟୀ

**ଦଶପଲ୍ଲା,୧୪।୧(ଡି.ଏନ.ଏ.)**

ସ୍ଥାନୀୟ ଗାନ୍ଧୀ ମଇଦାନଠାରେ ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଖେଳ ଏସ୍‌ଆଇଟିର ସ୍ପୋର୍ଟସ୍ ସୋସାଇଟି ବଲାଙ୍ଗୀର ଏବଂ ୟୁଏସ୍‌ସି କ୍ଲବ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁହେଁ ଦୁହିଁଙ୍କୁ ଗୋଟିଏ ଲେଖାଏ ଗୋଲ ଦେବାରୁ କେହି କାହାକୁ ପରାସ୍ତ କରିପାରି ନ ଥିଲେ। ପରେ ଟାଇବ୍ରେକରରେ ବରଗଡ଼ ୪/୩ରେ ବିଜୟୀ ହୋଇଥିଲା। ଖେଳରେ ଅତିଥି ରୂପେ ଦୁର୍ଗାବଜାର ବଣିକ ସଂଘର ସଭାପତି ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ଶ୍ରେଷ୍ଠ ଦର୍ଶକ ରୂପେ ଡିହଗାଁର ଭଗବାନ ନାୟକଙ୍କୁ ଘୋଷଣା କରାଯାଇଥିଲା। ବୁଧବାର ଖେଳ ଦାମନଯୋଡ଼ି ଏବଂ ଭଞ୍ଜନଗର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସୂତ୍ରରୁ ପ୍ରକାଶ।

# ଦଶପଲ୍ଲା ଯୁବ ମହୋତ୍ସବ ମହକକୁ ଜିଲାରେ ପ୍ରସାର କରାଯିବ

**ଦଶପଲ୍ଲା,୧୪।୧(ଡି.ଏନ୍.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଦଶପଲ୍ଲାରେ ଅନୁଷ୍ଠିତ ଯୁବ ମହୋତ୍ସବ ମହକକୁ ଜିଲାସ୍ତରରେ ପ୍ରସାର କରାଯିବ ବୋଲି ମହକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୀତାରାମ ୟୁଥ କ୍ଲବ ଦଶପଲ୍ଲା ଆନୁକୂଲ୍ୟରେ ସ୍ଥାନୀୟ ତ୍ରିନାଥ ବଜାରଠାରେ ଚାଲିଥିବା ଯୁବ ମହୋତ୍ସବର ସୋମବାର ତୃତୀୟ ଦିବସରେ ଏହା ଉଦ୍‌ଯାପିତ ହୋଇଛି। ଦିନ ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବା ସହ ସନ୍ଧ୍ୟାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ପବିତ୍ର ମୋହନ ଦାଶ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ, ମହାନତା ସମ୍ପର୍କରେ ଆଲୋକପାତ କରିବା ସହ ରାମାୟଣରୁ ବିଭିନ୍ନ ଉଦାହରଣ ଦେଇ ଉଦ୍‌ବୋଧନ ଦେଇଥିଲେ। ଯୁବ ସମାଜ ଭ୍ରଷ୍ଟାଚାର ହଟାଇବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଶିକ୍ଷାର ବିକାଶ ହେଲେ ଦେଶ, ରାଜ୍ୟ ଓ ନିଜ ଅଞ୍ଚଳର ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ନୌସେନା ଅଧିକାରୀ ମହାପାତ୍ର ବିଶ୍ୱଭୂଷଣ ଜେନା, ଭାରତୀୟ ଜନତା ପାର୍ଟି ନୟାଗଡ଼ ଜିଲା ସଭାପତି ଲାଲା ମନୋଜ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସଭାପତି ରାୟ ଅନ୍ୟାୟ, ଅନୀତି ବିରୋଧରେ ଯୁବ ସମାଜ ଲଢ଼େଇ ପାଇଁ ଆହ୍ୱାନ କରିବା ସହ ମହକ କାର୍ଯ୍ୟକ୍ରମକୁ ଜିଲାସ୍ତରରେ ପ୍ରସାର ପାଇଁ ମତବ୍ୟକ୍ତ କରିଥିଲେ। କ୍ଲବର ଉପଦେଷ୍ଟା ରଘୁନାଥ ସାହୁ ସଭାପତିତ୍ୱ କରିଥିଲେ। ଦଶପଲ୍ଲା ମହାବୀର ଡ୍ୟାନ୍ସ ଗ୍ରୁପ୍, ଗଣିଆ ମା' କଳାପାଟ ସାଂସ୍କୃତିକ ଅନୁଷ୍ଠାନ, ଗଣିଆ ବାଉରୀ ପାଇକ ଆଖଡ଼ା, ଭୁବନେଶ୍ୱରର ଶିଳ୍ପୀକା, ଭଏସ୍ ଅଫ୍ ନୟାଗଡ଼ ପ୍ରଭୃତି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରବଳ ଶୀତ ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ନୀଳମାଧବ ଜୀଉଙ୍କ ନବାଙ୍କ ବେଢ଼ା ପରିକ୍ରମା

**ଖଣ୍ଡପଡ଼ା,୧୪।୧(ସ୍ୱ.ପ୍ର.)**

ପୌଷ ଚତୁର୍ଥୀ ତିଥି ଅବସରରେ ମଙ୍ଗଳବାର ନୀଳମାଧବ ଜୀଉଙ୍କ ନବାଙ୍କ ବେଢା ପରିକ୍ରମା ଅନୁଷ୍ଠିତ ହୋଇଯାଇଛି । ରାତ୍ର ଧୂପ ପରେ ଶ୍ରୀ ଜୀଉଙ୍କ ଚଳନ୍ତିପ୍ରତିମା ମଦନ ମୋହନଙ୍କୁ ହାଦୋଳାରେ ବିଜେ କରାଯାଇ ପ୍ରଥମେ ଗରୁଡଙ୍କ ଚତୁଃପାର୍ଶ୍ୱରେ ୩ ଘେରା ବୁଲାଯାଇଥିଲା। ପରେ ମନ୍ଦିର ଓ ବେଢା ଚାରିପାଖରେ ୩ ଘେରା ଲେଖାଏ ସମୁଦାୟ ୯ ଘେରା ପରିକ୍ରମା କରାଯାଇଥିଲା। ଏହାକୁ ନବାଙ୍କ ବେଢା ପରିକ୍ରମା କୁହାଯାଏ। ଠାକୁରଙ୍କ ଏହି ବେଢା ପରିକ୍ରମା ଦର୍ଶନ କରିବାକୁ ମନ୍ଦିର ପରିସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ଏହି ପରମ୍ପରା ପଛରେ ଲୋକ ବିଶ୍ୱାସ ରହିଛି ଯେ, ନବାଙ୍କ ବେଢା କାର୍ଯ୍ୟକ୍ରମ ବେଳେ ପିତୃ ପୁରୁଷମାନେ ସେମାନଙ୍କ ବଂଶଜମାନେ କିପରି ଅଛନ୍ତି ଦେଖିବାକୁ ଆସିଥାନ୍ତି। ମନ୍ଦିରରେ ଉପସ୍ଥିତ ଶ୍ରଦ୍ଧାଳୁ ସେମାନଙ୍କ ପିତୃପୁରୁଷଙ୍କ ସଦ୍‌ଗତି ନିମନ୍ତେ ଠାକୁରଙ୍କୁ ପ୍ରାର୍ଥନା କରିଥାନ୍ତି । ଯଦି ଏହି ଦିନରେ କେହି ମନ୍ଦିର ଆସି ନ ଥାନ୍ତି ତେବେ କୌଣସି ଅଘଟଣ ଘଟିଛି ବୋଲି କୁହାଯାଏ। ନବାଙ୍କ ବେଢା ପରିକ୍ରମା ପରେ ଶ୍ରୀ ଜୀଉଙ୍କ ବଡସିଂହାର ନୀତି କରାଯାଇ ଠାକୁର ଗରୁଡ ବିଜେ ହୋଇଥିଲେ । ରାତି ପ୍ରାୟ ୯ଟାରେ ଠାକୁରଙ୍କ ପହଡ଼ ପଡିଥିଲା।

# ଚୈତନ୍ୟପୁରରେ ବିଶ୍ୱଶାନ୍ତି ମହାଯଜ୍ଞ

**ଖଣ୍ଡପଡ଼ା,୧୪।୧(ସ୍ୱ.ପ୍ର.)**

ବାଣପୁର ପଞ୍ଚାୟତ ଅନ୍ତର୍ଗତ ଚୈତନ୍ୟପୁର ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ମଙ୍ଗଳବାର ଆରମ୍ଭ ହୋଇଛି। ଅଧିବାସ ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା, ପୁରୁଷ ନିକଟସ୍ଥ ମହାନଦୀ ଘାଟରୁ କଳସରେ ଜଳ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଆନନ୍ଦେଶ୍ୱର ମହାଦେବଙ୍କ ପୀଠରେ ସ୍ଥାପନା କରିଥିଲେ। ଏହି ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବୁଧବାର ଗୀତା ମହାଯଜ୍ଞ, ନାମଯଜ୍ଞ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କଠାରୁ ପ୍ରକାଶ।



କଳସ ଶୋଭାଯାତ୍ରାରେ ମହିଳା ଓ ପୁରୁଷ।

## ନୀଳମାଧବ ମହାବିଦ୍ୟାଳୟରେ ଆଲୋଚନାଚକ୍ର

# ପ୍ରକୃତିର ଅବସ୍ଥିତି-ମାନବ ସମାଜ ଦୂରତ୍ୱ ହ୍ରାସ ଉପରେ ଗୁରୁତ୍ୱ

**ଖଣ୍ଡପଡ଼ା,୧୪।୧(ସ୍ୱ.ପ୍ର.)**



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି।

ପ୍ରକୃତିର ଅବସ୍ଥିତି ଓ ମାନବ ସମାଜ ମଧ୍ୟରେ ଦୂରତ୍ୱ ହ୍ରାସ ପାଇଲେ ପ୍ରକୃତି ବଞ୍ଚିବା ସହ ବିଶ୍ୱରେ ଆର୍ଥିକ ପ୍ରଗତି ସମ୍ଭବ। କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଅର୍ଥନୀତି ଓ ଉଦ୍ଭିଦ ବିଜ୍ଞାନ ବିଭାଗ ମିଳିତ ସହଯୋଗରେ ମଙ୍ଗଳବାର ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ଏହି ମତପ୍ରକାଶ କରିଥିଲେ।

ମହାବିଦ୍ୟାଳୟରେ ପରିବେଶ ଓ ମାନବଜାତି ସମ୍ପର୍କିତ ବୌଦ୍ଧିକ ଆଲୋଚନାଚକ୍ର ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଲଂସ୍ଥିତ ନର୍ଥ ଇଷ୍ଟର୍ନ ଭ୍ୟାଲି ୟୁନିଭରସିଟି (ନେହୁ)ର ଅର୍ଥନୀତି ବିଭାଗ ପ୍ରଫେସର ଡ. ବିଶ୍ୱମ୍ବର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ଓ ମାନବ ଜାତି ଉପରେ ଥିବା ଅନ୍ତଃ ନିର୍ଭରଶୀଳତା ଉପରେ ଆଲୋଚନା କରିଥିଲେ । ପ୍ରକୃତିର ଅବସ୍ଥିତି ଓ ମାନବ ସମାଜ ମଧ୍ୟରେ ଥିବା ଦୂରତା ହ୍ରାସ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ମାନବ ସମାଜ ପ୍ରାକୃତିକ ପରିବେଶ ରକ୍ଷା ଦିଗରେ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଆଗାମୀ ପିଢୀ କିପରି ପ୍ରସ୍ତୁତ ରହିବା ଆବଶ୍ୟକ ତାହା ଉପସ୍ଥାପିତ କରିଥିଲେ। ଏହାଛଡା ଆର୍ଥିକ ପ୍ରଗତି ଓ ପରିବେଶ ଉଭୟ ପରିପୂରକ। ସରକାର ଏଥିରେ ହସ୍ତକ୍ଷେପ କରି ଉଭୟ ମଧ୍ୟରେ ଭାରସାମ୍ୟ ରକ୍ଷା କରିପାରିଲେ ପ୍ରକୃତି ବଞ୍ଚିବା ସହ ଆର୍ଥିକ ବିକାଶ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁଜଳ କୁମାର ମହାରଣା ସଂଯୋଜନା କରିଥିବା ବେଳେ ଅର୍ଥନୀତି ବିଭାଗର ମୁଖ୍ୟ ଡ. ପବିତ୍ର କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟ ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଅଧ୍ୟାପକ ସୁମନ୍ତ କୁମାର ଜେନା, ପୂର୍ଣ୍ଣ ଚନ୍ଦ୍ର ରଣା ଓ ସୁଧାଂଶୁ ଶେଖର ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଲଂର ସେଣ୍ଟ ଆନ୍ଥୋନୀ ହାୟର ସେକେଣ୍ଡାରୀ ସ୍କୁଲ ସହକାରୀ ଅଧ୍ୟାପିକା ସୁଜାତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଯୁକ୍ତ ୩ଛାତ୍ର ଓମ୍ ପ୍ରକାଶ ମହାରଣା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଓମ୍ ପ୍ରସାଦ ପ୍ରଧାନ 'ପରିବେଶ ଓ ପରିସ୍ଥିତି ସମ୍ବନ୍ଧରେ' ସ୍ୱରଚିତ କବିତା ପାଠ କରିଥିଲେ । ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ସଞ୍ଜୟ କୁମାର ମିଶ୍ର, ପ୍ରଭାତ କୁମାର ବେହେରା, ଡ. ଅଶୋକ କୁମାର ପାତ୍ର, ହୃଷୀକେଶ ମିଶ୍ର, ଜୟଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଉକ୍ତ ୨ ବିଭାଗର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଇଟାମାଟି କପ୍ ଫୁଟବଲ୍ ଟୁର୍ନାମେଣ୍ଟ
# ୨-୧ ଗୋଲରେ ଜଟଣୀ ବିଜୟୀ

ନୟାଗଡ଼ ଅଫିସ, ୧୪।୧

ଇଟାମାଟି ଯଦୁମଣି ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବାମନ ଅବକାଶ ହାଇସ୍କୁଲ ପଡ଼ିଆରେ ରାଜ୍ୟସ୍ତରୀୟ ଇଟାମାଟି କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଚାଲୁ ରହିଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ଫ୍ରେଣ୍ଡସ୍ କ୍ଲବ୍ ଭୁବନେଶ୍ୱର ଓ ଗୋଲଡେନ୍ ଷ୍ଟାର କ୍ଲବ୍ ଜଟଣୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଜଟଣୀ ଦଳର ୯ ନମ୍ବର ଖେଳାଳି ବିଜୟ କୁମାର ବାରିକ ପ୍ରଥମ ଗୋଲ୍ ଦେଇଥିବା ବେଳେ କିଛି ସମୟ ପରେ ଜଟଣୀ ଦଳର ୧୧ ନମ୍ବର ଖେଳାଳି ପ୍ରୀତମ୍ କୁମାର ପଟ୍ଟନାୟକ ଦ୍ୱିତୀୟ ଗୋଲ୍ ସ୍କୋର ଦେଇଥିଲେ। ଏହା ପରେ ଖେଳର ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଦଳର ୮ ନମ୍ବର ଖେଳାଳି ସନ୍ତୋଷ ହାଁସଦା ପ୍ରଥମ ଗୋଲ୍ ସ୍କୋର ଦେଇଥିଲେ। ଫଳରେ ଜଟଣୀ ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ଦୁର୍ଯ୍ୟୋଧନ ନାୟକ ଯୋଗଦେଇଥିବା ବେଳେ ଅଶୋକ କୁମାର ନାୟକ, ଅର୍ଜୁନ ବେହେରା, ଜଗନ୍ନାଥ ଦାସ, ଅମିୟ ମୋହନ ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ରେଫରି ଭାବେ ସୁଶାନ୍ତ କୁମାର ମିଶ୍ର, ରମେଶ କୁମାର ବେହେରା, ସୁକାନ୍ତ କୁମାର ପ୍ରଧାନ, ଆଦିତ୍ୟ ରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ। ବିଜୟ କୁମାର ବାରିକ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ହାସଲ କରିଥିଲେ ।



ଅତିଥି ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରୁଛନ୍ତି।

## ଶ୍ରୀକ୍ଷେତ୍ର ପୁସ୍ତକମେଳା ଉଦ୍‌ଯାପିତ
# ଅଜ୍ଞାନତା ଦୂରକରେ ବହି

ପୁରୀ ଅଫିସ, ୧୪।୧

ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ଅଜ୍ଞାନ ରୂପକ ଅନ୍ଧକାର କେବଳ ପୁସ୍ତକ ଅଧ୍ୟୟନରୁ ଦୂର ହୋଇପାରିବ। ସେହିପରି ପୁସ୍ତକ ମେଳା ହେଉଛି ପାଠକ, ଲେଖକ ଓ ପ୍ରକାଶନ ସଂସ୍ଥାଙ୍କ ମିଳନ କେନ୍ଦ୍ର ବୋଲି ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଯୋଗଦେଇ କହିଛନ୍ତି। ପୁସ୍ତକ ମେଳା କମିଟି ସଭାପତି ତଥା ଭାଷାବିତ ଡ. କୈଳାଶ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ପୌର ପରିଷଦ ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଯୁବବସ୍ଥା ହେଉଛି ଶିକ୍ଷା ଓ ଜ୍ଞାନ ଆରୋହଣର ସମୟ। ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ କଠିନ ଅଧ୍ୟବସାୟ ଆବଶ୍ୟକ। ଏହା କେବଳ ଗୁରୁଜନ, ଶିକ୍ଷକଙ୍କ ଆଶୀର୍ବାଦ ଏବଂ ପୁସ୍ତକ ପଠନରୁ ସମ୍ଭବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଡା. ଉମାଶଙ୍କର ଦାଶ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଗବେଷକ ଜଟାଧାରୀ ମିଶ୍ର, ସାରସ୍ୱତ ସାଧିକା ପ୍ରତିମା ମିଶ୍ର, ନାଟ୍ୟକାର ପ୍ରସନ୍ନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରକାଶକ ବିଜୟାନନ୍ଦ ପ୍ରଧାନ, ଗବେଷକ ଡ. ସୁନିଲ ରଥ, ସାହିତ୍ୟିକ ରାଜକିଶୋର ମିଶ୍ର ଏବଂ ସୁବିଦ୍ୟା ଦେବୀଙ୍କୁ ସମ୍ମାନିତ କରାଯାଇଥିଲା। କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ର, ସ୍ୱେଚ୍ଛାସେବୀ କୃଷ୍ଣଚନ୍ଦ୍ର ସାହୁ, ସିଦ୍ଧାର୍ଥ ସାହୁ ଏବଂ କୃତୀ ପ୍ରତିଯୋଗୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ। ସୁକାନ୍ତ ପଣ୍ଡା, ଶ୍ୟାମପ୍ରକାଶ ସେନାପତି, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ବିପିନ ବିହାରୀ ଦଳାଇ, ଭବାନୀ ବଳିୟାରସିଂ, ଭାସ୍କର ମିଶ୍ର, ବଦ୍ରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଶ୍ରୀକ୍ଷେତ୍ର କଳାକାର ମଞ୍ଚ ଏବଂ ଓଡ଼ିଶୀ ସଙ୍ଗୀତ ପରିଷଦ ପକ୍ଷରୁ ଭକ୍ତିସଙ୍ଗୀତ ପରିବେଷଣ କରାଯାଇଥିଲା। ଟିଙ୍କିତାରା ପକ୍ଷରୁ ଆୟୋଜିତ 'ଜୀବନୀ ପଢନ୍ତୁ-ଜୀବନ ଗଢନ୍ତୁ' ଏବଂ ପଠନ ତୁଙ୍ଗିରେ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ମହାପୁରୁଷଙ୍କ ଜୀବନୀ ପାଠ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ଚଳିତବର୍ଷ ପୁସ୍ତକ ମେଳାରେ ଓଡ଼ିଶା ସମେତ ଦିଲ୍ଲୀ, କୋଲକାତା ପ୍ରଭୃତି ସ୍ଥାନରୁ ୮୦ଟି ପୁସ୍ତକ ବିକ୍ରେତା ଓ ପ୍ରକାଶନ ସଂସ୍ଥା ଯୋଗଦେଇଥିଲେ। ୧୫୫ଟି ଷ୍ଟଲ ହୋଇଥିଲା। ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବେପାର ହୋଇଥିବା ପୁସ୍ତକ ମେଳା କମିଟି ପକ୍ଷରୁ କୁହାଯାଇଛି।

### କୋଟିଏ ଟଙ୍କାର ବେପାର ହେଲା



ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ନେଇ ବୈଠକ

ବୋଲଗଡ,୧୪।୧(ଡି.ଏନ.ଏ.)

ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ନେଇ ବୋଲଗଡ ବ୍ଲକ ପିଚୁକୁଳି ସିପିଆଇ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ବାମପନ୍ଥୀ ଗଣତାନ୍ତ୍ରିକ ଚିନ୍ତାଧାରାର ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିପିଆଇର ବରିଷ୍ଠ ନେତା ବସନ୍ତ ପାଇକରାୟଙ୍କ ଆବାହକତ୍ୱରେ ୨୦୨୦ ମସିହାର ବନ୍ଧୁମିଳନ ଅବସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅଖିଳ ଭାରତ ଛାତ୍ର ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଯୋଗଦେଇ ଦେଶରେ ଉପୁଜିଥିବା ସାମ୍ପ୍ରତିକ ପରିସ୍ଥିତି ପାଇଁ କେନ୍ଦ୍ର ନେତୃତାଧୀନ ଭାଜପା ସରକାର ଦାୟୀ ବୋଲି କହିଥିଲେ। ଏଥିସହିତ ସେ ନାଗରିକ ସଂଶୋଧନ ଆଇନ୍‌କୁ ମଧ୍ୟ ବିରୋଧ କରିଥିଲେ। ଭାରତର ଆର୍ଥିକ ମାନ୍ଦାବସ୍ଥା ଅତି ଉଦ୍‌ବେଗଜନକ ବୋଲି ସିପିଆଇ ନେତା ବସନ୍ତ ପାଇକରାୟ କହିଥିଲେ । ସେହିପରି ଦେଶର ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦରଦାମ ହୁହୁ ହୋଇ ବଢିଚାଲିଥିବାରୁ ବୁଦ୍ଧିଜୀବୀ ରାଜକିଶୋର ବ୍ରହ୍ମା ଏବଂ ଅଇଁଠୁ ଚରଣଜିତ ସିଂ କ୍ଷୋଭ ପ୍ରକାଶ କରିଥିଲେ। ସିପିଆଇର ଖୋର୍ଦ୍ଧା ଜିଲା ସହସମ୍ପାଦକ ସତୀଶ ମିଶ୍ର ବେକାରି ବୃଦ୍ଧି, ଛଟେଇ ଏବଂ କେନ୍ଦ୍ରସରକାରଙ୍କ ଜନମାରଣ ନୀତି ବିରୋଧରେ ସମସ୍ତ ବାମପନ୍ଥୀ ଗଣତାନ୍ତ୍ରିକ ଦଳ ଏକଜୁଟହେବା ପାଇଁ ମତପ୍ରକାଶ କରିଥିଲେ। ସେହିପରି ପୂର୍ବତନ ଜିଲାପରିଷଦ ସଭ୍ୟା ପ୍ରମୋଦିନୀ ପାଇକରାୟ, ପୂର୍ବତନ ସରପଞ୍ଚ ବିଜୟ କୁମାର ଗୁମାନ ସିଂହ,ସିପିଆଇ କର୍ମୀ ପୀତବାସ ବଳିୟାର ସିଂହ,ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, ସନାତନ ମାଝୀ, ସିପିଆଇର ବେଗୁନିଆ ଜୋନ ସମ୍ପାଦକ ଲକ୍ଷ୍ମଣ ସେଠୀ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ,ଅର୍ଜୁନ ମହାନ୍ତି, ଅଜୟ ମାନଧାତା ଏବଂ ହରିବନ୍ଧୁ ଦଳାଇ ପ୍ରମୁଖ କୃଷକମାନଙ୍କ ସମସ୍ୟା ସମାଧାନ, କ୍ଷେତମଜଦୁରମାନଙ୍କ ପାଇଁ ଭତ୍ତା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି ପାଇଁ ଦାବି କରିବା ସହିତ ସମ୍ପ୍ରତି ଦେଶରେ ଉପୁଜିଥିବା ବିଭିନ୍ନ ପରିସ୍ଥିତି ଉପରେ ଆଲୋଚନା କରିଥିଲେ।




# କନ୍ଧମାଳରେ ମୋ ସରକାର ନୋଡାଲ ଅଧିକାରୀ

ଫୁଲବାଣୀ ଅଫିସ, ୧୪।୧

ମୋ ସରକାର ନୋଡାଲ ଅଧିକାରୀ ତଥା ରାଜ୍ୟ ଅନୁସୂଚିତ ଜାତି ଜନଜାତି ଅର୍ଥ ଓ ଉନ୍ନୟନ ନିଗମ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ କନ୍ଧମାଳ ଜିଲା ଗସ୍ତରେ ଆସିଛନ୍ତି। ସେ ଦୁଇ ଦିନ ଧରି ଏଠାରେ ମୋ ସରକାର କାର୍ଯ୍ୟର ସମୀକ୍ଷା କରିବେ। ପ୍ରଥମ ଦିନ ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟକୁ ଯାଇ ମୋ ସରକାରର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରିଥିଲେ। ମୋ ସରକାରରେ ଲୋକେ ଯେପରି ସୁଫଳ ପାଇବେ ଏବଂ ଲୋକଙ୍କୁ ଉଚିତ ସେବା ମିଳିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସମସ୍ତଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ବିଭିନ୍ନ କଲେଜରେ ଛାତ୍ରୀଛାତ୍ରମାନେ ସ୍କଲାରଶିପ ପାଉଛନ୍ତି କି ନାହିଁ, ସେମାନଙ୍କୁ ଏଥିପାଇଁ ଲାଞ୍ଚ ମଗାଯାଉଛି କି ନାହିଁ ତାହା ଉପରେ ତଥ୍ୟ ସଂଗ୍ରହ କରିଥିଲେ। ପରେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟକୁ ଯାଇ ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଫୁଲବାଣୀରୁ ନୋଡ଼ାଲ ଅଧିକାରୀ ଫିରିଙ୍ଗିଆ ଏବଂ ବାଳିଗୁଡା ଅଞ୍ଚଳରେ ଥିବା ବିଭିନ୍ନ କଲେଜକୁ ଯାଇଥିଲେ। ସମୀକ୍ଷା ବେଳେ ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ।

# ଆଇନକୁ ମାନିବା ପାଇଁ ସଚେତନତା

ବୋଲଗଡ,୧୪।୧(ଡି.ଏନ.ଏ.)

ଆମେ କାହିଁକି ଆଇନକୁ ମାନିବା ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ବୋଲଗଡ ବ୍ଲକ ଗେଡିଆପଲ୍ଲୀ ଉଚ୍ଚ ବିଦ୍ୟାଳୟ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆସ ସମାଜ ପାଇଁ ଟିକେ ସମୟ ଦେବା ଆହ୍ୱାନ ଦେଇ ଆମେ ତୁମେ ସେମାନେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଏଭଳି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ କରାଯାଉଛି । ସମ୍ପ୍ରତି ସମାଜରେ ବିଭିନ୍ନ ସମୟ ଏବଂ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଉଥିବା ଦେଖା ଯାଉଛି । ତେଣୁ ଜନସାଧାରଣ ଶୃଙ୍ଖଳିତ ଭାବେ ଆଇନକୁ ସମ୍ମାନ ଦେବା ସହିତ ସମାଜ ଗଠନରେ ଅଂଶିଦାର ହେବାକୁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ଆୟୋଜକଙ୍କ ପକ୍ଷରୁ ଆବାହକ ଦୁର୍ଗାଚରଣ ଦାସ କହିଥିଲେ । ଅଇନକୁ ସମ୍ମାନ ନ ଦେଲେ ଦୋଷୀ ମାନଙ୍କ ପାଇଁ ଦଣ୍ଡ ବିଧାନ ରହିଛି । ତେଣୁ ଆଇନକୁ ମାନିବା ଦ୍ୱାରା ସୃଙ୍ଖଳିତ ସମାଜ ପରିଚାଳିତ ହେବା ସହ ଦଣ୍ଡ ବିଧାନ ଠାରୁ ଦୂରେଇ ରହି ହେବ । ବିଶେଷ ଭାବେ ଭୁଲରାସ୍ତା ଏବଂ ଚିନ୍ତାଧାରାରେ ଯାଉଥିବା ବ୍ୟକ୍ତିବିଶେଷ ଏବଂ ଯୁବପିଢୀମାନେ ଶୃଙ୍ଖଳିତହେବା ପାଇଁ ପରାମର୍ଶ ଦିଆଯାଇଥିଲା। ଉକ୍ତ ଆଲୋଚନା ଶୀର୍ଷକକୁ ନେଇ କିଛି ପ୍ରଶ୍ନ ଉପସ୍ଥିତ ଯୁବକମାନଙ୍କୁ ପଚରାଯିବା ସହିତ ସଠିକ ଉତ୍ତର ଦେଇଥିବା ଯୁବକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦେଶରେ ଅମର ସାମ୍ବିଧାନିକ ଅଧିକାରକୁ ଆମେମାନେ ଉପଭୋଗ କରିବା ସହିତ ଆମମାନଙ୍କର ମୌଳିକ କର୍ତ୍ତବ୍ୟଭାବେ ଅଇନକୁ ସମ୍ମାନ ଜଣାଇବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମାନସ ରଞ୍ଜନ ମହାପାତ୍ର ଯୋଗଦେଇଥିବା ବେଳେ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ,ଶିକ୍ଷକ ଦିବାକରସାହୁ ,ଶିକ୍ଷୟିତ୍ରୀ ପ୍ରଣତି ମହାପାତ୍ର,ତୃପ୍ତି ପଟ୍ଟନାୟକ,ଅନିତା ଦାଶ ଓ ଜ୍ୟୋତ୍ସ୍ନା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।







# ଟ୍ରେନ୍‌ରୁ ଖସି ଅବସରପ୍ରାପ୍ତ ବରିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ

ଜଟଣୀ,୧୪।୧(ଡି.ଏନ.ଏ.)

ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ଟ୍ରେନ୍‌ରୁ ଖସିପଡ଼ି ଲାଇନରେ କଟିଯାଇ ଜଣେ ଅବସରପ୍ରାପ୍ତ ବରିଷ୍ଠ ଯନ୍ତ୍ରୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକଙ୍କ ନାମ ବ୍ରଜ କିଶୋର ମହାପାତ୍ର(୬୩)। ପୁରୀ ଭିଆଇପି ରୋଡ଼ରେ ତାଙ୍କ ଘର ବୋଲି ରେଲୱେ ପୋଲିସ କହିଛି। ରାଜ୍ୟ ଜଳସମ୍ପଦ ବିଭାଗର ବିଭିନ୍ନ ସ୍ଥାନରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରିବା ସହ ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ ଭାବେ କାର୍ଯ୍ୟ କରି ୪ ବର୍ଷ ପୂର୍ବେ ସେ ଅବସରଗ୍ରହଣ କରିଥିଲେ। ହାୱଡା-ପୁରୀ ଧଉଳି ଏକ୍ସପ୍ରେସ୍‌ରେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ବେଳେ ଖୋର୍ଦ୍ଧରୋଡ଼ ଷ୍ଟେଶନର ୪ ନଂ. ପ୍ଲାଟଫର୍ମରେ ଏପରି ଦୁଃଖଦ ଘଟଣା ଘଟିଥିଲା। ଠିକ୍ ଭାବେ ଜଣାପଡି ନ ଥିଲେ ମଧ୍ୟ ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଇବା ବା ଚଢ଼ିବା ସମୟରେ ଖସିପଡ଼ି ରେଳ ଧାରଣା ମଧ୍ୟକୁ ସେ ଚାଲିଯାଇଥିବା ପୋଲିସ କହିଛି। ରେଳ ଧାରଣାରୁ ଉଠାଇ ଆର୍‌ପିଏଫ୍ ଯବାନ ତାଙ୍କୁ ସ୍ଥାନୀୟ ରେଲୱେ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଖୋର୍ଦ୍ଧାରୋଡ଼ ଜିଆର୍‌ପି ଥାନାରେ (୩/୨୦) ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।













# ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା

ପାତ୍ରପୁର, ୧୪।୧ (ଡି.ଏନ୍.ଏ.)

ପାତ୍ରପୁରସ୍ଥିତ କରୁଣାକର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ହୋଇଯାଇଛି। ଏଥିରେ ବିଭିନ୍ନ କ୍ଲଷ୍ଟରର ୭୯ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ବିଡିଓ ପ୍ରକାଶ ଦାସ ପୁରସ୍କୃତ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କୁରେଶ ସେଠୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।







